

୪ କୋଟିର ବିକଳ୍ପ ବାଛିଲେ ବିନେଶ
ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 19 | ଭାଗ ୩୪ | ସଂଖ୍ୟା ୧୯ — Bhubaneswar | Friday 11 April 2025 | Page 8 Rs. 4.00 — ● ଭୁବନେଶ୍ୱର ଶୁକ୍ରବାର ୧୧ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ମେ’ ୯ରେ ରୁଷିଆ ବିଜୟ ଦିବସ ପରେଡ୍

## ମୋଦିଙ୍କୁ ଆସିଛି ନିମନ୍ତ୍ରଣ



**ମସ୍କୋ,୯।୪:** ରୁଷିଆରେ ଆସନ୍ତା ମେ’ ୯ ତାରିଖରେ ପାଳିତ ହେବ ୮୦ତମ ବିଜୟ ଦିବସ। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବା ସକାଶେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମସ୍କୋ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଏନେଇ ରୁଷିଆର ବହିଃବ୍ୟାପାର ଉପମନ୍ତ୍ରୀ ଆଣ୍ଡ୍ରେ ରୁଡେଙ୍କୋ ସୂଚନା ଦେଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ସମୟରେ ୧୯୪୫ ଜାନୁଆରୀରେ ସୋଭିଏତ୍ ସେନା ଜର୍ମାନୀ ଉପରେ ଆକ୍ରମଣ କରିଥିଲା। ମେ’ ୯ରେ ସୋଭିଏତ୍ ସଂଘ ଏହି ଯୁଦ୍ଧରେ ବିଜୟ ହାସଲ କରିଥିଲା। ଜର୍ମାନୀ ସୋଭିଏତ୍ ୟୁନିୟନ୍ ନିକଟରେ ନିଃସର୍ତ୍ତ ଆତ୍ମସମର୍ପଣ ସକାଶେ ଏକ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ଯୁଦ୍ଧାବସାନ ହୋଇଥିଲା। ଏହାର ୮୦ତମ ବର୍ଷ ପୂର୍ତ୍ତି ପାଳନ ହେବାକୁ ଯାଉଥିବାରୁ ମସ୍କୋ ଏଥିରେ ଶ୍ରୀ ମୋଦିଙ୍କୁ ଅତିଥି ରୂପେ ଯୋଗଦେବା ସକାଶେ ନିମନ୍ତ୍ରଣ କରିଛି। ତେବେ ଏହି କାର୍ଯ୍ୟକ୍ରମରେ ମୋଦିଙ୍କ ପରିବର୍ତ୍ତେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗଦେବାର ସମ୍ଭାବନା ରହିଛି। କେନ୍ଦ୍ର ବହିଃବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ୍ ରୁଷ୍ ପକ୍ଷରୁ ନିମନ୍ତ୍ରଣ ଆସିଥିବା ଖବରର ପୁଷ୍ଟି କରିଛନ୍ତି। କିନ୍ତୁ ଉକ୍ତ ଉତ୍ସବରେ କିଏ ଯୋଗଦେବେ, ସେନେଇ ସଠିକ୍ ସମୟରେ ସୂଚନା ଦିଆଯିବ ବୋଲି ସେ କହିଛନ୍ତି। ତେବେ ଶ୍ରୀ ମୋଦି ଯଦି ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତି, ତା’ହେଲେ ସେ ବର୍ଷେ ମଧ୍ୟରେ ତୃତୀୟ ଥର ପାଇଁ ମସ୍କୋ ଗସ୍ତରେ ଯିବେ। କାରଣ ଗତ ବର୍ଷ ଜୁଲାଇରେ ୨୨ତମ ଭାରତ-ରୁଷିଆ ଶିଖର ସମ୍ମିଳନୀ ଓ ଅକ୍ଟୋବରରେ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ସକାଶେ ମସ୍କୋ ଗସ୍ତ କରିଥିଲେ।



**ପାଖରେ ମୁଖ୍ୟମନ୍ତ୍ରୀଙ୍କୁ ପାଇ ଖୁସି କହିଲେ ନ ସରେ...**
କେନ୍ଦୁଝର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଆଜିଠୁ ଆୟୁଷ୍ମାନ କାର୍ଡ

- ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ
- ୨୯ ହଜାରରୁ ଊର୍ଦ୍ଧ୍ୱ ହସ୍ପିଟାଲ୍ ସାମିଲ୍

**ଭୁବନେଶ୍ୱର,୧୦।୪ (ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ଓଡିଶାରେ ଲାଗୁ ହେବ ଆୟୁଷ୍ମାନ୍ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। କଟକ ବାଲିଯାତ୍ରା ପଡିଆରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା। ତାଙ୍କ ସହ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀଙ୍କ ସମେତ ଦୁଇ ଉପମୁଖ୍ୟମନ୍ତ୍ରୀ। ସାଢେ ୩ କୋଟି ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇଦିଆଯିବ।

କାର୍ଯ୍ୟକ୍ରମରେ ତାଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ ଉପସ୍ଥିତ ରହିବେ। ଶୁଭାରମ୍ଭ ଦିନରେ ୧୪୦୫ ପ୍ରାଥମିକ ଚିକିତ୍ସାଳୟରେ ଏହି କାର୍ଡ ବଣ୍ଟନ କରାଯିବ। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମନ୍ତ୍ରୀ ଉପସ୍ଥିତ ରହିବେ। ୧୩ ଜିଲ୍ଲାରେ ମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ ହେବ। କେନ୍ଦ୍ରାପଡାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ନୟାଗଡରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନବରଙ୍ଗପୁରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଢେଙ୍କାନାଳରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଆୟୁଷ୍ମାନ୍ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

ଯୋଜନା ଲାଗୁ ହେବା ପରେ ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଆୟୁଷ୍ମାନ କାର୍ଡ ମିଳିବ। ୧ କୋଟି ୩ ଲକ୍ଷ ପରିବାରକୁ ଯୋଜନାରେ ସାମିଲ କରାଯିବ। ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳିଥିଲା। କିନ୍ତୁ ନୂଆ ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏ କାର୍ଡ ମିଳିବ। ପୂର୍ବରୁ କେବଳ ୯୦୦ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ମିଳୁଥିଲା ଏବେ ଦେଶର ୨୯ ହଜାରରୁ ଅଧିକ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

କଟକ ବାଲିଯାତ୍ରା ପଡ଼ିଆରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଉପର ବାଲିଯାତ୍ରା ପଡ଼ିଆରେ ଶନିବାର ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଟ୍ରାଫିକ , ପାର୍କିଂ, ଜଳ ଯୋଗାଣ , ବିଦ୍ୟୁତ ସଂଯୋଗୀକରଣ ଦିଗ ଉପରେ ଆଲୋଚନା କରାଯାଇଛି। ରାଜ୍ୟର ସମସ୍ତ ୧୪୦୫ ପିଏଚ୍‌ସିରେ ଏହାର ସିଧା ପ୍ରସାରଣ କରାଯିବ।





ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଶ୍ରୀ ନଡ୍ଡା ତାଙ୍କ ଦୁଇଦିନିଆ ଗସ୍ତରେ ଶୁକ୍ରବାର ମଧାହ୍ନ ପ୍ରାୟ ୧ଟା ସମୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ସେ ବାଲିଯାତ୍ରା ପଡ଼ିଆରେ ପହଞ୍ଚି ଉପରୋକ୍ତ ୩ ସ୍ୱାସ୍ଥ୍ୟସେବା ଯୋଜନାର ଶୁଭାରମ୍ଭ କରିବେ। ପରେ ସେ କଟକସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପେଡ଼ିଆଟ୍ରିକର ନୂତନ ଭବନକୁ ଉଦ୍‌ଘାଟନ କରିବେ। ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଭୁବନେଶ୍ୱରସ୍ଥିତ ସିପେଟ୍ ଓ ଏମ୍ସ ମେଡିକାଲ କଲେଜରେ ➪ପୃଷ୍ଠା-୬

# ନବୀନଙ୍କ ମୁହଁରେ ମିଛ କୁହାଇଲା କିଏ?

- ୨୦୧୯ରେ ନବୀନଙ୍କ ସହ ପ୍ରଚାର କରିଛି
- ୨୦୨୪ରେ ପାଣ୍ଡିଆନ୍ କରିଥିଲେ ପ୍ରଶଂସା

**ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ):** ପ୍ରଭାତ ତ୍ରିପାଠୀଙ୍କ ଉପରୁ ବିଜେଡି ନିଲମ୍ବନ ପ୍ରତ୍ୟାହାର କରିଥିଲା ନା ସେ ବହିଷ୍କୃତ ହୋଇଥିଲେ। ଗତକାଲିଠାରୁ ଏହି ବିବାଦର ସୂତ୍ରପାତ ହୋଇଥିବା ବେଳେ ପ୍ରଭାତ ତ୍ରିପାଠୀ ଅଭିଯୋଗ କରିଛନ୍ତି ଯେ ନବୀନ ବାବୁଙ୍କ ମୁହଁରେ ମହାମିଛ କୁହାଯାଉଛି। ମୁଁ ଦଳରେ ନାହିଁ କହିବା ମହାମିଥ୍ୟା ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରଭାତ କହିଛନ୍ତି।



ସେ ଅଭିଯୋଗ କରିଛନ୍ତି ଯେ ଗତକାଲି ସନ୍ଧ୍ୟା ଯାଏଁ ସେ ଦଳରେ ଥିଲେ। ଗତକାଲି ନବୀନ କହିଥିଲେ ପ୍ରଭାତ ତ୍ରିପାଠୀଙ୍କୁ କିଛି ବର୍ଷ ପୂର୍ବରୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ପ୍ରଭାତ ଚିଟଫଣ୍ଡ ମାମଲାରେ ସମ୍ପୃକ୍ତ ଥାଇ କିଛି ବର୍ଷ ଜେଲରେ କାଟିଥିଲେ। ତେଣୁ ସେ ଏବେ ବିଜେଡିରେ ନାହାନ୍ତି ବୋଲି କହିଥିଲେ ନବୀନ। ହେଲେ ପ୍ରଭାତ ତ୍ରିପାଠୀ କହିଛନ୍ତି ଯେ ୨୦୧୪ରେ ତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା। କିନ୍ତୁ ୨୦୧୭ ନଭେମ୍ବର ୧୦ରେ ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିଲା।

୨୦୧୯ ନିର୍ବାଚନ ପ୍ରଚାରରେ ପ୍ରଭାତଙ୍କ ସହ ଗୋଟିଏ ମଞ୍ଚରେ ଥିଲେ ନବୀନ। ୨୦୧୯ରେ ବାଙ୍କୀରୁ ବିଜେଡି ପ୍ରାର୍ଥୀ ହୋଇଥିଲେ ପ୍ରଭାତ ତ୍ରିପାଠୀଙ୍କ ପୁଅ। ୨୦୧୯ ସାଧାରଣ ନିର୍ବାଚନ ପ୍ରଚାର ସମୟର ଭିଡିଓ ମଧ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି, ଯେଉଁଥିରେ ବାଙ୍କୀରେ ବିଜେଡିର ଏକ ଜନସଭା ମଞ୍ଚରେ ଏକା ସାଙ୍ଗରେ ଦେଖାଯାଇଛନ୍ତି ନବୀନ ଓ ପ୍ରଭାତ ତ୍ରିପାଠୀ। ସେତେବେଳେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀଙ୍କ ପାଇଁ ପ୍ରଚାର କରିବାକୁ ଯାଇଥିଲେ ଖୋଦ୍ ନବୀନ। ଆଜି ନିଜେ ପ୍ରଭାତ ତ୍ରିପାଠୀ ➪ପୃଷ୍ଠା-୬



## କିଛି କହିଲେନି ସସ୍ମିତ

ବିଜେଡିରେ ତମ୍ବିତୋଫାନ ଚାଲିଥିବା ବେଳେ ବିଦେଶ ଗସ୍ତରୁ ଫେରିଛନ୍ତି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର। ୱାକଫ ବିଲରେ ବିଜେଡିର ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ ଚାଲିଥିବା ବିବାଦ ଭିତରେ ଦିଲ୍ଲୀରେ ପହଞ୍ଚିବା ପରେ ସସ୍ମିତ ଗଣମାଧମକୁ କିଛି କହିବାକୁ ରୋକଠୋକ୍ ମନା କରିଦେଇଛନ୍ତି। ସେ ଭାରତ ଫେରିବା ପରେ ପ୍ରକୃତ ସତ ପଦାକୁ ଆସିବ ଓ ୱାକଫ୍ ବିଲ୍‌କୁ ସମର୍ଥନ କରିବା ପାଇଁ ତାଙ୍କୁ କିଏ କହିଥିଲା ବୋଲି ଉଠୁଥିବା ପ୍ରଶ୍ନର ଉତ୍ତର ମିଳିବ ବୋଲି ଆଶା କରାଯାଉଥିଲା। କାରଣ ➪ପୃଷ୍ଠା-୬

### ଅମୃତ ଭାରତ ଷ୍ଟେସନ ଯୋଜନା

# ରାଜ୍ୟର ୬ ଷ୍ଟେସନ୍‌ର ହେବ ନବକଳେବର

### ରେଢ଼ାଖୋଲ ପାଇଁ ସର୍ବାଧିକ ଅର୍ଥ ମଞ୍ଜୁର

**ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ):** ଦେଶର ପ୍ରମୁଖ ରେଳଷ୍ଟେସନ୍‌ଗୁଡ଼ିକୁ ବିଶ୍ୱସ୍ତରୀୟ କରିବା ସକାଶେ ଭାରତୀୟ ରେଳବାଇ ପକ୍ଷରୁ ଅମୃତ ଭାରତ ଷ୍ଟେସନ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନା ଅଧୀନରେ ଓଡ଼ିଶାର ୬ଟି ପ୍ରମୁଖ ଷ୍ଟେସନର ପୁନଃବିକାଶ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏହି ଷ୍ଟେସନ୍‌ଗୁଡ଼ିକ ହେଲା ଅନୁଗୁଳ, ତାଳଚେର, ତାଳଚେର ରୋଡ୍, ମେରାମଣ୍ଡଳୀ, ଢେଙ୍କାନାଳ ଓ ରେଢ଼ାଖୋଲ। ଏହିସବୁ ରେଳଷ୍ଟେସନ୍‌ରେ ଉନ୍ନତ ସ୍ଥାପତ୍ୟ, ଆଧୁନିକ ସୁବିଧା ଓ ଉନ୍ନତ ଯାତ୍ରୀ ପରିସେବା ଉପଲବ୍ଧ ହେବ। ସମସ୍ତ ଯାତ୍ରୀଙ୍କ ସୁଗମତାକୁ ଉନ୍ନତ କରିବା ସକାଶେ ପ୍ରଶସ୍ତ ଫୁଟ ଓଭର ବ୍ରିଜ (୧୨ ମିଟର) ଓ ଯାତ୍ରୀ ଲିଫ୍ଟ ଲଗାଯିବ। ବର୍ଦ୍ଧିତ ଆଶ୍ରୟସ୍ଥଳୀ ସହ ଉନ୍ନତ ମାନର ସୁରକ୍ଷା ବ୍ୟବସ୍ଥା ଓ ଉନ୍ନତ ପ୍ଲାଟଫର୍ମ



ଆଦିର ସୁବିଧା ରହିବ। ସବୁଜ ଓ ସ୍ଥାୟୀ ଡିଜାଇନ୍ ନୀତିରେ ଆଲୋକୀକରଣ, ଜଳ ସଂରକ୍ଷଣ ଓ ଅପଚୟ ପରିଚାଳନା ଆଦି ସାମିଲ୍। ୱାଇ-ଫାଇ, ଏଲ୍‌ଇଡି କୋଚ୍ ସଙ୍କେତ ବୋର୍ଡ, ଟ୍ରେନ୍ ସୂଚନା ପ୍ରଦର୍ଶନ ଓ ଉନ୍ନତ ଲାଉଞ୍ଜ କ୍ଷେତ୍ର ଭଳି ଡିଜିଟାଲ୍ ସୁବିଧା ବି ଉପଲବ୍ଧ ହେବ। ଏହି ଯୋଜନାରେ ଅନୁଗୁଳ ଷ୍ଟେସନ ପାଇଁ ୨୫.୪୧ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଠାରେ ଆଧୁନିକ ସୁବିଧା ସହିତ ନୂତନ ଷ୍ଟେସନ ଭବନ କରାଯିବ। ୧୨ ମିଟର ଓସାରର ଫୁଟ ଓଭର ବ୍ରିଜ୍ ସହ ୨ଟି ଲିଫ୍ଟ ରହିବ।

ସେହିପରି ତାଳଚେର ରୋଡ୍ ଷ୍ଟେସନ ପାଇଁ ୧୮.୮୫ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଥିରେ ଆଧୁନିକ ନୂତନ ଷ୍ଟେସନ ଭବନ ଓ ଉନ୍ନତ ମୁଖଶାଳା ସହ ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ୍ ସହ ୨ଟି ଲିଫ୍ଟ ରହିବ। ଏହାଛଡ଼ା ତାଳଚେର ଷ୍ଟେସନ ପାଇଁ ୧୨.୯୭ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଠାରେ ନୂତନ ଷ୍ଟେସନ ଭବନ ଓ ପ୍ଲାଟଫର୍ମ ଉନ୍ନତିକରଣ, ମୁଖଶାଳା ଉନ୍ନତି, ଏଲଇଡି ସାଇନ୍ ବୋର୍ଡ ଓ ୧୫ଟି ପ୍ଲାଟଫର୍ମ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯିବ। ସେହିପରି ମେରାମଣ୍ଡଳୀ ଷ୍ଟେସନ ପାଇଁ ୨୧.୯୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଟଙ୍କାରେ ନୂତନ ଷ୍ଟେସନ ଭବନ ଓ ଉନ୍ନତ ମୁଖଶାଳା, ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ୍, ୨ଟି ଲିଫ୍ଟ, ଡିଜିଟାଲ୍ ସାଇନ୍ ବୋର୍ଡ ଓ ୨୦ଟି ପ୍ଲାଟଫର୍ମ ଆଶ୍ରୟସ୍ଥଳ ➪ପୃଷ୍ଠା-୬

### ମିଆଁମାରରେ ଥମୁନି ଭୂକମ୍ପ ଆତଙ୍କ

# ୧୪ ଦିନରେ ୧୧୨ ଝଟ୍‌କା

- ମୃତ୍ୟୁସଂଖ୍ୟା ୩୬୪୯ ; ୫୦୦୦ରୁ ଊର୍ଦ୍ଧ୍ୱ ଆହତ
- ନିରାଡ଼ମ୍ବର ହେବ ନବବର୍ଷ ପାଳନ

**ନେପିଡ,୧୦।୪:** ଗତ ୨୮ ତାରିଖରେ ମିଆଁମାରରେ ଶତାବ୍ଦୀର ସବୁଠାରୁ ଭୟଙ୍କର ଭୂମିକମ୍ପ ଅନୁଭୂତ ହୋଇଥିବା ବେଳେ ଏଥିରେ ପାଖାପାଖି ୪ ହଜାର ଲୋକଙ୍କ ଜୀବନ ଯାଇସାରିଛି। ତେବେ ଉକ୍ତ ଦିନ ଅନୁଭୂତ ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୯ ହୋଇଥିବା ବେଳେ ଦିନକ ଭିତରେ ୩ ଥର ଝଟ୍‌କା ଅନୁଭୂତ ହୋଇଥିଲା। ଇତିମଧରେ ଏହି ଭୂମିକମ୍ପକୁ ୧୪ ଦିନ ବିତିଯାଇଥିବା ବେଳେ ଉଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଛି। ପ୍ରଶାସନ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ସକାଶେ ସଂଘର୍ଷ କରୁଥିବା ବେଳେ ଉଦ୍ଧାରକାରୀ ଦଳ ପାଇଁ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି କ୍ରମାଗତ ଝଟ୍‌କା। କାରଣ ଗତ ୧୪ ଦିନ ଭିତରେ ପ୍ରାୟତଃ ସବୁଦିନେ କୌଣସି ତୀବ୍ରତାବିଶିଷ୍ଟ ➪ପୃଷ୍ଠା-୬





## କାନ ଡେରିଥା

ଭଲ କାମ କଲେ ପ୍ରଶଂସା
ମିଳିବ
ଖରାପ କାମକୁ ବିରୋଧ
ନେତା ଥିଲାବେଳେ ଧମକ
ଦେଲ
ଏବେ ବାଜିଗଲା ବାଇଦ
କାମ ଯେ କରୁନି ଗଦ...
ବାଳ ଉପାଖ୍ୟାନ ସଭିଙ୍କ
ମନରେ
ପଢ଼ ରାଜନୀତି ବେଦ।

■ ଦେବାଶିଷ

# ବିଜେପି ପାଇଁ ଅଭିଶାପ ହେବେ ଲିଙ୍କୁ!

**ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ):** ଧର୍ମଶାଳା ବିଧାୟକ ଲିଙ୍କୁ ସାହୁ ଯାଜପୁରରେ ବିଜେପି ପାଇଁ ଅଭିଶାପ ପାଲଟିଲେଣି। ତାଙ୍କର କାର୍ଯ୍ୟକଳାପ ଜିଲ୍ଲାରେ ବିଜେପିକୁ ଖୁବ୍ ଶୀଘ୍ର ସଫା କରିଦେବ। ୨୦୧୯ ମସିହାରେ ଘଟିଥିବା ବହୁଚର୍ଚ୍ଚିତ ପିଇଓ ସ୍ମିତାରାଣୀ ବିଶ୍ୱାଳ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ରୂପେଶ ଭଦ୍ରାଙ୍କ ସହିତ ଲିଙ୍କୁଙ୍କ ଯୋଡ଼ିକୁ ଦେଖିଲା ପରେ ଏହି ଚର୍ଚ୍ଚା ଏବେ ଜୋର ଧରିଛି । କେବଳ ଲିଙ୍କୁ ନୁହନ୍ତି, ଲିଙ୍କୁଙ୍କ ମା’ଙ୍କ ସହିତ ମଧ ଅଭିଯୁକ୍ତ ରୂପେଶର ଆତଯାତ ଚର୍ଚ୍ଚାକୁ ଖୋରାକ ଯୋଗାଇଛି ।

ଯାଜପୁର ଜିଲ୍ଲା ହରିଦାସପୁର ପଞ୍ଚାୟତର ପିଇଓ ଥିଲେ ସ୍ମିତାରାଣୀ ବିଶ୍ୱାଳ। ୨୦୧୯ ମସିହାରେ ସ୍ମିତାରାଣୀଙ୍କ ମୃତଦେହ ପଞ୍ଚାୟତରେ ଥିବା ଏକ ଗେଷ୍ଟହାଉସ୍‌ରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ତେବେ ଏହି ଗେଷ୍ଟହାଉସର ମାଲିକ ଥିଲେ ଉକ୍ତ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ରୂପେଶ। ସେତେବେଳେ ଏହାକୁ ନେଇ ରାଜ୍ୟ ରାଜନୀତି ବେଶ୍ ସରଗରମ ହୋଇଥିବା ବେଳେ ସ୍ମିତାରାଣୀଙ୍କୁ ନ୍ୟାୟ ମିଳିବା ପାଇଁ ସବୁଆଡୁ ଚାପ ପଡିଥିଲା। ହେଲେ ବିଜେଡି ସରକାର କୌଣସି ପ୍ରକାରେ ମାମଲାକୁ ଚାପିବାରେ ସଫଳ ହୋଇଥିଲେ। ତେବେ ଘଟଣା ଘଟିବାର କିଛିଦିନ ପରେ ଉକ୍ତ ଗେଷ୍ଟହାଉସ୍‌କୁ ମାଲିକ ରୂପେଶ ମାଟିରେ ମିଶାଇଦେଇଥିଲେ। ପ୍ରମାଣ ନଷ୍ଟ ପାଇଁ ଏଭଳି କାଣ୍ଡ ହୋଇଥିବା ଅଭିଯୋଗ ହୋଇଥିଲା।

**ସାଜିଛନ୍ତି ରୂପେଶଙ୍କ ସୁରକ୍ଷା କବଚ**
**ସ୍ମିତାରାଣୀଙ୍କ ହତ୍ୟାକାରୀ ରୂପେଶ**



ତେବେ ନୂଆ ସରକାର କ୍ଷମତାକୁ ଆସିବା ପରେ ପୁଣିଥରେ ସ୍ମିତାରାଣୀ ପ୍ରସଙ୍ଗ ଉଠିଥିଲା। ଯାଜପୁରର ବିଜେପି ନେତାମାନେ ମିଳିତ ଭାବେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ସ୍ମିତାରାଣୀ ଘଟଣାର ପୁନଃତଦନ୍ତ ପାଇଁ ଦାବି କରିଥିଲେ। ଆଇନମନ୍ତ୍ରୀ ମଧ ଏହାର ବିଧିବଦ୍ଧ ତଦନ୍ତ ହେବ ବୋଲି କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡଚଣା ଗସ୍ତରେ ଯାଇଥିବା ସମୟରେ ତାଙ୍କ ଆଗରେ ମଧ ସ୍ମିତାରାଣୀ ପ୍ରସଙ୍ଗ ଉଠାଯାଇଥିଲା। ମୋହନ ମଧ ଏହି ଘଟଣାର ତଦନ୍ତ ହୋଇ ନିଶ୍ଚିତ ଭାବେ ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଇତି ମଧରେ ତଦନ୍ତ କୁଆଡେ ଗଲା, ତାହା ଯାଜପୁରବାସୀ ଜାଣିପାରୁ ନଥିବ। ➪ପୃଷ୍ଠା-୬

# ରାଜଧାନୀରେ ଛୁରାମାଡ଼

- ହ୍ୱାଟ୍ସଆପ୍ ଷ୍ଟାଟସ୍‌କୁ ନେଇ ଅଘଟଣ
- ଗୁରୁତର ଯୁବକ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

**ଭୁବନେଶ୍ୱର,୧୦।୪ (ସଂଚାର ବ୍ୟୁରୋ):** ରାଜଧାନୀରେ ପୁଣି ଏକ ବିବସ୍ତ୍ର ଆକ୍ରମଣ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣଙ୍କୁ ହତ୍ୟା କରାଯାଇଛି। ସଂଘବଦ୍ଧ ଭାବେ ଜଣେ ଯୁବକଙ୍କ ବେକରେ ଛୁରୀ ଭୁସି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟା କରାଯାଇଥିବା ପୁଲିସ ପ୍ରାରମ୍ଭିକ ସୂଚନା ଦେଇଛି। ଗତକାଲି ହ୍ୱାଟ୍ସଆପ୍ ଷ୍ଟାଟସକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆଜି ଆପୋଷ ବୁଝାମଣା ପାଇଁ ଡାକି ଯୁବକଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ଆକ୍ରମଣରେ ସମ୍ପୃକ୍ତ ୩ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଛୁରାମାଡ ହୋଇଥିବା ଯୁବକଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ମନମୁଖୀ ପଥର ପ୍ୟାକିଂ କରି ଟଙ୍କା ଚଳୁ ଉଦ୍ୟମ

**ଆଳି,୧୦।୪ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଭୁଇଁପୁର କାଣୀ ନଦୀର ନଦିତଟ ସୁରକ୍ଷାବନ୍ଧ ନିର୍ମାଣରେ ବ୍ୟାପକ ଦୁର୍ନୀତି ଗନ୍ଧ ବାରୁଛନ୍ତି ସ୍ଥାନୀୟ ଲୋକେ। ନଦୀ ଦାଉରୁ ଗାଁକୁ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଆସୁଛି। ଆଉ ଏହି ଅର୍ଥକୁ ଖର୍ଚ୍ଚ କରାଯାଇ ନଦୀକୂଳରେ ପଥର ପ୍ୟାକିଙ୍ଗ କରାଯାଇ ସୁରକ୍ଷା ବନ୍ଧ ନିର୍ମାଣ କରାଯାଉଛି। ହେଲେ ନିର୍ମାଣ ଦାୟିତ୍ୱରେ ଥିବା କଣ୍ଟ୍ରାକ୍ଟର ଓ କାର୍ଯ୍ୟ ତଦାରଖ ଦାଇତ୍ୱରେ ଥିବା ଓଡିଶା କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ୍ ବା ଓସିସି ବିଭାଗର ଅଧିକାରୀଙ୍କ ମିଳିଭଗତରେ ର,ଠ କାମକରି କୋଟି କୋଟି ଟଙ୍କା ହଡ଼ପ ପାଇଁ ଆରମ୍ଭ ହୋଇଛି ଉଦ୍ୟମ। ନିର୍ମାଣ ହେଉଥିବା କାମକୁ ବିରୋଧ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଲୋକେ।

ଏବେ ଏହି ଖବର ଗଣମାଧ୍ୟମର ଶିରୋନାମା ପାଲଟି ଥିବା ବେଳେ ବିଭାଗ ଓ ସରକାର ଆଖିରେ ପଟି ବାନ୍ଧି ବସିଲା ପରି ଲାଗୁଛି। ସେପଟେ ନିମ୍ନମାନର ପଥର ପ୍ୟାକିଙ୍ଗ କରାଯାଉଥିବାର ଅଭିଯୋଗ। ବିନା ଡ୍ରମିଙ୍ଗରେ ନିର୍ମାଣ ହେଉଛି ସୁରକ୍ଷାବନ୍ଧ,ଏମିତି କି ପୁରୁଣା ସ୍ତର ଉପରେ ପଥର ପକାଯାଇ ନିର୍ମାଣ ହେଉଛି ନୂଆସ୍ତର। କାମ ହେଉ ହେଉ ଗୋଟିଏ ଦୁଇଟି ସ୍ଥାନରେ ପଥର ଧସି ଯାଇଥିବାର ହୋଇଛି ଅଭିଯୋଗ। ବଡ଼ ପଥର ବଦଳରେ ବ୍ୟବହାର ହେଉଛି ଛୋଟ ଛୋଟ ପଥର। ଓସିସି ବିଭାଗ ଓ ଠିକାଦାର ମିଳିଭଗତରେ ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି । ବାରମ୍ବାର ଅଭିଯୋଗ ସତ୍ୱେ କାହିଁକି ହେଉନାହିଁ ଉଚ୍ଚସ୍ତରୀୟ ତଦନ୍ତ।

ଏଠି ପ୍ରଶ୍ନ ଉଠେ କାହିଁକି ଏତେ ଅନୁକମ୍ପା ଦେଖାଉଛନ୍ତି ବିଭାଗ। କାହା ଅଦୃଶ୍ୟ ଶକ୍ତିରେ ଶକ୍ତିମାନ ସାଜିଛନ୍ତି ଠିକାଦାର ? କେବେ ହେବ ତଦନ୍ତ ? ଗାଁକୁ ନଦୀଦାଉରୁ ରକ୍ଷା କରିବା ପାଇଁ ଦୀର୍ଘଦିନ ହେବ ଗାଁ ଲୋକେ ଦାବିକରି ଆସୁଥିଲେ। ବହୁ ଦିନର ସଂଘର୍ଷ ପରେ ସରକାରଙ୍କ ପକ୍ଷରୁ ୧୧ କୋଟି ୩୫ଲକ୍ଷ ଟଙ୍କା ଆର୍ଥିକ ସହାୟତାରେ ଆରମ୍ଭ ହୋଇଛି ହେଲେ ଏବେ ଏହି କାମକୁ ନେଇ ଗ୍ରାମବାସୀଙ୍କ ମନରେ ନାନା ପ୍ରଶ୍ନ ଉଙ୍କି ମାରିଛି। ଯାହାକୁ ନେଇ ଲୋକେ ପ୍ରଶ୍ନ କରୁଛନ୍ତି ଚବିଶ ବର୍ଷ ଶାସନରେ ଯେଉଁଭଳି ଦୁର୍ନୀତି ଅଭିଯୋଗ ହେଉଥିଲା ବର୍ତ୍ତମାନ କିଛି ଠିକାଦାର ସମାନ ଅବସ୍ଥା ଆପଣାଇବାକୁ ପ୍ରୟାସ ଚଳାଇଛନ୍ତି। ଏମିତିକି କାମ ଚଳୁଥିବା ସମୟରେ ଓସିସି ବିଭାଗର ଯନ୍ତ୍ରୀ ମଧ୍ୟ ଅନୁପସ୍ଥିତି ରହୁଥିବା ଦେଖିବାକୁ ମିଳୁଛି।



## ରକ୍ତଦାନ କରି ଅନ୍ୟର ମୁହଁରେ ହସ ଫୁଟାଉଛନ୍ତି ଶଶାଙ୍କ



**ମହାକାଳପଡ଼ା,୧୦।୪ (ସଂଚାର ବ୍ୟୁରୋ):** ଅନ୍ୟର ମୁହଁରେ ଟିକିଏ ହସ ଫୁଟେଇବାକୁ ସେ ଜାରି ରଖିଛନ୍ତି ପ୍ରୟାସ। ମେଡିକାଲ୍‌ରେ କେହି ଯଦି ରକ୍ତର ଆବଶ୍ୟକତା କରେ, ସୂଚନା ପାଇବା ମାତ୍ରେ ନିଜେ ବାହାରି ଯାଆନ୍ତି ରକ୍ତଦାନ କରିବା ପାଇଁ। ତାଙ୍କର ଏମିତି ପ୍ରୟାସ ଓ ଆଗ୍ରହ ପାଇଁ କେତେ ମୂଲ୍ୟବାନ ଜୀବନ ବଞ୍ଚାଇ ପାରୁଛନ୍ତି। ଯେଉଁଥିପାଇଁ ସେ ବିଭିନ୍ନ ମହଲରୁ ପ୍ରଶଂସା ସାଉଁଟୁଛନ୍ତି। ମାର୍ଶାଘାଇ ବ୍ଲକ ଦଶିପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲଣା ଗ୍ରାମର ସୁବାଷ ଚନ୍ଦ୍ର ସାମଲଙ୍କ କନିଷ୍ଠ ପୁଅ ହେଉଛନ୍ତି ଶଶାଙ୍କ ଶେଖର ସାମଲ। ୨୬ ବର୍ଷୀୟ ଶଶାଙ୍କ ଜଣେ ନିୟମିତ ରକ୍ତଦାତା ଭାବରେ ରକ୍ତଦାନ କରି ଆସୁଛନ୍ତି। ଯେ କୌଣସି ସ୍ଥାନରେ ଯଦି କେହି ରକ୍ତ ଆବଶ୍ୟକ କରୁଛନ୍ତି ବୋଲି ସୂଚନା ପାଆନ୍ତି ତେବେ ବିନା ଦ୍ୱିଧାରେ ରକ୍ତଦାନ କରିବାକୁ ସେ ବିହାରି ଯାଆନ୍ତି। ଶଶାଙ୍କ ଆଜି ତାଙ୍କର ୧୬ତମ ରକ୍ତଦାନ ଜଣେ ଥାଲେସେମିଆ ରୋଗୀଙ୍କୁ କରିଛନ୍ତି। ମୋ ପାଇଁ ଯଦି କାହାରି ମୁହଁରେ ଟିକିଏ ହସ ଫୁଟିଛି ତେବେ ମୁଁ ଏ ପ୍ରୟାସ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କରି ଚାଲିଥିବି ବୋଲି ଶଶାଙ୍କ କହିଛନ୍ତି। ଏହି ସେବା ମନୋଭାବ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ମିଳୁଛି।

### ଜୀବନ ନେଲା ସୋସିଆଲ ମିଡିଆ

## ମୃତଦେହ ଛାଡ଼ିଲେନି ଗ୍ରାମବାସୀ

**ଗରଦପୁର,୧୦।୪ (ସଂଚାର ବ୍ୟୁରୋ):** ଜୀବନ ନେଲା ସୋସିଆଲ ମିଡ଼ିଆ । ଜଣେ ଭଦ୍ର ବ୍ୟକ୍ତି ଆଜି ଆତ୍ମହତ୍ୟା କରି ପ୍ରମାଣ କରିଛନ୍ତି, ସୋସିଆଲ ମିଡ଼ିଆ ଜୀବନ ନେଉଛି। ଗରଦପୁର ବ୍ଲକ ଅଧୀନ ତହସିଲ ଅଫିସର ଭେଣ୍ଡର ବଂଶୀଧର ମିଶ୍ରଙ୍କ ଆତ୍ମହତ୍ୟା ଆଜି ଖୁଲସା କରିଛି । ଗତ ତିନି ଦିନ ତଳେ ଏକ ମିଥ୍ୟା ବଳାତ୍କାର କେସ ନି ୫୨/୨୦୨୫ରେ ବଂଶୀଧର ମିଶ୍ରଙ୍କୁ ଏକ ଦୁଷ୍କର୍ମ କେଶରେ ଫସା ଯାଇଥିଲା । ଉକ୍ତ କେଶକୁ ନେଇ ବଂଶୀଧର ମାନସିକ ଦୁଶ୍ଚିନ୍ତାରେ ଥିଲେ । ଗତ ବୁଧବାର ବିଳମ୍ବିତ ରାତିରେ ଜଣେ ନିର୍ଦ୍ଦିଷ୍ଟ ୱେବ ସାମ୍ବାଦିକ ବିରୋରେ ଏକ ହାତ ଲେଖା ଚିଠି ଲେଖିଲା ଆତ୍ମହତ୍ୟା କରିଛନ୍ତି। ଏ ନେଇ ପାଟକୁରା ଥାନା ଅଧିକାରୀ ଜାମସେଦ ଖାଁ କହିଛନ୍ତି ଅଭିଯୋଗ ହୋଇଥିବା ସାମ୍ବାଦିକ ବିରୋଧରେ ଖୁବ୍ ଶିଘ୍ର କାର୍ଯ୍ୟାନୁଷ୍ଠାନ ହେବ। ଏହାଛଡ଼ା ମୂଳରୁ ଥିବା ଲୋକଙ୍କ ବିରୋଧର ଆମେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ପାପ ସମ୍ପର୍କକୁ ବିରୋଧ କରିବାରୁ ବୃଦ୍ଧାଙ୍କୁ ମାଡ଼, ନାବାଳିକାକୁ ଅସଦାଚରଣ ଅଭିଯୋଗ

**ରାଜନଗର,୧୦।୪ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅଞ୍ଚଳର ବେଲପାଳ ଗାଁର ଜଣେ ଯୁବକ ତାର ପାପ ସମ୍ପର୍କ ବିଷୟରେ କାହିଁକି ପାଟି କରୁଛୁ, ହାଲ୍ଲା କରି ସମସ୍ତଙ୍କୁ ଜଣାଉଛୁ କହି ବୃଦ୍ଧାଙ୍କୁ ମାଡ ମାରିବା ସହ ବୃଦ୍ଧାଙ୍କ ନାତୁଣୀକୁ ରାତି ଅଧାରେ ରାସ୍ତା ଉପରକୁ ଘୋଷାଡ଼ି ଆଣି ଅସଦାଚରଣ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବେଲପାଳ ଗାର ଦିଲ୍ଲୀପ ଦାସ ଗତକାଲି ରାତିରେ ଜଣେ ବୃଦ୍ଧାଙ୍କ କବାଟ ବାଡେଇଥିଲା। ବୃଦ୍ଧା ଜଣଙ୍କ କବାଟ ଖୋଲିବା ପରେ ଦିଲ୍ଲୀପ ମୁଁ ଘରକୁ ରାତିରେ ଗଲି କାହିଁକି ହାଲ୍ଲା କରି ସମସ୍ତଙ୍କୁ ଜଣାଉଛୁ କହି ବୃଦ୍ଧାଙ୍କୁ ତଣ୍ଟିଆ ମାରିବା ସହ ମାଡ ମାରିଥିଲା। ଏହା ପରେ ବୃଦ୍ଧଙ୍କ ୧୫ ବର୍ଷିଆ ନାତୁଣୀକୁ ଶୋଇଥିବା ଅବସ୍ଥାରେ ଘରୁ ଉଠାଇ ଗାଁ ରାସ୍ତାକୁ ଆଣି ତାକୁ ମାଡ ମାରିବା ସହ ନାବାଳିକାକୁ ଅସଦାଚରଣ କରିଥିବା ନେଇ ବୃଦ୍ଧା ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ପୁଅ ବିଦେଶରେ ଥିବାରୁ କାମୁକ କବଳରୁ ନାତୁଣୀକୁ ରକ୍ଷା କରିପାରିନଥିବା ଅଭିଯୋଗରେ ଦର୍ଶାଇଛନ୍ତି। ରାସ୍ତାରେ ଘୋଷାଡ଼ି ନାବାଳିକାକୁ ମାଡ ଓ ଅସଦାଚରଣ ଯୋଗୁଁ ନାବାଳିକାକୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦ୍ରପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ବିଜେପିରେ ନିଜ ସମର୍ଥକଙ୍କ ସହ ସାମିଲ ହେଲେ କଟକ ଜିଲ୍ଲା ଯୁବ ବିଜେଡି ଉପସଭାପତି



**ସାଲେପୁର,୧୦।୪ (ସଂଚାର ବ୍ୟୁରୋ):** ଏବେ ରାଜ୍ୟ ବିଜେଡି ଦଳରେ ନେତାମାନଙ୍କ ମଧରେ ଛକାପଞ୍ଝା ଚାଲିଥିବା ବେଳେ ସାଲେପୁରରେ ତାହାର ପ୍ରତିଫଳନ ଦେଖିବାକୁ ମିଳିଛି। ସାଲେପୁର ଅଞ୍ଚଳରେ ଦିନକୁ ଦିନ ବିଜେଡି ସଂଗଠନ ଭୁଷୁଡ଼ିବା ଭଳି ପରିଲକ୍ଷିତ ହେଉଛି। ଅତୀତରେ ବିଜେଡି ସଂଗଠନ ପାଇଁ ଦୃଢ଼ ଭାବେ କାର୍ଯ୍ୟ କରୁଥିବା ଜିଲ୍ଲା ଓ ପଞ୍ଚାୟତ ସ୍ତରୀୟ ନେତାମାନେ ସ୍ଥାନୀୟ ନେତୃତ୍ୱ ପ୍ରତି ଅସନ୍ତୋଷ ବ୍ୟକ୍ତ କରି ବିଜେପି ଦଳରେ ସାମିଲ ହେଉଥିବା ଘଟଣା ସାଲେପୁର ରାଜନୀତିକୁ ସରଗରମ କରିଛି। ବୁଧବାର ସନ୍ଧ୍ୟାରେ କଟକ ଜିଲ୍ଲା ଯୁବ ବିଜେଡି ଉପସଭାପତି ବିଶ୍ୱଜିତ୍ ଚାଟାର୍ଜୀ ତାଙ୍କର ଶତାଧିକ କର୍ମୀଙ୍କ ସହ ବିଜେଡି ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିବା ଜଣାଯାଇଛି। ଏହି ମିଶ୍ରଣ ପର୍ବ ବୁଧବାର ରାତ୍ର ୮ଘଟିକା ସମୟରେ ଭାତପଡ଼ାସ୍ଥିତ ବିଜେପି କାର୍ଯ୍ୟାଳୟରେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ଉପସ୍ଥିତିରେ ବହୁ କର୍ମୀ ବିଜେପି ଦଳରେ ସାମିଲ ହୋଇଥିବା ଜଣାଯାଇଛି। ନୂତନ ଭାବରେ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଜେପି ନେତା ଅରିନ୍ଦମରାୟ ଦଳକୁ ସ୍ୱାଗତ କରିବା ସହ ବିଜେପି ଦଳର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେପି ସଂଗଠନ ପାଇଁ କାର୍ଯ୍ୟ କରିବାକୁ ସାମିଲ ହୋଇଥିବା କର୍ମୀଙ୍କୁ ସେ ପରାମର୍ଶ ଦେଇଥିଲେ।

### ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପଟ୍ଟାମୁଣ୍ଡାଇ ଗସ୍ତ

## ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ



**ପଟ୍ଟାମୁଣ୍ଡାଇ,୧୦।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଦିନିକିଆ ପଟ୍ଟାମୁଣ୍ଡାଇ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସାଂସଦ ଶ୍ରୀପଣ୍ଡା ହେଲିକପଟର ଯୋଗେ ଆସି ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଂଚାୟତ ବନ୍ତୋ ପଡିଆରେ ଅବତରଣ କରିଥିଲେ। ତାଙ୍କୁ ବିଜେପି ନେତା କର୍ମକର୍ତ୍ତା ମାନେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରି ଶୋଭାଯାତ୍ରାରେ ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠକୁ ନେଇଥିଲେ । ସେଠାରେ ସାଂସଦ ବିଦ୍ୟାପୀଠ ପରିସର ସଫେଇ କରିବା ସହିତ ବୃକ୍ଷରୋପଣ କରିଥିଲେ। ସେଠାରୁ ଅଢାଯୋଡି ଠାରେ ଥିବା ଚନ୍ଦନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନିୟୁ) ପରିଦର୍ଶନ କରି ରୋଗୀ ସେବା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ବନ୍ତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ଉତିକଣ ଅଂଚଳର ପ୍ରସିଦ୍ଧ ଶୈବ ପୀଠ ଚନ୍ଦନନଗର ଚନ୍ଦ୍ରମଉଳି ପୀଠ ଠାରେ ଆୟୋଜିତ ପଥ ପ୍ରାନ୍ତ ସଭାରେ କେନ୍ଦ୍ର ବିଜେପି ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନସାଧାରଣଙ୍କ ପାଇଁ ସରକାରୀ ଲାଭାର୍ଥୀ ଯୋଜନା ସମ୍ପର୍କ ଭାଷଣ ଦେଇଥିଲେ । ସାଂସଦ ଶ୍ରୀପଣ୍ଡାଙ୍କ ସହିତ ରାଜନଗର ବିଜେପି ପ୍ରାର୍ଥୀ ଲଳିତ ବେହେରା, କେନ୍ଦ୍ରାପଡ଼ା ବିଜେପି ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ଆଳି ବିଜେପି ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଆଡ଼ଭୋକେଟ ଭାରତ ଭୂଷଣ ଦାସ, ସନ୍ତୋଷ ମହାନ୍ତି, ଯୁବ ନେତା ପରେଶ ସାହୁଙ୍କ ସମେତ ବହୁ ବିଜେପି ନେତା ଓ କର୍ମକର୍ତ୍ତା ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଅଂଚଳର ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।



### ବିଜେପିର ଗାଁକୁ ଚାଲ ଅଭିଯାନ

## ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ଶୁଣିଲେ ବିଧାୟକ

**ମହାକାଳପଡ଼ା,୧୦।୪ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ଉପଲକ୍ଷେ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି । ଆଜି ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅମେଇପାଳ ପଞ୍ଚାୟତରେ ବିଜେପି ତରଫରୁ ଗାଁକୁ ଚାଲ ଅଭିଯାନରେ ବିଜେପି କର୍ମୀମାନଙ୍କୁ ନେଇ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ବିଭିନ୍ନ ବର୍ଗର ଲୋକମାନଙ୍କୁ ଭେଟି ଲୋକମାନଙ୍କର ସମସ୍ୟା,ଗାଁ ର ସମସ୍ୟା ,ପଞ୍ଚାୟତ ର ସମସ୍ୟା ବିଷୟରେ ବୁଝିଥିଲେ। ସମସ୍ୟା ସମାଧାନ ପାଇଁ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି ଓ ଯାହା ସମସ୍ୟା ରହିଛି ତାହା ମଧ ମୋହନ ସରକାର ରେ ସମାଧାନ କରାଯିବ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଡ଼ ନାୟକ ଘରକୁ ଘର ଯାଇ ଡବଲ ଇଞ୍ଜିନ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ଜନ ସାଧାରଣଙ୍କୁ ଅବଗତ କରାଇଥିଲେ।ଏହି ଗସ୍ତ ସମୟରେ ବିଧାୟକ ଶ୍ରୀଯୁକ୍ତ ନାୟକ ସ୍ୱଚ୍ଛତା ଅଭିଯାନ, ଲାଭାର୍ଥି ସମ୍ପର୍କ, ପଦଯାତ୍ରା, ବୁଥ କାର୍ଯ୍ୟକର୍ତ୍ତା ମାନଙ୍କ ବୈଠକ, ପୁରାତନ କାର୍ଯ୍ୟକର୍ତ୍ତାଙ୍କୁ ସାକ୍ଷାତ, ବସ୍ତି ସମ୍ପର୍କ ଆଦି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

## ବିଜେପି ୧୩ନଂ ଜୋନର ମଣ୍ଡଳସ୍ତରୀୟ ବୈଠକ



**ଡେରାବିଶ,୧୦।୪ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି, ଛୋଟି ମଣ୍ଡଳ (୧୩ ନଂ ଜୋନ୍)ରେ, କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀପଡ଼ା ର ମାଆ ପାଟ ସମୁଳାଇ ଠାକୁରାଣୀଙ୍କ ପୀଠରେ, ମଣ୍ଡଳ ଉପ-ସଭାପତି ତୁଷାର ଘୋଷଙ୍କ ପୌରହିତ୍ୟରେ, ସାଧାରଣ ସମ୍ପାଦକ ଖଗେଶ୍ୱର ସେଠିଙ୍କ ପରିଚାଳନାରେ,ଏକ ମଣ୍ଡଳ ସ୍ତରୀୟ ବୈଠକ ହୋଇଥିଲା। ଏହି ବୈଠକରେ ପାଟକୁରା ନେତା, ଭାରତୀୟ ଜନତା ପାର୍ଟିର ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡା, ଏବଂ ମଣ୍ଡଳ ସଭାପତି ବିଜୟ କୁମାର ଜେନା ଅତିଥି ଭାବରେ ଯୋଗ ଦେବା ସହିତ, ମଣ୍ଡଳ କମିଟି ଓ ବିଭିନ୍ନ ପଞ୍ଚାୟତ ର ପ୍ରମୁଖ ମାନେ, ସଞ୍ଜୟ ଦାସ, ପଦ୍ମନାଭ ଦାସ, ଭଗବାନ ପରିଡା, କୃଷ୍ଣଚନ୍ଦ୍ର ବେହେରା, ଅଭିମନ୍ୟୁ ଦାଶ, ଭିକାରି ଚରଣ ଗିରି,ପ୍ରେମ ମହାନ୍ତି, କିଶୋର ଦାସ, ରାମଚନ୍ଦ୍ର ମଳିକ,ଦାମୋଦର ମଳିକ, ଅମର ମହାନ୍ତି, ତଥା ସମସ୍ତ ବୁଥ୍ ସଭାପତି ଓ ବହୁ ବିଜେପି କର୍ମକର୍ତ୍ତା ମିଶି ପ୍ରାୟ ୨୦୦ ଜଣ ବୈଠକରେ ସାମିଲ ହୋଇଥିଲେ। ବୈଠକ ଶେଷରେ ଶ୍ରୀ ତେଜେଶ୍ୱର ପରିଡା ଛୋଟି ମଣ୍ଡଳର ବିଭିନ୍ନ ସମସ୍ୟା ବୁଝି ସେସବୁର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।

## ମା' ବାଲୁଙ୍କେଶ୍ୱରୀଙ୍କ ୯ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ




**ବାଲିକୁଦା,୧୦।୪ (ସଂଚାର ବ୍ୟୁରୋ):** କଟକ ସ୍ଥିତ ବାଲିକୁଦା ଗ୍ରାମରେ ଦୁଇ ଦିନ ଧରି ଚାଲିଥିବା ମହାଯଜ୍ଞ ଗତକାଲି ଶେଷ ହୋଇଛି। ଏଥିରେ ଧରିଣା ପଞ୍ଚାୟତର ଆବଳ ବୃଦ୍ଧ ବନିତା ଯୋଗଦେଇଥିଲେ। ପ୍ରଥମ ଦିନ ଶତାଧିକ ମହିଳା ମହା ପଟୁଆରରେ ମାଳିକା ପ୍ରସିଦ୍ଧ ରତ୍ନବଟକୁ କଳସ ଶୋଭାଯାତ୍ରାରେ,କୀର୍ତ୍ତନ, ଘଣ୍ଟ, ମାରଦଳ, ବାଜା, ବାଣ ସହ ଯାଇଥିଲେ। ଦୁଇଦିନ ଧରି ଏଠାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିଦିନ ଗୀତା ଯଜ୍ଞ ଓ ଭଜନ କୀର୍ତ୍ତନ ହେବା ସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦିନ ଓ ରାତିରେ ଆନନ୍ଦ ବଜାରରେ ସହ ସହ ଭକ୍ତ ପ୍ରସାଦ ସେବନ କରିଥିଲେ। ଉଦଯାପନ ସନ୍ଧ୍ୟାରେ ଅଞ୍ଚଳର ମାନ୍ୟଗଣ ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସରପଞ୍ଚ ରତ୍ନାକର ରାଉତ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ହୃଷିକେଶ ଜେନା,ପୂର୍ବତନ ସମିତି ସଭ୍ୟ କେଲୁ ଚରଣ ମହାଳି,ତ୍ରିନାଥ ଦାଶ, ଏଥିରେ ତହସିଲଦାର, ବିଡ଼ିଓ, ସମିତି ସଭ୍ୟ ସସ୍ମିତା ଦାଶ , ବିଧାୟକ ପ୍ରତିନିଧି ଚିତ୍ତରଞ୍ଜନ ସାହୁ,,ଡ କେଶବ ଚନ୍ଦ୍ର ସାହୁ, ଅଶୋକ ଦାସ, ଅଶୋକ ପଟ୍ଟନାୟକ,ଉମେଶ ବାଡି, ଶ୍ରୀ ସରୋଜ କୁମାର ପାତ୍ର, ସର୍ବେଶ୍ୱର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା, ଅନୁଷ୍ଠାନର କର୍ତ୍ତା ସୁରେନ୍ଦ୍ର ପାତ୍ର ଓ ମା ବାଲୁଙ୍କେଶ୍ୱରି ଗ୍ରାମ କମିଟିର ସଭାପତି, ନୃଷିଂଙ୍ଗ ଭୋଇ, ସଂପାଦକ ଶେଷଦେବ ଦାଶ, କୋଷାଧକ୍ଷ ଭଗବାନ ଭୋଇ, ଚିତ୍ତରଞ୍ଜନ ଭୋଇ, କ୍ରିତିରଞ୍ଜନ ପାତ୍ର,ବିଶି ବାଡି,ବିକାଶ ରାଉତରାୟ,,ବିକାଶ ସାହୁ, ସ୍ମୃତିରଞ୍ଜନ୍ ଦାସ,ନରେନ୍ଦ୍ର ପାତ୍ର, ବ୍ରଜକିଶୋର ଭୋଇ,ସୁକାନ୍ତ କୁମାର ଭୋଇ,ଗଜେନ୍ଦ୍ର ଭୋଇ ଦିପ୍ତି ରଞ୍ଜନ ପାତ୍ର, ଅକ୍ଷୟ ସାହୁ, ଟିକି ନନା ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ଆବାହକ ସରୋଜ ପାତ୍ର ମା ବାଲୁଙ୍କେଶ୍ୱରି ଗ୍ରାମ କାମିଟିର ସମସ୍ତ କର୍ମକର୍ତ୍ତା ଓ ପଞ୍ଚାୟତ ବାସୀଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ ଛାତ୍ର ପୁଲିସ କ୍ୟାଡେଟ ପ୍ରଶିକ୍ଷଣ ଶିବିର



**ରାଜନଗର,୧୦।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ର ପୁଲିସ କ୍ୟାଡଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ରାଜନଗର ଆଇଆଇସି ନରେଶ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ସାଇବର କ୍ରାଇମ, ଅନଲାଇନ ଠକେଇ ଓ ଟ୍ରାଫିକ ସମ୍ବନ୍ଧର ନିରାପତ୍ତା ଆଇନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଗୋପବନ୍ଧୁ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

### ଆୟୁଷ୍ମାନ ମୃତ୍ୟୁ ଘଟଣା

## କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



### ପୁଲିସ ତଦନ୍ତ ଉପରେ ଭରଷା କରୁନାହାଁନ୍ତି ଅଭିଯୋଗକାରୀ

**କେନ୍ଦ୍ରାପଡ଼ା,୧୦।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସଦର ଥାନା ଅଧୀନରେ ଥିବା କୁରୁଜଙ୍ଗା ଗ୍ରାମପଞ୍ଚାୟତର ମନ୍ତ୍ରୀପଡା ଗ୍ରାମର ଖଗେଶ୍ୱର ମହାନ୍ତିଙ୍କ ପୁଅ ଆୟୁଷ୍ମାନ ମହାନ୍ତି(୧୪) ଓରଫ ଧନଙ୍କୁ ଯୋଜନାବଦ୍ଧ ଭାବେ ଲୁଣା ନଦୀକୁ ଠେଲି ହତ୍ୟା କରାଯାଇଛି। ହତ୍ୟାକାରୀମାନଙ୍କୁ କେନ୍ଦ୍ରାପଡା ସଦର ଥାନା ପୁଲିସ ସହଯୋଗ କରୁଛି। ଫଳରେ ହତ୍ୟାକାରୀ ଅପରାଧ କରି ନିର୍ଭୟରେ ବୁଲୁଛନ୍ତି। ତେଣୁ ଏହି ଘଟଣାର ଏକ ନିରପେକ୍ଷ ତଦନ୍ତ ନିମନ୍ତେ କ୍ରାଇମବ୍ରାଞ୍ଚ ତଦନ୍ତ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି ଆୟୁଷ୍ମାନର ପରିବାର ସଦସ୍ୟ ଓ ଗ୍ରାମବାସୀ। ମୃତ ଆୟୁଷ୍ମାନ ଡେରାବିଶ ଚାଟରାଚକଢା ପଞ୍ଚାୟତର ଛତାସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଦଶମ ଶ୍ରେଣୀ ଛାତ୍ର ଥିଲା । ଚଳିତ ମାଟ୍ରିକ ପରୀକ୍ଷା ଦେଇ ଆୟୁଷ୍ମାନ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ଥିବା ମାମୁଁଘରକୁ ତାଙ୍କ ମା'ଙ୍କ ସହିତ ବୁଲିବାକୁ ଆସିଥିଲା । ମାମୁଁ ଘରୁ ତାର ମା' ଫେରିଯାଇଥିବା ବେଳେ ଆୟୁଷ୍ମାନ ରଙ୍ଗଖେଳିବା ପାଇଁ ମାମୁଁ ଘରେ ରହିଯାଇଥିଲା। ମାର୍ଚ୍ଚ ୧୯ ତାରିଖ ଦିନ ଆୟୁଷ୍ମାନ ରଙ୍ଗ ଖେଳିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ଏନେଇ ଆୟୁଷ୍ମାନଙ୍କ ବାପା ଖଗେଶ୍ୱର କେନ୍ଦ୍ରାପଡା ସଦର ଥାନାରେ ଆୟୁଷ୍ମାନ ନିଖୋଜ ହେବା ନେଇ ଏକ ଏତଲା ଦେଇଥିଲେ। ରଙ୍ଗ ଖେଳ ପରଦିନ ଅର୍ଥାତ ମାର୍ଚ୍ଚ ୨୦ ତାରିଖ ସକାଳେ ଗୋଟେ ପିଲାର ମୃତଦେହ ଲୁଣା ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ସଦର ଥାନାକୁ ଖବର ଦେଇଥିଲେ । ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଡାକ୍ତରଖାନାକୁ ବ୍ୟବଛେଦ ପାଇଁ ପଠାଇଥିଲା । ପ୍ରଥମେ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ଅନୁମାନ କରାଯାଉଥିଲା । ତେଣୁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । କିନ୍ତୁ ଆୟୁଷ୍ମାନଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ।

## ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



**କେନ୍ଦ୍ରାପଡା,୧୦।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବସୁପୁର ସ୍ଥିତ ମା' ବାସନ୍ତୀ ଦୁର୍ଗା ପୂଜା ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ "ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ',ର ୧୮ତମ ବାର୍ଷିକ ଉତ୍ସବ ଓ ପୂଜ୍ୟପୂଜା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହକୁ ଟ୍ରଷ୍ଟର ସଭାପତି ସୁବାଷ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଅଧାପକ ହିମାଂଶୁ ଭୂଷଣ ପରଡା ସଂଯୋଜନା ଓ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ପ୍ରଫେସର ବୈଷ୍ଣବ ଚରଣ ସାମଲ, ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ସମାଜସେବୀ ଭଗବାନ ବିଶ୍ୱାଳ ଯେ ସାମାଜିକ ଓ ସେବା କାର୍ଯ୍ୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକପାତ କରି କେନ୍ଦ୍ରାପଡା ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ପ୍ରତିବର୍ଷ ଭଳି ଟ୍ରଷ୍ଟ ସାମାଜିକ ସେବା ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ କ୍ଷେତ୍ର ଯଥା ସାହିତ୍ୟ, ସଂସ୍କୃତି, ସମାଜସେବା, କଳା, ସଂଗୀତ, ବିଜ୍ଞାନ ଏବଂ କ୍ରୀଡା କ୍ଷେତ୍ରର ବିକାଶ ପାଇଁ ପୂଜ୍ୟପୂଜା ପ୍ରତିଭା ସମ୍ମାନ ପ୍ରଦାନ କରାଯିବା ସହିତ ଏହି ଅଳର ସମସ୍ତ ଝିଅ ଓ ବିବାହିତା ଝିଆଣିମାନଙ୍କୁ ଏକାଠି କରାଯାଇ ଭଉଣୀଚାରର ପରିବେଶ ସୃଷ୍ଟି କରି ସୁଭଦ୍ରା ମହୋତ୍ସବ ପାଳନ କରାଯାଇଥିଲା ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଥିଲା ।

ଏହି ପରିପ୍ରେକ୍ଷିରେ କେନ୍ଦ୍ରାପଡାର ଚାରିଗାଁ ଗ୍ରାମର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଲେଖକ, ପ୍ରାବନ୍ଧିକ ଓ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ କେନ୍ଦ୍ରାପଡା ସାହିତ୍ୟ ସରସ୍ୱତୀ ସମ୍ମାନ ୨୦୨୫, ଧୂମାତ ଗ୍ରାମର ସର୍ବୋଚ୍ଚ ଯନ୍ତ୍ରୀ ଓ ଜିଲ୍ଲାର ଭିତ୍ତିଭୂମି ଉନ୍ନୟନକାରୀ ଇଂ ଶତ୍ରୁଘ୍ନ ଦାସଙ୍କୁ କେନ୍ଦ୍ରାପଡା ରତ୍ନ ସମ୍ମାନ, ଡୁଣୁପୁର ଗ୍ରାମର ଶିକ୍ଷାବିତ୍ ତଥା ସମାଜ ସଂସ୍କାରକ ପ୍ରଫେସର ଅଜୟ ସାମଲଙ୍କୁ କେନ୍ଦ୍ରାପଡା ବରପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଛି ।

ସେହିପରି କେନ୍ଦ୍ରାପଡା ଗୌରବ ସମ୍ମାନରେ ସ୍ତମ୍ଭକାର ଏବଂ ସାହିତ୍ୟିକ ଚୌଧୁରୀ ଅମିତାଭ ଦାସ, ଆଳି ଅଳର ସିନେ କଳାକାର ବବି ମିଶ୍ର, ଡେରାବିଶ କୁରୁଜଙ୍ଗା ଗ୍ରାମର କ୍ରୀଡାବିତ୍ ଏବଂ କ୍ରୀଡା ସଂଗଠକ ନାରାୟଣ ଚନ୍ଦ୍ର ବାରିକ, ଆଳି ଅଳର ପରିବେଶବିତ୍ ତଥା ସମାଜସେବୀ ରଶ୍ମିରଞ୍ଜନ ବାରିକ, କେନ୍ଦ୍ରାପଡାର ବିଶିଷ୍ଟ ସମାଜସେବୀ ତଥା ଶିଶୁ ଓ ମହିଳା ଅଧିକାର କର୍ମୀ ମହମ୍ମଦ ସେକ୍ ଲିୟାକତ୍ ଅଲ୍ଲୀ, ପଟ୍ଟାମୁଣ୍ଡାଇ ଓଷଙ୍ଗରାର ଲେଖକ ଓ ସମାଲୋଚକ ଅଭିମନ୍ୟୁ ଧଳଙ୍କୁ ସମ୍ମାନିତ କରାଯାଇଛି । ପଟ୍ଟାମୁଣ୍ଡାଇ ଅଳର ଶିଶୁ ଚିକିତ୍ସକ ଡା. ରଶ୍ମିରଞ୍ଜନ ମହାନ୍ତିଙ୍କୁ ଦେବ ବୈଦ୍ୟ ଅଶ୍ୱିନୀ କୁମାର ସମ୍ମାନ, ବେଲତଳ ଗ୍ରାମର ଅୟୁର୍ବେଦିକ ଓ ଶଲ୍ୟ ଚିକିତ୍ସକ ତଥା କବି ଡା. ମନୋରଞ୍ଜନ ଦାସଙ୍କୁ ସେବା ଓ ସାହିତ୍ୟ ସମ୍ମାନ, ସୋବଲା ଗ୍ରାମର ସମାଜସେବୀ ତଥା ସାରସ୍ୱତ ସାଧକ ପାରେଶ୍ୱର ସାମଲଙ୍କୁ ସ୍ୱତନ୍ତ୍ର ସେବା ଓ ସାରସ୍ୱତ ସମ୍ମାନ, ପଟ୍ଟାମୁଣ୍ଡାଇ ଅଳର ବିଶିଷ୍ଟ ସାହିତ୍ୟିକ ପ୍ରମୋଦ ତ୍ରିପାଠୀଙ୍କୁ ସାହିତ୍ୟ ସମ୍ମାନ, ରାଜନଗର ଅଳର ଶିକ୍ଷକ କଳ୍ପତରୁ ପରିଡାଙ୍କୁ ସ୍ୱତନ୍ତ୍ର ସେବା ଓ ସାହିତ୍ୟ ସମ୍ମାନ, କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟର ଶଲ୍ୟ ଚିକିତ୍ସକ ଡା. ବିରେନ୍ଦ୍ର କୁମାର ଦାସଙ୍କୁ ସ୍ୱତନ୍ତ୍ର ସେବା ଓ ସାହିତ୍ୟ ସମ୍ମାନ, ବସୁପୁର ଗ୍ରାମର ସତ୍ୟସାଇ ସେବା ସଂଗଠନ ତଥା ସମାଜସେବୀ ପ୍ରଜ୍ୱଳିତ ଜେନାଙ୍କୁ ସ୍ୱତନ୍ତ୍ର ସେବା ସମ୍ମାନରେ ସମ୍ମାନିତ କରାଯାଇଛି ।

# ମହିଳା ଉଦ୍ୟୋଗୀଙ୍କ ମନୋବଳ ବଢ଼ାଇବ 'ପରିଚୟ'



**ଲାଞ୍ଜିଗଡ଼, ୧୦।୪ (ସଂଚାର ବ୍ୟୁରୋ):** ଦେଶର ଅଗ୍ରଣୀ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ମହିଳା ସଶକ୍ତିକରଣ ଓ କଳାହାଣ୍ଡିର ସମୃଦ୍ଧ ସାଂସ୍କୃତିକ ଚିତ୍ରକଳାର ଏକ ଜୀବନ୍ତ ଉତ୍ସବ 'ପରିଚୟ' ଆୟୋଜିତ ହୋଇଛି। ଗ୍ରାମୀଣ ଓଡ଼ିଶାର ମହିଳାଙ୍କ ଉଦ୍ୟମିତା ମନୋଭାବକୁ ପାଳନ କରୁଥିବା ଏହି କାର୍ଯ୍ୟକ୍ରମରେ ୬୦ଟି ଗାଁରୁ ୨ ହଜାରରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ମହିଳା ସଶକ୍ତିକରଣ ପାଇଁ ମାସେ ବ୍ୟାପୀ ଉତ୍ସବର ପରିସମାପ୍ତି ଥିଲା 'ପରିଚୟ'। ମାସ ସାରା ବେଦାନ୍ତ ଲାଞ୍ଜିଗଡ଼ କଳାହାଣ୍ଡିର ସୁଦୂର କୋଣଅନୁକୋଣରୁ ମହିଳାଙ୍କୁ କୌତୁକିଆ ଖେଳ ଓ ଗୋଷ୍ଠୀ ଗଠନ କାର୍ଯ୍ୟକଳାପ ମାଧ୍ୟମରେ ଯୋଡ଼ିଥାଏ, ଯାହା ବନ୍ଧୁତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପରିକଳ୍ପନା କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ସମାବେଶୀ ବିକାଶର କେନ୍ଦ୍ରରେ ରହିଥିବା ମହିଳାମାନଙ୍କ ସଶକ୍ତିକରଣ ପ୍ରକଳ୍ପ-ସଖୀ ମାଧ୍ୟମରେ, ସମଗ୍ର କଳାହାଣ୍ଡିରେ ୫ ହଜାରରୁ ଅଧିକ ମହିଳାଙ୍କୁ ସଶକ୍ତ କରି ସ୍ଥାନୀୟ ଉଦ୍ୟୋଗକୁ ସହାୟତା

**କଳାହାଣ୍ଡି ଜିଲ୍ଲାର ୬୦ ଗାଁରୁ ୨ ହଜାର ମହିଳାଙ୍କ ଯୋଗଦାନ**

କରି ଏବଂ ସାମାଜିକ ତଥା ଆର୍ଥିକ ସ୍ୱାଧୀନତାକୁ ସକ୍ଷମ କରି ଗର୍ବିତ। 'ପରିଚୟ' ସେମାନଙ୍କ ଉତ୍ସାହ ଓ ସଫଳତା କାହାଣୀର ଏକ ଉତ୍ସବ। ଆଶ୍ରମପଡ଼ାର ଜଣେ ଏସ୍ଏଚଜି ସଦସ୍ୟ ମମତା ବିଶିକା ନିଜ ଅଭିଜ୍ଞତା ବାଣ୍ଟି ଉଲ୍ଲେଖ କରି କହିଛନ୍ତି ଯେ ପୂର୍ବରୁ ଆମ ପାଖରେ ଆତ୍ମବିଶ୍ୱାସ ଓ ଆୟ ସୁଯୋଗର ଅଭାବ ଥିଲା। ପ୍ରୋଜେକ୍ଟ ସଖୀ ମାଧ୍ୟମରେ ଏସ୍ଏଚଜିରେ ଯୋଗଦେବା ପରେ ମୁଁ ଆର୍ଥିକ ପରିଚାଳନା କରିବା, ଏକ ଛୋଟ ବ୍ୟବସାୟ ଚଳାଇବା ଓ ସର୍ବସାଧାରଣରେ କହିବା ମଧ୍ୟ ଶିଖିଥିଲି। ଆଜି ମୁଁ ଗର୍ବର ସହ ସଖୀ ଉତ୍ସବ ପରି ପ୍ରଦର୍ଶନୀରେ ଆମର ଉତ୍ପାଦ ବିକ୍ରି କରିବା ସହ ମୋର ଆୟ ପିଲାଙ୍କ ପାଠପଢ଼ାକୁ ସମର୍ଥନ କରୁଛି। 'ପରିଚୟ'ରେ ୧୮ଟି ଏସ୍ଏଚଜିଙ୍କ ଷ୍ଟଲ ରହିଛି, ଯେଉଁଥିରେ ମହୁ, କୋଳଥ ଡାଲି, ବାଜରା ଆଦି ପ୍ରସ୍ତୁତ ହେଉଛି। ବିସ୍କୁଟ, ଘଣା ତେଲ, ମସଲା, କାଗଜ ପ୍ଲେଟ ଓ ପରିବେଶ ଅନୁକୂଳ ସଫେଇ ସାମଗ୍ରୀ ସମେତ ବିଭିନ୍ନ ହସ୍ତଶିଳ୍ପ ଓ ଜୈବିକ ଉତ୍ପାଦ ଉପସ୍ଥାପନ କରାଯାଇଛି। ଉଲ୍ଲେଖନୀୟ ଆକର୍ଷଣ ମଧ୍ୟରେ 'ସଖୀ ରୋଷେଇ', ଏସଏଚଜି ମହିଳାଙ୍କ ଦ୍ୱାରା ପରିଚାଳିତ ଏକ ସିଧାସଳଖ ରୋଷେଇ କାଉଣ୍ଟର, ଏକ ମାଟିପାତ୍ର ପ୍ରସ୍ତୁତ ପ୍ରଦର୍ଶନ ଓ ସ୍ଥାନୀୟ କାରିଗରଙ୍କ ଦ୍ୱାରା ଢୋକ୍ରା ଓ ସଉରା କଳା ଆଦି ସାମିଲ। କାର୍ଯ୍ୟକ୍ରମରେ ଆକର୍ଷଣୀୟ କାର୍ଯ୍ୟକଳାପ, ୭ଟି ଗ୍ରାମରୁ ଲୋକନୃତ୍ୟ ପ୍ରଦର୍ଶନ ଓ ୧୧ ଜଣ ପ୍ରେରଣାଦାୟୀ ସଫଳ ମହିଳାଙ୍କୁ ସେମାନଙ୍କ ଉଦ୍ୟୋଗୀ ଉତ୍କର୍ଷତା ପାଇଁ ସମ୍ମାନିତ କରିବା ସକାଶେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଛି।

## ଟିଟିଲାଗଡ଼ରୁ ଉଦ୍ଧାର ହେଲା ବଲାଙ୍ଗିରରେ ବିକ୍ରି ଶିଶୁପୁତ୍ର



**ବଲାଙ୍ଗିର, ୧୦।୪ (ସଂଚାର ବ୍ୟୁରୋ):** ବଲାଙ୍ଗିରରେ ବିକ୍ରି ଟିଟିଲାଗଡ଼ରୁ ଉଦ୍ଧାର । ବଲାଙ୍ଗିର ସହର ମାଲପଡାରୁ ବିକ୍ରି ହୋଇଥିବା ଶିଶୁପୁତ୍ରକୁ ଟିଟିଲାଗଡ଼ରୁ ଉଦ୍ଧାର ହୋଇଛି । ଗତକାଲି ନବଜାତ ଶିଶୁ ପୁତ୍ର ବିକ୍ରି ନେଇ ଅଭିଯୋଗ ହୋଇଥିଲା । ଏହାପରେ ତଦନ୍ତ ଆରମ୍ଭ କରିଥିଲା ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଶିଶୁ ମଙ୍ଗଳ ସମିତିର ଏକ ସ୍ୱତନ୍ତ୍ର ଟିମ୍ । ପ୍ରସୂତି ଜଣଙ୍କ ଏପ୍ରିଲ ୬ ତାରିଖରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ ।

ଡାକ୍ତରଖାନାରୁ ଡିସଚାର୍ଜ ପରେ ପ୍ରସୂତି ଜଣଙ୍କ ୨୦ ହଜାର ଟଙ୍କାରେ ଟିଟିଲାଗଡର କୁନି ପଷାୟତ ନାମକ ଜଣେ ମହିଳାଙ୍କୁ ବିକ୍ରି କରିଦେଇଥିଲେ। ଉଦ୍ଧାର ପରେ ଶିଶୁମଙ୍ଗଳ ସମିତିକୁ ହସ୍ତାନ୍ତର କରିଛି ପୋଲିସ। ତେବେ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ଓ ପାଟଣାଗଡ଼ ନବଜାତ ଶିଶୁବିକ୍ରି ହବ୍ ପାଲଟିଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବୋଲି ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ।

## ଘରୋଇ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



**ଗୁଣପୁର, ୧୦।୪ (ସଂଚାର ବ୍ୟୁରୋ) :** ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ରାୟଗଡା ଜିଲ୍ଲା ଗୁଣପୁର ଘରୋଇ ଯାନ୍ତ୍ରିକ ବିଶ୍ୱ ବିଦ୍ୟାଳୟରେ ଅଘଟଣ । କଂପ୍ୟୁଟର ସାଇନ୍ସ ବିଭାଗର ଶେଷବର୍ଷ ଛାତ୍ରଙ୍କ ଆତ୍ମହତ୍ୟା ଅଭିଯୋଗ । ମୃତ ଛାତ୍ର ଜଣଙ୍କ ସନ୍ଦୀପ ଲେଙ୍କା । ତାଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ରାଜନଗର ଅଞ୍ଚଳର ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି । ଗତକାଲି କମ୍ପ୍ୟୁଟର ସାଇନସ ବିଭାଗ ଶେଷ ବର୍ଷର ଛାତ୍ରମାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଥିଲା। ଏହା ପରେ ବିଳମ୍ବିତ ରାତି ଯାଏଁ ସନ୍ଦୀପ ଶୋଇ ନଥିବା ସହପାଠୀମାନେ ଦେଖିବାକୁ ପାଇଥିଲେ। ଆଜି ସାକଳେ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ମୃତ ଛାତ୍ର ଜଣଙ୍କ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ଚାକିରି ପାଇଥିଲେ । ନିଯୁକ୍ତି ପାଇବା ପରେ ପରୀକ୍ଷା ଦେବାକୁ କିଛିଦିନ ହେବ ଗୁଣପୁର ଆସିଥିଲେ।

## ମାଫିଆ ଖସାଇନେଲେ ବାଲି ବୋଝେଇ ଟ୍ରାକ୍ଟର



**ଉଦଳା, ୧୦।୪ (ସଂଚାର ବ୍ୟୁରୋ) :** ବାଲି ମାଫିଆଙ୍କ ଗୁଣ୍ଡାରାଜ । ନଦୀରେ ରଖାଇ ଦେଉ ନାହାଁନ୍ତି ବାଲି । ରାତି ଦିନ ଏକାଠି କରି ଚଳାଇଛନ୍ତି କାରବାର। ଏହି ମାଫିଆ ମାନେ ବାଲି ଚୋରା ଚାଲାଣ କରିବା ପାଇଁ ଖାଲି ସୁଯୋଗ ଖୋଜି ବୁଲୁଛନ୍ତି । ରାତି ଦିନ କିଛି ଖାତିର୍ କରୁ ନାହାଁନ୍ତି । ଏମାନେ କିଛି ବି କରୁଛନ୍ତି ଯେମିତି ପୋଲିସ ହାତରେ ଧରା ନପଡ଼ିବେ । ପୁଣି ପ୍ରଶାସନ ହାତ ପାହାନ୍ତରୁ ଖସାଇ ନେଇଛନ୍ତି ବାଲି ଟ୍ରାକ୍ଟର ।

ହଁ ଆଜ୍ଞା, ଦିନ ଦ୍ୱିପହରରେ ନଦୀରୁ ବାଲି ଉଠାଇ ଟ୍ରାକ୍ଟରରେ ଭର୍ତ୍ତି କରି ନେଉଥିଲେ ବାଲି ମାଫିଆ । ଠିକ୍ ସେହି ସମୟରେ ବାଇକରେ ଆସି ବେଆଇନ ବାଲିଘାଟ ଭିତରେ ପଶିଲେ ଆଉ ବାଲି ଗାଡି ଜବତ କରିଥିଲେ ତହସିଲଦାର । ଅତିରିକ୍ତ ତହସିଲଦାରଙ୍କୁ ଦେଖି ବାଲି ମାଫିଆ ଛାନିଆ ହୋଇଯାଇଥିଲେ । କଣ କରିବେ ଜୀବନ ନେଇ ଖସିବାକୁ ଚେଷ୍ଟା କରିଥିଲେ। ୩ ଗୋଟି ଟ୍ରାକ୍ଟରରୁ ଗୋଟିଏ ଟ୍ରାକ୍ଟର ଇଂଜିନ ନେଇ ମାଫିଆ ଫେରାର ହୋଇଯାଇଥିବା ବେଳେ ଆଉ ୨ ଗୋଟି ଟ୍ରାକ୍ଟର ଛାଡି ଖସିଗଲେ ମାଫିଆ। ଏଭଳି ଘଟଣା ଘଟିଛି କପ୍ତିପଦା ତହସିଲ ଶୁଣ୍ଢିଳ ଗାଁରେ ।

ଶୁଣ୍ଢିଳ ଗାଁରେ ପ୍ରବାହିତ ସୋନ ନଦୀରେ ବେଆଇନ ବାଲି ଉତ୍ତୋଳନ ହେଉଥିବା ଖବର ପାଇ କପ୍ତିପଦା ଅତିରିକ୍ତ ତହସିଲଦାର ଘାଟରେ ଚଢ଼ାଉ କରିଥିଲେ । ବେଆଇନ ଭାବେ ୩ ଗୋଟି ଟ୍ରାକ୍ଟରରେ ବେଆଇନ ବାଲି ଲୋଡ଼ ଚାଲିଥିବା ବେଳେ ଅଧିକାରୀଙ୍କୁ ଦେଖି ମାଫିଆମାନେ ଟ୍ରାକ୍ଟର ଖସାଇ ନେବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ଗୋଟିଏ ଟ୍ରାକ୍ଟର ଓଲଟି ଯିବାରୁ ତାର ଡାଲାକୁ ଛାଡି ଇଂଜିନ ନେଇ ମାଫିଆ ଫେରାର ହୋଇଥିବା ବେଳେ ଆଉ ଏକ ଟ୍ରାକ୍ଟର ଖସାଇ ନେବା ବେଳେ ବାଲିରେ ଫସି ଯାଇଥିଲା । ଯାହା ଫଳରେ ମାଫିଆମାନେ ଟ୍ରାକ୍ଟର ଛାଡି ଫେରାର ହୋଇଯାଇଥିଲେ । ୧୫ ରୁ ଅଧିକ ମାଫିଆ ଖସିଯିବା ସହ ଗୋଟିଏ ଟ୍ରାକ୍ଟର ଖସାଇ ନେଇଥିଲେ । ତହସିଲ ପ୍ରଶାସନ ୨ ଗୋଟି ଟ୍ରାକ୍ଟର ଏବଂ ଗୋଟିଏ ଡାଲା ଜବତ କରିଛି । ଜବତ ଟ୍ରାକ୍ଟର ଗୁଡିକ ନମ୍ବର ବିହୀନ ।

## ଅଜଣା ଜନ୍ତୁ କାମୁଡ଼ାରେ ୩ ଗୁରୁତର



**ଆନନ୍ଦପୁର, ୧୦।୪ (ସଂଚାର ବ୍ୟୁରୋ):** ଗାଁରେ ମାତିଛି ଅଜଣା ଜୀବ। ଆକ୍ରମଣରେ ୩ ଗୁରୁତର ହୋଇଛନ୍ତି । ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ନୂଆଗାଁରେ ଅଜଣା ଜୀବ ଆତଙ୍କ ଦେଖା ଦେଇଛି । ଜୀବ ଆକ୍ରମଣରେ ୩ ଜଣ ଗୁରୁତର ହୋଇ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଗୁରୁତର ହେଲେ ବନମାଳୀ ମହାନ୍ତି, ତାଙ୍କ ପୁଅ ବିରଞ୍ଚି, ଏବଂ ସାଇଁକୁଳ ଗାଁର ଗୟାଧର ପ୍ରଧାନ। ବନ ବିଭାଗ ଜୀବଟିକୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି । ସୂଚନା ଅନୁସାରେ ଗାଁର ବନମାଳୀ ମହାନ୍ତି ଶୌଚ ହେବାକୁ ଯାଉଥିବା ସମୟରେ ତାଙ୍କୁ ଏହି ଅଜଣା ଜୀବଟି ଆକ୍ରମଣ କରି ଗୋଡ଼କୁ କାମୁଡି ପୁଳା ପୁଳା ମାଂସ ନେଇଯାଇଛି । ସେହିଭଳି ତାଙ୍କ ପୁଅ ବିରଞ୍ଚିଙ୍କୁ ମଧ କାମୁଡି ଥିଲା। ଏହା ସହିତ ସାଇଁକୁଳ ଗାଁର ଗୟାଧର ପ୍ରଧାନ କାଜୁ ବାଡ଼ି ଜଗିଥିବା ସମୟରେ ତାଙ୍କୁ ମଧ ଗୋଡ଼ାଇ ଗୋଡ଼ାଇ କାମୁଡି ଥିଲା । ତେବେ ୩ ଜଣ ଯାକ ଗୁରୁତର ଅବସ୍ଥାରେ ଆନନ୍ଦପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପଟେ ବନ ବିଭାଗ ଉକ୍ତ ଜୀବକୁ ଜାଲ ପକାଇ କାବୁ କରିବା ପରେ ଅଧିକ ତଦନ୍ତ ଜାରି ରଖିଛି ।

# ନାଳ ଉପରୁ ଜବରଦଖଲ ଉଚ୍ଛେଦ ନାମକୁ ମାତ୍ର

**କଟକ, ୧୦।୪(ସଂଚାର ବ୍ୟୁରୋ):** କଟକ ସହରରେ ଜଳବନ୍ଦୀ ସମସ୍ୟାର ସମାଧାନ ଓ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କଟକ ମହାନଗର ନିଗମ (ସିଏମ୍ସି) ନାଳ ଉପରେ ଥିବା ଜବରଦଖଲ ଉଚ୍ଛେଦ କରିବା ସହ ନିୟମିତ ନାଳ ସଫେଇ ଓ ପଙ୍କୋଦ୍ଧାର ପାଇଁ ୩ଟି ଠିକାସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରିଛି। କିନ୍ତୁ ନାଳ ଉପରେ ଜବରଦଖଲ ଯୋଗୁଁ ଠିକାସଂସ୍ଥା ସଠିକ ଭାବେ ନାଳ ସଫେଇ ଓ ପଙ୍କୋଦ୍ଧାର କାର୍ଯ୍ୟ କରିପାରୁନାହିଁ। ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ କଟକ ସହରରେ ଅନେକ ନାଳ ଉପର ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ଦୋକାନଘର କରି ଭଡ଼ା ଲଗାଇଛନ୍ତି। ସିଏମ୍ସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ମଧ୍ୟ ପ୍ରିୟାପ୍ରୀତିତୋଷଣ ମନୋଭାବ ଯୋଗୁଁ କେତେକ ସ୍ଥାନରେ ଜବରଦଖଲ ଉଚ୍ଛେଦ ପ୍ରତି ମନଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ସିଏମସି କର୍ମଚାରୀ ହାତଗୁଞ୍ଜା ନେଇ ଜବରଦଖଲକାରୀଙ୍କୁ ସୁରକ୍ଷା ଦେଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ନାଳ ଉପରୁ ଜବରଦଖଲ ଉଚ୍ଛେଦ

**ମୌସୁମୀ ପୂର୍ବରୁ ସଠିକ୍ ପଦକ୍ଷେପ ନେଉ ସିଏମ୍ସି**

କରାନଗଲେ ଆଗକୁ ମୌସୁମୀଜନିତ ବର୍ଷାରେ କଟକ ସହର ପୁଣି ଜଳବନ୍ଦୀ ହେବା ନିଶ୍ଚିତ। ସିଏମସି ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବେଆଇନ ଜବରଦଖଲ ହଟିପାରୁନାହିଁ। ବରଂ ଜବରଦଖଲକାରୀଙ୍କୁ ସୁରକ୍ଷା



ଦିଆଯାଉଛି। ଠିକାସଂସ୍ଥାଠାରୁ ମୋଟାଅଙ୍କର ହାତଗୁଞ୍ଜା ନେଇ ସିଏମ୍ସି ଅଧିକାରୀମାନେ ଚୁପ୍ ହୋଇ ବସିଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ସମ୍ପୃକ୍ତ ଠିକାସଂସ୍ଥାକୁ ଯେଉଁ ଉଦ୍ଦେଶ୍ୟ ନେଇ ମୋଟା ଅଙ୍କର ଅର୍ଥ ଗଣାଯାଉଛି, ତା' ମଧ୍ୟ ସାଧିତ ହେବା ପରି ଲାଗୁନାହିଁ। ତେଣୁ ଆଗାମୀ ମୌସୁମୀଜନିତ ବର୍ଷା ପୂର୍ବରୁ ସିଏମ୍ସି ଅଧିକାରୀମାନେ କଟକ ସହରବାସୀ କିପରି ବର୍ଷା ଯୋଗୁଁ ହଇରାଣ ହରକତ ନ ହେବେ, ସେଥିପ୍ରତି ଦୃଷ୍ଟି ଦେବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବିଶେଷକରି ମେୟର୍ ମୌସୁମୀ ପୂର୍ବରୁ କଟକ ସହରରେ ସମସ୍ତ ନାଳ ଉପରୁ ଜବରଦଖଲ ହଟିବା ସହ ପଙ୍କୋଦ୍ଧାର କାର୍ଯ୍ୟ ସଠିକ୍ ଭାବେ ସମ୍ପାଦନ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଲୋକେ ମତ ଦେଉଛନ୍ତି। ହାଇକୋର୍ଟ ଜବରଦଖଲ ପ୍ରସଙ୍ଗରେ ଯେଉଁ ଆଦେଶ ଜାରି କରିଛନ୍ତି, ତାକୁ ମଧ୍ୟ ପାଳନ କରାଗଲେ, କଟକବାସୀଙ୍କ ଦୁଃଖ ଦୂର ହୋଇପାରିବ ବୋଲି ଲୋକେ କହିଛନ୍ତି।

## ଶ୍ମଶାନରୁ ଶବ ନେଇଗଲେ ଦୁର୍ବୃତ୍ତ



**ଭଦ୍ରକ, ୧୦।୪ (ସଂଚାର ବ୍ୟୁରୋ):** ଶ୍ମଶାନରୁ ଶବ ଗାଏବ । ପୋତାଯାଇଥିବା ଶବ ନେଇଗଲେ ଦୁର୍ବୃତ୍ତ । ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ମଣିନାଥପୁର ଗାଁରେ ଏପରି ଚାଞ୍ଚଲ୍ୟ ଦେଖା ଯାଇଛି। ଅଭିଯୋଗ ଅନୁଯାୟୀ, ମଣିନାଥପୁର ଗ୍ରାମର ଶ୍ରୀମନ୍ତ ସାମଲଙ୍କ ସ୍ତ୍ରୀ ରୁକ୍ମଣୀ ସାମଲଙ୍କ ମୃତଦେହକୁ ଗାଁ ନିକଟ ବୈତରଣୀ ନଦୀ ପଠା ସ୍ୱର୍ଗଦ୍ୱାର ଶ୍ମଶାନରେ ପାରମ୍ପରିକ ରୀତି ଅନୁଯାୟୀ ଗାତ ଖୋଳି ପୋତି ଦିଆଯାଇଥିଲା । ଆଜି ଭୋରୁ ଦଶାହ କର୍ମ ପାଇଁ ପୁଅ ମଶାଣିକୁ ଯାଇଥିବାବେଳେ ଶବ ନଥିବା ଦେଖିଥିଲେ । ଶବ ପୋତାଯାଇଥିବା ସ୍ଥାନ ଖୋଲାପଡିଥିଲା । ଏପରିକି ଶବ ପୋତାଯାଇଥିବା ସ୍ଥାନରେ ମଦ ବୋତଲ ଓ ପାଣି ବୋତଲ ମଧ୍ୟ ପଡିଥିଲା । ସନ୍ଦେହ ହେବାରୁ ଗାଁ ଲୋକଙ୍କୁ ଡାକିଥିଲେ ପୁଅ ତାପସ । ଶ୍ମଶାନରେ ଶବ ନଥିବା ଦେଖିବାକୁ ପାଇଥିଲେ ଗାଁଲୋକ। ଏନେଇ ମୃତକ ରୁକ୍ମିଣୀଙ୍କ ସ୍ୱାମୀ ଶ୍ରୀମନ୍ତ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି ।

## ୧ ଟଙ୍କିଆ କ୍ଲିନିକ୍‌ରେ ଦନ୍ତ ଚିକିତ୍ସା ସୁବିଧା



**ଭୁବନେଶ୍ୱର, ୧୦।୪ (ସଂଚାର ବ୍ୟୁରୋ):** ଆଜି ଠୁ ୧ ଟଙ୍କାରେ ଦନ୍ତ ଚିକିତ୍ସା ପାଇବେ ରୋଗୀ । ଗରିବ ରୋଗୀଙ୍କ ପାଇଁ ଡ ଶଙ୍କର ରାମଚନ୍ଦାନୀ ୧ ଟଙ୍କାରେ ଦନ୍ତ ଚିକିତ୍ସା ଆରମ୍ଭ କରିଛନ୍ତି। ଅତ୍ୟାଧୁନିକ ମେସିନ ସାହାଯ୍ୟରେ ଦନ୍ତ ଚିକିତ୍ସା କରିବେ ଶଙ୍କରଙ୍କ ଧର୍ମପତ୍ନୀ ଡ.ଶିଖା । ପୂର୍ବରୁ ଡ.ଶଙ୍କର ରାମଚନ୍ଦାନୀ ଭାରତରେ ପ୍ରଥମ ଏକ ଟଙ୍କିଆ କ୍ଲିନିକ ଖୋଲି ବିଭିନ୍ନ ସ୍ୱାସ୍ଥ୍ୟ ସେୱା ଯୋଗାଉଛନ୍ତି । ଏବେ ଯୋଡି ହେଲା ଆଉ ଏକ ଟଙ୍କିଆ ଦନ୍ତ ଚିକିତ୍ସା କେନ୍ଦ୍ର । ରାମଚନ୍ଦାନୀ କହିଛନ୍ତି ନିଜ ମାଁଙ୍କ ସ୍ୱପ୍ନ ଟଙ୍କିକିଆ କ୍ଲିନିକ କରିଥିବା ବେଳେ ତାଙ୍କ ସ୍ମୃତିରେ ଏହି ଦନ୍ତ ଚିକିତ୍ସା ଆରମ୍ଭ କରିଥିବା କହିଛନ୍ତି। ତେବେ ଲୋକଙ୍କ ସମସ୍ୟାକୁ ଦେଖି ଶଙ୍କରଙ୍କ ସ୍ତ୍ରୀ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି । ତେବେ ଟଙ୍କିକିଆ କ୍ଲିନିକରେ ପୁର୍ବରୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହ ପର୍ଯ୍ୟାୟ କ୍ରମେ ଏକ ଟଙ୍କିଆ ଇସିଜି, ନେବୁଲାଇଜର, ଆଶା ବାଡି , ରାତ୍ରୀ ରହଣୀ ସେବା ରହିଥିବା ବେଳେ ଏବେଠୁ ଦନ୍ତ ଚିକିତ୍ସା ସୁବିଧା ମିଳିବ । ଦୀର୍ଘ ୪ ବର୍ଷ ହେବ ଟଙ୍କିଆ କ୍ଲିନିକରେ ୮୮ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଲେଣି। ଏଭଳି ନିରନ୍ତର ଭାବେ ଚିକିତ୍ସା ମିଳିଥିବା ଯୋଗୁଁ ରୋଗୀ ତଥା ତାଙ୍କ ପରିଜନ ବେଶ୍ ଖୁସି ହୋଇଛନ୍ତି। ଉଭୟ ସ୍ୱାମୀ ସ୍ତ୍ରୀଙ୍କ ଏହି ଟଙ୍କିକିଆ କ୍ଲିନିକ ଜାରି ରହିଛି । ଲୋକଙ୍କ ସହଯୋଗ ଓ ଭଗବାନଙ୍କ ଆର୍ଶୀବାଦ ଯୋଗୁ ଆଗକୁ ଟଙ୍କିକିଆ କ୍ଲିନିକରେ ଆହୁରି ସେବା ଯୋଗାଇବା ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି ।

## ବାଙ୍ଗିରିପୋଷିରେ ପୁଣି କଳାବାଘ ଆତଙ୍କ



**ବାଙ୍ଗିରିପୋଷି, ୧୦।୪ (ସଂଚାର ବ୍ୟୁରୋ) :** ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଅଞ୍ଚଳରେ ପୁଣି କଳା ବାଘ ଆତଙ୍କ । ଶିମିଳିପାଳ ପାଦ ଦେଶରେ ଥିବା ପିଠାବଟା ନର୍ଥ ୱାଇଲଡ ଲାଇଫ ରେଞ୍ଜ ଅଧୀନ ଚାକିଡ଼ି ଓ ସୋରିଷପାଳ ଗ୍ରାମ ପଞ୍ଚାୟତର ଜାମତଳିଆ, ଖଡିଘାଟି, କୁସୁମତୋଟା, ବାରିବେଡା, ଫୁଲଝରଣ, ଜାରକାଣି, ବସିଲାକଚା, ବାଉଁଶ ପାହାଡି, ଚିଲିକି, ନେଦାମ ପ୍ରମୁଖ ଗ୍ରାମ ଗୁଡିକ ନିକଟରୁ ଗୃହ ପାଳିତ ପଶୁ ମାନଙ୍କୁ ଆକ୍ରମଣ କରି ଏକ କଳାବାଘ ବୋଲି ଉକ୍ତ ଅଞ୍ଚଳର ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି।

ପୂର୍ବରୁ ପାଦ ଚିହ୍ନ ଦେଖି ତାହା କଲରା ପତରିଆ ବାଘ ବୋଲି ବନ ବିଭାଗ କହିଥିବା ବେଳେ ଉକ୍ତ ଅଞ୍ଚଳରେ ଏକ କଳାବାଘ ଲୋକଙ୍କ ଅତି ନିକଟତର ପହଞ୍ଚିଥିବା ନେଇ ଗ୍ରାମବାସୀଙ୍କ ଦ୍ୱାରା କରାଯାଇଥିବା ଭିଡିଓ ଭାଇରଲ ହେବାରେ ଲାଗିଛି। ସ୍ପଷ୍ଟ ଦିବାଲୋକରେ ରାସ୍ତା କୋଡରେ ବାଘଟି ଶିକାର ପାଇଁ ଛପି ରହିଥିବା ଦେଖିବାକୁ ମିଳିଥିଲା। ତେବେ ସମସ୍ତେ ପାଟି କରିବାରୁ ଦୌଡ଼ି ପଳାଇଥିଲା। ଅନ୍ୟପକ୍ଷେ ବାଘ ଟି ଏବେ ଗ୍ରାମଆଭିମୁଖୀ ହେଉଥିବାରୁ ଏହା ଉଭୟ ଗ୍ରାମବାସୀ ଓ ବାଘ ପାଇଁ ବିପଦ ସୃଷ୍ଟି କରିବାରେ ଲାଗିଛି। ପ୍ରକାଶ ଯୋଗ୍ୟ, ଗତ ଫେବୃଆରୀ ୯ ତାରିଖ ସୋରିଷପାଳ ପଞ୍ଚାୟତ ଅନ୍ତର୍ଗତ ନେଦାମ ନିକଟସ୍ଥ ଜଙ୍ଗଲରେ ଜିତୁ ମାରାଣ୍ଡିଙ୍କ ଏକ ବଳଦକୁ ବାଘ ମାରି ଦେଇଥିବା ବେଳେ ଦୁର୍ଗା ହାଁସଦା ଙ୍କ ଏକ ମଇଁଷି ଓ ଘୁଷୁରିକୁ ଦରମରା କରି ଦେଇଥିଲା। ସେହିପରି ବାରିବେଡ଼ା ଗ୍ରାମର ଲାଛୁରାମ ମୁର୍ମୁ, କୁଶାଳ ମୁର୍ମୁ, ଦୁଲାରାମ ମୁର୍ମୁ ନିକଟସ୍ଥ ଜଙ୍ଗଲକୁ ଗୋରୁ ଚରାଇବା ପାଇଁ ଯାଇଥିବା ବେଳେ ସେଥି ମଧ୍ୟରୁ ନିଖୋଜ ଥିବା ୩ଟି ଗୋରୁଙ୍କ କ୍ଷତାକ୍ତ ମୃତଦେହ ଜଙ୍ଗଲରୁ ଗ୍ରାମବାସୀ ମାନେ ଉଦ୍ଧାର କରିଥିଲେ। ଖବର ପାଇ ପିଠାବଟା ଉତ୍ତର ରେଞ୍ଜ ର ବଡ଼ଗାଁ ରେଞ୍ଜ ଅଧିକାରୀ ମନ ରଞ୍ଜନ ନାଏକ , ଫରେଷ୍ଟର ସଂଜୟ କୁମାର ସେଠୀ ଓ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘପାଦ ଚିହ୍ନ ତଦନ୍ତ କରିଥିଲେ। ତେବେ ବନ ବିଭାଗ ତାହା ଏକ କଲରା ପତରିଆ ବାଘ କହୁଥିବା ବେଳେ ଭିଡିଓ ରୁ କଳାବାଘ ବୋଲି ଜଣାପଡୁଛି।ସବୁଜାଣି ମଧ ବନ ବିଭାଗ ଚୁପ ହୋଇ ବସି ରହୁଥିବା ଯୋଗୁ ଗ୍ରାମବାସୀ ମାନଙ୍କ ମଧରେ ଅସନ୍ତୋଷ ଦେଖାଯାଇଛି। ଏନେଇ ବନ ବିଭାଗ ତରଫରୁ କୌଣସି ସ୍ପଷ୍ଟ ଉତ୍ତର ମିଳିପାରିନାହିଁ।

### ଗ୍ରୁପ୍ ଲୋନ କରାଇଦେବାକୁ କହି ଲକ୍ଷାଧିକ ଲୁଟ୍
## ଟଙ୍କା ସୁଝିବାକୁ ଆସିଛି ନୋଟିସ୍



**ଚାନ୍ଦବାଲି, ୧୦।୪ (ସଂଚାର ବ୍ୟୁରୋ) :** ଲୋନ କରାଇଦେବା ଆଡରେ ମହିଳାଙ୍କ ଠାରୁ ଲୁଟିନେଲେ ଲକ୍ଷାଧିକ ଟଙ୍କା । ଧନୀ କ୍ରେଡିଟ କାର୍ଡ ମାଧ୍ୟମରେ ଲୋନ କରାଇ ଦେବ କହି ଗାଁ ଲୋକଙ୍କୁ କରିଥିଲା ଟାର୍ଗେଟ । ଆଉ ମିଠା ମିଠା କଥାରେ ଫସାଇ ଗ୍ରାମବାସୀଙ୍କ ଠାରୁ ପ୍ୟାନ କାର୍ଡ ଆଧାର କାର୍ଡ ଆଣି ଲୋନ ମଧ୍ୟ କରିଥିଲା । ହେଲେ ଲୋନ କରାଇବା ପରେ ସବୁ ଗ୍ରାମବାସୀଙ୍କ ଲୋନ ଟଙ୍କା ଧରି ଚମ୍ପଟ ମାରିଥିଲା । ଏବେ ନିଜ ନାଁରେ ହୋଇଥିବା ଲୋନ ସୁଝୁଛନ୍ତି ଗାଁ ଲୋକେ । ଅଭିଯୁକ୍ତ ଜଣକ ହେଲା କଟକ ଅଞ୍ଚଳର ଯୁବକ ଦିଲ୍ଲିପ ସ୍ୱାଇଁ । ଯାହାର କାରନାମା ଶୁଣିଲେ ଆପଣଙ୍କର ବି ମୁଣ୍ଡ ଗରମ ହେଇଯିବ । ଧାମରା ଅଞ୍ଚଳର ପାଖାପାଖି ୪୦୦ ରୁ ଉର୍ଦ୍ଧ୍ୱ ମହିଳାଙ୍କ ନାମରେ ଧନୀ କାର୍ଡ କରି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ଆଣିଛନ୍ତି ଭଦ୍ରକ ଜିଲ୍ଲା ଧାମରା ଅଞ୍ଚଳର ଶତାଧିକ ମହିଳା । ଅଭିଯୋଗ ଅନୁସାରେ ଚାନ୍ଦବାଲି ବ୍ଲକ ଜାଗୁଲା ପଞ୍ଚାୟତ ଡିଆଁ ନରସିଂହପୁର ଗ୍ରାମର ମହିଳାଙ୍କୁ ଲୋନ୍ କରାଇଦେବା କହି ସେମାନଙ୍କ ନାମରେ ପ୍ରଥମେ ଧନୀ କାର୍ଡ ଆବେଦନ କରାଇଥିଲା ଠକ ଦିଲ୍ଲିପ ସ୍ୱାଇଁ । ପରେ ସେହି ଧନୀ କାର୍ଡକୁ ଏକ ଘରୋଇ କମ୍ପାନୀ ପାଖରେ ବନ୍ଧକ ରଖି ମହିଳାଙ୍କୁ ୨୫ ହଜାର ଟଙ୍କା ଋଣ ପ୍ରଦାନ କରାଗଲା ବୋଲି ଏକ ଚୁକ୍ତି ପତ୍ର କରିନେଇଥିଲା ଏହି ଫ୍ରଡ୍ ଯୁବକ । ହେଲେ ମହିଳାଙ୍କୁ କୌଣସି ଟଙ୍କା ଦିଆଯାଇନଥିବା ବେଳେ ଧନୀର କୌଣସି କ୍ରେଡିଟ କାର୍ଡ ମଧ ମହିଳାଙ୍କୁ ଦିଆ ଯାଇନଥିଲା । ହେଲେ ଉକ୍ତ ଘଟଣାକୁ ଏକ ବର୍ଷ ପୂରିବା ପରେ ଲୋନ ଶୁଝିବା ପାଇଁ ମହିଳାଙ୍କ ନିକଟରୁ ନୋଟିସ ଆସିବା ପରେ କିଭଳି ଏହି ମହାଠକ ଗାଁର ନିରୀହ ମହିଳାମାନଙ୍କୁ ଚୂନ ଲଗାଇଥିଲେ ତାହା ଜଣାପଡ଼ିଥିଲା । ତେବେ ଦିଲ୍ଲିପ ସ୍ୱାଇଁ ନାମକ ଯୁବକ ମହିଳାଙ୍କ ନାମରେ ଲୋନ କରି ପାଖାପାଖି ୧୫ ରୁ ୨୦ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ କରିଛନ୍ତି ମହିଳା। ଯାହାକୁ ନେଇ ପୁର୍ବରୁ ଦିଲ୍ଲିପ ସ୍ୱାଇଁଙ୍କ ନାମରେ ଧାମରା ଥାନାରେ ଏକ ଲିଖିତ ଅଭିଯୋଗ ମଧ ହୋଇଥିଲା । ହେଲେ ଅଭିଯୋଗକୁ ଦୀର୍ଘ ଦିନ ବିତିଯାଇଥିଲେ ମଧ ଉକ୍ତ ବ୍ୟକ୍ତିଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏବେ ମହିଳା ମାନଙ୍କ ନାମରେ ଚାଲିଥିବା ଲୋନକୁ ବନ୍ଦ କରିବା ସହିତ ଉକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ଠକାମୀର ଶିକାର ହୋଇଥିବା ମହିଳାମାନେ ।

# ପୁରୁଣା ପ୍ରକଳ୍ପର ନାମ ଓ ରଙ୍ଗ ବଦଳାଉଛନ୍ତି ସରକାର: ବିଜେଡି




**ଭୁବନେଶ୍ୱର, ୧୦।୪(ସଂଚାର ବ୍ୟୁରୋ):** ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଲ୍ଲୀରେ ସ୍ୱାକ୍ଷର ହୋଇଥିବା ଏମଓୟୁ ମଧ୍ୟରୁ ପାରାଦୀପସ୍ଥିତ ଇଣ୍ଡିଆନ ଅଏଲର ସମ୍ପ୍ରସାରଣ ସହ ସେଠାରେ ଇଣ୍ଟିଗ୍ରେଟେଡ଼ ନାପଥା କ୍ରାକର ପ୍ରକଳ୍ପ ସ୍ଥାପନ ପାଇଁ ହୋଇଥିବା ଚୁକ୍ତି ପୂର୍ବ ସରକାରଙ୍କ ସମୟରେ ଅନୁମୋଦିତ ହୋଇଥିବା ବେଳେ ଏହାକୁ ପୁଣିଥରେ କରି ରାଜ୍ୟ ସରକାର ମିଛ ବାହାବା ନେଉଥିବା ବିଜେଡି ଅଭିଯୋଗ କରିଛନ୍ତି।

ଶଙ୍ଖ ଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଓ ଜାତୀୟ ମୁଖପାତ୍ର ଡ ସଂତୃପ୍ତ ମିଶ୍ର କହିଛନ୍ତି ଯେ ରାଜ୍ୟବାସୀଙ୍କୁ ପ୍ରକୃତ ତଥ୍ୟ ନଦେଇ କେବଳ ପୂର୍ବ ପ୍ରକଳ୍ପଗୁଡିକର ନାମ ଓ ରଙ୍ଗ ବଦଳାଇ ନିଜର ବୋଲି ଦାବି କରିବା ରାଜ୍ୟ ସରକାରଙ୍କ ଏକ ଅଭ୍ୟାସରେ ପରିଣତ ହୋଇଛି। ଏହାର ସବୁଠାରୁ ବଡ଼ ଉଦାହରଣ ହେଉଛି ନିକଟରେ ପାରାଦୀପସ୍ଥିତ ଇଣ୍ଡିଆନ ଅଏଲ ପ୍ରକଳ୍ପର ସମ୍ପ୍ରସାରଣ ଓ ନାପଥା କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ହୋଇଥିବା ଚୁକ୍ତି। ଗତ ୨୦୧୮ ଜାନୁଆରୀ ୧୧ରେ ଶ୍ରୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ପାରାଦୀପରେ ଇଣ୍ଡିଆନ ଅଏଲ ପ୍ରକଳ୍ପର ସମ୍ପ୍ରସାରଣ ଓ ନାପଥା କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦାବି ଜଣାଇଥିଲେ। ୨୦୧୯ ଏପ୍ରିଲରେ ଇଣ୍ଡିଆନ ଅଏଲ ପକ୍ଷରୁ ଏ ସମ୍ବନ୍ଧରେ ଦିଆଯାଇଥିବା ପ୍ରସ୍ତାବକୁ ତତ୍କାଳୀନ ସରକାର ଅନୁମୋଦନ ଦେଇଥିଲେ। ଇଣ୍ଡିଆନ ଅଏଲ ପକ୍ଷରୁ ଉତ୍ପାଦନ କ୍ଷମତା ୧୫ ମିଲିଅନ ଟନରୁ ୨୫ ମିଲିଅନ ଟନ କରିବା ସହ ଏକ ନାପଥା କ୍ରାକର ପ୍ଲାଣ୍ଟ ସ୍ଥାପନ ପାଇଁ ୧ ଲକ୍ଷ ୩ ଶହ କୋଟି ଟଙ୍କା ବ୍ୟୟ ନେଇ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ଗତ ୨୦୨୩ରେ ତତ୍କାଳୀନ ଶିଳ୍ପ ସଚିବଙ୍କ ଦ୍ୱାରା ଇଣ୍ଡିଆନ ଅଏଲର ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କ'ଣ କ'ଣ ପ୍ରୋତ୍ସାହନ ପ୍ରଦାନ କରାଯିବ, ତା'ର ବିସ୍ତୃତ ସୂଚନା ଦିଆଯାଇଥିଲା। ତେଣୁ ଗୋଟିଏ ପୁରୁଣା ପ୍ରକଳ୍ପ ପାଇଁ ଆଉ ଥରେ ଚୁକ୍ତି ସ୍ୱାକ୍ଷର କରି ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ସରକାର ଅପଚେଷ୍ଟା କରିଛନ୍ତି। ସେହିପରି ଜେଏସଡବ୍ଲ୍ୟୁ ଇଭି ପ୍ରକଳ୍ପ, ଚୌଦ୍ୱାରରେ ୱେଲସ୍ପନ ଟେକ୍ସଟାଇଲ ପ୍ରକଳ୍ପ ଭଳି ପୂର୍ବ ସରକାର ସମୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଅନେକ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ସକାଶେ କ'ଣ ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ବିଜେପି ସରକାର ରାଜ୍ୟବାସୀଙ୍କୁ ସୂଚନ ଦେବାକୁ ଡ. ମିଶ୍ର ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ ମହାନ୍ତି ଉପସ୍ଥିତ ଥିଲେ।

# ଲକ୍ଷେ କୋଟିର ନିବେଶ ପ୍ରସ୍ତାବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତରେ ଯାଇ ଫେରିଛନ୍ତି। ଦିଲ୍ଲୀରେ ତାଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ଏବଂ ଏକାଧିକ ରାଷ୍ଟ୍ରାୟତ ବା ଘରୋଇ ଶିଳ୍ପ ସଂସ୍ଧଥା ସହ ମୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନେକ ଶିଳ୍ପ ସଂସ୍ଥା ତଥା ନିବେଶକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ଅନେକ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରାୟ ଲକ୍ଷେ କୋଟି ଟଙ୍କାର ପୁଞ୍ଜି ଆସିବା ସମ୍ଭାବନା ସୃଷ୍ଟି ହୋଇଛି। ଏହା ସ୍ୱାଗତଯୋଗ୍ୟ। ଅବଶ୍ୟ ଏଥିରେ କିଛି ନୂତନ୍ତ୍ୱ ନାହିଁ। ଅତୀତରେ ମଧ ଏଭଳି ଅନେକ ଶିଳ୍ପ ସଂସ୍ଥା ଓଡ଼ିାରେ ପୁଞ୍ଜିନିବେଶ ଲାଗି ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ସେଥିରୁ ଅଧିକାଂଶ ପ୍ରତିଶ୍ରୁତି କେବଳ କାଗଜପତ୍ରରେ ସୀମିତ ରହିଛି। ବିଭିନ୍ନ କାରଣରୁ ଅନେକ ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିନାହିଁ। କିନ୍ତୁ ଏବେ ପରିସ୍ଥିତି ଭିନ୍ନ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି କ୍ଷମତାସୀନ ରହିଛି। କେନ୍ଦ୍ରରେ ଓଡ଼ିଶାର ତିନିଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଅଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶା ଦଖଲ କରିଥିବା ବିଜେପି ଓଡ଼ିଶାରେ କିଛି ନୂଆ କରି ଦେଖାଇବାର ପ୍ରୟାସ ଜାରି ରଖିଛି। ଓଡ଼ିଶଶରେ ପୁଞ୍ଜିନିବେଶ ଲାଗି ଯେଉଁସବୁ ପ୍ରସ୍ତାବ ଆସିଛି ସେଥିରୁ ଅଧା କାର୍ଯ୍ୟକାରୀ ହେଲେ ମଧ ବହୁତ ବଡ଼ ସଫଳତା ହେବ। କିଛି ମାସ ତଳେ ଓଡ଼ିଶାରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କନକ୍ଲେଭରେ ଅନେକ ପ୍ରସ୍ତାବ ଆସିଥିଲା ଏବଂ ରାଜ୍ୟ ସରକାର ଅନେକ ଶିଳ୍ପ ସଂସ୍ଥା ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିବେଶକମାନଙ୍କୁ ସହାୟତା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ସେ ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ଚାଲିଛି। ତେଣୁ ଉଭୟ ସରକାର ସହଯୋଗର ହାତ ବଢ଼ାଇବେ। ଏହାର ପ୍ରଭାବ ନିଶ୍ଚିତ ଭାବେ ପଡ଼ିବ ଏବଂ ଓଡ଼ିଶାକୁ ପୁଞ୍ଜିର ସୁଅ ଛୁଟିବ ବୋଲି ଆଶା କରାଯାଇପାରେ। ଏହା ଦ୍ୱାରା ଓଡ଼ିଶାରେ ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି




ହେବ ଏବଂ ସରକାରଙ୍କ ରାଜସ୍ୱ ଦ୍ୱିଗୁଣିତ ହେବ। ଯେଉଁସବୁ କମ୍ପାନୀ ଓଡ଼ିଶାରେ ନିବେଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ବେଦାନ୍ତ, ଜିନ୍ଦଲ , ଆଦାନୀ, ଆଇଓସିଏଲ ଇତ୍ୟାଦି। ବେଦାନ୍ତ କମ୍ପାନୀ ମୁଖ୍ୟ ଅନିଲ ଅଗ୍ରୱାଲ ରାୟଗଡ଼ାରେ ଏକ ଆଲୁମିନିୟମ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏ ବାବଦରେ ସେ ୨୦ ହଜାର କୋଟି ଟଙ୍କା ବିନିଯୋଗ କରିବେ ବୋଲି କହିଛନ୍ତି। ରାଷ୍ଟ୍ରାୟତ ଇଣ୍ଡିଆନ ଅଏଲ କର୍ପୋରେସନ ବା ଆଇଓସିଏଲ ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ନିବେଶ ଯୋଜନା କରିଛି। ପାରାଦୀପ ଏବଂ ଭଦ୍ରକରେ ଏହି ନିବେଶ ହେବ। ଜିନ୍ଦଲ ଷ୍ଟାଲ ଆଣ୍ଡ ପାୱାର ପାରାଦ୍ୱୀପରେ ମେଗା ଷ୍ଟିଲ ପ୍ଲାଣ୍ଟ ନିମାଣ କରୁଛି। ଏହା ବ୍ୟତିତ କେନ୍ଦୁଝରରେ ୩୦ରୁ ୪୦ ହଜାର କୋଟି ଟଙ୍କା ବିନିଯୋଗରେ ଆଉ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତି୍ଠା କରିବାକୁ ଯୋଜନା କରିଥିବା ସେ କହିଛନ୍ତି। ଏଥିରେ ପୋସ୍କୋର ସହାୟତା ନିଆଯିବ ଏବଂ ପୋସ୍କୋ ସହ ମିଳିତ ଭାବେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ଜିନ୍ଦଲ ପକ୍ଷରୁ କୁହାଯାଇଛି। ଏହା ବ୍ୟତିତ ଅନ୍ୟାନ୍ୟ ବହୁ ବଡ଼ ବଡ଼ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଓଡ଼ିଶାରେ ନିବେଶ ଲାଗି ଯେତେ ପ୍ରସ୍ତାବ ରହିଛି ସେଥିରୁ ଅଧିକାଠଶ ବଡ଼ ପ୍ରସ୍ତାବ ହେଉଛି କଣି ଭିତ୍ତିକ ଶିଳ୍ପ ପ୍ରକଳ୍ପ। ଏହା ସ୍ୱାଭାବିକ। କାରଣ ଓଡ଼ିଶା ଏକ ଖଣି ସମୃଦ୍ଧ ରାଜ୍ୟ। କୋଇଲା, ଲୁହାପଥର,ମାଙ୍ଗାନିଜ, ବ୍‌କ୍ସାଇଟ, ଡୋଲୋମାଇଟ ଆଦି ମୂଲ୍ୟବାନ କଣିଜ ସାମଗ୍ରୀ ଏଠାରେ ପ୍ରଚୁର ପରିମାଣରେ ଗଚ୍ଛିତ ରହିଛି। ତେଣୁ ସ୍ୱାଭାବିକ ଭାବେ ଏଠାରେ ଖଣି ଭିତ୍ତିକଶିଳ୍ପ ପ୍ରତିଷ୍ଠା ଲାଗି ଅଧିକ ପ୍ରସ୍ତାବ ଆସିବ। କିନ୍ତୁ ବାସ୍ତବ ରୁ ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ଖଣି ଲିଜ ସମ୍ଭବ ନହେଲେ ସବୁ ଉଦ୍ୟମ ମୂଲ୍ୟହୀନ ହୋଇଯିବ। ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଯୋଗ ଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଶୀଘ୍ର ଓଡ଼ିଶା ଦେଶର ଶ୍ରେଷ୍ଠ ୫ଟି ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ ହେବ। ପୂର୍ବୋଦୟ ବିକାଶରେ ଓଡ଼ିଶା ହେବ ମୁଖଶାଳା। ଓଡ଼ିଶା ବିକାଶର ଶିଖର ଛୁଇଁବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ଯାହା ବେଶ ଉଲ୍ଲେଖନୀୟ। ଦେଶର ପ୍ରଧାନମନ୍ତ୍ରୀ ସେ ପୁଣି ନରେନ୍ଦ୍ର ମୋଦି ଯେଉଁଠି ପ୍ରତିଶ୍ରୁତି ଦେଉଛନ୍ତି ତାହାକୁ ହାଲୁକା ଭାବେ ଧରାଯିବନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୭ ମାସ ଭିତରେ ଓଡ଼ିଶଶକୁ ୫ଥର ଆସିଲେଣି। ଚଳିତ ମାସରେ ଏହାକୁ ମିଶାଇ ସେ ଦୁଇଥର ଓଡ଼ିଶା ଆସିଛନ୍ତି। ଏଥିରେ ମୋଦି ସରକାର ଓଡ଼ିଶାକୁ କେତେ ଗୁରୁତ୍ୱ ଦେଉଛନ୍ତି ତାହା ସହଜରେ ବୁଝି ହେଉଛି। ଓଡ଼ିଶାବାସୀ ଏହାର ଭରପୁର ସୁଯୋଗ ଉଠାଇବା ଉଚିତ। ନଚେତ ବହୁ ଆଡ଼ମ୍ବରେ ଲଘୁ କ୍ରିୟା ଭଳି ଓଡ଼ିଶାର ବିକାଶ ନିମନ୍ତେ ଏତେ ଆୟୋଜନ ସବୁ ବ୍ୟର୍ଥ ହୋଇଯିବ। କେବଳ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବଳରେ ଏହା ସମ୍ଭବ ହୋଇଓପାରିବ। ସବୁ ରାଜ୍ୟରେ ଏଭଳି କନକ୍ଲେଭ ହେଉଛି। ସମସ୍ତ ନିବେଶକ ସେଠାକୁ ଯାଉଛନ୍ତି। ସବୁଠି ନିବେଶକମାନେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶର ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ସବୁ କାର୍ଯ୍ୟକାରୀ ହେଉନି। ଓଡ଼ିଶାରେ ଏଥର ଇତିହାସର ପୁନରାବୃତ୍ତି ନହେଉ, ଏହା ହିଁ ଆଶା। ଯଦି ଏବେ ନୁହେଁ, ତେବେ କେବେ ଏହା ସମ୍ଭବ ହେବ ନାହିଁ। ଯଦି ଡବଲ ଇଞ୍ଜିନ ସରକାରରେ ଏହା କାର୍ଯ୍ୟକାରୀ ନହୋଇପାରିଲା, ତେବେ ଏହାକୁ ଓଡ଼ିଶାର ଦୁର୍ଭାଗ୍ୟ ବୋଲି କୁହାଯିବ। ଏବେ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଯେଉଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି ତାହା ପୂର୍ବରୁ କେବେ ନଥିଲା। ଏବେ ବିକଶିତ ଓଡ଼ିଶା ଗଠନ ଲାଗି ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ହାତଛଡ଼ା କରାଯିବା ଅନୁଚିତ। ଏହି ସୁଯୋଗର ସଦୁପଯୋଗ କରାଗଲେ ୨୦୩୬ ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପୂର୍ତ୍ତୀ ଅବସରରେ ଏକ ବିକଶିତ ଏବଂ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇପାରିବ। କିନ୍ତୁ କେବଳ ଶିଳ୍ପ ପ୍ରତିଷ୍ଠା ଲାଗି ନିବେଶ ଯଥେଷ୍ଟ ନୁହେଁ। କୃଷି ବିକାଶ ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ଭିତ୍ତିଭୂମିର ଉନ୍ନତି ନିମନ୍ତେ ପୁଞ୍ଜି ନିବେଣ ମଧ ଆବଶ୍ୟକତା ରହିଛି। ଓଡ଼ିଶା ଏକ କୃଷି ଆଧାରିତ ରାଜ୍ୟ। କୃଷି ଏହାର ଅର୍ଥନୀତିର ମେରୁଦଣ୍ଡ। କିନ୍ତୁ ଓଡ଼ିଶାରେ କୃଷି ଉତ୍ପାଦନ ବୃଦ୍ଧି ଏବଂ ବଜାର ବ୍ୟବସ୍ଥାର ଉନ୍ନତି ହୋଇନାହିଁ। ତେଣୁ ରାଜ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ହୋଇନାହିଁ। ଓଡ଼ିଶାରେ ଯେତିକି କୃଷି ଉତ୍ପାଦନ ହେଉଛି ତାହାର ୪ଗୁଣ ହୋଇପାରିବ। ଏଥିଲାଗି ଆବଶ୍ୟକ ଜଳସେଚନର ପ୍ରସାର, ଉତ୍ତମ ବଜାର ବ୍ୟବସ୍ଥା ଏବଂ ସଂରକ୍ଷଣ ବ୍ୟବସ୍ଥା। ଏସବୁ ଓଡ଼ିଶାରେ ନାହିଁ। କୃଷି ଉତ୍ପାଦନର ବଜାର ବ୍ୟବସ୍ଥା ଲାଗି କଅଷି ଭିତ୍ତିକ ଶିଳ୍ପର ଆବଶ୍ୟକତା ରହିଛି। ଏଥିଲାଗି ପୁଞ୍ଜି ନିବେଶ ଆବଶ୍ୟକ। ସେହିପରି ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ବିପୁଳ ସୁଯୋଗ ରହିଛି। ଏ କ୍ଷେତ୍ରରେ ନିବେଶ ହୋଇପାରିଲେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି ହୋଇପାରିବ। ଏଥିଲାଗି ମୋହନ ବାଝୀ ସରକାର ଦୃଷ୍ଟି ଦେବେ ବୋଲି ଆଶା ଏବଂ ବିଶ୍ୱାସ।

# ଚିତ୍ତବିନୋଦନ ଓ ପ୍ରତିଯୋଗିତା



**କିଶୋର ଚନ୍ଦ୍ର ବେହେରା**

ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ମାନ ଓ ଗୁଣବତ୍ତା ବୃଦ୍ଧି ପାଇଁ ପରୀକ୍ଷା ଅପରିହାର୍ଯ୍ୟ। ବିଚାର ଓ ବିଚାରଧାରାର ଆକଳନ କରିବା, ଜ୍ଞାନ ବଢ଼ାଇବା ଏବଂ ନିରନ୍ତର ଉନ୍ନତି ପାଇଁ ସେମାନେ ଏକ ମୂଲ୍ୟବାନ ସାଧନ ଭାବେ କାର୍ଯ୍ୟ କରୁଛନ୍ତି । ଆମ୍ଭମାନଙ୍କର ବିଶ୍ୱାସ ଅମୂଲ୍ୟ, ଆମେ ଏକ ପାରଦର୍ଶୀ ଏବଂ ସମାନତାପୂର୍ଣ୍ଣ ଶିକ୍ଷା ମୂଲ୍ୟାୟନ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଲାଗି ସମର୍ପିତ । ଫେବୃଆରୀ ଦିତୀୟ ସପ୍ତାହରୁ ଆରମ୍ଭ ହୋଇଥିବା ସମସ୍ତ ବାର୍ଷିକ ପରୀକ୍ଷା ସରିଯାଇଥିବା ବେଳେ ବର୍ତ୍ତମାନ ପରିକ୍ଷାର୍ଥୀମାନଙ୍କର ମୂଲ୍ୟାଙ୍କନ ଆରମ୍ଭ ହୋଇଗଲାଣି। ଜଣେ ବିଦ୍ୟାର୍ଥୀ ପରବର୍ତ୍ତୀ ଉଚ୍ଚତର ଶିକ୍ଷାଲାଭ ପାଇଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ସଦାସର୍ବଦା ଚେଷ୍ଟା କରିଥାଏ। ଗଣଶିକ୍ଷା ବିଭାଗ ଅଧିନରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ଥାଏ ପରବର୍ତ୍ତୀ ଅଧ୍ୟୟନ ନିମନ୍ତେ ଭଲ ଶିକ୍ଷାନୁଷ୍ଠାନ ପାଇଁ। ଉଚ୍ଚଶିକ୍ଷା ବିଭାଗ ଅଧିନରେ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ସ୍ନାତକୋତ୍ତର ଶିକ୍ଷା କିମ୍ବା କର୍ମନିଯୁକ୍ତି ନିମନ୍ତେ ପ୍ରତିଯୋଗିତା ପରୀକ୍ଷା ପାଇଁ ସ୍ନାତକ ଶିକ୍ଷା ଅଧିକ ଗୁରୁତ୍ୱ ବହନ କରିଥାଏ। ବିଦ୍ୟାର୍ଥୀଙ୍କ ପରୀକ୍ଷା ସରିଲା ପରେ ଓ ଫଳ ପ୍ରକାଶିତ ପୂର୍ବରୁ ସେ ଅବସର ବିନୋଦନ ସହିତ ଉଚ୍ଚଶିକ୍ଷା ନିମନ୍ତେ ପ୍ରତିଯୋଗିତା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ଦ୍ୱାଦଶ ଶ୍ରେଣୀରେ ବିଶେଷ କରି ବିଜ୍ଞାନ ବିଭାଗରେ ଅଧାପନା କରୁଥିବା ଛାତ୍ରମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସମୟ । ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ରହିବା ଜରୁରୀ, ବିନା ପ୍ରତିଯୋଗିତା ଓ ଆହ୍ୱାନରେ ଜୀବନ ପ୍ରେରଣାହୀନ। ହେଲେ ପ୍ରତିଯୋଗିତା ବନ୍ଧୁଙ୍କ ସହ ନୁହେଁ, ନିଜ ସହ କରନ୍ତୁ। ବନ୍ଧୁଙ୍କଠାରୁ ପ୍ରେରଣା ନିଅନ୍ତୁ, ଆଗକୁ ବଢନ୍ତୁ। ଈର୍ଷା, ଦ୍ୱେଷ ମନୋଭାବ ଆଣିବା ଆଦୌ ଉଚିତ୍ ନୁହେଁ କାରଣ ଏହା ନିଜ ଉପରେ କୁପ୍ରଭାବ ପଡ଼ିବା ସହ ସମାଜ ଉପରେ ପ୍ରଭାବ ପକାଇଥାଏ। ସେହିପରି ଅଭିଭାବକମାନେ ମଧ କେବେ ହେଲେ ପିଲାମାନଙ୍କ ତୁଳନା ଅନ୍ୟ କାହା ସହ କରନ୍ତୁ ନାହିଁ। ତୁଳନା ଦ୍ୱାରା ପିଲାଙ୍କ ଭିତରେ ବିକୃତ ମନୋଭାବ ଆସିଥାଏ। ପିଲାମାନଙ୍କୁ ଲେଖିବା ଅଭ୍ୟାସ ବଢ଼ାଇବାକୁ ପରାମର୍ଶ ଦେବା ଉଚିତ। ଆମେ ସବୁବେଳେ ଖାଲି ପଢୁଛୁ, ବହିରୁ ପଢୁଛୁ, କମ୍ପ୍ୟୁଟରରୁ ପଢୁଛୁ, ଆଇପଡ୍‌ରୁ ପଢୁଛୁ। କିନ୍ତୁ ଯାହା ପଢ଼ିଥିବୁ, ପରୀକ୍ଷାରେ ତାକୁ ଲେଖିବାକୁ ପଡ଼ିବ। ତେଣୁ ଲେଖିବା ଅଭ୍ୟାସ କରନ୍ତୁ। ଯଦି ଲେଖିବା ଅଭ୍ୟାସ ନଥିବ, ତେବେ ଲେଖିବାକୁ ସମସ୍ୟା ହେବ। ଏବେ ପରୀକ୍ଷାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଲେଖିବା। ନିୟମିତ ଲେଖାଲେଖି ଅଭ୍ୟାସ ନଥିଲେ, ଉତ୍ତର ଲେଖିବା କଷ୍ଟ ହେବ। ଘରେ ପଢ଼ିବା ସହ ନିୟମିତ ଲେଖିବା ଅଭ୍ୟାସ ନିହାତି ଜରୁରୀ ।

ପ୍ରତିଯୋଗିତା ମୂଳ ପରୀକ୍ଷା ପୂର୍ବରୁ ଓ ପରୀକ୍ଷା ସମୟରେ କିପରି ପ୍ରସ୍ତୁତ ହେବ ପ୍ରତିଯୋଗୀମାନେ ଜାଣିବା ଦରକାର। ପ୍ରଥମେ ଖାଇବା ଓ ଶୋଇବାକୁ ନିର୍ଧାରଣ କରିବାର ଆବଶ୍ୟକତା ରହିଛି। ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଅଭ୍ୟାସ କର। ଠିକ୍ ଭାବେ ନ ଶୋଇଲେ, ଭାବନା ଠିକ୍ ହେବନାହିଁ। ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ। ମଧାହ୍ନ ଓ ରାତ୍ରିଭୋଜନର ଅଧ ଘଣ୍ଟାରୁ ଘଣ୍ଟାଏ ମଧ୍ୟରେ ପାଠ ପଢ଼ ନାହିଁ। ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ଟିକିଏ କମ୍ ରକ୍ତ ସଞ୍ଚାଳନ ହୁଏ ଯାହାଫଳରେ ନିଦୁଆ ଲାଗେ। ପାଠ ମନେ ରହେ ନାହିଁ। ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର। କେଉଁ ପାଠ ଅଛି? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ? କ'ଣ ମନେ ରହୁନାହିଁ? ପାଠଟି ବୁଝିକରି ମନେରଖିବା ପାଇଁ କେତେ ସମୟ ଲାଗିବ? ଏହାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ସମୟ ହାତରେ ରଖ। ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ। ତେଣୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ।ପରୀକ୍ଷା ସମୟରେ ପିଲାମାନେ



ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ ପାଠ ମନେ ରହୁନାହିଁ। ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇପଡ଼େ। ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି। ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ। ମନ ଅସ୍ଥିରତାର ମୁଖ୍ୟ କାରଣ ହେଉଛି ମାନସିକ ଚାପ। ଶାନ୍ତ ପରିବେଶରେ ପଢ଼। ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତ କରି ସେଇ ଅନୁସାରେ ପାଠ ପଢ଼। ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି। କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଛାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି। ଭଲକରି ପାଠ ମନେଥିଲେ ମଧ ପରୀକ୍ଷାରେ ଲେଖିପାରନ୍ତି ନାହିଁ। ପରୀକ୍ଷା ପୂର୍ବରୁ ଅଳ୍ପ ଛାନିଆ ହେଲେ ଭଲ। ପାଠ ପଢ଼ାରେ ମନ ଲାଗିବ ଓ ମନେରଖିବା ସହଜ ହେବ। ମାତ୍ର ଅତ୍ୟଧିକ ଛାନିଆ କେବଳ ନିଜ ପାଇଁ ହିଁ ଖରାପ। ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଛାନିଆ ପଶେ। ପରୀକ୍ଷା ସମୟରେ ନିଜକୁ ସାହସ ଦିଅ। ନିଜକୁ ନିଜେ କୁହ "ମୁଁ ଭଲକରି ଲେଖୁଛି, ଯାହା ପଢ଼ିଛି ସବୁ ମନେଅଛି ଓ ମୁଁ ମୋର ସବୁଠାରୁ ଭଲ ଉତ୍ତର ପରୀକ୍ଷାରେ ଦେଉଛି" ।

ପ୍ରତିଯୋଗିତା ମୂଳକ ପରୀକ୍ଷା ଯେତିକି ମୂଲ୍ୟବାନ୍, ଅବସର ବିନୋଦନ ସେତିକି ଅପରିହାର୍ଯ୍ୟ। ଅବସର ବିନା ସମୟ ଅସମ୍ପୂର୍ଣ୍ଣ ଏବଂ ଜୀବନ ଅର୍ଥହୀନ। ସେଥିପାଇଁ ତ ରାତି ଓ ଦିନର ସୃଷ୍ଟି। କର୍ମକ୍ଷେତ୍ରରେ ବି ଏହାର ଆବଶ୍ୟକତା ସମ୍ୟକ୍ ଉପଲବ୍ଧ । ତେଣୁ ଶିକ୍ଷାୟତନ, ଶିଳ୍ପାୟନ, ବ୍ୟବସାୟିକ ସଂସ୍ଥା, ସରକାରୀ ଦପ୍ତର, ଘରୋଇ ସଂସ୍ଥାନ, ସାମାଜିକ ଅନୁଷ୍ଠାନ ଏ ପ୍ରତ୍ୟେକ କ୍ଷେତ୍ରରେ ସପ୍ତାହାନ୍ତ ଅବକାଶ ପାଇଁ ବ୍ୟବସ୍ଥା କରାଯାଇଅଛି।ତେଣୁ ଧରାବନ୍ଧା ଜଞ୍ଜାଳରୁ ଟିକିଏ ତ୍ରାହି ପାଇଁ ଛୁଟିଦିନକୁ ସମସ୍ତେ ଚାତକ ପରି ଚାହିଁ ରହିଥାନ୍ତି ଏବଂ ସେ ଦିନ ଆସିଗଲେ ବିଭିନ୍ନ ଉପାୟରେ ମନୋରଞ୍ଜନ ଲାଗି ଲାଗିପଡ଼ନ୍ତି। ବଣଭୋଜି, ବନ୍ଧୁ ଦର୍ଶନ, ସିନେମା ଥିଏଟର, ରିୟଲିଟି ଶୋ', ପ୍ରବଚନ, ପାର୍କ ଭ୍ରମଣ, ଦର୍ଶନୀୟ ସ୍ଥାନ ଭ୍ରମଣ, ଅବସର ବିନୋଦନ କେନ୍ଦ୍ର, ବାର୍, ହୋଟେଲ, ରେସ୍ତୋରାଁ, କ୍ଲବ, ପାର୍ଟି, ଭୋଜିଭାତ, ଜିମ୍, ସ୍ପୋଟର୍ସ କ୍ଲବ, ସାଇବର ହବ୍, ସଙ୍ଗୀତ ଏବଂ ସାଂସ୍କୃତିକ କେନ୍ଦ୍ର ଏ ପ୍ରତ୍ୟେକ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇଥାଏ। ଖେଳ କସରତ ମଧ ଏ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପାରମ୍ପରିକ ପଶାପାଲି, ଲୁଡୁ, ପୁଚି, କବାଡ଼ିଠାରୁ ଆଧୁନିକ ଖେଳ ଯାଏ ମଣିଷକୁ ଭରପୂର ଆନନ୍ଦ ଦେଇଥାଏ । ବୈଦ୍ୟୁତିକ ସରଂଜାମ ଯଥା ଟିଭି, ଭିଡିଓ, ମୋବାଇଲ, କମ୍ପ୍ୟୁଟର ଇତ୍ୟାଦି ବି ଆମୋଦପ୍ରମୋଦର ଅନ୍ୟ ଏକ ଉତ୍ସ। କିନ୍ତୁ ଅବସର ବିନୋଦନ ପାଇଁ ପୁସ୍ତକ ହିଁ ସର୍ବଶ୍ରେଷ୍ଠ ଉପାଦାନ। ବହି ମଣିଷର ଚିରସହଚର । ଅଧୁନା ୨୦୨୦ର ରାଷ୍ଟ୍ରୀୟ ଶିକ୍ଷାନୀତି ସାମାଜିକ ଏବଂ ପାରିବେଶିକ ଅନୁଭବଗୁଡ଼ିକୁ ଅଙ୍ଗୀକୃତ କରି ସମାଜର ବିଭିନ୍ନ ବର୍ଗର ବିଦ୍ୟାର୍ଥୀମାନଙ୍କୁ ସମ୍ମିଳିତ ଭାବେ ଶିକ୍ଷାପ୍ରଦାନ କରିବା ଉପରେ ପ୍ରାଧାନ୍ୟ ଦେଇଛି। ଏହି ପ୍ରସଙ୍ଗରେ ବିଦ୍ୟାଳୟର ଗତିବିଧିର ନିଷ୍ଠାପୂର୍ବକ ସାମାଜିକ ତଥା ସାମୁଦାୟିକ ସେବାକାର୍ଯ୍ୟକୁ ସମ୍ମିଳିତ କରିବାପାଇଁ କୁହାଯାଇଛି। ଯଦି ଉଚ୍ଚତମ ନ୍ୟାୟାଳୟର ମନ୍ତବ୍ୟକୁ ସମ୍ବନ୍ଧିତ କରି ନୂତନ ଶିକ୍ଷାନୀତିର ନିହିତାର୍ଥ ଉପରେ ଦୃଷ୍ଟିପାତ କରାଯିବ ତେବେ ପରୀକ୍ଷା ପ୍ରଣାଳୀର ପରିପୂରକ ରୂପେ ସାମାଜିକ ତଥା ଜନସେବା ଜନିତ ନିଷ୍ଠାପର କାର୍ଯ୍ୟର ଅନୁଭବକୁ ପ୍ରତିଭାର ମାପଦଣ୍ଡରେ ଅନ୍ତର୍ଭୁକ୍ତ କରିବାକୁ ହେବ। କିଭଳି ବିଦ୍ୟାର୍ଥୀର ଆନ୍ତରିକ ଅଭିକ୍ଷମତା ଏବଂ ଆତ୍ମଶକ୍ତିକୁ ପ୍ରତିଭା ବିକାଶ ଗତିବିଧି ସହିତ ଯୋଡ଼ି ମୂଲ୍ୟାଙ୍କନ କରାଯିବ ତାହା ଏକ ସମସାମୟିକ ଆହ୍ୱାନ ବୋଲି ଶିକ୍ଷାବିତ୍‌ମାନଙ୍କୁ ମାନିନେବାକୁ ହେବ। ବ୍ୟକ୍ତିର ଆନ୍ତରିକ ଶକ୍ତି, ସାମର୍ଥ୍ୟ ସହିତ ପାରିବେଶିକ ସଂଜ୍ଞାନାତ୍ମକ ଅନୁଭବକୁ ପ୍ରତିଭା ଚିହ୍ନିତ କରିବାର ପ୍ରକ୍ରିୟାରେ ବିକେନ୍ଦ୍ରୀକୃତ ରୂପେ ପ୍ରୟାସ କରିବାଟା ଉଚିତ୍ ହେବ। ତାହାଦ୍ୱାରା ଅନ୍ତର୍ନିହିତ ଶକ୍ତିକୁ ପୂର୍ଣ୍ଣାଙ୍ଗରୂପେ ପ୍ରତିଭାରେ ପ୍ରତିବିମ୍ବିତ କରାଯାଇପାରିବ। ବିଦ୍ୟାଳୟୀ ପାଠ୍ୟକ୍ରମ ଆଧାରିତ ଗତିବିଧି ତଥା ରଚନାତ୍ମକ ମୂଲ୍ୟାଙ୍କନ ପ୍ରକ୍ରିୟାରେ ଉକ୍ତ ବିଚାରକୁ ସମ୍ମିଳିତ କରାଯାଇ ସମାଜର ପ୍ରତ୍ୟେକ ବର୍ଗର ବିଦ୍ୟାର୍ଥୀଙ୍କୁ ସମ୍ମିଳିତ ଶିକ୍ଷାପ୍ରାପ୍ତିର ସୁଯୋଗ ମିଳି ପାରିବ।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**


# ଆପଣ ବି ଦେଇପାରିବେ ଅମୂଲ୍ୟ ଜୀବନ



**ଅଶ୍ୱିନୀ କୁମାର ବାରିକ**

ଅନ୍ୟର ଜୀବନ ବଞ୍ଚାଇବାଠାରୁ ବଡ଼ ପୁଣ୍ୟ କ'ଣ ହୋଇପାରେ ? ବୋଧହୁଏ ଏଥିପାଇଁ ଲୋକମାନେ ରକ୍ତଦାନ କରିବାରେ ସନ୍ତୋଷ ପାଆନ୍ତି। ଯେ କୌଣସି ସ୍ୱାସ୍ଥ୍ୟବାନ ବ୍ୟକ୍ତି ରକ୍ତଦାନ କରିପାରନ୍ତି, କାରଣ ଏଥିରେ କୌଣସି କ୍ଷତି ନଥାଏ। ଆମ ଦେଶରେ ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଶହୀଦ ଦିବସ ଆଦି ଅବସରରେ ଗଣରକ୍ତଦାନ ଶିବିରମାନ ଆୟୋଜିତ ହେଉଥିବାବେଳେ ବର୍ଷର ବିଭିନ୍ନ ଦିବସରେ ରେଡ଼କ୍ରସ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନେ ନିୟମିତ ରକ୍ତଦାନ ଶିବିରର ଆୟୋଜନ କରିଥାନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଅନେକଙ୍କ ମନରେ ରକ୍ତଦାନକୁ ନେଇ ଭୟ ରହିଛି। କିଛି ଲୋକ ଭାବନ୍ତି ରକ୍ତଦେଲେ ଶରୀର ଦୁର୍ବଳ ହୋଇଯାଇପାରେ। ତା'ହେଲେ ଆସନ୍ତୁ ଜାଣିବା ରକ୍ତଦାନ ସମ୍ପର୍କରେ କିଛି ତଥ୍ୟ।

ରକ୍ତଦାନ ପାଇଁ ଜଣଙ୍କର ଆବଶ୍ୟକୀୟ ଯୋଗ୍ୟତା ହେଉଛି ସେ ୧୮ରୁ ୬୦ ବର୍ଷ ବୟସ ଭିତରେ ହୋଇଥିବେ। ଓଜନ ୪୫ କିଗ୍ରା ବା ତାଠାରୁ ଅଧିକ। ପଲ୍‌ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିବା ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବା। ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ। ଏହିମାନେ ହିଁ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି। ରକ୍ତଦାନର ଚବିଶ ଘଣ୍ଟା ପୂର୍ବରୁ ନିଶାଦ୍ରବ୍ୟ ବା ମଦ୍ୟ ପାନ କରିଥିବା ଲୋକଙ୍କ କ୍ଷେତ୍ରରେ ସତର୍କତା ଲୋଡ଼ା ପଡ଼ିଥାଏ। ଏହାର ପ୍ରଭାବ ରକ୍ତ ନେଉଥିବା ବ୍ୟକ୍ତିର ରକ୍ତକୁ ଯାଉନାହିଁ ବରଂ ରକ୍ତଦାନ କରୁଥିବା ବ୍ୟକ୍ତିର ଅଙ୍ଗ ଅସୁସ୍ଥ ହୁଏ। କୌଣସି କାରଣବଶତଃ ଯେଉଁ ବ୍ୟକ୍ତି କ୍ରମାଗତ ଭାବରେ ଅସୁସ୍ଥ। ଗର୍ଭବତୀ ବା ପ୍ରସୂତି ମହିଳା ଏବଂ ଋତୁଚକ୍ର ମଧ୍ୟରେ ମହିଳାମାନେ ରକ୍ତଦାନ କରିପାରିବେ ନାହିଁ। ଯେଉଁମାନଙ୍କର ଭୂତାଣୁ ଜନିତ ସଂକ୍ରମଣ ଅଛି, ରକ୍ତଦ୍ୱାରା ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ। ଲିଭର, ହୃତ୍‌ପିଣ୍ଡ, କିଡ଼ନୀ, ମସ୍ତିଷ୍କ ବା ଫୁସ୍‌ଫୁସ୍ ସମସ୍ୟା ଥିଲେ। ଶ୍ୱାସରୋଗ, କ୍ୟାନସର କିମ୍ବା ହେପାଟାଇଟିସ୍ ଥିଲେ। ଯେଉଁମାନେ ରକ୍ତଚାପ ଔଷଧ ଖାଉଛନ୍ତି ସେମାନେ ରକ୍ତଚାପ ନିୟନ୍ତ୍ରିତ ହେବା ପରେ ରକ୍ତ ଦେଇପାରନ୍ତି। ଥାୟରଏଡ଼ କିମ୍ବା ହରମୋନ ଅସନ୍ତୁଳନ ରୋଗ ଥିଲେ। ଯେଉଁ ବ୍ୟକ୍ତି ନିଜେ ରକ୍ତ ନେଇଥିବେ ବର୍ଷେ ପୂର୍ବରୁ ସେ ରକ୍ତଦାନ କରିପାରିବେ ନାହିଁ। ଜେନେଟିକ୍ ଡିଜଅଡର୍‌ର ବା ମାନସିକ ରୋଗ ଥିବା ବ୍ୟକ୍ତିମାନେ। ଡିପ୍ରେସନ ଔଷଧ ଖାଉଥିବା ଲୋକମାନେ ମଧ ରକ୍ତ ଦେଇପାରିବେ ନାହିଁ। ଯେଉଁ ମହିଳାମାନଙ୍କର ୬ମାସ ମଧ୍ୟରେ ଗର୍ଭପାତ ହୋଇଛି କିମ୍ବା ୧ବର୍ଷ ମଧ୍ୟରେ ଅସ୍ତ୍ରୋପଚାର ହୋଇଛି। କୁକୁର କାମୁଡ଼ା ଇଞ୍ଜେକ୍ସନ ନେଇଥିବା ଲୋକମାନେ ୧ବର୍ଷ ମଧ୍ୟରେ ରକ୍ତ ଦେଇପାରିବେ ନାହିଁ। କୁକୁର କାମୁଡ଼ିବା ପରେ ଇଞ୍ଜେକ୍ସନ ନେଇନଥିବା ବ୍ୟକ୍ତିମାନେ ସାରା ଜୀବନ ରକ୍ତ ଦେବେ ନାହିଁ। ହାଡ଼ ଭାଙ୍ଗିଥିଲେ, ଅସ୍ତ୍ରୋପଚାର ଏବଂ ଗଲ୍ ବ୍ଲାଡ଼ର ରିମୁଭ ହୋଇଥିବା ବ୍ୟକ୍ତିମାନେ ୬ ମାସ ମଧ୍ୟରେ ଦେଇପାରିବେ ନାହିଁ। ଅପସ୍ମାର କିମ୍ବା କୁଷ୍ଠରୋଗୀମାନେ ରକ୍ତଦାନ କରିପାରିବେ ନାହିଁ। ଏକାଧିକ ଯୌନ ସାଥୀ ଥିବା ବ୍ୟକ୍ତିମାନେ। ଟାଟୁ କରିଥିଲେ ୬



ମାସ ମଧ୍ୟରେ। ଦାନ୍ତ ଫିଲିଂ କରିଥିଲେ କିମ୍ବା ଚିକିତ୍ସା କରିଥିଲେ ୩ ମାସ ପର୍ଯ୍ୟନ୍ତ। ମ୍ୟାଲେରିଆ ହୋଇଥିଲେ ୩ମାସ ପର୍ଯ୍ୟନ୍ତ ଏବଂ ଟାଇଫଏଡ଼ ହୋଇଥିଲେ ୧ ବର୍ଷ ପର୍ଯ୍ୟନ୍ତ। ଯେଉଁ ବ୍ୟକ୍ତିଙ୍କ ଓଜନ ହଠାତ୍ ୫ / ୧୦ କେଜି କମ୍ ହୋଇଯାଏ ସେମାନେ ଯାଞ୍ଚ ପରେ ରକ୍ତ ଦେଇପାରନ୍ତି। ଯେଉଁମାନଙ୍କ ଠାରେ ଏଡ୍‌ସର କୌଣସି ଲକ୍ଷଣ ଅଛି। ଯେଉଁମାନଙ୍କର ହିମୋଗ୍ଲୋବିନ୍ ୧୮ ବା ୧୯ ଉପରକୁ ଚାଲିଯାଇଥିବ। ଯେଉଁମାନେ ଇନ୍‌ସୁଲିନ୍ ନେଉଛନ୍ତି। ଯଦି ରକ୍ତ ଶର୍କରା ଔଷଧ ଦ୍ୱାରା ନିୟନ୍ତ୍ରଣରେ ଅଛି ତା'ହେଲେ ରକ୍ତଦାନ କରିପାରିବେ। ଯେଉଁମାନଙ୍କର ମୁଣ୍ଡ ବ୍ୟଥା ବା ପେଟରୋଗ ଅଛି।

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରେ ରକ୍ତ କମିଯାଏ। ଯାହାଫଳରେ ଗୁରୁତର, ମୁମୂର୍ଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଭାଇଚାରାର ସହର କଟକରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଅନ୍ୟତମ ସମ୍ଭ୍ରାନ୍ତ କ୍ଲବ କଟକ କ୍ଲବରେ ରାଜ୍ୟର ଅଗ୍ରଣୀ ସମାଜ ସେବୀ ସଂଗଠନ ନାରାୟଣ ଚାରିଟେବଲ ଟ୍ରଷ୍ଟ ଓ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତର ନିର୍ଭରଯୋଗ୍ୟ ଓ ପ୍ରଖ୍ୟାତ ଶାନ୍ତି ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୨୬୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କଟକ କ୍ଲବର ସଭାପତି ତଥା ବିଶିଷ୍ଟ ସମାଜ ସେବୀ ସୁନାମଧନ୍ୟ ଡାକ୍ତର ଶ୍ରୀଜୟ ପଟ୍ଟନାୟକ, ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ, ଉପସଭାପତି ଦେବେଶ ଦାସ, କୋଷାଧ୍ୟକ୍ଷ ସୁଦୀପ୍ତ ପୋଦାର ଓ ନାରାୟଣ ଚାରିଟେବଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସଦାଶିବ ପରିଡ଼ା, ଚନ୍ଦ୍ରଜିତ ମହାନ୍ତି ଶିବିରକୁ ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅତିଥି ଭାବରେ କ୍ଲବର ପୂର୍ବତନ ସଭାପତି ଡାକ୍ତର ଜୟନ୍ତ ପଣ୍ଡା ଯୋଗଦାନ କରି ରକ୍ତଦାତାଙ୍କୁ ପ୍ରେରଣା ଦେଇଥିଲେ। ବାସ୍ତବରେ ହଜାର ବର୍ଷର ସହର କଟକରେ ଏପରି ରକ୍ତଦାନ ପାଇଁ ଯୁବ ବର୍ଗଙ୍କ ଭିତରେ ଆଗ୍ରହ ନିଶ୍ଚିନ୍ତ ଭାବେ ରକ୍ତଦାତାଙ୍କୁ ପ୍ରେରଣା ଯୋଗାଇବ।

ଅନେକ ହୁଏତ ଜାଣି ନଥିବେ ଦୁର୍ଘଟଣାର ଆହତ ବ୍ୟକ୍ତିଟି ହୁଅନ୍ତୁ ବା ବଡ଼ ଅସ୍ତ୍ରୋପଚାର, ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ହେଉ ବା ଥାଲାସେମିଆ, ଏନିମିଆ, କ୍ୟାନସର, କେମୋ ଥେରାପି, ଡାୟାଲିସିସ୍, ହେମୋଫିଲିଆ ବା ରକ୍ତ ସମ୍ବନ୍ଧିତ ଅନ୍ୟ ରୋଗ ମାନଙ୍କୁ ରକ୍ତ ଦରକାର ପଡ଼ିଥାଏ। ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ। ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେକ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ। ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ। ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ। ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ। ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ। ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ। ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ।


**ବୁଦ୍ଧିସାହୁ, କୁନ୍ଦେଶ୍ୱର, ବାଲିକୁଦା, ଜଗତସିଂହପୁର**
**ମୋବାଇଲ୍: ୯୩୩୭୦୫୫୬୨୨**


# 'ଭାରତ କା ରହନେୱାଲା ହୁଁ, ଭାରତ କୀ ବାତ୍ ଶୁନାତା ହୁଁ...'



**ବିକ୍ରମ ଦାଶ**

ଗତ ୪ ଅପ୍ରେଲ ୨୦୨୫ ସୂର୍ଯ୍ୟୋଦୟ ପୂର୍ବରୁ ଭାରତ ମାତାର ସୁନାମଧନ୍ୟ ଦେଶପ୍ରେମୀ ସିନେ କୃତୀତ୍ୱ ମନୋଜ କୁମାରଙ୍କ ଦେହାବସାନ ଘଟିଛି। ଚିରନ୍ତନ ଭାରତର କାହାଣୀ କହୁଥିବା ଲୋକଟି ଆଜି ଅନ୍ତର୍ନିହିତ ହୋଇଯାଇଛନ୍ତି। କିନ୍ତୁ ସ୍ମୃତିରେ ସେ ଏମିତି ଜଣେ ଯାଜ୍ଜୁଲ୍ୟମାନ ଅଭିନେତା ହୋଇରହିବେ ଯିଏ ସବୁବେଳେ କହୁଥିଲେ "ଭାରତ କା ରେହନେୱାଲା ହୁଁ, ଭାରତ କୀ ବାତ ଶୁନାତା ହୁଁ। ଆଜି ଦେଶପ୍ରେମକୁ ବିଭିନ୍ନ ଭାବରେ ଦେଖାଯାଉଛି। ଆଜି ଦେଶ, ରାଷ୍ଟ୍ର, ସମୁଦାୟ ଓ ଜାତି ପାଇଁ ପ୍ରତିବଦ୍ଧତା ଓ ଭଲପାଇବାର ଅର୍ଥ କିଛି ରହୁନି। ସେନାବାହିନୀର ବୀର ସୈନିକ ମାନଙ୍କୁ ମଧ କିଛି ଲୋକ ସମାଲୋଚନା କରିବାକୁ ପଛାଉ ନାହାଁନ୍ତି। ସମଗ୍ର ଦେଶ ଯେତେବେଳେ ପରସ୍ପରକୁ ଠକିବାର ଲିପ୍ତ ଛଳନାପୂର୍ଣ୍ଣ ଆଚରଣ ଭିତରେ ଆବଦ୍ଧ ସେତେବେଳେ ମନୋଜ କୁମାରଙ୍କ ଭଳି ଜଣେ ଅଭିନେତା, ନିର୍ମାତା, ନିର୍ଦ୍ଦେଶକ, କାହାଣୀକାର ଓ ଗୀତିକାର ଅବୁଝା ହୋଇଯିବା କିଛି ଅସ୍ୱାଭାବିକ ନୁହେଁ। ୧୯୬୫ରେ ତାଙ୍କର "ଶହୀଦ', ୧୯୬୭ରେ "ଉପକାର', ୧୯୭୦ରେ "ପୂରବ ୱାର ପଶ୍ଚିମ', ୧୯୭୪ରେ "ରୋଟି କପଡା ଔର ମକାନ', ୧୯୮୧ରେ "କ୍ରାନ୍ତୀ', ୧୯୭୭ରେ "ଶିରିଡ଼ି କେ ସାଇ ବାବା' ହେଉଛି ମନୋଜଙ୍କ ଉଲ୍ଲେଖନୀୟ କୃତୀ। ଶିରିଡ଼ି କେ ସାଇବାବାଙ୍କ ସିନେମାରେ ସେ ସାଇ ବାବାଙ୍କ ମହିମାକୁ ଲୋକପ୍ରିୟ କରିଥିଲେ। ବର୍ତ୍ତମାନର ପାକିସ୍ତାନରେ ଥିବା ଆବୋଟାବାଦ ସହରରେ ୨୪ ଜୁଲାଇ ୧୯୩୭ରେ ଜନ୍ମିତ ମନୋଜ କୁମାରଙ୍କ ମୂଳ ନାମ ଥିଲା ହରେକୃଷ୍ଣ ଗିରିଗୋସ୍ୱାମୀ। ୧୯୪୭ର ଦେଶ ବିଭାଜନର ଭୟବହତାକୁ ସେ ଅତି ପାଖରୁ ଦେଖିଥିଲେ। ଜୀବନ ବଞ୍ଚାଇ ସପରିବାର ଦିଲ୍ଲୀରେ ପହଞ୍ଚିଥିଲେ ଏବଂ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରୁ ସ୍ନାତକୋ ଡିଗ୍ରୀ ପରେ ସଂଘର୍ଷମୟ ଜୀବନକୁ ନିଜ ଜୀବନର ସଫଳନାମା ଭାବେ ଗଢ଼ି ତୋଳିବା ପାଇଁ ଆଗେଇ ଥିଲେ। ଭଗତ ସିଂହଙ୍କ ଜୀବନ ଆଧାରିତ "ଶହୀଦ' ଚଳଚ୍ଚିତ୍ର ତାଙ୍କ ଅସ୍ତିତ୍ୱ ଓ ଅନୁଭବକୁ ପରିବର୍ତ୍ତିତ କରିଦେଇଥିଲା। ତତ୍କାଳୀନ ପ୍ରଧାନ ମନ୍ତ୍ରୀ ଲାଲାବାହାଦୂର ଶାସ୍ତ୍ରୀ ୧୯୬୫ ପାକିସ୍ତାନ ଯୁଦ୍ଧ ସମୟରେ ଦେଇଥିବା ଆହ୍ୱାନ "ଜୟ ଯବାନ, ଜୟ କିଶାନ'କୁ ନେଇ ଏକ ଚଳଚ୍ଚିତ୍ର ତିଆରି କରିଥିଲେ ତାହାଥିଲା "ଉପକାର' ଏହି ସିନେମାର କାଳଜୟୀ ଗୀତଟି "ମେରେ ଦେଶ କୀ ଧରିତ୍ରୀ ସୁନା ଉଗ୍ଲେ ହୀରେ ମୋତି..' ଆଜି ବି ସତେଜ ଓ ସବୁଜ। ୧୯୭୪ରେ "ରୋଟି, କପଡ଼ା ଔର ମକାନ' ଚଳଚ୍ଚିତ୍ରରେ ବେକାରୀ, କଳା ବଜାରୀ ଓ ଦରଦାମ ବୃଦ୍ଧିକୁ ଅତି ଚମତ୍କାର ଭାବରେ ଦର୍ଶାଇ ଥିଲେ। ୧୯୯୯ରେ ତାଙ୍କ ଶେଷ ସିନେମା ଥିଲା "ଜୟହିନ୍ଦୀ'। ସମଗ୍ର ଜୀବନ କାଳ ଭିତରେ ସେ ମାତ୍ର ୫୩ଟି ଚିତ୍ରରେ ଅଭିନୟ କରିଥିଲେ। କିନ୍ତୁ ସବୁଯାକ ସିନେମା ଥିଲା କାଳଜୟୀ ଓ କୃତୀତ୍ୱଭରା। ବର୍ତ୍ତମାନର ପିଢ଼ି ମନୋଜ କୁମାରଙ୍କୁ ଚିହ୍ନି ନଥିବେ ହୁଏତ ତାଙ୍କ ସିନେମା ବି ଦେଖିନଥିବେ, ଦିନେ ରେଳ ପ୍ଲାଟଫର୍ମରେ ଶୋଇ ସ୍ୱପ୍ନ ଦେଖୁଥିବା, ଇରାନୀ ହୋଟେଲ ବାରଣ୍ଡାରେ ଶୋଇ ସଂଘର୍ଷ କରୁଥିବା ମନୋଜ କୁମାରଙ୍କୁ ଚଳଚ୍ଚିତ୍ର ଦର୍ଶକମାନେ ଆଦରରେ ଆଖ୍ୟାୟିତ କରିଥିଲେ ଭାରତ କୁମାର ହିସାବରେ। ଲୋକଙ୍କ ଏହି ଆଦର ତାଙ୍କୁ ଭାବବିହ୍ୱଳିତ କରୁଥିଲା। ଭାରତ ମାତାକୁ, ଭାରତକୁ, ଭାରତର ଯୁବପିଢ଼ିକୁ ଶିକ୍ଷଣୀୟ ଚଳଚ୍ଚିତ୍ର ଦଉଥିବା ଏହି ଦେଶପ୍ରେମୀ ସିନେ ମହାନ ବ୍ୟକ୍ତିତ୍ୱଙ୍କୁ ଭକ୍ତିପୂତ ପ୍ରଣାମ।



ଦେଶପ୍ରେମୀ ସିନେ ତାରକା ମନୋଜ କୁମାରଙ୍କୁ ଶ୍ରଦ୍ଧାଞ୍ଜଳି


**ରୋଟାରୀ କ୍ଲବ, କଟକ - ବାରବାଟୀ, ସିଡ଼ିଏ, କଟକ**
**ମୋବାଇଲ୍: ୯୮୬୧୫୭୫୨୩୭**

## ପଶ୍ଚିମବଙ୍ଗରେ ଲାଗୁ ହେବନାହିଁ ୱାକ୍‌ଫ୍ ଆଇନ: ମମତା



କୋଲକାତା, ୧୦।୪: ୱାକ୍‌ଫ ସଂଶୋଧିତ ଆଇନକୁ ନେଇ ମୁସଲମାନ ସମ୍ପ୍ରଦାୟ ଚିନ୍ତିତ ଥିବାରୁ ପଶ୍ଚିମବଙ୍ଗରେ ଏହାକୁ ଲାଗୁ ହେବାକୁ ଦିଆଯିବ ନାହିଁ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସଂଖ୍ୟାଲଘୁମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ରାଜ୍ୟରେ ସଂଖ୍ୟାଲଘୁ ଓ ସେମାନଙ୍କ ସମ୍ପତ୍ତିକୁ ସୁରକ୍ଷା ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋଲକାତାରେ ଜୈନ ସମୁଦାୟର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ପଶ୍ଚିମବଙ୍ଗରେ 'କୌଣସି ବିଭାଜନ ଓ ଶାସନ ନୀତି' ରହିବାକୁ ଦିଆଯିବ ନାହିଁ। ୱାକ୍‌ଫ୍ ଆଇନ ପ୍ରଣୟନ ନେଇ ମୁସଲମାନମାନେ ଅସନ୍ତୁଷ୍ଟ ଥିବା ବିଷୟ ସେ ଜାଣିଛନ୍ତି। ବିଶ୍ୱାସ ରଖନ୍ତୁ, ରାଜ୍ୟରେ ଏପରି କିଛି ହେବାକୁ ଦିଆଯିବ ନାହିଁ। ସମସ୍ତେ ଏକଜୁଟ ହୋଇ ରୁହନ୍ତୁ ବୋଲି ମମତା ଆହ୍ୱାନ ଦେଇଛନ୍ତି। ୱାକ୍‌ଫ ସଂଶୋଧନ ବିଲ୍‌କୁ ନେଇ ମୁର୍ଶିଦାବାଦ ଜିଲାରେ ମଙ୍ଗଳବାର ଘଟିଥିବା ହିଂସାକାଣ୍ଡକୁ ନେଇ ମମତା ଆହୁରି କହିଛନ୍ତି, ବାଂଲାଦେଶ ସୀମାନ୍ତ ଅଞ୍ଚଳରେ ସ୍ଥିତିକୁ ଦେଖ। ଏହି ବିଲ୍ ବର୍ତ୍ତମାନ ପାରିତ ହେବାର ନ ଥିଲା। ପଶ୍ଚିମବଙ୍ଗରେ ୩୩% ସଂଖ୍ୟାଲଘୁ ରହିଛନ୍ତି। ସେମାନଙ୍କ ସହ ମୁଁ କ'ଣ କରିବି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୱାକ୍‌ଫ ସଂଶୋଧନ ବିଧେୟକ ଲୋକ ସଭାରେ ଏପ୍ରିଲ ୩ ଓ ରାଜ୍ୟ ସଭାରେ ୪ ତାରିଖରେ ପାରିତ ହୋଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା ଉପରେ ଏପ୍ରିଲ ୬ରେ ସ୍ୱାକ୍ଷର କରିଥିଲେ। ଉକ୍ତ ବିଧେୟକ ଆଇନରେ ପରିଣତ ହୋଇଥିବା ନେଇ ମଙ୍ଗଳବାର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ପାକିସ୍ତାନ ଗସ୍ତରେ ବୈଶାଖୀ ପାଳନ ସହ ଗୁରୁଦ୍ୱାରା ବୁଲିବେ ଶିଖ ଶ୍ରଦ୍ଧାଳୁ



**ଚଣ୍ଡିଗଡ଼,୧୦।୪:** ବୈଶାଖୀର ପବିତ୍ର ଅବସରରେ ଭାରତରୁ ବହୁ ସଂଖ୍ୟକ ଶିଖ ଶ୍ରଦ୍ଧାଳୁ ପାକିସ୍ତାନର ଗୁରୁଦ୍ୱାରଗୁଡ଼ିକୁ ଦର୍ଶନ କରିବା ପାଇଁ ଯାଇଛନ୍ତି। ଏସ୍‌ଜିପିସିର ଏକ ଶିଖ ଶ୍ରଦ୍ଧାଳୁ ଅଟାରୀ-ୱାଘା ସୀମା ଦେଇ ପାକିସ୍ତାନ ଅଭିମୁଖେ ଯାତ୍ରା କରିଥିଲେ। ଶିଖ ଭକ୍ତଙ୍କ ଏହି ଦଳଗୁଡ଼ିକ ପାକିସ୍ତାନର ଅନେକ ଐତିହାସିକ ଗୁରୁଦ୍ୱାର ମଧ୍ୟ ପରିଦର୍ଶନ କରିବେ। ଗୁରୁବାର, ଏପ୍ରିଲ ୧୦ରେ ସରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟିର ମୁଖ୍ୟ କାର୍ଯ୍ୟାଳୟରୁ ଶିଖ ଶ୍ରଦ୍ଧାଳୁଙ୍କ ଏକ ଦଳ ପାକିସ୍ତାନ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦଳ ପାକିସ୍ତାନରେ ପବିତ୍ର ବୈଶାଖୀ ପର୍ବ ପାଳନ କରିବା ଏବଂ ବିଭିନ୍ନ ଐତିହାସିକ ଗୁରୁଦ୍ୱାର ପରିଦର୍ଶନ କରିବା ପରେ ଆସନ୍ତା ସପ୍ତାହ ଶନିବାର ଅର୍ଥାତ୍ ଏପ୍ରିଲ ୧୯ରେ ଭାରତ ଫେରିବେ। ସରୋମଣି ଗୁରୁଦ୍ୱାର କମିଟିର ମୁଖ୍ୟ କାର୍ଯ୍ୟାଳୟରୁ ପାକିସ୍ତାନ ଯିବା ପୂର୍ବରୁ, ଶିଖ ଭକ୍ତଙ୍କ ଦଳ ପୂର୍ଣ୍ଣ ଭକ୍ତିର ସହିତ ଗୁରୁଙ୍କ ପ୍ରଶଂସାରେ ସ୍ଲୋଗାନ ଦେଇଥିଲେ। ଭକ୍ତମାନଙ୍କ ମନ୍ତ୍ରଧ୍ୱନିରେ ସମଗ୍ର ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା। ଏହା ପରେ, ଗୁରୁଦ୍ୱାର ପରିଚାଳନା କମିଟି ପକ୍ଷରୁ, ଜାଠା ପାର୍ଟି ନେତାଙ୍କ ବେକରେ ଏକ ସିରୋପାଓ ପିନ୍ଧାଇ ଦିଆଯାଇଥିଲା ଏବଂ ତା'ପରେ ଜୟଧ୍ୱନିର ପ୍ରତିଧ୍ୱନି ମଧ୍ୟରେ ଜାଠାକୁ ବିଦାୟ ଦିଆଯାଇଥିଲା। ଏସଜିପିସିର ସଦସ୍ୟ ରବିନ୍ଦର ସିଂହ ଖାଲସା କହିଛନ୍ତି ଯେ ଶିଖ ଶ୍ରଦ୍ଧାଳୁଙ୍କ ଏହି ପାକିସ୍ତାନ ଯାତ୍ରା ପ୍ରାୟ ୧୦ ରୁ ୧୨ ଦିନ ପାଇଁ ହେବ। ଯାହା ପରେ ସମସ୍ତ ଭକ୍ତ ଆସନ୍ତା ସପ୍ତାହରେ ଫେରିଯିବେ। ଏହି ସମୟରେ ସମସ୍ତ ଶିଖ ଭକ୍ତମାନେ ସୀମା ପାର୍ଶ୍ୱରେ ଥିବା ଗୁରୁଦ୍ୱାର କାର୍ଟପୁର ସାହେବ, ଗୁରୁଦ୍ୱାର ପଞ୍ଜା ସାହିବ, ଗୁରୁଦ୍ୱାର ଡେରା ସାହିବ, ଗୁରୁଦ୍ୱାର ନାନକାନା ସାହିବ ଏବଂ ଅନ୍ୟାନ୍ୟ ଐତିହାସିକ ଗୁରୁଦ୍ୱାର ପରିଦର୍ଶନ କରିବେ।

● ବଏଫ୍ରେଣ୍ଡ ସହିତ ଘରୁ ଫେରାର ହୋଇଯାଇଥିଲେ

## ଝିଅର ଜୀବନ ନେଲା ବାପା



**ପାଟନା,୧୦।୪:** ବଏଫ୍ରେଣ୍ଡ ସହିତ ଘରଛାଡ଼ି ଫେରାର ହୋଇଯିବାରୁ ଝିଅକୁ ହତ୍ୟା କଲେ ବାପା। ଏଭଳି ଅଭାବନୀୟ ଘଟଣା ଘଟିଛି ବିହାରର ସମସ୍ତିପୁର ଅଂଚଳରେ। ୨୫ ବର୍ଷୀୟ ସାକ୍ଷୀ ନାମକ ମହିଳାକୁ ଏପ୍ରିଲ ୭ ତାରିଖରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି ଏବଂ ବୁଧବାର ରାତିରେ ତାଙ୍କ ଘରର ଏକ ବନ୍ଦ ବାଥରୁମରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ମୁକେଶ ସିଂହ ସାକ୍ଷୀଙ୍କ ସ୍ୱାମୀଙ୍କୁ ମଧ୍ୟ ହତ୍ୟା କରିବା ପାଇଁ ତାଙ୍କ ପଛରେ ଯାଇଥିଲେ, କିନ୍ତୁ ସେ ଗାଁରେ ନଥିଲେ। ସାକ୍ଷୀଙ୍କ ମାମୁଁ ବିପିନ କୁମାର କହିଛନ୍ତି ଯେ ସେ ମାର୍ଚ୍ଚ ୪ ତାରିଖରେ ତାଙ୍କ ପ୍ରେମିକ ସହିତ ଦିଲ୍ଲୀ ପଳାଇ ଆସିଥିଲେ, ଯିଏ ଅନ୍ୟ ଜାତିର ଥିଲେ ଏବଂ ତାଙ୍କ ଘର ପାଖରେ ରହୁଥିଲେ। ଉଭୟ ଏକାଠି କଲେଜ ଯାଇଥିଲେ କୁମାର କହିଛନ୍ତି। ଗୋଟିଏ ସପ୍ତାହ ପୂର୍ବରୁ, ପୂର୍ବତନ ସୈନିକ କୁହାଯାଉଥିବା ସିଂହ ଝିଅକୁ ଜାତୀୟ ରାଜଧାନୀରୁ ସମସ୍ତିପୁର ଫେରିବାକୁ ରାଜି କରାଇଥିଲେ। କିନ୍ତୁ, କିଛି ଦିନ ପରେ ସେ ପୁଣି ନିଖୋଜ ହୋଇଯାଇଥିଲେ। ତେବେ ଯେତେବେଳେ ସାକ୍ଷୀଙ୍କ ମା' ମୁକେଶ ସିଂହଙ୍କୁ ପଚାରିଲେ, ସେ ପୁଣି ଘରୁ ଫେରାର ହୋଇଯାଇଥିବା କହିଥିଲେ। କିନ୍ତୁ ପରେ ତାଙ୍କ ମା' ସନ୍ଦେହ କରି ପୋଲିସକୁ ଜଣାଇଥିଲେ। ପୋଲିସ ଏହା ପରେ ତଦନ୍ତ ଆରମ୍ଭ କରିଥିଲା ଏବଂ ସେମାନଙ୍କ ଘର ଏକ ବନ୍ଦ ବାଥରୁମରୁ ଏକ ଦୁର୍ଗନ୍ଧ ବାହାରୁଥିବା ଦେଖିଥିଲେ। ତା'ପରେ ସେମାନେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ତଦନ୍ତ ସମୟରେ ମୁକେଶ ପୋଲିସ ଆଗରେ ନିଜର ଅପରାଧ ସ୍ୱୀକାର କରିଥିଲେ।

● ମେୟରଙ୍କୁ ଫସାଇବାକୁ ମହିଳାଙ୍କ ସାଂଘାତିକ୍ ଷଡ଼ଯନ୍ତ୍ର

## ଗଣଦୁଷ୍କର୍ମ ପ୍ଲାନ୍ ସହ ପଇସା ଦେଇ ଛାତିରେ ଫୁଟାଇଥିଲେ ଗୁଳି

**ଲକ୍ଷ୍ନୌ,୧୦।୪:** ପୂର୍ବ ଶତ୍ରୁତା ମଣିଷକୁ କେତେ ନିମ୍ନ ସ୍ତରକୁ ନେଇ ଯାଇପାରେ, ଏହାର ଏକ ବଡ଼ ଉଦାହରଣ ଉତ୍ତର ପ୍ରଦେଶର ବରେଲିରୁ ସାମ୍ନା ଆସିଛି । ବରେଲି ମେୟର ଡା ଉମେଶ ଗୌତମଙ୍କୁ ଫସାଇବା ପାଇଁ ମହିଳା ରଚିଥିବା ଷଡ଼ଯନ୍ତ୍ରକୁ ନେଇ ଏବେ ସବୁଠି ଚର୍ଚ୍ଚା । ଏହି କାହାଣୀ ଶୁଣିଲେ ଆପଣଙ୍କୁ ଏକ ଫିଲ୍ମ କାହାଣୀ ଭଳି ଲାଗିବ, ହେଲେ ଏହା ସତ । ବରେଲିର ଜଣେ ୪୦ବର୍ଷୀୟା ମହିଳା ଅଭିଯୋଗ ଆଣିଛନ୍ତି ଯେ, ଗତ ମାର୍ଚ୍ଚ ୨୯ ତାରିଖରେ କିଛି ଲୋକ ତାଙ୍କୁ ଅପହରଣ କରି ଚଳନ୍ତା କାର୍‌ରେ ଗଣଦୁଷ୍କର୍ମ କରିଥିଲେ। ପରେ ତାଙ୍କ ଛାତିରେ ଗୁଳି ମାଡ଼ କରି ରାସ୍ତାରେ ଛାଡ଼ି ଚାଲିଯାଇଥିଲେ । ପୀଡ଼ିତା ଜଣଙ୍କ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ପହଞ୍ଚିଥିଲେ ଏବଂ ସେଠାରୁ ଫୋନ୍ ଯୋଗେ ପୋଲିସ ସମସ୍ତ ଘଟଣା କହିଥିଲେ । ସ୍ଥାନୀୟ ପୋଲିସ ପୂରା ଟିମ୍ ସହିତ ଯାଞ୍ଚ ପାଇଁ ତୁରନ୍ତ ହସ୍ପିଟାଲରେ ପହଞ୍ଚିଥିଲା । ସେଠାରେ ମହିଳାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା ସମସ୍ତେ। ସୂଚନା ଅନୁଯାୟୀ, ମହିଳା ଜଣଙ୍କ ବରେଲି ମେୟର ଡା. ଉମେଶ ଗୌତମଙ୍କ ଘରେ କାମ କରୁଥିଲେ । ୨୦୨୧ରେ ମେୟରଙ୍କ ପତ୍ନୀ ମହିଳାଙ୍କୁ କାର୍ଯ୍ୟରୁ ହଟାଇ ଦେଇଥିଲେ । ଏହାପରେ ସେ ମେୟରଙ୍କ ବିରୋଧରେ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ର ରଚିବାରେ ଲାଗିପଡ଼ିଥିଲେ ।

# ନାଇଜେରିଆରେ ମେନିଞ୍ଜାଇଟିସ୍ ରୋଗର ପ୍ରକୋପ

## ମୃତ୍ୟୁବରଣ କରିସାରିଲେଣି ୧୫୧

ନୂଆଦିଲ୍ଲୀ, ୧୦।୪: ନାଇଜେରିଆରେ ଦ୍ରୁତ ଗତିରେ ବ୍ୟାପିଥିବା ମେନିଞ୍ଜାଇଟିସ୍ ରୋଗ ଯୋଗୁଁ ଏପର୍ଯ୍ୟନ୍ତ ୧୫୧ ଜଣଙ୍କର ମୃତ୍ୟୁ ହୋଇସାରିଛି। ସେଠାକାର ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ରୋଗର ପ୍ରକୋପକୁ ନିୟନ୍ତ୍ରଣ କରିବା ପାଇଁ ଲଗାତାରର ସଂଘର୍ଷ ଜାରି ରଖିଛି। ଏହି ରୋଗରେ ମୃତ୍ୟୁ ହୋଇଥିବା ଅଧିକାଂଶ ଲୋକ ଉତ୍ତର ଅଞ୍ଚଳର ଦୂରଦୂରାନ୍ତ ଅଞ୍ଚଳରୁ ଆସିଥିଲେ। ଏଥିରେ ସର୍ବାଧିକ ସଂଖ୍ୟକ ପିଲା ପ୍ରଭାବିତ ହୋଇଛନ୍ତି।

ନାଇଜେରିଆ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଡିସି) କହିଛି, ଏହି ରୋଗ ପ୍ରଥମେ ଗତ ବର୍ଷ ଅକ୍ଟୋବରରେ ଚିହ୍ନଟ ହୋଇଥିଲା। ଏବେ ପରିସ୍ଥିତି ଏପରି ଯେ ଏହା ନାଇଜେରିଆର ୩୬ଟି ରାଜ୍ୟ ମଧ୍ୟରୁ ୨୩ ଟି ରାଜ୍ୟକୁ ବ୍ୟାପିସାରିଛି। ଚଳିତ ବର୍ଷ ଏହି ରୋଗରେ ପ୍ରାୟ ୭୪ ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି। ଏନ୍‌ସିଡିସିର ମୁଖପାତ୍ର ସାନି ଦତ୍ତି କହିଛନ୍ତି, ଏହି ରୋଗ ଯୋଗୁଁ ଅଧିକାଂଶ ମୃତ୍ୟୁ ମୁଖ୍ୟତଃ ସଂକ୍ରମିତ ବ୍ୟକ୍ତିଙ୍କୁ ଠିକ୍ ସମୟ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ନ ପହଞ୍ଚିବା କିମ୍ବା ବିଳମ୍ବରେ ପହଞ୍ଚିବା ଯୋଗୁଁ ଘଟିଛି। ଏହି ପ୍ରକୋପ ବର୍ତ୍ତମାନ ଆଫ୍ରିକାର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶକୁ ପ୍ରଭାବିତ କରିଛି। ନାଇଜେରିଆରେ ସ୍ୱାସ୍ଥ୍ୟ ସେବା ବର୍ତ୍ତମାନ ଖରାପ ଅବସ୍ଥାରେ ଅଛି। ଫେବୃଆରୀ ମାସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଆମେରିକାର ସହାୟତା ହ୍ରାସ କରିବା ପରେ ନାଇଜେରିଆରେ ସଙ୍କଟ ଆହୁରି ଖରାପ ହୋଇଛି। ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶନାମା କେବଳ ନାଇଜେରିଆ ନୁହେଁ ବରଂ ଅନ୍ୟ ଆଫ୍ରିକୀୟ ଦେଶକୁ ମଧ୍ୟ ପ୍ରଭାବିତ କରିଛି।



## ଦିଲ୍ଲୀରେ ପହଞ୍ଚିଲା ରାଣା

### ଏନ୍‌ଆଇଏ କଲା ଗିରଫ



**ନୂଆଦିଲ୍ଲୀ,୧୦।୪:** ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତହୱୁର ରାଣାକୁ ଭାରତ ଅଣାଯାଇଛି। ଆମେରିକାରୁ ତାଙ୍କୁ ଆଣୁଥିବା ସ୍ୱତନ୍ତ୍ର ବିମାନଟି ପାଲମ ବିମାନବନ୍ଦରରେ ଅବତରଣ କରିଥିଲା। ଏଠାରୁ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଏନ୍‌ଆଇଏ କାର୍ଯ୍ୟାଳୟକୁ ନିଆଯିବ।ପାଲମ ବିମାନବନ୍ଦର ବାହାରେ ପୋଲିସ ବ୍ୟାରିକେଡ ଲଗାଇଛି। ସୂତ୍ର ଅନୁଯାୟୀ, ବିମାନରେ ଉପସ୍ଥିତ ଅଧିକାରୀଙ୍କ ଫୋନ ବନ୍ଦ ଥିଲା। ଦିଲ୍ଲୀ ପୋଲିସର ତୃତୀୟ ବାଟାଲିୟନ ବିମାନବନ୍ଦରରେ ପହଞ୍ଚିଛି। ଭାରତରେ ପହଞ୍ଚିବା ମାତ୍ରେ ଏନଆଇଏ ତାହାକୁ ଗିରଫ କରିଛି। ତାଙ୍କ ବିରୁଦ୍ଧରେ ୟୁଏପିଏ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତହୱୁର ରାଣାଙ୍କ ପାଇଁ ପୋଲିସ ଦୁଇଟି ରାସ୍ତା ତିଆରି କରିଛି। ପାଲମ ବିମାନବନ୍ଦରରୁ ପଟିଆଲା ହାଉସ କୋର୍ଟର ଦୂରତା ୧୪ କିଲୋମିଟର। ଆମେରିକାରୁ ଭାରତ ଅଣାଯାଇଥିବା ତହୱୁର ରାଣାକୁ ଏନ୍‌ଆଇଏ ୟୁଏପିଏ ଅଧୀନରେ ଗିରଫ କରିଥିଲା। ଏହା ପରେ, ଏନ୍‌ଆଇଏ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଥିଲା ଯେ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ତହୱୁର ରାଣାଙ୍କୁ ସଫଳତାର ସହ ପ୍ରତ୍ୟର୍ପଣ କରାଯାଇଛି। ଦିଲ୍ଲୀ ଟ୍ରାଫିକ ପୋଲିସ ଆତଙ୍କବାଦୀ ତହୱୁର ରାଣାକୁ ପଟିଆଲା ହାଉସ କୋର୍ଟ ଏବଂ ଏନଆଇଏ ମୁଖ୍ୟାଳୟକୁ ନେବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି। ଦିଲ୍ଲୀ ଟ୍ରାଫିକ ପୋଲିସ ରାଣାଙ୍କୁ ନେବା ପାଇଁ ତିନୋଟି ରାସ୍ତା ତିଆରି କରିଛି। ଏହା ବ୍ୟତୀତ ୨ଟି ବିକଳ୍ପ ରାସ୍ତା ମଧ୍ୟ ପ୍ରସ୍ତୁତ କରାଯାଇଛି। ଯଦି ସ୍ଥିର ରାସ୍ତାରେ କୌଣସି ସମସ୍ୟା ହୁଏ, ତେବେ ଏକ ବିକଳ୍ପ ରାସ୍ତା ବ୍ୟବହାର କରାଯିବ। ଗ୍ରୀନ କରିଡର ନିର୍ମାଣ କରାଯାଉନାହିଁ, କିନ୍ତୁ ରେଡ ଲାଇଟରେ ଗ୍ରୀନ ସିଗନାଲ ଦିଆଯିବ। ପାଲମ ଏୟାରବେସରୁ ଏନ୍‌ଆଇଏ ମୁଖ୍ୟାଳୟର ଦୂରତା ୧୭ କିଲୋମିଟର। ପଟିଆଲା ହାଉସ କୋର୍ଟରୁ ୧୪ କିଲୋମିଟର ଦୂରତା ଅଛି। ଆତଙ୍କବାଦୀ ତହୱୁର ରାଣାକୁ ସ୍ୱତନ୍ତ୍ର ଏନଆଇଏ ବିଚାରପତି ଚନ୍ଦ୍ରଜିତ ସିଂହଙ୍କ କୋର୍ଟରେ ହାଜର କରାଯିବ। ଏନଆଇଏ ତହୱୁର ରାଣାକୁ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ବର୍ଣ୍ଣନା କରିଛି।

## ମାସିକ ଋତୁସ୍ରାବ ପାଇଁ ଶ୍ରେଣୀଗୃହ ବାହାରେ ପରୀକ୍ଷା ଦେଲେ ଛାତ୍ରୀ, ତଦନ୍ତ ନିର୍ଦ୍ଦେଶ



**ତାମିଲନାଡୁ,୧୦।୪:** କୋଏମ୍ବାଟୁରରେ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କ ମାସିକ ଋତୁସ୍ରାବ ହେଉଥିବାରୁ ତାଙ୍କୁ ଶ୍ରେଣୀଗୃହ ବାହାରେ ବିଜ୍ଞାନ ପରୀକ୍ଷା ଦେବାକୁ ବାଧ୍ୟ କରାଯାଇଥିବା ଜଣାପଡିଛି। ଏହି ଘଟଣା ସେଙ୍ଗୁଟ୍ଟାଇର ଏକ ଘରୋଇ ସ୍କୁଲରେ ଘଟିଛି। ଭାଇରାଲ ହୋଇଥିବା ଏକ ଭିଡିଓରେ ପିଲାଟିର ମାଆ ତାଙ୍କ ପାଖକୁ ଦୌଡ଼ି ଆସି କ'ଣ ହୋଇଛି ବୋଲି ପଚାରୁଥିବା ଦେଖାଯାଇଛି। କ୍ଲିପରେ, ଛାତ୍ରୀ ଜଣକ ତାଙ୍କ ମାଆଙ୍କୁ କହୁଛନ୍ତି ଯେ ପ୍ରିନ୍ସିପାଲ୍ ତାଙ୍କୁ ବାହାରେ ବସାଇଥିଲେ। ସ୍ପଷ୍ଟ ଭାବରେ ନାବାଳିକାଙ୍କର ମା' ପ୍ରଶ୍ନ କରୁଥିବା ଶୁଣାଯାଉଛି ଯେ, ମାସିକ ଋତୁସ୍ରାବ ସମୟରେ ଜଣେ ଛାତ୍ରୀଙ୍କୁ କିପରି ବାହାରେ ବସାଇ ପରୀକ୍ଷା ଦେବାକୁ ବାଧ୍ୟ କରାଯାଇପାରିବ। ଚଳିତ ବର୍ଷ ଜାନୁଆରୀରେ, ଉତ୍ତର ପ୍ରଦେଶର ଏକ ବାଳିକା ବିଦ୍ୟାଳୟର ଜଣେ ୧୧ମ ଶ୍ରେଣୀ ଛାତ୍ରୀ ଶନିବାର ପରୀକ୍ଷା ଦେବା ସମୟରେ ସାନିଟାରୀ ନାପକିନ୍ ମାଗିବା ପରେ ତାଙ୍କୁ ଏକ ଘଣ୍ଟା ପାଇଁ ଶ୍ରେଣୀଗୃହ ବସିବାକୁ କୁହାଯାଇଥିଲା। ଝିଅଟିର ବାପା ଏକ ଅଭିଯୋଗ କରିଥିଲେ ଯେ ତାଙ୍କ ଝିଅ ପରୀକ୍ଷା ପାଇଁ ସ୍କୁଲରେ ଥିବା ସମୟରେ ତାଙ୍କର ମାସିକ ଋତୁସ୍ରାବ ଆରମ୍ଭ ହୋଇଯାଇଥିଲା। ଅଭିଯୋଗକାରୀ କହିଥିଲେ ଯେ ପ୍ରଧାନଶିକ୍ଷକଙ୍କୁ ସାନିଟାରୀ ପ୍ୟାଡ୍ ମାଗିବା ପରେ, ତାଙ୍କୁ ଶ୍ରେଣୀଗୃହ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ପ୍ରାୟ ଏକ ଘଣ୍ଟା ପାଇଁ ବାହାରେ ଠିଆ ହେବାକୁ ବାଧ୍ୟ କରାଯାଇଥିଲା।

## ଦିଲ୍ଲୀର ଲାଲକିଲ୍ଲା ଓ ଜାମା ମସଜିଦକୁ ବୋମା ମାଡ ଧମକ



**ନୂଆଦିଲ୍ଲୀ,୧୦।୪:** ଦିଲ୍ଲୀର ଲାଲକିଲ୍ଲା ଏବଂ ଜାମା ମସଜିଦକୁ ବୋମା ମାଡ଼ କରି ଉଡାଇ ଦେବାକୁ ଧମକ ମିଳିଛି । ଦିଲ୍ଲୀ ପୋଲିସ କହିଛି ଯେ ଯେତେବେଳେ ଏହାକୁ ନେଇ କଲ୍ ଯାଞ୍ଚ କରାଯାଇଥିଲା, ସେତେବେଳେ କିଛି ସନ୍ଦିଗ୍ଧ ମିଳିନଥିଲା ଏବଂ ଏହା ଏକ ମିଥ୍ୟା କଲ୍ ଥିଲା। ଏହି କଲ୍ ପାଇବା ପରେ ତୁରନ୍ତ ଗୁରୁବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦିଲ୍ଲୀ ଅଗ୍ନିଶମ ସେବା କହିଛି ଯେ ସକାଳ ୯.୩୦ରେ ଜାମା ମସଜିଦ ଏବଂ ଲାଲକିଲ୍ଲାରେ ବୋମା ଧମକ ବିଷୟରେ ଏକ ଫୋନ୍ ଆସିଥିଲା। ଏହା ପରେ, ସେଠାରେ ଏକ ଅନୁସନ୍ଧାନ କରାଯାଇଥିଲା। ଦିଲ୍ଲୀ ପୋଲିସ ତାର ବିବୃତ୍ତିରେ କହିଛି ଯେ, କଲ୍ ପାଇବା ପରେ, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ସିଆଇଏସ୍‌ଏଫ ଦଳ ସମଗ୍ର ପରିସରକୁ ଭଲ ଭାବରେ ଯାଞ୍ଚ କରିଥିଲେ କିନ୍ତୁ କିଛି ସନ୍ଦେହଜନକ ମିଳିନଥିଲା। ଦିଲ୍ଲୀରେ ବୋମା ଧମକ ଦିଆଯିବା ଏହା ପ୍ରଥମ ଘଟଣା ନୁହେଁ। ନିକଟ ଅତୀତରେ ମଧ୍ୟ ବୋମା ଧମକ ସମ୍ପର୍କିତ କଲ୍ ବୃଦ୍ଧି ପାଇଛି । ସ୍କୁଲ ଏବଂ ବିମାନ ଉପରେ ବୋମା ପକାଇବା ଧମକପୂର୍ଣ୍ଣ ଅନେକ କଲ୍ ଏପର୍ଯ୍ୟନ୍ତ ଆସିସାରିଛି। ଫେବୃଆରୀ ମାସରେ ହିଁ ଦିଲ୍ଲୀ ଏବଂ ନୋଏଡାର ସ୍କୁଲ ଗୁଡ଼ିକୁ ବୋମା ଧମକ ମିଳିଥିଲା। ଜାନୁଆରୀ ୧୦ ତାରିଖରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଥିଲା ଯେତେବେଳେ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ର ୨୩ଟି ସ୍କୁଲକୁ ବୋମା ଧମକପୂର୍ଣ୍ଣ ଇମେଲ୍ ପଠାଇଥିଲେ। ଆଉ ପରେ ସେ ଦିଲ୍ଲୀରେ ଧରାପଡ଼ିଥିଲେ।

### ଆମେରିକାକୁ ଚୀନ୍‌ର ଜବାବ

## ପଛକୁ ହଟିବୁନି, ମୁଣ୍ଡ ନୁଆଁଇବୁନି



ବେଜିଂ,୧୦।୪: ଆମେରିକା ଚାଇନା ଉପରେ ୧୦୪ ପ୍ରତିଶତ ଟାରିଫ୍ ଲଗାଇବା ପରେ, ଏବେ ଚାଇନା ମଧ୍ୟ ଆମେରିକା ଉପରେ ୮୪ ପ୍ରତିଶତ ଟାରିଫ୍ ଲଗାଇବା ଘୋଷଣା କରି ପ୍ରତିଶୋଧ ନେଇଛି। ଟାରିଫ୍ ପ୍ରସଙ୍ଗରେ ଉଭୟ ଦେଶ ପରସ୍ପର ସହିତ ମୁହାଁମୁହିଁ ଅଛନ୍ତି। ଚାଇନା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ ସୋସିଆଲ ମିଡିଆରେ କହିଛନ୍ତି, ଆମେ ପଛକୁ ହଟିବୁ ନାହିଁ

ତାଙ୍କ ଅଫିସିଆଲ ଆକାଉଣ୍ଟ ଏକ୍ସରେ, ସେ କୋରିଆନ ଯୁଦ୍ଧ ସମୟରେ ଚାଇନା କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ନେତା ମାଓ ଜେଡୋଙ୍ଗଙ୍କ ଏକ ପୁରୁଣା ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ କହୁଥିବା ଦେଖାଯାଉଛି ଯେ, ଯୁଦ୍ଧ ଯେତେ ଦିନ ଚାଲିଲେ ମଧ୍ୟ, ଆମେ ମୁଣ୍ଡ ନୁଆଁଇବୁ ନାହିଁ। ଆମେ ବିଜୟ ହାସଲ କରିବା ପର୍ଯ୍ୟନ୍ତ ଲଢ଼ିବୁ। ଏହି ଭିଡିଓର କ୍ୟାପସନରେ ମାଓ ନିଙ୍ଗ ଲେଖିଛନ୍ତି, ଆମେ ଚାଇନାବାସୀ। ଆମେ କୌଣସି ଉତ୍ତେଜନାକୁ ଭୟ କରୁନାହୁଁ। ଆମେ ପଛକୁ ହଟିବୁ ନାହିଁ।"

ଚାଇନା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହା ମଧ୍ୟ କୁହାଯାଇଛି, ଚାଇନା ଆମେରିକା ସହିତ ଯୁଦ୍ଧର ଭୟ ନାହିଁ, କିନ୍ତୁ ଚାଇନା ଆମେରିକା ସହିତ ଯୁଦ୍ଧ ଚାହୁଁନାହିଁ। ତଥାପି, ଯଦି ଟ୍ରମ୍ପଙ୍କ ଧମକ ଜାରି ରହେ, ତେବେ ତାଙ୍କୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ। ଆମେରିକା ଯାହା କରୁଛି ତାହାକୁ ଲୋକମାନେ ସମର୍ଥନ କରୁନାହାଁନ୍ତି, ତେଣୁ ଏହା ଶୀଘ୍ର ବିଫଳ ହେବ। ଗତକାଲି ହ୍ୱାଇଟ ହାଉସ ଏନ୍‌ଏଏସ୍‌ସିଏଆର କାର୍ଯ୍ୟକ୍ରମରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ, ସେ ସି ଜିନପିଙ୍ଗଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ। ଟାରିଫ୍‌କୁ ନେଇ ଦୁଇ ଦେଶ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ତାଙ୍କର ଏହି ବକ୍ତବ୍ୟ ଆସିଛି। ଏହାସହ ସେ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ସେ କହିଥିଲେ, ସେ (ଜିନପିଙ୍ଗ) ଜଣେ ଏମିତି ବ୍ୟକ୍ତି, ଯିଏ କ'ଣ କରିବାକୁ ହେବ ଜାଣନ୍ତି। ସେ ତାଙ୍କ ଦେଶକୁ ଭଲ ପାଆନ୍ତି।

## ବର୍ଷା-ଘଡ଼ଘଡ଼ିରେ ୩୦ରୁ ଉର୍ଦ୍ଧ୍ୱ ଲୋକାଙ୍କ ମୃତ୍ୟୁ




**ପାଟନା,୧୦।୪:** ବିହାରର ନାଳନ୍ଦା, ସିୱାନ, ଭୋଜପୁର, ଗୋପାଳଗଞ୍ଜ, ବେଗୁସରାଇ, ସରନ, ଗୟା, ଜେହାନାବାଦ ଏବଂ ଅରୱାଲରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଏବଂ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ, କାନ୍ଥ, କଲଭର୍ଟ ଆଦି ଭୁଶୁଡି ପଡିବାରୁ ବହୁ ଧନଜୀବନ କ୍ଷତି ହୋଇଛି। ଏହି ଜିଲାଗୁଡ଼ିକରେ ମୋଟ ୩୧ ଜଣ ପ୍ରାଣ ହରାଇଥିବା କୁହାଯାଉଛି। ଯେଉଁଥିରେ ନାଳନ୍ଦାରେ ସର୍ବାଧିକ ୧୩ ଜଣଙ୍କ ଜୀବନ ଯାଇଥିଲା। ଏମାନଙ୍କ ମଧ୍ୟରୁ ଗୋଟିଏ ବି ମୃତ୍ୟୁ ବଜ୍ରପାତ ଯୋଗୁଁ ହୋଇନାହିଁ। ନାଳନ୍ଦା ଜିଲାର ମାନପୁର ଥାନାର ନାଗୱାନ ଗାଁରେ ଥିବା ଦେବୀ ସ୍ଥାନର କାନ୍ଥରେ ଏକ ବିରାଟ ପିପଲ ଗଛ ଭାଙ୍ଗି ପଡ଼ିବାରୁ ଗଛ ଏବଂ କାନ୍ଥର ଭଗ୍ନାବଶେଷ ତଳେ ଚାପି ହୋଇ ସେହି ସ୍ଥାନରେ ଛଅ ଜଣଙ୍କର ମୃତ୍ୟୁ ଘଟିଛି। ଇସଲାମପୁର ଜିଲାର ବାଲାମଟ ବିଘା ଗାଁ ନିକଟରେ ଏକ କଲଭର୍ଟ ଭୁଶୁଡ଼ି ପଡ଼ିବାରୁ ଭଗ୍ନାବଶେଷ ତଳେ ଚାପି ହୋଇ ଜଣେ ଜେଜେମା, ତାଙ୍କ ଦୁଇ ବର୍ଷର ନାତି ଏବଂ ନଅ ମାସର ନାତୁଣୀଙ୍କ ମୃତ୍ୟୁ ଘଟିଛି। ଜିଲାର ପାବାପୁରୀ ଆସିଷ୍ଟାଣ୍ଟ ପୋଲିସ ଷ୍ଟେଶନର ଦୁର୍ଗାପୁର ଖଣ୍ଡାରେ ଏକ ଦଶ ବର୍ଷର ବାଳକ ତାଳଗଛରେ ଚାପି ହୋଇ ମୃତ୍ୟୁବରଣ କରିଛି। ଜିଲାର ସିଲାଭର ମାଧୋପୁରରେ ଏକ ତାଳଗଛ ତଳେ ଚାପି ହୋଇ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ସେହି ସମୟରେ, ରାଜଗିରର ସରିଲଚକରେ ଗଛରେ ଚାପି ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ଭୋଜପୁରରେ ଜଣେ ମାଆ ଏବଂ ପୁଅ ସମେତ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି। ଏଥିମଧ୍ୟରୁ ଜଣେ ବଜ୍ରପାତ ଯୋଗୁଁ ଏବଂ ଚାରି ଜଣ କାନ୍ଥ ଏବଂ ଗଛରେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି।

## ଫେରିଲା ବିଲୁପ୍ତ ଡାୟାର ୱଲ୍ଫ

**ୱାଶିଂଟନ,୧୦।୪:** ଆମେରିକାର ବୈଜ୍ଞାନିକମାନେ ଜେନେଟିକ୍ ଇଞ୍ଜିନିୟରିଂ ମାଧ୍ୟମରେ ୧୨ ହଜାର ବର୍ଷ ତଳେ ବିଲୁପ୍ତ ହୋଇଯାଇଥିବା ଡାୟାର ୱଲ୍ଫ (ଆମେରିକାରେ ଦେଖାଯାଉଥିବା ଏକ ପ୍ରଜାତିର ଗଧିଆ) ପରି ୩ଟି ଗଧିଆ ଶାବକ ସୃଷ୍ଟି କରିଛନ୍ତି। ଏହି ଶାବକମାନେ ଏବେ ୬ ମାସର ହୋଇଥିବାବେଳେ ସେମାନଙ୍କୁ ଏକ ଗୁପ୍ତ ଏବଂ ନିରାପଦ ସ୍ଥାନରେ ରଖାଯାଇଛି। ବିଲୁପ୍ତ ପ୍ରଜାତିଙ୍କୁ ପୁନଃ ପ୍ରବର୍ତ୍ତନ କରିବା ପାଇଁ କାର୍ଯ୍ୟ କରୁଥିବା ଆମେରିକାର ଟେକ୍ସାସ୍‌ସ୍ଥିତ ବାୟୋ ଟେକ୍ନୋଲୋଜି କମ୍ପାନୀ କୋଲୋସଲ୍ ବାୟୋ ସାଇନ୍ସେସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି।



## କଙ୍ଗନା ୨ ଥର ବିଲ୍ ଖିଲାପକାରୀ

● ଅତିରିକ୍ତ ୧ ଲକ୍ଷ ଟଙ୍କା ଦେୟକୁ ନେଇ ସଫେଇ ଦେଲା ବିଜୁଳି ବୋର୍ଡ



**ସିମ୍‌ଲା,୧୦।୪:** ବିଜେପି ସାଂସଦଙ୍କ ନାଁରେ ଗଡୁଛି ବିଦ୍ୟୁତ୍ ବକେୟା ବିଲ୍। ଦୁଇ ଥର ବିଲ୍ ଖିଲାପକାରୀ ଅଭିନେତ୍ରୀ କଙ୍ଗନା ରାଣାୱାତ । ଜାନୁଆରୀ ଓ ଫେବୃଆରୀ ମାସରେ ବିଜୁଳି ଦେୟ ଦେବାରେ ବିଳମ୍ବ କରିବାରୁ ତାଙ୍କ ମନାଲି ସ୍ଥିତି ବାସଭବନକୁ ୧ ଲକ୍ଷ ଟଙ୍କା ଅତିରିକ୍ତ ବିଲ୍ ଆସିଛି । ତେଣୁ ଅଭିନେତ୍ରୀ କଙ୍ଗନ ରାଣାୱାତ ବିଜୁଳି ବିଲ୍‌କୁ ନେଇ ଏବେ ସବୁଠି ଚର୍ଚ୍ଚା ଜାରି ରହିଛି । ସେପଟେ ହିମାଚଳ ପ୍ରଦେଶ ବିଜୁଳି ବୋର୍ଡ ଏହା ଉପରେ ସଫେଇ ଦେଇଛି । ବିଜୁଳି ବୋର୍ଡ ପ୍ରବନ୍ଧ ନିର୍ଦ୍ଦେଶକ ସନ୍ଦୀପ କୁମାର କହିଛନ୍ତି, ସାଂସଦ କଙ୍ଗନା ରାଣାୱତ ସଠିକ୍ ସମୟରେ ବିଜୁଳି ଦେୟ ପଠଇ କରନ୍ତିନାହିଁ । ହିମାଚଳ ପ୍ରଦେଶର ମନାଲିରେ ଥିବା ବାସଭବନର ବିଜୁଳି ବିଲ୍ ଦେବାରେ ଖିଲାପ କରନ୍ତି। ସରକାରଙ୍କ ସମସ୍ତ ସବ୍‌ସିଡ଼ିର ଫାଇଦା ଉଠାଇଛନ୍ତି, ହେଲେ ଦୁଇ ଥର ବିଜୁଳି ଖିଲାପକାରୀ ରହିଛନ୍ତି । କଙ୍ଗନାଙ୍କ ଏହି ଘର ମନାଲି ବିଦ୍ୟୁତ୍ ଉପମଣ୍ଡଳ ଅଧୀନ ସିମସା ଗାଁରେ ଆସୁଛି । ତାଙ୍କ ବିଜୁଳି କଷ୍ଟମର ନଂ-୧୦୦୦୦୦୮୩ ଏକ ଘରୋଇ କନେସନ୍‌ରେ ପଞ୍ଜୀକୃତ ହୋଇଛି। ସିମସା ସ୍ଥିତି ଏହି ବାସଭବନରେ ଦୁଇ ମାସର ବିଜୁଳି ବକେୟା ୯୦, ୩୮୪ ଟଙ୍କା ରହିଛି । ଏଥିରେ ବକେୟା ବିଳମ୍ବିତ ଶୁଳ୍କ ମଧ୍ୟ ଯୋଡ଼ା ହୋଇଛି । ମାର୍ଚ୍ଚ ୨୨ ତାରିଖରେ କଙ୍ଗନା ଙ୍କୁ ବିଜୁଳି ବିଲ୍ ଜାରି ହୋଇଥିଲା। ଏଥିରେ ପୂର୍ବରୁ ବିଲ୍ ୩୨, ୨୮୭ ଟଙ୍କା ସାମିଲ୍ ରହିଛି । ଏହାଛଡ଼ା ବିଜୁଳି ବୋର୍ଡ ପ୍ରବନ୍ଧ ନିର୍ଦ୍ଦେଶକ ସନ୍ଦୀପ କୁମାର କହିଛନ୍ତି, କଙ୍ଗନା ଙ୍କ ବାସଭବନରେ ଘରୋଇ ବିଜୁଳି କନେକ୍ସନ ହୋଇଥିଲେ ମଧ୍ୟ ତାଙ୍କର ୯୪.୮୨ କିଲୋୱାଟ୍‌ର ଲୋଡ୍ ରହିଛି । ଏହା ଜଣେ ସାମାନ୍ୟ ଉପଭୋକ୍ତାଙ୍କ ଠାରୁ ୧୫ଶହ ପ୍ରତିଶତ ଅଧିକ ।

# ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ ଫେରିଲା କ୍ରିକେଟ

**ନୂଆଦିଲ୍ଲୀ, ୧୦।୪:** ତିନି ବର୍ଷ ପରେ ହେବାକୁଥିବା ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସରେ କ୍ରିକେଟ୍ ଫେରିବାକୁ ଯାଉଛି। ଏବେ କିଛି ନୂତନ ନିୟମ ମଧ ଆସିଛି। କେବଳ ୬ଟି ଦଳ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେ। ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ବହୁତ ସ୍ୱତନ୍ତ୍ର ହେବାକୁ ଯାଉଛି କାରଣ ୧୨୮ ବର୍ଷ ପରେ ଏଥିରେ କ୍ରିକେଟ୍ ପୁନରାଗମନ କରିବାକୁ ଯାଉଛି। କ୍ରିକେଟ ଖେଳ ଶେଷ ଥର ପାଇଁ ୧୯୦୦ ମସିହାରେ ଅଲିମ୍ପିକ୍ସରେ ସାମିଲ ହୋଇଥିଲା। ୨୦୨୮ ଅଲିମ୍ପିକ୍ସର ଆୟୋଜକମାନେ ନିଶ୍ଚିତ କରିଛନ୍ତି ଯେ, ମ୍ୟାଚଗୁଡ଼ିକ ଟି-୨୦ ଫର୍ମାଟରେ ଖେଳାଯିବ। ଏହା ବ୍ୟତୀତ, ଏହା ମଧ ପ୍ରକାଶ ପାଇଛି ଯେ, ପୁରୁଷ କ୍ରିକେଟ ହେଉ କି ମହିଳା କ୍ରିକେଟ ହେଉ ବିଶ୍ୱର କେବଳ ୬ ଟି କ୍ରିକେଟ ଦଳ ୨୦୨୮ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେ।




୨୦୨୮ ଅଲିମ୍ପିକ୍ସରେ କ୍ରିକେଟ ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ନିୟମ ପ୍ରସ୍ତୁତ କରିଛି। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ମୋଟ ୯୦ ଜଣ ଖେଳାଳିଙ୍କୁ ପ୍ରସ୍ତୁତ କରାଯାଇଛି। ଏପରି ପରିସ୍ଥିତିରେ, କେବଳ ୬ଟି ଦଳ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେ। ଯେଉଁଥିରେ ପ୍ରତ୍ୟେକ ଦଳର ଦଳରେ ୧୩ ଜଣ ଖେଳାଳିଙ୍କୁ ରଖାଯିବ। ଯୋଗ୍ୟତା ପ୍ରକ୍ରିୟା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ନିୟମ ପ୍ରକାଶ କରାଯାଇ ନାହିଁ। କିନ୍ତୁ ଆୟୋଜକ ଭାବରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସଏ) ସିଧାସଳଖ ପ୍ରବେଶ ପାଇପାରେ ବୋଲି ସମ୍ଭାବନା ଅଛି। ଯଦି ଆମେରିକା ଅଲିମ୍ପିକ୍ସ ୨୦୨୮ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସିଧାସଳଖ ପ୍ରବେଶ ପାଏ, ତେବେ ଯୋଗ୍ୟତା ପାଇଁ କେବଳ ୫ଟି ସ୍ଥାନ ଖାଲି

## ୬ ଦଳ ଖେଳିବେ

ରହିବ। ଯଦି ଦଳଗୁଡ଼ିକ ରାଙ୍କିଙ୍ଗ ଆଧାରରେ ଯୋଗ୍ୟତା ଅର୍ଜନ କରନ୍ତି, ତେବେ ବର୍ତ୍ତମାନ ପୁରୁଷ ଟି-୨୦ରେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ବିଶ୍ୱର ଶ୍ରେଷ୍ଠ-୫ ଦଳ ରହିଛନ୍ତି। ମହିଳା ଟି-୨୦ ଦଳର ରାଙ୍କିଙ୍ଗରେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ପ୍ରଥମ ୫ ସ୍ଥାନରେ ଅଛନ୍ତି।

ଭାରତ-ପାକିସ୍ତାନ ମ୍ୟାଚ୍ ବହୁ ଦଶନ୍ଧି ଧରି କ୍ରିକେଟ୍ ଜଗତରେ ଉତ୍ସାହ ଆଣିଆସୁଛି। ଏପରି ପରିସ୍ଥିତିରେ ଲୋକଙ୍କ ମନରେ ନିଶ୍ଚିତ ଭାବରେ ଏକ ପ୍ରଶ୍ନ ଉଠିବ ଯେ ଭାରତ-ପାକିସ୍ତାନ ମ୍ୟାଚ୍ ଅଲିମ୍ପିକ୍ସରେ ଖେଳାଯିବ କି? ଯୋଗ୍ୟତା ପ୍ରକ୍ରିୟା ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ, କିନ୍ତୁ ଯଦି ଦଳଗୁଡ଼ିକ ରାଙ୍କିଂ ଆଧାରରେ ଯୋଗ୍ୟତା ଅର୍ଜନ କରନ୍ତି, ତେବେ ପୁରୁଷ ଏବଂ ମହିଳା କ୍ରିକେଟରେ ଅଲିମ୍ପିକ୍ସରେ ଖେଳିବା ପାଇଁ ପାକିସ୍ତାନର ସ୍ୱପ୍ନ ବର୍ତ୍ତମାନ ପାଇଁ ଅଧୁରା ରହିପାରେ।

# ସରକାରୀ ଚାକିରି ଛାଡି ୪କୋଟି ଟଙ୍କାର ବିକଳ୍ପ ବାଛିଲେ ଭିନେଶ



ଚଣ୍ଡିଗଡ଼,୧୦।୪: ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ସମୟରେ ଚର୍ଚ୍ଚାକୁ ଆସିଥିବା ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗାଟଙ୍କ ବିଷୟରେ ଏକ ବଡ଼ ଖୁଲାସା ହୋଇଛି। ଅଲିମ୍ପିକ୍ସରୁ ଅଯୋଗ୍ୟତା ବିବାଦ ପରେ, ଭିନେଶ କୁସ୍ତିରୁ ଅବସର ନେବାକୁ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଏହା ପରେ, ସେ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ୨୦୨୪ ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରି ଜୁଲାନା ଆସନରେ ବିଜୟୀ ହୋଇଥିଲେ। ନିକଟରେ, ହରିୟାଣା ସରକାର ତାଙ୍କ ସମ୍ମୁଖରେ ତିନୋଟି ବିକଳ୍ପ ରଖିଥିଲେ, ଏବେ ଏକ ଅପଡେଟ ଆସିଛି ଯେ ଏଥିମଧ୍ୟରୁ ଭିନେଶ ଗୋଟିଏ ବିକଳ୍ପ ବାଛିଛନ୍ତି।

ଭିନେଶ ଫୋଗାଟ ୪ କୋଟି ଟଙ୍କାର ନଗଦ ପୁରସ୍କାରର ବିକଳ୍ପ ବାଛିଛନ୍ତି। ଏସମ୍ପର୍କରେ, ହରିୟାଣା ସରକାରଙ୍କ କ୍ରୀଡା ବିଭାଗକୁ ଏକ ଚିଠି ପଠାଯାଇଛି, ଯାହା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମିଳିଥିବା ରିପୋର୍ଟ ଅନୁଯାୟୀ, ଜୁଲାନା ଆସନର ବିଧାୟକ ଭିନେଶ ଫୋଗାଟ ଗତ ମାସରେ ବଜେଟ ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇଥିଲେ। ଭିନେଶ କହିଛନ୍ତି ଯେ ସରକାର ତାଙ୍କ ପାଇଁ ଅଲିମ୍ପିକ୍ସରେ ରୌପ୍ୟ ପଦକ ସହିତ ସମାନ ପୁରସ୍କାର ଘୋଷଣା କରିଥିଲେ, କିନ୍ତୁ ୮ ମାସ ପରେ ମଧ ତାଙ୍କୁ ସମ୍ମାନିତ କରାଯାଇ ନାହିଁ।

ଭିନେଶଙ୍କ ଦାବି ଉପରେ ହରିୟାଣା ମୁଖ୍ୟମନ୍ତ୍ରୀ ନାଇବ ସିଂହ ସାଇନି ଉତ୍ତର ଦେଇଥିଲେ ଯେ ଯଦିଓ ସେ ବର୍ତ୍ତମାନ କଂଗ୍ରେସ ବିଧାୟକ, ତଥାପି ତାଙ୍କୁ ସରକାରୀ ଚାକିରି, ଏକ ପ୍ଲଟ କିମ୍ବା ୪କୋଟି ଟଙ୍କାର ନଗଦ ପୁରସ୍କାରର ବିକଳ୍ପ ଦିଆଯିବ। ରିପୋର୍ଟ ଅନୁଯାୟୀ, ଏହାର ଜବାବରେ, ଭିନେଶ ୪ କୋଟି ଟଙ୍କାର ନଗଦ ପୁରସ୍କାର ପାଇଁ ରାଜି ହୋଇଛନ୍ତି। ଭିନେଶ ତାଙ୍କର ବିକଳ୍ପ ନିଷ୍ପତ୍ତି ସମ୍ପର୍କରେ କ୍ରୀଡ଼ା ବିଭାଗକୁ ଏକ ଚିଠି ପଠାଇଛନ୍ତି। ଯେହେତୁ ସେ ଏବେ ବିଧାୟକ, ସେ ସରକାରୀ ଚାକିରି ବାଛି ନ ଥିଲେ। ଆପଣଙ୍କୁ ମନେ ପକାଇ ଦେଉଛୁ ଯେ ଭିନେଶ ଫୋଗତଙ୍କୁ ନିର୍ଦ୍ଧାରିତ ଓଜନ ସୀମାଠାରୁ ୧୦୦ ଗ୍ରାମ ଅଧିକ ଓଜନ ପାଇଁ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା।

# ସର୍ବଭାରତୀୟ ପୁଲିସ ହକି ଚାମ୍ପିଅନସିପ କେରଳ ପୁଲିସର ଏକତରଫା ବିଜୟ



ଭୁବନେଶ୍ୱର,୧୦।୪ (ସଂଚାର ବ୍ୟୁରୋ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନସିପର ଚତୁର୍ଥ ଦିନର ପ୍ରଥମ ମ୍ୟାଚ ସିଆଇଏସଏଫ ଓ ଏସଏସବି ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆଇଏସଏଫ, ଏସଏସବି ଦଳକୁ ୩-୨ ଗୋଲରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ ଏସଏସବି ଓ କେରଳ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ବିଏସଏଫ, କେରଳ ପୋଲିସ ଦଳକୁ ୬-୦ ଗୋଲରେ ହରାଇଛି । ସେହିପରି ସିଆରପିଏଫ ଓ ତାମିଲନାଡୁ ପୋଲିସ ମଧ୍ୟରେ ତୃତୀୟ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆରପିଏଫ, ତାମିଲନାଡୁ ପୋଲିସ ଦଳକୁ ୫-୨ ଗୋଲରେ ହରାଇଛି। ଚତୁର୍ଥ ମ୍ୟାଚ ପଶ୍ଚିମବଙ୍ଗ ଓ ମଣିପୁର ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମଣିପୁର ପଶ୍ଚିମବଙ୍ଗ ପୋଲିସ ଦଳକୁ ୪-୨ ଗୋଲରେ ହରାଇଛି । ପଞ୍ଚମ ମ୍ୟାଚ ମହିଳା ବିଭାଗରେ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ମହିଳା ପୋଲିସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ପୋଲିସ ଦଳକୁ ୩ -୦ ଗୋଲରେ ପରାସ୍ତ କରିଛି। ସେହିପରି ତ୍ରିପୁରା ଓ ପଞ୍ଜାବ ପୋଲିସ ଦଳ ମଧ୍ୟରେ ଷଷ୍ଠ ମ୍ୟାଚ ଖେଳା ଯାଇଥିଲା। ଏହି ମ୍ୟାଚରେ ପଞ୍ଜାବ, ତ୍ରିପୁରା ପୋଲିସ ଦଳକୁ ୮-୦ ଗୋଲରେ ପରାସ୍ତ କରିଛି ।

# ଟିମ୍ ଇଣ୍ଡିଆରେ ସାମିଲ୍ ହେଲେ ମଧ୍ୟପ୍ରଦେଶର ଶୁଚି ଉପାଧ୍ୟାୟ

## ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବେ ତ୍ରିକୋଣୀୟ ସିରିଜ




**ନୂଆଦିଲ୍ଲୀ, ୧୦।୪:** ତ୍ରିକୋଣୀୟ ସିରିଜ୍ ଲାଗି ଭାରତୀୟ ମହିଳା କ୍ରିକେଟ ଟିମ୍ ଘୋଷଣା। ଭାରତ, ଶ୍ରୀଲଙ୍କା ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨୭ଏପ୍ରିଲରୁ ୫ଟିକିଆ ସିରିଜ ଖେଳାଯିବ। ବିସିସିଆଇ ଏହି ସିରିଜ୍ ଲାଗି ମଧ୍ୟପ୍ରଦେଶର ଶୁଚି ଉପାଧ୍ୟାୟଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ଦେଇଛି। ବାମ ହାତୀ ସ୍ପିନର ଶୁଚି କେତେକ ସୁଯୋଗରେ ଭଲ ପ୍ରଦର୍ଶନ କରିସାରିଛନ୍ତି। ସେ ଘରୋଇ କ୍ରିକେଟରେ ଭଲ ପରଫର୍ମ କରିଛନ୍ତି। ଶୁଚି ମଧ୍ୟପ୍ରଦେଶର ମଣ୍ଡଳା ଜିଲ୍ଲାରୁ ଅଟନ୍ତି। ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଶୁଚିଙ୍କ ଲାଗି ଏକ୍ସରେ ପୋଷ୍ଟ ବି ସେୟାର କରିଛନ୍ତି। ସେ ଏକ୍ସରେ ଲେଖିଛନ୍ତି କି, ମଣ୍ଡଳା ଜିଲ୍ଲାର ଝିଅ ଶୁଚି ଉପାଧ୍ୟାୟଙ୍କୁ ଭାରତୀୟ ମହିଳା କ୍ରିକେଟ ଟିମରେ ଚୟନ କରାଯାଇଥିବାରୁ ହୃଦୟରୁ ଧନ୍ୟବାଦ। ଏହା ଆମ୍ ସମସ୍ତଙ୍କ ଲାଗି ଆନନ୍ଦର ବିଷୟ ଅଟେ କି ଆପଣ ଶ୍ରୀଲଙ୍କା ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ହେବାକୁ ଥିବା ତ୍ରିକୋଣୀୟ ସିରିଜରେ ଭାରତୀୟ ଟିମରେ ସାମିଲ୍ ରହିବେ। ଆପଣ ନିଜ ଉତ୍କୃଷ୍ଟ ଖେଳି ମଧ୍ୟପ୍ରଦେଶ ଏବଂ ଦେଶର ନାଁକୁ ଉଜ୍ଜ୍ୱଳ କରନ୍ତୁ, ଶୁଭକାମନା '। ସେହିଭଳି ରାଜ୍ୟର ଖେଳ ଏବଂ ଯୁବ କଲ୍ୟାଣ ମନ୍ତ୍ରୀ ବିଶ୍ୱାସ ସାରଙ୍ଗ ବି ଶୁଚିଙ୍କୁ ଭିଡ଼ିଓ କଲରେ କଥା ହୋଇ ଶୁଭେଚ୍ଛା ଦେଇଛନ୍ତି। ଖେଳ ମନ୍ତ୍ରୀ ସାରଙ୍ଗ ଶୁଚିଙ୍କ ଉଜ୍ଜ୍ୱଳ ଭବିଷ୍ୟତର ଶୁଭକାମନା ଦେଇ କହିଛନ୍ତି କି ଶୁଚିଙ୍କ ଉପଲବ୍ଧି ଯୁବ ଖେଳାଳୀଙ୍କ ଲାଗି ପ୍ରେରଣାର ଉତ୍ସ ଅଟେ। ସାରଙ୍ଗ ଶୁଚିଙ୍କୁ ଶୁଭକାମନା ଦେଇ କହିଛନ୍ତି କି ବାପା, ମା,କୋଚ୍ ରାଜ୍ୟ ଏବଂ ଦେଶର ନାଁକୁ ଉଜ୍ଜ୍ୱଳ କର'।

# ଜାତୀୟ ବିଶ୍ୱବିଦ୍ୟାଳୟ ଭଲିବଲ୍, ଟେନିସ୍ ଚୟନ ଶିବିର ଆରମ୍ଭ

**ଭୁବନେଶ୍ୱର, ୧୦।୪:** ଜର୍ମାନୀରେ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଲାଗି ଭାରତୀୟ ବିଶ୍ୱବିଦ୍ୟାଳୟ ଭଲିବଲ୍ (ମହିଳା) ଏବଂ ଲନ୍ ଟେନିସ୍ (ପୁରୁଷ ଓ ମହିଳା) ଦଳର ଚୟନ ଶିବିର ବୁଧବାରଠୁ କିଟ୍ ବିଶ୍ୱବିଦ୍ୟାଳୟଠାରେ ଆରମ୍ଭ ହୋଇଛି। ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ୭୦ରୁ ଅଧିକ ଭଲିବଲ୍ ଏବଂ ୫୬ ଲନ୍ ଟେନିସ୍ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ଖେଳାଳିଙ୍କ ମଧ୍ୟରେ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ତାରକା ରହିଛନ୍ତି। ଏହି ଦୁଇ ଶିବିର ବାଦ୍ କିଟ୍ ଚଳିତ ମାସରେ ଦୌଡ଼କୁଦ ଓ ବ୍ୟାଡ୍‌ମିଣ୍ଟନ ଚୟନ ଶିବିର ମଧ ଆୟୋଜନ କରିବ। ଗତ ମାସରେ ତୀରନ୍ଦାଜି ଚୟନ ଶିବିର ଆୟୋଜନ କରିଥିଲା। ଚୟନ ଶେଷ ହେବା ପରେ ଏଠାରେ ଗୋଟିଏ ମାସ ଧରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଭଲିବଲ୍ ଚୟନ କମିଟିରେ ଦ୍ରୋଣାଚାର୍ଯ୍ୟ ଓ ଅର୍ଜୁନ ପୁରସ୍କାର ପ୍ରାପ୍ତ ଭାରତୀୟ ଭଲିବଲ୍ ଦଳର ପ୍ରଶିକ୍ଷକ ଜିଇ ଶ୍ରୀଧରନ, ଏଫ୍‌ଆଇଭିବି ଲେବଲ୍-୨ ଭଲିବଲ୍ ପ୍ରଶିକ୍ଷକ ସୁଧାଂଶୁ ଭୂଷଣ ମିଶ୍ର, କୋଟାୟମ ଏମ୍‌ଜିୟୁର ଶାରୀରିକ ଶିକ୍ଷା ଓ କ୍ରୀଡ଼ା ବିଜ୍ଞାନ ସ୍କୁଲ୍‌ର ନିର୍ଦ୍ଦେଶକ ବିନୁ ଜର୍ଜ ଭର୍ଗିସ, ଓଡ଼ିଶା 'ସାଇ'ର ଉପନିର୍ଦ୍ଦେଶକ ତ୍ରୈଲୋକ୍ୟନାଥ ସାହୁ ରହିଛନ୍ତି। ଲନ୍ ଟେନିସ୍‌ରେ ଅନ୍ତର୍ଜାତୀୟ ଖେଳାଳି ଚିନ୍ମୟ ପ୍ରଧାନ, ଅଷ୍ଟ୍ରେଲିଆର ଟେନିସ୍ ପ୍ରଶିକ୍ଷକ ଟୋଡ଼ କ୍ଲାର୍କ, ଭର୍ଗିସ ଓ ତ୍ରୈଲୋକ୍ୟନାଥ ରହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଆୟୋଜକ ସମ୍ପାଦକ ସହ ସଂଯୋଜକ ରହିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ସ୍ୱାଗତ କରିବା ସହ ସଫଳତା କାମନା କରିଛନ୍ତି।



## କମଳା ପରିଡ଼ା ଓ ଅମରେନ୍ଦ୍ର ବଳ ସ୍ମାରକୀ କ୍ରିକେଟ୍

# ଆଲ୍‌ଫା ସ୍ପୋର୍ଟିଂ, ରାମେଶ୍ୱର ବିଜୟୀ

**ଭୁବନେଶ୍ୱର, ୧୦।୪:** ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଚାଲିଥିବା ଡବଲ୍ ଜୁନିଅର୍ କ୍ରିକେଟ୍ ପ୍ରତିଯୋଗିତାରେ ବୁଧବାର ବ୍ରହ୍ମପୁରର ଆଲ୍‌ଫା ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି। କମଳା ପରିଡ଼ା (୧୮ ବର୍ଷରୁ କମ୍) ସ୍ମାରକୀ ପ୍ରତିଯୋଗିତାରେ ଆଲ୍‌ଫା ସ୍ପୋର୍ଟିଂ ୧୦୯ ରନ୍‌ରେ ଟାଉନ୍ କ୍ଲବ୍‌କୁ ପରାସ୍ତ କରିଛି। ଆଲ୍‌ଫା ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୨୨୦/୯ କରିଥିଲା। ସମରପ୍ରୀତ ପାରେଲ ୮୬, ଆଦର୍ଶ ପଟ୍ଟନାୟକ ୪୨ ରନ୍ କରିଥିଲା ବେଳେ ଟାଉନ କ୍ଲବ୍‌ର ଆୟୁଷ ଅମ୍ଳାନ ୪ ୱିକେଟ୍ ନେଇଥିଲେ। ଜବାବରେ ଉଦିତ ଜାଟ (୬-୨-୧୬-୫)ଙ୍କ ଘାତକ ବୋଲିଂକୁ ସାମ୍ନା କରି ନପାରି ଟାଉନ୍ କ୍ଲବ୍ ୨୬.୨ ଓଭରରେ ୧୧୧ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଉଦିତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର କମଳା ପରିଡ଼ାଙ୍କ ପୁଅ ଶିଳ୍ପପତି ଅମରେଶ ପରିଡ଼ା




ପ୍ରଦାନ କରିଥିଲେ। ଅମରେନ୍ଦ୍ର ପ୍ରସାଦ ବଳ (୧୫ ବର୍ଷରୁ କମ୍) ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତାର ଏକ ମ୍ୟାଚ୍‌ରେ ରାମେଶ୍ୱର ୨ ୱିକେଟ୍‌ରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ସହିଦ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୧୩୧/୭ କରିଥିଲା। ଆଦିତ୍ୟ ରାଜ ମିଶ୍ର ୩୦ ରନ୍ କରିଥିଲା ବେଳେ ରାମେଶ୍ୱରର ବିମଳଜ୍ୟୋତି ବେହେରା ଓ ଆହ୍ୱାନ ମିଶ୍ର ୨ ୱିକେଟ୍ ଲେଖାଏଁ ନେଇଥିଲେ। ଜାବାବରେ ଆକାଶ ସାହୁଙ୍କ ୩୬ ଓ ଲିନନୀଲ ମେହେରଙ୍କ ୨୪ ରନ୍ ବଳରେ ରାମେଶ୍ୱର ୧୯ ଓଭରରେ ୮ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ସହିଦ ସ୍ପୋର୍ଟିଂର ଓମ୍ ପ୍ରକାଶ ୩ ୱିକେଟ୍ ନେଇଥିଲେ। ଆକାଶ ସାହୁ ଓ ଆହ୍ୱାନ ମିଶ୍ର ମିଳିତ ଭାବେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଭୟଙ୍କୁ ଅମରେନ୍ଦ୍ର ପ୍ରସାଦ ବଳଙ୍କ ଭାଇ ବିଏସ୍‌ଏନ୍‌ଏଲ୍ ଓଡ଼ିଶାର ସହଯୋଗୀ ମହାପ୍ରବନ୍ଧକ ଅରବିନ୍ଦ ପ୍ରସାଦ ବଳ ପ୍ରଦାନ କରିଥିଲେ। ଜୟନ୍ତ ପ୍ରଧାନ ଓ ଗୌତମ ଗୋପାଳ ମ୍ୟାଚ୍ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନଙ୍କ...

ସାମ୍ବାଦିକ ସମ୍ମିଳନୀ କରି ସବୁ ଖୋଲି କହିଦେଇଛନ୍ତି। କହିଲେ, କାଲି ଯାଏଁ ଥିଲି। ମିଛ କହୁଛନ୍ତି ନବୀନ ପଟ୍ଟନାୟକ। ୱାକଫ ବିଲକୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ଏଡାଇବାକୁ ତାଙ୍କୁ ବଳି ପକାଯାଇଥିବା ପ୍ରଭାତ ଅଭିଯୋଗ କରିଛନ୍ତି। ଏପରିକି ନିଜେ ଭିକେ ପାଣ୍ଡିଆନ ଗତ ନିର୍ବାଚନ ସମୟରେ ବାଙ୍କୀର ଏକ ସଭାରେ ତାଙ୍କୁ ପ୍ରଶଂସା କରିଥିବା ପ୍ରଭାତ କହିଛନ୍ତି ।

### କିଛି ...

ଏହି ବିଲକୁ ସମର୍ଥନ କରି ବିଦେଶ ଗସ୍ତରେ ପଳାଇଥିଲେ ସସ୍ମିତ। ତା' ପରେ ବିଜେଡିରେ ସୃଷ୍ଟି ହୋଇଥିଲା ତମ୍ବିତୋଫାନ। ଦଳୀୟ ନେତାଙ୍କ ମଧ୍ୟରେ ଚାଲିଥିଲା ବାକ୍‌ଯୁଦ୍ଧ। ନବୀନ ନିବାସରେ ହୋଇଥିଲା ନେତାଙ୍କ ମେଳି। ଏହିସବୁ ଖେଳର ମାଷ୍ଟରମାଇଣ୍ଡ ପାଣ୍ଡିଆନ ବୋଲି କେଉଁ ନେତା କହିଥିବା ବେଳେ କିଏ ସସ୍ମିତଙ୍କୁ ଦେଇଥିଲେ ଦୋଷ। ଏହାକୁ ନେଇ ସରଗରମ ଥିଲା ରାଜ୍ୟ ରାଜନୀତି। ଏସବୁ ଭିତରେ ପୁଣିଥରେ ଭିକେ ପାଣ୍ଡିଆନଙ୍କ ପାଇଁ ଆଗକୁ ଆସିଥିଲେ ନବୀନ। ପାଣ୍ଡିଆନଙ୍କୁ ଦେଇଥିଲେ କ୍ଲିନଚିଟ୍। ତେଣୁ ଆଜି ବିଦେଶ ଗସ୍ତରୁ ଫେରି ଦିଲ୍ଲୀରେ ପହଞ୍ଚିବା ପରେ ସସ୍ମିତଙ୍କୁ ଘେରିଯାଇଥିଲେ ଗଣମାଧ୍ୟମ ପ୍ରତିନିଧି। କିନ୍ତୁ ସେ କିଛି କହିବାକୁ ରୋକ୍‌ଠୋକ୍ ମନା କରିଥିଲେ। ଦଳ ଏନେଇ ସ୍ପଷ୍ଟୀକରଣ ଦେବ ବୋଲି କହି ଗଣମାଧ୍ୟମ ପ୍ରତିନିଧିଙ୍କୁ ଏଡ଼ାଇ ପଳାଇଥିଲେ ସସ୍ମିତ।

### ରାଜ୍ୟର...

ସୁବିଧା କରାଯିବ। ତା'ଛଡ଼ା ଢେଙ୍କାନାଳ ଷ୍ଟେସନ ପାଇଁ ୨୬.୧୧ କୋଟି ଟଙ୍କା ଏବଂ ରେଢ଼ାଖୋଲ ଷ୍ଟେସନ ପାଇଁ ୨୬.୯୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି। ଏହି ଭିତ୍ତିଭୂମି ବିକାଶ କେବଳ ଯାତ୍ରୀଙ୍କ ଯାତାୟାତକୁ ସହଜ କରିବ ନାହିଁ, ବରଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଓ କେନ୍ଦ୍ରୀୟ ଓଡ଼ିଶାରେ ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହିତ କରିବ। ଭାରତୀୟ ରେଳବାଇ ପକ୍ଷରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହିସବୁ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି କୁହାଯାଇଛି।

### ଆଜିଠୁ ...

ପହଞ୍ଚି ସେଠାରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ଆହୁରି ସନ୍ଧ୍ୟାରେ ପୁରୀଠାରେ ଆରମ୍ଭ ହେବାକୁ ଥିବା ରାଜ୍ୟର ସାଂସଦ ଓ ବିଧାୟକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶ୍ରୀ ନଡ୍ଡା ଯୋଗଦେବେ। ପରଦିନ ଅର୍ଥାତ୍ ଆସନ୍ତା ୧୨ ତାରିଖରେ ସେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଆଜି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

ଆୟୁଷ୍ମାନ୍ ଯୋଜନା ଓ ଅନ୍ୟ ଦୁଇଟି ଯୋଜନାର ଶୁଭାରମ୍ଭ ସମ୍ପର୍କରେ ଶ୍ରୀ ସାମଲ କହିଛନ୍ତି ଯେ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ଅବା ତଦୁର୍ଦ୍ଧ୍ୱ ବୟସର ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ମାଗଣାରେ ସ୍ୱାସ୍ଥ୍ୟ ସେବା ମିଳିପାରିବ। ଆୟୁଷ୍ମାନ ଯୋଜନାରେ ପରିବାର ପିଛା ଗୋଟିଏ କାର୍ଡ ଦିଆ ନ ଯାଇ ବ୍ୟକ୍ତିଗତ ଭାବେ ସମସ୍ତଙ୍କୁ ପୃଥକ୍ ଭାବେ କାର୍ଡ ଦିଆଯିବ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ ହେବାକୁ ଯାଉଛି ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ସେ ପୁରୀଠାରେ ହେବାକୁ ଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଶ୍ରୀ ସାମଲ କହିଛନ୍ତି ଯେ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସାଙ୍ଗଠନିକ, ପ୍ରଶାସନିକ, ବିଚାରଧାରା ଓ ଲକ୍ଷ୍ୟ ଆଦି ହାସଲ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯିବ।

### ୧୪ ଦିନରେ ...

ଝଟ୍‌କା ଅନୁଭୂତ ହେଉଛି। ଏହି କ୍ରମରେ ଗୁରୁବାର ସୁଦ୍ଧା ଦେଶର ବିଭିନ୍ନ ସ୍ଥାନରେ ୧୧୨ ଥର ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଏହିସବୁ ଝଟ୍‌କାର ତୀବ୍ରତା ୨.୮ରୁ ୭.୫ ମଧ୍ୟରେ ରହିଛି। ଅନ୍ୟପକ୍ଷରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଭୂମିକମ୍ପରେ ମୃତକଙ୍କ ସଂଖ୍ୟା ୩୬୪୯ରେ ପହଞ୍ଚିଯାଇଛି। ଏହାଛଡ଼ା ଏହି ଭୟାବହ ଭୂମିକମ୍ପରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ବେଳେ ପାଖାପାଖି ୧୫୦ ଲୋକ ଅଦ୍ୟାବଧି ନିଖୋଜ ଅଛନ୍ତି। ଏହି ଭୂମିକମ୍ପରେ ଦେଶର ୬୭୩୦ ମୋବାଇଲ୍ ଟାୱାର୍ କ୍ଷତିଗ୍ରସ୍ତ ହୋଇଛି।

ସେହିପରି ଆସନ୍ତା ୧୩ରୁ ଆରମ୍ଭ ହେବାକୁ ଥିବା ଦେଶରେ ନବବର୍ଷକୁ ନିରାଡ଼ମ୍ବର ଭାବେ ପାଳନ କରାଯିବା ସକାଶେ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଆତା ଥିଙ୍ଗୟାନ୍ ମହୋତ୍ସବରେ କୌଣସି ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ ନାହିଁ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ ଓ ୧୭ ତାରିଖରେ ଦେଶର ପାରମ୍ପରିକ ନବବର୍ଷ ପାଳନ ହେବ। ସୂଚନାଯୋଗ୍ୟ ଯେ ଏହି ନୂଆବର୍ଷକୁ ଜାତିସଂଘର ଶିକ୍ଷାଗତ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (ୟୁନେସ୍କୋ)ର ମାନବତାର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟର ପ୍ରତିନିଧି ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ପରଠାରୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହା ପାଳନ କରାଯିବ। ୟାଙ୍ଗନ ସିଟି ଡେଭଲପମେଣ୍ଟ କମିଟିର ଇଞ୍ଜିନିୟରିଂ ବିଭାଗ ଅନୁଯାୟୀ, ୟାଙ୍ଗନ ସିଟି ହଲ ସାମ୍ନାରେ ନିର୍ମିତ ଜଳ ମହୋତ୍ସବ ପ୍ୟାଭିଲିୟନ ଓ ଥିଙ୍ଗିଆନ ୱାକର ନିର୍ମାଣ କାର୍ଯ୍ୟକୁ ବାତିଲ କରାଯାଇଛି।

### ବିଜେପି...

ବେଳେ ରୂପେଶଙ୍କୁ କିନ୍ତୁ ଲିକୁଙ୍କ ସହିତ ଦେଖି ଆଶ୍ଚର୍ଯ୍ୟଚକିତ ହେଉଛନ୍ତି। ବିଜେଡି ସରକାରରେ ରୂପେଶ କ୍ଷମତା ବଳରେ ପିଇଓ ହତ୍ୟାକାଣ୍ଡକୁ ଚାପିବାରେ ସକ୍ଷମ ହେବା ସହିତ ଗେଷ୍ଟହାଉସକୁ ମାଟିରେ ମିଶାଇଦେବା ଘଟଣା କେବଳ ଯାଜପୁର ଜିଲ୍ଲା ନୁହେଁ, ସାରା ରାଜ୍ୟରେ ଚର୍ଚ୍ଚିତ ହୋଇଥିବା ବେଳେ ଲିକୁ କିଭଳି ରୂପେଶ ସହିତ ସଭା ସମିତିରେ ଫଟୋ ଶୁଟ୍ କରୁଥିଲେ, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗୋଟିଏ ପଟେ ବିଜେଡି ସରକାର ସମୟରେ ଘଟିଥିବା ଏହି ଚର୍ଚ୍ଚିତ ଘଟଣାଟିକୁ ପୁଣିଥରେ ତଦନ୍ତ କରାଇ ଦୋଷୀକୁ ଦଣ୍ଡ ଦେବା ପାଇଁ ଯାଜପୁର ଜିଲ୍ଲା ବିଜେପି ଅଣ୍ଟା ଭିଡିଥିବା ବେଳେ ବିଜେପି ସମର୍ଥିତ ବିଧାୟକ ଲିକୁ ସାହୁ ହତ୍ୟା ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା କେବଳ ବିଜେପି କର୍ମୀ ଓ ନେତାଙ୍କୁ କ୍ଷୁବ୍ଧ କରିନାହିଁ, ଯାଜପୁର ଜିଲ୍ଲାରେ ଲିକୁଙ୍କ ଏଭଳି ଆଚରଣ ବିଜେପିକୁ ବୁଡାଇବ ବୋଲି ଖୋଲାଖୋଲି ଭାବେ କହିବାକୁ ପଛାଉନାହାନ୍ତି। ଏହା ପୂର୍ବରୁ ଲିକୁ ସାହୁ ବିଜେଡି କର୍ମୀଙ୍କୁ ଅଣ୍ଡାମାଡ଼ କରି ବିଜେପିକୁ ଅଡୁଆରେ ପକାଇଥିବା ବେଳେ ପଥର ଖଣି ଲୁଟେରାଙ୍କ ସହିତ ତାଙ୍କ ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ଏବେ ରୂପେଶ ମାମଲା ସବୁକୁ ବଳିଯାଇଥିବା କୁହାଯାଉଛି।

# ବୀରକିଶୋରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ
## ଦକ୍ଷତା ସହ ଶ୍ରେଷ୍ଠତା ପ୍ରତିପାଦନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



କେନ୍ଦୁଝର,୧୦।୪(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ମଣ୍ଡଳପାଟ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବବ୍ରତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦକ୍ଷତା ସହ ଶ୍ରେଷ୍ଠତା ଦେଖାଇବାକୁ ପଡ଼ିବ। ପାଠ ସହିତ କ୍ରୀଡା, କଳା, କୃଷି ପ୍ରତି ରୁଚି ରଖିବା ଆବଶ୍ୟକ। ବୀରକିଶୋରପୁର ବିଦ୍ୟାଳୟକୁ ଗ୍ରାମର ଲୋକେ ବହୁ ଘାତ ପ୍ରତିଘାତ ସମ୍ମୁଖୀନ ହୋଇ ୫୦ ବର୍ଷରେ ପଦାର୍ପଣ କରିବାରେ ସକ୍ଷମ ହୋଇଛନ୍ତି। ଏ ବିଦ୍ୟାଳୟରୁ ଅନେକ ପ୍ରତିଭାବନ ବ୍ୟକ୍ତି ବିଶେଷ ବାହାରି ନିଜ ଗାଁ ଠାରୁ ଆରମ୍ଭ କରି ଜିଲ୍ଲା, ରାଜ୍ୟ ,ଦେଶ ପର୍ଯ୍ୟନ୍ତ ସେବାରେ ଅଛନ୍ତି। ଶିକ୍ଷାର ବିକାଶ ତଳ ସ୍ତରରୁ ହେବର ଆବଶ୍ୟକତା ରହିଛି। ସେଥିପାଇଁ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କରିବାକୁ ଯାଉଛନ୍ତି। ଜିଲ୍ଲାର ଯୁବକଙ୍କ ନିଯୁକ୍ତି ପାଇଁ ଖୁବ ଶୀଘ୍ର ଦୁଇଟି ମେଗା ପ୍ଲାଣ୍ଟ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସଭାପତି ଗୋଲକ ବିହାରୀ ଗିରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଝାଡେଶ୍ୱର ମହାନ୍ତ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ତେଲକୋଇ ବିଧାୟକ ଡ଼ାକ୍ତର ଫକୀର ମୋହନ ନାୟକ, ଜିଲ୍ଲାପାଳ ବିଶାଲ ସିଂ , ବିଦ୍ୟାଳୟ ପରିଚଳନା ଜୟରାମ ବର୍ଙ୍କିରା ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସହିଦ ରାଜକିଶୋର ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଅମର ଆତ୍ମାର ଶାନ୍ତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି। ଏହାଛଡ଼ା ବିଦ୍ୟାଳୟ ପ୍ରତି ଅବଦାନ ରଖିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତେବେ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଜୟନ୍ତୀ ମହାକୁଡ଼ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ହାତଅଙ୍କା ଫଟୋଚିତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କଳା ପ୍ରତି ରୁଚି ରଖିବା ପାଇଁ ଉତ୍ସାହିତ କରିଥିଲେ।

# ଲିଙ୍ଗରାଜ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ପରିବେଷଣ କରିଥିଲେ। ପରେ ହାସ୍ୟ ଅଭିନେତା ପପୁ ପମପମ କମେଡି କରିଥିଲେ। ପରେ ଓଡିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡିଶୀ ନୃତ୍ୟ, ଶିଳ୍ପିକା ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ ନୃତ୍ୟ, ପରେ କୋଲକାତାର ଆଦି ନୃତ୍ୟ କଳା ଏକାଡେମୀ ପକ୍ଷରୁ କ୍ରିଏଟିଭ ନୃତ୍ୟ, ଟୁବୁଲା ଦାସଙ୍କ ନିର୍ଦ୍ଦେଶନାରେ କ୍ରିଏଟିଭ ନୃତ୍ୟ, ପରେ ଅସାମର ରୁପମ ଶର୍ମା ଓ ସାଥୀଙ୍କ ଦ୍ୱାରା ବିହୁ ନୃତ୍ୟ ଓ ଶେଷରେ ପଦ୍ମଶ୍ରୀ ଗୁରୁ ଉତ୍ସବ ଦାସଙ୍କ ଘୋଡ଼ା ନାଚ ମନ୍ତ୍ରମୁଗ୍ଧ କରିଥିଲା। ଏଥିରେ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ସାଂସଦ ତଥା ଇଷ୍ଟର୍ଣ୍ଣ ମିଡିଆ ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଧାୟକ ବାବୁ ସିଂ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବରିଷ୍ଠ ବିଜେପି ନେତା ତଥା ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନର ସଭାପତି ସମୀର ମହାନ୍ତି, ପୂର୍ବତନ ମୁମ୍ବାଇ କମିଶନର ଅରୂପ ପଟ୍ଟନାୟକ, ରାଷ୍ଟ୍ରୀୟ ପତ୍ରକାର ମହାସଂଘ ସଭାପତି ଡ଼ ପବିତ୍ର କୁମାର ସାମନ୍ତରାୟ, ଏମବିଶି ଟିଭି ମୁଖ୍ୟ ବଦ୍ରି ପଟ୍ଟନାୟକ, ଭି ନାଗେଶ୍ୱର ରାଓ ପ୍ରମୁଖ ଯୋଗଦେଇ ଅଭିଭାଷଣ ଦେଇଥିଲେ। ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ । ଏଥିରେ ଅନୁଷ୍ଠାନର କୋଷାଧକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ରଶ୍ମି ମହାପାତ୍ର, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ୬୫ତମ ସମ୍ମାନସୂଚକ ଡକ୍ଟରେଟ୍



ଭୁବନେଶ୍ୱର, ୧୦।୪ (ସଂଚାର ବ୍ୟୁରୋ) : ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଇଂଲଣ୍ଡର ଖ୍ୟାତି ସମ୍ପନ୍ନ ବକିଙ୍ଗହାମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଗୁରୁବାର ବକିଙ୍ଗହାମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୫ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଏହି ସମ୍ମାନ ପ୍ରଦାନ କରାଯାଇଛି ।

ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ବିଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ମୁଁ ନିରନ୍ତର ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିଆସୁଛି । ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବକିଙ୍ଗହାମ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଡେମ୍ ମାରୀ ଆର୍ଚର, କୁଳପତି ପ୍ରଫେସର ଜେମ୍ସ ଟୁଲେ, ଉପକୁଳପତି ପ୍ରଫେସର ହାରିଏଟ୍ ଡନବାର ମୋରିସ୍‌ଙ୍କ ସମେତ ସିନେଟ୍ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ ।

# ଜରାଜୀର୍ଣ୍ଣ ଅବସ୍ଥାରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ

## ଭୁଶୁଡିବା ଆଶଙ୍କା, ଜୀବନକୁ ବାଜି ଲଗାଇ କାମ କରୁଛନ୍ତି କର୍ମଚାରୀ

ଗୋପ, ୧୦।୪ (ସଂଚାର ବ୍ୟୁରୋ) : ବ୍ରିଟିଶ ଅମଳର ଉପ-ନିବନ୍ଧକ ଅଧିକାରୀଙ୍କ କାର୍ଯ୍ୟାଳୟ ଏବେ ଜରାଜୀର୍ଣ୍ଣ । ଛାତରୁ ଖସୁଛି ପ୍ଲାଷ୍ଟର, ବର୍ଷା ଦିନେ ଗଳୁଛି ପାଣି । ଭୂଷୁଡିବା ଆଶଙ୍କାରେ ଭୟରେ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି କର୍ମଚାରୀ । ହେଲେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସରକାରଙ୍କ ଦୃଷ୍ଟି ପଡୁନି । ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ ଉପ-ନିବନ୍ଧକ କାର୍ଯ୍ୟାଳୟରେ ।

ସୂଚନାମୁତାବକ ୧୯୦୦ ମସିହାର ଏହି ଏହି ଉପ ନିବନ୍ଧକ କାର୍ଯ୍ୟାଳୟ ଉପରେ ଗୋପ ବ୍ଲକ ୩୧ ଗୋଟି ପଂଚାୟତର ଲକ୍ଷାଧିକ ଜନସାଧାରଣ ନିର୍ଭର କରିଥାନ୍ତି । ଜମିବାଡି କ୍ରୟବିକ୍ରୟ ଠାରୁ ଆରମ୍ଭ କରି ପୁଅ ଝିଅଙ୍କର ବିବାହ ପଂଜିକରଣ ଏହି କାର୍ଯ୍ୟାଳୟରେ ହେଉଥିବାରୁ ଏହି କାର୍ଯ୍ୟାଳୟରେ ପ୍ରତିଦିନ ଶହଶହ ଲୋକଙ୍କ ଭିଡ ଲାଗି ରହିଥାଏ। ମାତ୍ର ଦୀର୍ଘ ବର୍ଷର ଏହି କୋଠା ଏବେ ଜରାଜୀର୍ଣ୍ଣ ହୋଇପଡିଥିବା ବେଳେ ଦୁର୍ବଳ ଛାତ ଏବଂ କାନ୍ଥରୁ ବିଭିନ୍ନ ସମୟରେ ପ୍ଲାଷ୍ଟର ଖସୁଛି । ଏପରିକି ଛାତରୁ ପ୍ଲାଷ୍ଟର ଖସି ବିଗତ ଦିନରେ କେତେକ କର୍ମଚାରୀଙ୍କ ସମେତ ବିଭିନ୍ନ କାର୍ଯ୍ୟରେ ଆସିଥିବା ସାଧାରଣ ଲୋକମାନେ ଆହତ ହୋଇଥିବା ନଜିର ରହିଛି । ଏବେ ବି ଛାତରୁ ପ୍ଲାଷ୍ଟର ଖସି ରଡ୍ ଦେଖାଯାଉଥିବା ବେଳେ ଅନେକ ସ୍ଥାନ ବିପଦକୁ ନିମନ୍ତ୍ରଣ କରି ଆଁ ମେଲା କରି ରହିଛି । ଏନେଇ ବିଭିନ୍ନ ଦପ୍ତରରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏହି ବିପଦପୂର୍ଣ୍ଣ କୋଠା ଉପରେ କେହି ଦୃଷ୍ଟି ଦେଉନାହାଁନ୍ତି। ଏପରିକି ବର୍ଷା ଦିନେ ମଧ୍ୟ ଛାତରୁ ପାଣି ଗଳି ବିଭିନ୍ନ ଅତ୍ୟାବଶ୍ୟକ ନଥିପତ୍ର ମଧ୍ୟ ଓଦା ହୋଇ ନଷ୍ଟ ହେଉଛି। ଏହି ବିପଦପୂର୍ଣ୍ଣ କାର୍ଯ୍ୟାଳୟରେ ସବ୍-ରେଜିଷ୍ଟ୍ରାରଙ୍କ ସମେତ କର୍ମଚାରୀମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ଉକ୍ତ କାର୍ଯ୍ୟାଳୟ ମଧ୍ୟକୁ ଯିବା ପାଇଁ ଡରୁଛନ୍ତି । ଯାହାକୁନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ଏହି କାର୍ଯ୍ୟାଳୟ ଉପରେ ପ୍ରଶାସନ ଦୃଷ୍ଟି ନଦେଲେ କେତେବେଳେ ଯେ ବଡ ଅଘଟଣ ଘଟିବ ତାହା କହି ହେବ ନାହିଁ । ଏହି ବିପଦପୂର୍ଣ୍ଣ କୋଠା ଉପରେ ଦୃଷ୍ଟି ଦେବାପାଇଁ ଗୋପ ଅଂଚଳବାସୀ ଦାବି କରିଛନ୍ତି ।





# କାକଟପୁରରେ ଆଜି ଖୋଲିବ କୋଶମ ବଜାର

କାକଟପୁର/ଅସ୍ତରଙ୍ଗ, ୧୦।୪ (ସଂଚାର ବ୍ୟୁରୋ) : ପୁରୀ ଜିଲ୍ଲା କାକଟପୁର ପୁରୁଣା ବସଷ୍ଟାଣ୍ଡ ନିକଟରେ ଶୁକ୍ରବାର ଖୋଲିବାକୁ ଯାଉଛି ଅତ୍ୟାଧୁନିକ ସୋ ରୁମ୍ କୋଶମ ବଜାର। ଏହି ସୋ ରୁମ୍ ରେ ମହିଳା, ପୁରୁଷ, କିଡ୍ସଙ୍କ ପୋଷାକ ପତ୍ର ସମେତ ବିଭିନ୍ନ ଆନୁଷଙ୍ଗିକ ସାମଗ୍ରୀ ଉପଲବ୍ଧ ହେବ। ମହିଳା ବର୍ଗରେ ମାତ୍ର ୯୯ଟଙ୍କାରୁ ପୋଷାକ ଉପଲବ୍ଧ ହେଉଥିବା ବେଳେ ପୁରୁଷ ବର୍ଗରେ ୯୯ଟଙ୍କା ଏବଂ ଶିଶୁ ମାନଙ୍କ ପୋଷାକ ମାତ୍ର ୭୯ଟଙ୍କାରୁ ଆରମ୍ଭ ହେଉଛି। ଉଦ୍‌ଘାଟନି ଅବସରରେ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର କୁପନ ଯୋଗେ ଗ୍ରାହକଙ୍କ ଲାଗି ଉପହାର ରହିଛି। ନୂତନ ସୋ ରୁମ୍‌ରେ ଗୁରୁବାର ଅପରାହ୍ନରେ ଖବରଦାତା ସମ୍ମିଳନୀରେ ଓଡିଶା ଏରିଆ ମ୍ୟାନେଜର ଜ୍ଞାନ ରଞ୍ଜନ, ବିଜୟ ପଣ୍ଡା,ଆସିଷ୍ଟାଣ୍ଡ ମ୍ୟାନେଜର ଦେବବ୍ରତ ସାହୁ,ଷ୍ଟୋର ମ୍ୟାନେଜର ବବୁଲ କୁମାର ପ୍ରମୁଖ ଉପସ୍ଥିତ ରହି କୋଶମ୍ ବଜାରରେ ଉପଲବ୍ଧ ସମ୍ପର୍କରେ ଅବଗତ କରାଇବା ସହ ଆକର୍ଷଣୀୟ ଅଫର ସମ୍ପର୍କରେ ସୂଚନା ଦେଇଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ଟାଟା ଏସି, ୫ ଗୁରୁତର

କାକଟପୁର/ଅସ୍ତରଙ୍ଗ, ୧୦।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଦେବୀ ନଦୀ ବନ୍ଧରେ ଭାରସାମ୍ୟ ହରାଇ ଓଲଟିଲା ଟାଟା ଏସି। ଖବର ମୁତାବକ ଅସ୍ତରଙ୍ଗ ବ୍ଲକ ଆଳସାହି ଓ ବାଲିଡିଆ ଅଞ୍ଚଳର କିଛି ଯୁବକ ପାରାଦ୍ୱୀପରୁ ନିଜ ଗ୍ରାମ ଆଳସାହି ଓ ବାଲିଡିଆ ଏକ ଟାଟା ଏସି ଗାଡ଼ିରେ ଆସୁଥିବା ବେଳେ ଅଣଓସାରିଆ ଦେବୀ ନଦୀବନ୍ଧ ତାଳଦାରୁ ଅସନ ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ଗାଡିଟି ବନ୍ଧ ତଳକୁ ଖସିଯାଇଥିଲା। ଯାହା ଫଳରେ ଟାଟା ଏସି ଗାଡ଼ିରେ ଥିବା ଯୁବକଙ୍କ ମଧ୍ୟରେ ଲକ୍ଷ୍ମଣ ବେହେରା (୬୫), ଅଭୟ ବେହେରା (୪୦), ଦୀପକ ବେହେରା (୩୦),କାଳନ୍ଦୀ ବେହେରା (୬୫),ଗଦା ବେହେରା(୪୩)ଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୫ ଜଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

● ସରପଞ୍ଚ ଓ ସଭ୍ୟଙ୍କ ଅଗୋଚରରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ

# ଆମରଣ ଅନଶନ ଚେତାବନୀ

ନାଉଗାଁ, ୧୦।୪ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଲୋ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଜଣାତରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ଯାହାକୁ ଗ୍ରାମବାସୀଙ୍କ ସମେତ ସରପଞ୍ଚ ପ୍ରିୟଦର୍ଶିନି ଲେଙ୍କା ଓ ସମିତି ସଭ୍ୟ ଚନ୍ଦନ କୁମାର ଲେଙ୍କା ବିରୋଧ କରିଛନ୍ତି। ତେଣୁ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ ସମିତି ସଭ୍ୟ, ସରପଞ୍ଚଙ୍କ ଅଜଣାତରେ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଗଲେ ଓ ବର୍ତ୍ତମାନ କରାଯାଉଥିବା କାର୍ଯ୍ୟର ସଠିକ ତଦନ୍ତ କରାନଗଲେ ଆସନ୍ତା ୧୫ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଉକ୍ତ ପଞ୍ଚାୟତରେ ଗ୍ରାମ ପଞ୍ଚାୟତର ମାସିକ ୨୬ତମ ସାଧାରଣ ବୈଠକ ମାର୍ଚ୍ଚ ୨୧ରେ ବ୍ୟାଙ୍କ ସେବା ଗୃହ ନିମନ୍ତେ ସ୍ଥାନ ନିରୁପଣ କରାଯାଇଥିଲା। କିନ୍ତୁ ଯେଉଁ ସ୍ଥାନ ନିରୁପଣ କରାଯାଇଥିଲା ସେହି ସ୍ଥାନରେ ଉକ୍ତ ଗୃହ ନିର୍ମାଣ କରା ନ ଯାଇ ସମିତି ସଭ୍ୟ ଓ ସରପଞ୍ଚଙ୍କ ଅଜଣାତରେ ଅନ୍ୟ ସ୍ଥାନରେ ନିର୍ମାଣ କରାଯାଉଛି। ଏବିଷୟରେ ମାର୍ଚ୍ଚ ୨୯ରେ ଜିଲାପାଳ ଜଗତସିଂହପୁର, ବ୍ଲକ ଅଧ୍ୟକ୍ଷା, ବିଡିଓ ଆଦିଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅଭିଯୋଗ ପରେ ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ଅଙ୍କିତା ଜାଲି, ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସୋନାଲି ମଲିକ କାର୍ଯ୍ୟସ୍ଥଳକୁ ଆସି ତଦାରଖ କରିଥିଲେ। କିନ୍ତୁ ତଦାରଖ ପରେ ମଧ୍ୟ ଉକ୍ତ କାର୍ଯ୍ୟ ଜାରି ରହିଛି। ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାଫଳରେ ଅନିୟମିତତା ଭାବେ ରାତିରେ କାର୍ଯ୍ୟ ଜାରି ରହିଛି। କାର୍ଯ୍ୟ ବିଷୟରେ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସୋନାଲି ମଲିକ ଜାଣି ନଥିବା କହିଛନ୍ତି।

ଉକ୍ତ ଅଭିଯୋଗକୁ ଭାରାପ୍ରାପ୍ତ ବିଡିଓ ନାଉଗାଁ ବ୍ଲକ, ନାଉଗାଁ ତହସିଲଦାର, ଜିଲାପାଳ ଜଗତସିଂହପୁର, ପ.ଡି, ଜଗତସିଂହପୁର, ଏସ.ପି ଜଗତସିଂହପୁର, ଥାନାଧିକାରି ନାଉଗାଁ ଆଦିକୁ ଅବଗତ କରାଯାଇଛି। କାର୍ଯ୍ୟ ବିଷୟରେ ଭାରାପ୍ରାପ୍ତ ବିଡିଓ ଆଶୁତୋଷ ମିଶ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରି ନଥିଲା।

# ଥାନାରେ ଖତ ଖାଉଛି ଶତାଧିକ ଗାଡି

## ଡିଜିପିଙ୍କ ନିର୍ଦ୍ଦେଶକୁ ପାଳନ କରୁନାହାନ୍ତି ଥାନାଧିକାରୀ

କାକଟପୁର/ଅସ୍ତରଙ୍ଗ, ୧୦।୪ (ସଂଚାର ବ୍ୟୁରୋ) : ପୁରୀ ଜିଲ୍ଲା କାକଟପୁର ଥାନା ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ସଫାସୁତୁରା, ହେଲେ ପଛପଟ ପାଲଟିଛି ଅଳିଆ ଗଦା। ଥାନା ପରିସରରେ ଶତାଧିକ ଗାଡି ଗଦା ହୋଇଛି। ବିଭିନ୍ନ ମାମଲାରେ ଜବତ ହୋଇଥିବା ଗାଡି ଗୁଡିକ ବର୍ଷ ବର୍ଷ ଧରି ପଡ଼ି ରହିଛି। ଏଗୁଡିକ ଭିତରେ ଚାରିଚକିଆ, ତିନି ଚକିଆ, ଦୁଇ ଚକିଆ ଗାଡି ରହିଥିବା ବେଳେ ଅନେକ ନାମୀଦାମୀ ଗାଡି ମଧ୍ୟ ଖତ ଖାଉଥିବା ଦେଖିବାକୁ ମିଳିଛି। ଅଧିକାଂଶ ଗାଡି ଉପରେ ଗଛ ଲତା ମାଡିଗଲାଣି। ଆଉ କିଛି ଆଂଶିକ ମାଟିରେ ପୋତି ହୋଇଗଲାଣି। ୭୦ ପ୍ରତିଶତ ଗାଡି ଚାଲିବା ସ୍ଥିତିରେ ନାହିଁ। ତେବେ ଯେଉଁ ମାମଲାରେ ଗାଡି ଗୁଡିକ ଜବତ ହୋଇଛି, ସେହି ମାମଲାର ସମାଧାନ ହୋଇ ପାରୁନି କି, ଗାଡି ମାଲିକ ଥାନାରୁ ସେଗୁଡିକୁ ମୁକୁଳାଇ ପାରୁନାହାନ୍ତି। ଅନ୍ୟପଟେ ଥାନାରେ ପଡ଼ି ରହିଥିବା ଗାଡିର ଯଦି କେହି ଦାବିଦାର ନଥାନ୍ତି ତାହାହେଲେ ତୁରନ୍ତ ନିଲାମ କରି ଥାନା ଖାଲି କରିବାକୁ ପୂର୍ବରୁ ପୁଲିସ ଡିଜି ନର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାକୁ ବି ଏଠାରେ ପାଳନ କରାଯାଉନାହିଁ।



କାକଟପୁର ଥାନା ଅଂଚଳରେ ପ୍ରତିଦିନ ଚୋରି, ଛିନତାଇ, ଆକ୍ରମଣ, ଛୋଟ ମୋଟ ଦୁର୍ଘଟଣା ଭଳି ଅନେକ ମାମଲା ଘଟୁଛି। ଏହି ମାମଲା ଗୁଡିକରେ ଜଡିତ ଗାଡିଗୁଡିକୁ ପୁଲିସ ଜବତ କରୁଛି। କେତେକ ମାମଲା ସମାଧାନ ହୋଇଯିବା ପରେ ଗାଡି ମାଲିକମାନେ ସେମାନଙ୍କ ଗାଡିକୁ ଥାନାରୁ ମୁକୁଳାଇ ନେଉଛନ୍ତି। କିନ୍ତୁ ଆହୁରି ଅନେକ ଛୋଟ ବଡ଼ ଅପରାଧିକ ଏବଂ ଦୁର୍ଘଟଣା ମାମଲାରେ ସମାଧାନ ହୋଇ ପାରୁନି, ଯାହା ଫଳରେ ମାଲିକମାନେ ଗାଡିକୁ ଥାନାରୁ ମୁକୁଳାଇ ପାରୁ ନାହାନ୍ତି। ବହୁ ବର୍ଷ ଧରି ଏହି ଗାଡି ଗୁଡିକ ଥାନାରେ ପଡ଼ି ରହିବା ଫଳରେ ଥାନା ପଛପାର୍ଶ୍ୱରେ ଗାଡିମୟ ହୋଇଗଲାଣି। ନିୟମ ଅନୁଯାୟୀ, ବିଭିନ୍ନ ଘଟଣାରେ ଜବତ ହୋଇଥିବା ଗାଡିର ତାଲିକା କରି ସମ୍ପୃକ୍ତ ଥାନା ଅଧିକାରୀ କୋର୍ଟରୁ ଅନୁମତି ଆଣି ନିଲାମ କରିପାରିବେ। ନିଲାମରୁ ଆସୁଥିବା ଅର୍ଥକୁ ସରକାରୀ ରାଜକୋଷରେ ଜମା କରାଯିବାର ନିୟମ ରହିଛି। କିନ୍ତୁ ତାହା ଏଠାରେ ହେଉ ନଥିବା ଜଣାପଡିଛି। ଅନ୍ୟ ପଟେ ବର୍ଷ ବର୍ଷ ଧରି ଗାଡି ପଡ଼ିରହିବା ପରେ ଏବେ ସେଗୁଡ଼ିକର ସୁରକ୍ଷା ନେଇ ପ୍ରଶ୍ନଉଠିଛି।

ଲୋକକଳା ପାଇଁ ଦିନଟିଏ

# ବି.ମାଲିଗୁଡ଼ାରେ କଳାକାରମାନଙ୍କ ସମାବେଶ



ନବରଙ୍ଗପୁର, ୧୦।୪ (ସଂଚାର ବ୍ୟୁରୋ) : ଆଜି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ବି ମାଲିଗୁଡା ଗ୍ରାମରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଦଶମ ଦିନରେ "ଲୋକକଳା ପାଇଁ ଦିନଟିଏ "କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମଞ୍ଚରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରସିଦ୍ଧ ଦେଶିଆ ନାଟଗୁରୁ ସ୍ୱର୍ଗତ ଚଇତନ ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଓଡିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଜିଲ୍ଲାର ଲୋକ କଳା, ସଂସ୍କୃତି, ଐତିହ, ପରମ୍ପରାକୁ ଉଜ୍ଜୀବିତ ଓ ଅଧିକ ସମୃଦ୍ଧ କରିବାରେ କଳାକାରମାନଙ୍କ ନିଷ୍ଠା, ତ୍ୟାଗ, ସମୟ, ଉତ୍ତରପିଢ଼ିକୁ ଶିକ୍ଷାକୁ ସମ୍ମାନ ଜଣାଇବା ଏବଂ ଏ ଦିଗରେ ସମସ୍ତେ ଭାଗୀଦାର ହୋଇ ନିଜ ଅଞ୍ଚଳର ଲୋକକଳାକୁ ଆହୁରି ଲୋକପ୍ରିୟ କରିବାରେ ସହଯୋଗ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ମଞ୍ଚରେ ଅତିଥି ରୂପେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରହାସ ମହାନନ୍ଦିଆ, ନନ୍ଦାହାଣ୍ଡି ବି ଡି ଓ ସୁନିଲ ଖରା, ବରିଷ୍ଠ କଳାକାର ଦେବଦାସ ମହାକୁଡ, କାର୍ତ୍ତିକ ଭତରା, ନରସିଂହ ତ୍ରିପାଠୀ,ମୋହନ ପରିଡ଼ା, ଭଗବାନ ଭତରା ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ସାଇଲୁଡ଼ି ନୃତ୍ୟ ବିଦ୍ୟାପୀଠ, ପୁରୁଷୋତ୍ତମ କଳା କେନ୍ଦ୍ର, ଓଡିଶୀ ସଙ୍ଗୀତ ଓ ନୃତ୍ୟ ପ୍ରତିଷ୍ଠାନ, ତ୍ରିଶକ୍ତି ସାଂସ୍କୃତିକ ସଂଘ ଭଳି ସାଂସ୍କୃତିକ ଅନୁଷ୍ଠାନ,୧୦ ଟି ବ୍ଲକ କଳା ସାଂସ୍କୃତିକ ପରିଷଦ ର ଉପ ସଭାପତି ଏବଂ ଜିଲ୍ଲାର ୧୮ ଜଣ ବିଶିଷ୍ଟ ଓ ବରିଷ୍ଠ କଳାକାର ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ବ୍ଲକସ୍ତରୀୟ ଲୋକକଳା ଦିବସ ପାଳିତ

ବାଲିଅନ୍ତା, ୧୦।୪ (ସଂଚାର ବ୍ୟୁରୋ) : ଓଡ଼ିଆ ପକ୍ଷ ପାଳନ ଅବସରରେ ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସ୍ଥିତ ସରକାରୀ କଲ୍ୟାଣ ମଣ୍ଡପ ସଭା କକ୍ଷରେ ଆଜି ବ୍ଲକସ୍ତରୀୟ କଳାକାର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ସଶ୍ମିତା ମଲ୍ଲିକ ସଭାପତିତ୍ୱ କରିଥିଲେ। ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ, ବିଡିଓ କସ୍ତୁରୀ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ଲକ୍ଷ୍ମୀ ପରିଡ଼ା, ସହକାରୀ ଯନ୍ତ୍ରୀ ଅଶୋକ ମିଶ୍ର, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ବସନ୍ତ କୁମାର ସାହୁ ଓ ନାଏବ ସରପଞ୍ଚ ପର୍ଶୁରାମ ମୁଖୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଲୋକ କଳାର ପ୍ରଚାର ପ୍ରସାର ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଖୋର୍ଧା,ବାଲିଅନ୍ତା, ବାଲିପାଟଣା, ଚିଲିକା ,ବାଣପୁର,ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଟାଙ୍ଗି, ବୋଲଗଡ଼ ଆଦି ଅଞ୍ଚଳର ୧୭ ଜଣ ସୁନାମଧନ୍ୟ କଳାକାରଙ୍କୁ ଅତିଥିମାନେ ଉତ୍ତରୀୟ ଓ ଫୁଲତୋଡ଼ା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଗୋପାଳ ମଲ୍ଲୀକ ଓ ସାଥୀ କଳାକାର ଦାଶକାଠିଆ ପରିବେଷଣ କରିଥିଲେ।



● ଓଡ଼ିଆ ସାପ୍ତାହିକୀ ‘ଦେଶ ବିଦେଶ’ର ଏକାଦଶ ବାର୍ଷିକ ଉତ୍ସବ

# କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ରରୁ ଜାଣିହୁଏ ସବୁ ଖବର: ପ୍ରଫୁଲ୍ଲ ଘଡ଼ାଇ




ଭୁବନେଶ୍ୱର, ୧୦।୪ (ସଂଚାର ବ୍ୟୁରୋ): ରାଜ୍ୟର ଅଗ୍ରଣୀ ଓଡ଼ିଆ ସାପ୍ତାହିକୀ ‘ଦେଶ ବିଦେଶ’ର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ବର୍ଷୀୟାନ ଜନନେତା ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ। ଦେଶ ବିଦେଶର ଏକାଦଶ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାବେ ଯୋଗଦେଇ ଶ୍ରୀ ଘଡ଼ାଇ କହିଲେ ବଡ଼ ସାମ୍ବାଦ ପତ୍ର ଗୁଡିକ ସ୍ଥାନୀୟ ସଂସ୍କରଣ ଉପରେ ଗୁରୁତ୍ୱ ରଖୁଥିବାରୁ ସାରା ରାଜ୍ୟର ଖବର ମିଳେ ନାହିଁ ମାତ୍ର କ୍ଷୁଦ୍ର ମଧ୍ୟମ ଖବର କାଗଜରୁ ସବୁ ଖବର ସବୁଠାରେ ମିଳେ। ସଂସ୍କୃତି ପୁରୁଷ ଡ଼ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ଏହି ଉତ୍ସବରେ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ଉତ୍କଳ ସମ୍ମିଳନୀର ପୁରୋଧା ଭାଷାକାର ପ୍ରଦ୍ୟୁମ୍ନ ଶତପଥୀ ସାମ୍ବାଦ ପତ୍ର ଗୁଡିକର ଅସନ୍ତୁଳିତ ସମସ୍ୟା ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓ ଯୁଡବ୍ଲୁଜେ ରାଜ୍ୟ ସଭାପତି ଭାଗବତ ପ୍ରସାଦ ତ୍ରିପାଠୀ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କର, ବିଜେଡି ନେତା ପୂର୍ବତନ ବିଧାୟକ ରଘୁନାଥ ସାହୁ, ସାମ୍ବାଦ ପତ୍ର ଗୁଡିକ ନିରପେକ୍ଷ ଖବର ପ୍ରକାଶ ପାଇଁ ଗୁରୁତ୍ୱ ଦେବାକୁ ପରାମର୍ଶ ରଖିଥିଲେ। କାର୍ଯ୍ୟକ୍ରମଶେଷ ଭାଗରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିଭାଉଥିବା ଡ଼ ମନୋଜ ଲେଙ୍କା, ସୃଷ୍ଟି ଏକାଡେମିର ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଓ ଅକ୍ଷୟ ଚାନ୍ଦଙ୍କୁ ମୁଖ୍ୟ ଅତିଥି,ଉପଢୌକନ, ସନମାନ ଫଳକ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲେ ।

# ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ



କୁଜଙ୍ଗ, ୧୦।୪ (ସଂଚାର ବ୍ୟୁରୋ): କୁଜଙ୍ଗ ବଜାରର ଉଦବୃତ୍ତ ଜଳ ନିସ୍କାସନ ସମସ୍ୟା ଏହି ଅଂଚଳର ଦୁଃଖ ଭାବେ ବେଶ୍ ଜଣାଶୁଣା । ତେବେ ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ଏକାଧିକ ବାର ଉଦ୍ୟମ ହୋଇଥିଲେ ମଧ୍ୟ ଏହା ସଫଳ ହୋଇ ପାରିନଥିଲା । ମାତ୍ର ନିର୍ବାଚନ ପରେ ସରକାର ବଦଳିବା ପରେ ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିର୍ବାଚିତ ହେବା ସହିତ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଶିଳ୍ପମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସରକାର ବଦଳିବାର ମାତ୍ର ୧୦ ମାସରେ ଏହି ସମସ୍ୟା ସମାଧାନ ପାଇଁ ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଡ୍ରେନେଜ ବିଭାଗ ସକ୍ରିୟ ହୋଇଛି । ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଗତ ସପ୍ତାହରେ ଡ୍ରେନେଜ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିପ୍ଲବ କେଶରୀ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ କୁମାର ମାଝୀ, ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁ ପ୍ରମୁଖ କୁଜଙ୍ଗ ବଜାରର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମସ୍ୟାର ଅନୁଧ୍ୟାନ କରଥିଲେ । ଏଥିପାଇଁ ବିଭାଗ ପକ୍ଷରୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି । ଏଥି ସହିତ ବିଭାଗ ତ୍ୱରିତ ଭାବେ ସମସ୍ୟାର ସମାଧାନ ପାଇଁ ଲାଗିପଡ଼ିଥିବା ଜଣାପଡିଛି । ବିଭାଗର ଗସ୍ତ ସମୟରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବିଜେପି ମଣ୍ଡଳ ସଭାପତି ରଂଜନ ବାରିକ, ବିଜେପି ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଅମିତ ପ୍ରଧାନ, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ବିଜେପି ଯୁବନେତା ରାଜେନ୍ଦ୍ର ନାରାୟଣ ଦାସ ତପନ ତ୍ରିପାଠୀ,ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




ଭୁବନେଶ୍ୱର, ୧୦।୪ (ସଂଚାର ବ୍ୟୁରୋ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜର କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୫ ପାଳିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ ‘ସୁସ୍ଥ ପ୍ରାରମ୍ଭ, ଆଶାପୂର୍ଣ୍ଣ ଭବିଷ୍ୟତ’କୁ ନେଇ ଏହି ଦିବସ ପାଳନ କରାଯାଇଛି।

ଏହି ଅବସରରେ ଏସ୍‌ଏନ୍‌ସିର ଛାତ୍ରଛାତ୍ରୀମାନେ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ପ୍ରସଙ୍ଗକୁ ନେଇ ଆୟୋଜିତ ପୋଷ୍ଟର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହାଛଡ଼ା ମା’ ଏବଂ ଶିଶୁର ଯତ୍ନ ସମ୍ପର୍କିତ ଏକ ସଚେତନତା ରାଲି ମଧ୍ୟ ଆୟୋଜନ କରାଯାଇଥିଲା। ଏହି ବିଭାଗର ପିଜି ଓ ପୋଷ୍ଟ ବେସିକ୍ ଛାତ୍ରଛାତ୍ରୀମାନେ ଭରତପୁର ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରିଥିଲେ।

ଏହି ଅବସରରେ ଆୟୋଜିତ ଏକ କର୍ମଶାଳାରେ ଏସ୍‌ଏନ୍‌ସିର ଡିନ୍ ଡକ୍ଟର ସସ୍ମିତା ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଏନ୍‌ସିଏଚ୍ ଡବ୍ଲୁଏଚ୍‌ଓ ଓଡ଼ିଶାର ମେଡିକାଲ ଅଫିସର ଡକ୍ଟର ଦେବୀପ୍ରସାଦ ଗୋସ୍ୱାମୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ସେବା ଏବଂ ଶିଶୁ ଏବଂ ମା’ର ଯତ୍ନ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

ଚଳିତ ବର୍ଷର ପ୍ରସଙ୍ଗ “Healthy Beginning Hopeful Future”କୁ ଆଧାର କରି ଫୁଲନଖରା ସ୍ଥିତ ସମ୍ ନର୍ସିଂ କଲେଜ-୨ରେ ମଧ୍ୟ ‘ବିଶ୍ୱ ସ୍ୱାସ୍ଥ୍ୟ ଦିବସ’ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ-୨ର ଡିନ୍ ପ୍ରଫେସର (ଡ.) ଅରକ୍ଷିତ ସ୍ୱାଇଁ ଓ ଆସିଷ୍ଟାଣ୍ଟ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ସିଦ୍ଧାର୍ଥ ଗୌତମ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିସହିତ ଉପସ୍ଥିତ ଅତିଥିମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ମତାମତ ପ୍ରଦାନ କରିଥିଲେ।

ଏସଟି ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

# ଶିକ୍ଷା ମାନବ ସମାଜକୁ ସଶକ୍ତ କରେ




କାକଟପୁର/ଅସ୍ତରଙ୍ଗ, ୧୦।୪ (ସଂଚାର ବ୍ୟୁରୋ) : ଜୀବନର ବାଟ ଦେଖାଇଥାଏ ଶିକ୍ଷା। ଯେଉଁଠି ଶିକ୍ଷା ନାହିଁ ସେଠାରେ ପରିବର୍ତ୍ତନ ନାହିଁ। ଶିକ୍ଷା ହିଁ ମାନବ ସମାଜକୁ ସଶକ୍ତ କରିଥାଏ ବୋଲି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଉକୁଳେଇ ସ୍ଥିତ ଏସଟି ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବରେ ଅତିଥି ମତ ଦେଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଅନ୍ତର୍ଗତ ଉକୁଳେଇ ସ୍ଥିତ ଏସଟି ଜାଭିୟର ହାଇସ୍କୁଲର ନବମ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବନ୍ଦ ଚନ୍ଦ୍ର ସେନାପତିଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପସ୍ଥିତ ବରେଣ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ କରାଯିବା ଉଚିତ ବୋଲି କହିଥିଲେ।

# ଓଡ଼ିଆ ପକ୍ଷରେ କଳାକାରଙ୍କୁ ସମ୍ବର୍ଦ୍ଧନା

ଗୋପ, ୧୦।୪ (ସଂଚାର ବ୍ୟୁରୋ): ଗୋପ ବ୍ଲକ ସଭା ଗୃହରେ ଓଡିଶା ପକ୍ଷ ୨୦୨୫ ପାଳନ ପରିପ୍ରେକ୍ଷୀରେ ଲୋକ କଳାପାଇଁ ଦୀନଟିଏ କାର୍ଯ୍ୟକ୍ରମ ଦିବସରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ସମୃଦ୍ଧି କରିଥିବା ୧୦ଜଣ କଳାକାର ମାନଙ୍କୁ ଗୋପ ବ୍ଲକ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟନାୟକ ଏବଂ ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମଟିକୁ ଉଦଘାଟନ କରିଥିଲେ। ଓଡ଼ିଶାର ଲୋକ କଳା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ଦୀର୍ଘ ବର୍ଷ ଧରି ପରିବେଷଣ ହେଉଥିବା ପାଲା, ଓଡିଶୀ ସଂକୀର୍ତନ, ନଦିଆ ସଂକୀର୍ତ୍ତନ, ଘୋଡା ନାଚ ଏବଂ ପାରମ୍ପରିକ ଲୋକକଳା କଣ୍ଠଶିଳ୍ପୀଙ୍କ ନୃତ୍ୟ ଓ ସଂଗୀତରେ ମୁଗ୍ଧ ହୋଇଥିଲେ ମଞ୍ଚାସିନ ଅତିଥିମାନେ। ପରେ ଲୋକ କଳାର ବରିଷ୍ଠ କଳାକାର ମାନଙ୍କୁ ମାନପତ୍ର ପ୍ରଦାନ କରଯାଇସମ୍ବର୍ଦ୍ଧନା କରାଯାଇଥିଲା।



# ଅପରାଜିତା ଦେଲେ ରିପୋର୍ଟ କାର୍ଡ




**ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଗତ ୬ ମାସରେ କ'ଣସବୁ ଉନ୍ନୟନମୂଳକ କାର୍ଯ୍ୟକୁ ବାସ୍ତବ ରୂପ ଦେଇଛନ୍ତି, ସେନେଇ ଆଜି ଏକ ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି। ଗତ ନିର୍ବାଚନରେ ସେ ସ୍ଥାନୀୟ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି କେତେଦୂର ପୂରଣ କରିଛନ୍ତି, ସେ ସମ୍ପର୍କରେ ଭୋଟର୍‌ମାନେ ଏହି କାର୍ଡରୁ ଅବଗତ ହୋଇପାରିବେ। ଆଜି ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ବରିଷ୍ଠ ନାଗରିକ ଓ ବୁଦ୍ଧିଜିବୀମାନଙ୍କୁ ନେଇ ଆୟୋଜିତ ଏକ ବୈଠକରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଉକ୍ତ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ ଥିବା ଏକ ବୁକଲେଟ୍ ବାଣ୍ଟିଛନ୍ତି। ସେଥିରେ ଗତ ୬ ମାସ ମଧ୍ୟରେ ସାଂସଦ ହିସାବରେ ଲୋକଙ୍କ ପାଇଁ କ'ଣ କ'ଣ ବିକାଶମୂଳକ ପଦକ୍ଷେପ ନେଇଛନ୍ତି, ତା'ର ଏକ ତାଲିକା ରହିଛି। ୧୮ ପୃଷ୍ଠା ବିଶିଷ୍ଟ ଏହି ବୁକଲେଟରେ ଭୁବନେଶ୍ୱର ଏକାମ୍ର, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଜୟଦେବ, ଖୋର୍ଦ୍ଧା, ଜଟଣୀ, ବେଗୁନିଆ ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟର ହିସାବ ରହିଛି। ମୋଟ ୧୦୦ ଜଣଙ୍କୁ ଏହି ବୁକ୍‌ଲେଟ୍ ପ୍ରଦାନ କରାଯାଇଥିବା ବେଳେ ଏଥିରେ ସହିଦ ନଗରଠାରେ ସ୍ଥାୟୀ ହାଟଠାରୁ ଆରମ୍ଭ କରି ସତସଙ୍ଗ ବିହାର ନିକଟରେ ଫୁଟ୍ ଓଭରବ୍ରିଜ୍, ନୟାପଲ୍ଲୀ କମ୍ୟୁନିଟି ପାର୍କ ନିର୍ମାଣ ଲାଗି ଜମି ପ୍ରଦାନ, ଅତ୍ୟାଧୁନିକ ଫିସ୍ ମାର୍କେଟ୍ ଓ ମଣ୍ଡି ଲାଗି ଜମି ପ୍ରଦାନ ସହ କାର୍ଯ୍ୟ ଆରମ୍ଭ, ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସଂସ୍କୃତି ହଲ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ, ଖୋର୍ଦ୍ଧା ଟାଉନ ବାଇପାସ୍, ଜଟଣୀରେ କ୍ୟାନ୍ସର ହସପିଟାଲ ସ୍ଥାପନ ଭଳି ଉନ୍ନତିମୂଳକ କାର୍ଯ୍ୟର ସବିଶେଷ ତଥ୍ୟ ରହିଛି। ସେହିଭଳି ବାଲିଅନ୍ତା ଯଶୁଆପୁରରେ ହେଲ୍‌ଥ ସବ୍-ସେଣ୍ଟର ଉଦଘାଟନ, ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ପଞ୍ଚାୟତରେ ୨୫୦ କୋଟି ବ୍ୟୟରେ ସିଲେଇ ଶିଳ୍ପ ନିର୍ମାଣ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଶିଳ୍ପ ପ୍ରତିଷ୍ଠା ଫଳରେ ୧୦ ହଜାର ପୁରୁଷ ଓ ମହିଳାଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ସାଂସଦ ଦାବି କରିଛନ୍ତି। ଏହାଛଡ଼ା ବ୍ରହ୍ମେଶ୍ୱର ମନ୍ଦିର, କପିଳେଶ୍ୱର ମନ୍ଦିରର ଉନ୍ନତିକରଣ ହେଉ କି ତରାବୋଇ ରେଳ ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ, ୩ଟି ସୌରଚାଳିତ ଶୀତଳ ଭଣ୍ଡାରର ଉଦଘାଟନ, ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ, ଲିଙ୍ଗରାଜ ପାସେଞ୍ଜର ହଲ୍ଟକୁ ପୂର୍ଣ୍ଣାଙ୍ଗ ରେଳଷ୍ଟେସନରେ ପରିଣତ କରିବା, ଜଟଣୀରେ ରେଳ ଓଭରବ୍ରିଜ୍ ନିର୍ମାଣ ତଥ୍ୟ ମଧ୍ୟ ରହିଛି। । ସେହିଭଳି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ୭୫୦୦ରୁ ଊର୍ଦ୍ଧ୍ୱ ସିଙ୍ଗଲ ସୋଲାର ଲାଇଟ୍ ଲଗାଇବା ସହ ୧୫୩ଟି ହାଇମାଷ୍ଟ ସୋଲାର ଲାଇଟ୍ ଓ ୨୦ଟି ମିନି ମାଷ୍ଟ ସୋଲାର ଲାଇଟ୍ ଲଗାଯାଇଛି। ଏହାଛଡ଼ା ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ଅନୁରୋଧ କ୍ରମେ ବିଏମସି ପକ୍ଷରୁ ୧୬୦ଟି ଭିନ୍ନ ଭିନ୍ନ ପ୍ରକଳ୍ପ ଲାଗି ଆହ୍ୱାନ କରାଯାଇଥିବା ଟେଣ୍ଡରର ସବିଶେଷ ତଥ୍ୟ ମଧ୍ୟ ଏହି ବୁକଲେଟରେ ରହିଛି। ଏହି ପ୍ରୟାସ ଦ୍ୱାରା ସାଧାରଣ ଲୋକ ମଧ୍ୟ ସାଂସଦଙ୍କ ଉନ୍ନତିମୂଳକ ପଦକ୍ଷେପ ସମ୍ବନ୍ଧରେ ତଥ୍ୟ ପାଇପାରିବେ। ଏସବୁ ପ୍ରକଳ୍ପ କିମ୍ବା କାର୍ଯ୍ୟରେ କିଛି ବି ବ୍ୟତିକ୍ରମ ଦେଖିଲେ, ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀ କିମ୍ବା ସାଂସଦଙ୍କୁ ଅଭିଯୋଗ ମଧ୍ୟ କରିପାରିବେ।

ଅନ୍ୟପକ୍ଷରେ ଆଗାମୀ ଦିନରେ ଭୁବନେଶ୍ୱରକୁ ପୂର୍ବ ଭାରତର ଏକ ନମ୍ବର ସହର ରୂପେ ଗଢ଼ି ତୋଳିବା ପାଇଁ ସାଂସଦ ଲକ୍ଷ୍ୟ ରଖିଥିବା ବେଳେ ଆଗକୁ ପ୍ରତି ୬ ମାସରେ ଏହିଭଳି ନିର୍ବାଚନମଣ୍ଡଳୀୱାରି ବିକାଶମୂଳକ କାର୍ଯ୍ୟର ତାଲିକା ପ୍ରଦାନ କରିବେ ବୋଲି କହିଛନ୍ତି।

ସ୍ୱାୟତ୍ତ ଶାସନ ସଂସ୍ଥାର ସମୀକ୍ଷା ବୈଠକ

# ସହରୀ ଓଡ଼ିଶାର ବିକାଶ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିବା ସହ ବିକଶିତ ଓଡ଼ିଶା ଗଠନ ନେଇ ସହରାଞ୍ଚଳଗୁଡ଼ିକର ସ୍ଥାୟୀ ଓ ସମ୍ମିଳିତ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ବିଭାଗ କନଫରେନ୍ସ ହଲ୍‌ରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ସହରାଞ୍ଚଳରେ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ପକ୍ଷରୁ ଯୋଗାଇ ଦିଆଯାଉଥିବା ଜନସେବାକୁ ଅଧିକ ପ୍ରଭାବୀ ଏବଂ ତ୍ୱରିତ କରିବା ପାଇଁ ଆବଶ୍ୟକ ସଂସ୍କାର ଆଣିବାକୁ ପରାମର୍ଶ ଦେଇଥିଲେ ଶ୍ରୀମତୀ ପାଢ଼ୀ। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ୨.୦, ଅଟଳ ମିଶନ, ରିଜୁଭେନେସନ୍ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେସନ୍ (ଅମୃତ) ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମହାତ୍ୱାକାଂକ୍ଷୀ ଯୋଜନାଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଗ୍ରୀଷ୍ମ ପ୍ରବାହର ମୁକାବିଲା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହ ପାଣିପାଗ ପରିବର୍ତ୍ତନ ଯୋଗୁଁ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ ନେଇ ଆଗୁଆ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ।

ପୌର ପ୍ରଶାସନ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ରାଜ୍ୟର ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ନିମନ୍ତେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସୂଚୀ ଓ ତାହାକୁ ପୂରଣ କରିବା ନେଇ ସମୟ ନିର୍ଦ୍ଧାରଣ କରିଥିଲେ। ସମସ୍ତଙ୍କ ମିଳିତ ସହଯୋଗରେ ଏହିସବୁ କାର୍ଯ୍ୟ ପୂରଣ କରାଯିବା ସହ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରାଯାଇପାରିବ ବୋଲି ସେ କହିଥିଲେ। ବୁଧବାର ଅନୁଷ୍ଠିତ ବୈଠକରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ ସ୍ୱାୟତ୍ତ ଶାସନ ସଂସ୍ଥା ମୁଖ୍ୟମାନେ ଉପସ୍ଥିତ ଥିଲେ।

## ୫୦୦ ଟଙ୍କିଆ ଜାଲ୍ ନୋଟ୍ ଜବତ, ୨ ଗିରଫ



**ଭୁବନେଶ୍ୱର,୧୦।୪ (ସଂଚାର ବ୍ୟୁରୋ):** ଏସ୍‌ଟିଏଫ୍ ହାତରେ ଜାଲ ନୋଟ ରାକେଟ । ଟିଟିଲାଗଡରେ ୫୦ ହଜାର ଟଙ୍କାର ୫୦୦ ଟଙ୍କିଆ ଜାଲ୍ ନୋଟ୍ ଗୁରୁବାର ଜବତ ହୋଇଛି । ଜାଲ ନୋଟ୍ ରାକେଟ ଠାବ ହେବା ସହ ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି । ଟିଟିଲାଗଡ଼ରୁ ଏହି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଏସଟିଏଫ ଟିମ୍ । ଗିରଫ ଦୁଇ ଜଣ ହେଲେ ମହମ୍ମଦ ସବିର ଓ ନେତ୍ର ରାଉତ । ଏହା ଲାଗି କ୍ୱାଲିଟି ଜାଲ୍ ନୋଟ୍ ଛାପୁଥିବା ନେଇ ଏସଟିଏଫ ଟିମ୍ ଖୋଳତାଡ କରୁଛି । ଆନ୍ତରାଜ୍ୟ ଲିଙ୍କ ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଛି । ଏନେଇ ଡିଆଇଜି ପିନାକ ମିଶ୍ର ପ୍ରେସ ମିଟ କରି ସୂଚନା ଦେଇଛନ୍ତି ।

## ଦୁର୍ଘଟଣା ଖୋଲିଲା ଚୋରି ରହସ୍ୟ

### ୪୬ ଗ୍ରାମ ସୁନା, ୨୦୯ ଗ୍ରାମ ରୁପା ଜବତ



**ସୋର,୧୦।୪ (ସଂଚାର ବ୍ୟୁରୋ):** ଛିନତାଇ କରି ଫେରୁଥିବା ବେଳେ କାର ଦୁର୍ଘଟଣାଗ୍ରସ୍ତ । ଗାଡ଼ି ଭିତରୁ ଜବତ ହେଲା ୨ ଲକ୍ଷ ୪୦ ହଜାର ଟଙ୍କା ସହ ସୁନା ଓ ରୁପା ଅଳଙ୍କାର । ଦୁର୍ଘଟଣାଗ୍ରସ୍ତ କାର୍ ଜବତ ସହ ୨ ଜଣଙ୍କୁ ଗିରଫ କରିଛି ପୋଲିସ। ବାଲେଶ୍ୱର ବାହାନଗା ବ୍ଲକ ଗୋପାଳପୁର ଥାନା ଅନ୍ତର୍ଗତ ଯୁନିଆ ବଜାରରେ ଦୁର୍ଘଟଣା ଘଟିଛି । ଗତକାଲି ଗାଡ଼ିଟି ସନ୍ଦେହଜନକ ଭାବେ ଯାଉଥିବାବେଳେ କେତେଜଣ ଯୁବକ ପିଛା କରିଥିଲେ । ଫଳରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଛି । କାରରେ ଥିବା ଅନ୍ୟ ୨ ଜଣଙ୍କୁ ପୋଲିସ ଗିରଫ କରିଛି । ଗୋପାଳପୁର ଥାନା ଅଧିକାରୀ କାର ଭିତରୁ ଟଙ୍କା, ସୁନା ଓ ରୁପା ଜବତ କରି ତଦନ୍ତ କରୁଛି ।

## ନାବାଳିକା ଅପହୃତ: ଘରୁ ବ୍ୟାଙ୍କ ଜମାଖାତା, ସାର୍ଟିଫିକେଟ ଗାଏବ

**ଦିଗପହଣ୍ଡି,୧୦।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗ୍ରାମର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଘରୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ଏକ ସରକାରୀ କଲେଜରେ ଯୁକ୍ତ ୨ ଦିତୀୟ ବର୍ଷ କଳା ବିଭାଗରେ ପାଠ ପଢ଼ିବା ସହ ପ୍ରତିଦିନ ଘରୁ କଲେଜକୁ ଯା ଆସ କରୁଥିଲେ। ଛାତ୍ରୀଙ୍କ ମା ବାପା ଦିନ ମଜୁରିଆ କାମ ପାଇଁ ବ୍ରହ୍ମପୁର ଯା ଆସ କରନ୍ତି। ଗତ ସୋମବାର ମା ବାପା କାମ ପାଇଁ ବ୍ରହ୍ମପୁର ଯାଇଥିଲେ। ଛାତ୍ରୀ ଜଣକ ଘରେ ଏକୁଟିଆ ଥିଲେ। ମା' ବାପା ସନ୍ଧ୍ୟାରେ ଘରକୁ ଫେରିବା ପରେ ଝିଅ ଘରେ ନଥିବା ଜାଣିବାକୁ ପାଇଥିଲେ। ପରିବାର ଲୋକେ ବିଭିନ୍ନ ଅଞ୍ଚଳକୁ ଯାଇ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ସନ୍ଧାନ ମିଳିପାରି ନଥିଲା। ଶେଷରେ ଛାତ୍ରୀଙ୍କ ବାପା ତାଙ୍କ ଝିଅକୁ କୌଣସି ଦୁର୍ବୃତ୍ତ ଅପହରଣ କରିଥିବା ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଥାନା ମାମଲା ନଂ.୧୩୩/୨୫ ଅନୁଯାୟୀ ମୋକଦ୍ଦମା ରୁଜୁ କରାଯାଇଛି। ଘର ଆଲମିରାରେ ବ୍ୟାଙ୍କ ଜମାଖାତା, ୧୫ ହଜାର ଟଙ୍କା ଏବଂ ଝିଅର ସମସ୍ତ ସାର୍ଟିଫିକେଟ ନଥିବା ଏତଲାରେ ଉଲ୍ଲେଖ ରହିଛି। ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ୍ୟ ଅପହୃତା ଛାତ୍ରୀ କିମ୍ବା ଅପହର୍ତ୍ତା ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୁରାକ ମିଳିନାହିଁ।

## ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ସନ୍ଦେହଜନଙ୍କ ମୃତ୍ୟୁ

**ଅନୁଗୁଳ,୧୦।୪ (ସଂଚାର ବ୍ୟୁରୋ):** ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ସନ୍ଦେହଜନଙ୍କ ମୃତ୍ୟୁ । ଅନୁଗୁଳ ଜିଲ୍ଲା ବନ୍ତଳା ଥାନା ପୋକତୁଙ୍ଗା ବନ୍ଦ ଘରୁ ମିଳିଲା ମୃତଶରୀର । ମୃତକ ହେଲେ ଅଭୟ ନାଏକ । ୪ ରୁ ୫ ଦିନ ହେବ ତାଙ୍କ ମୃତ୍ୟୁ ହେଇଥିବା ଜଣାପଡିଛି । ଘଟଣାକୁ ନେଇ ହତ୍ୟା ଅଭିଯୋଗ ଆଣିଲେ ଅଭୟଙ୍କ ପରିବାର ଲୋକେ। ମୃତକଙ୍କ ଘର ମାଣପୁର ଅଞ୍ଚଳରେ ହୋଇଥିବା ବେଳେ ସେ ପୋକତୁଙ୍ଗାରେ ନୂଆ ଘର କରି ରହୁଥିଲେ । ତାଙ୍କ ପରିବାର ଅନୁଗୋଳରେ ରହୁଥିବା ବେଳେ ସେ ଏକାକୀ ଏହି ନୂତନ ଘରେ ରହୁଥିଲେ । କିନ୍ତୁ କିଛି ଦିନ ତଳେ ତାଙ୍କ ଘରୁ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା । ଏହା ପରେ ସେମାନେ ପୋଲିସକୁ ଖବର ଦେଇଥିଲେ ।

ଖରିଫ ଋତୁ ପାଇଁ କୃଷି ବିଭାଗର ବୈଠକ

## ଗୁଣାତ୍ମକ ବିହନ ଯୋଗାଣ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୧୦।୪(ସଂଚାର ବ୍ୟୁରୋ):** ଆଜି ମଧ୍ୟାହ୍ନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଚାଷୀମାନଙ୍କୁ ବିହନ ଯୋଗାଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚାଷୀଙ୍କ ନିମନ୍ତେ ଆଗାମୀ ଖରିଫ ଋତୁ ପାଇଁ ବିଭିନ୍ନ କିସମର ବିହନ ଯୋଗାଣ, ଆବଶ୍ୟକତା ଓ ଉପଲବ୍ଧି ଉପରେ ବିସ୍ତୃତ ଆଲୋଚନା ହୋଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ସମସ୍ତ ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିହନ ଯୋଗାଇ ଦିଆଯିବ। ଖରିଫ ଋତୁ ପାଇଁ ବିହନଗୁଡିକ ଉପଯୁକ୍ତ ସମୟରେ ଚାଷୀଙ୍କ ନିକଟରେ ପହଞ୍ଚାଇବା ଜରୁରୀ। ବିଭାଗ ପକ୍ଷରୁ କୃଷକଙ୍କ ପସନ୍ଦ ଅନୁଯାୟୀ ବିହନ ଯୋଗାଣକୁ ତ୍ୱରାନ୍ୱିତ କରିବା ଉପରେ କୃଷି ମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ବିଭିନ୍ନ କିସମ ବିହନର ଗୁଣବତ୍ତା ନିଶ୍ଚିତ କରିବା ସକାଶେ ନିୟମିତ ନମୁନା ସଂଗ୍ରହ ଓ ପରୀକ୍ଷା ପାଇଁ ପରାମର୍ଶ ଦେଇଛନ୍ତି। ବିଶେଷକରି ଖରିଫ ଋତୁରେ ପନିପରିବା ମଞ୍ଜି କ୍ରୟ ଓ ଯୋଗାଣ ଉପରେ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ କହିଛନ୍ତି। ବିହନ ବିକ୍ରି ପାଇଁ ସବସିଡି ରାଜ୍ୟ ସରକାର ପ୍ରଦାନ କରୁଛନ୍ତି। ୨ ହେକ୍ଟରରୁ ଉର୍ଦ୍ଧ୍ୱ ଓ ୩ ହେକ୍ଟର ଚାଷଜମି ପର୍ଯ୍ୟନ୍ତ ବିହନ ବିକ୍ରୟ ପାଇଁ ରାଜ୍ୟ ସରକାର ସବସିଡି ପ୍ରଦାନ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ କୃଷକଙ୍କୁ ଗୁଣାତ୍ମକ ବିହନ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସବସିଡି ଚାଷୀଙ୍କୁ ଡିବିଟି ମୋଡରେ ପ୍ରଦାନ କରାଯିବ। ଆଗାମୀ ଖରିଫ ଋତୁ ପାଇଁ ବିହନ ଯୋଗାଣ ଓ ଆବଶ୍ୟକତା କ୍ଷେତ୍ରରେ ଆମେ ବଳକା ରହିଛୁ ବୋଲି ଡ. ପାଢ଼ୀ କହିଛନ୍ତି।

ଓଏମ୍‌ଟିଡିଡବ୍ଲ୍ୟୁଡବ୍ଲ୍ୟୁବିର ୱେବପୋର୍ଟାଲ ଲୋକାର୍ପିତ

# ଚାଳକମାନଙ୍କ ସ୍ୱାର୍ଥ ରକ୍ଷା ସରକାରଙ୍କ ପ୍ରାଥମିକତା: ମନ୍ତ୍ରୀ



**ଭୁବନେଶ୍ୱର, ୧୦।୪ (ସଂଚାର ବ୍ୟୁରୋ) :** ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ (ଓଏମ୍‌ଟିଡିଡବ୍ଲ୍ୟୁଡବ୍ଲ୍ୟୁବି)ରେ ସଦସ୍ୟତା କିମ୍ବା ଅନୁକମ୍ପାମୂଳକ ସହାୟତା ପାଇଁ ଏଣିକି କୌଣସି ଦପ୍ତର ଦୌଡ଼ିବାକୁ ପଡ଼ିବ ନାହିଁ କାରଣ ଆଜିଠାରୁ ଅନ୍‌ଲାଇନ୍‌ରେ ଏହି ସମସ୍ତ ସୁବିଧା ଉପଲବ୍ଧ ହୋଇଛି। ସ୍ଥାନୀୟ ଖାରବେଳ ଭବନରେ ବୋର୍ଡର ଚତୁର୍ଥ ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏ ସମ୍ପର୍କିତ ୱେବପୋର୍ଟାଲକୁ ଲୋକାର୍ପିତ କରି ଏହି ସୁବିଧାର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ହଜାର ହଜାର ମୋଟର ଯାନଚାଳକ ଓ କର୍ମଚାରୀ ଉପକୃତ ହେବା ସହ ସହାୟତା ପ୍ରଦାନ ବ୍ୟବସ୍ଥା ଅଧିକ ସକ୍ରିୟ ଓ ପାରଦର୍ଶୀ ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା ଆଶା କରିଛନ୍ତି ।

ଏହାଛଡ଼ା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଛି। ଏଥିରେ ବୋର୍ଡ ସଦସ୍ୟ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ସିଭିଲ ସୋସାଇଟି ସଦସ୍ୟ ଓ ଡ୍ରାଇଭର ସଙ୍ଘ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଚାଳକମାନେ ବୋର୍ଡ ଅଧ୍ୟକ୍ଷଙ୍କ ନିକଟରେ ସେମାନଙ୍କର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏହାକୁ ତର୍ଜମା କରି ସକାରାତ୍ମକ ନିଷ୍ପତ୍ତି ଗ୍ରହଣ କରାଯିବା ଉପରେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ୱେବପୋର୍ଟାଲରେ ସୁବିଧା କେନ୍ଦ୍ର, ଜରୁରୀକାଳୀନ ସହାୟତା ଓ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ସାମିଲ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅନୁକମ୍ପାମୂଳକ ସହାୟତା ବୟସ ସୀମା ୬୦ରୁ ୬୫କୁ ବୃଦ୍ଧି କରାଯିବା ଦାବି ଉପରେ ପ୍ରାଧାନ୍ୟ ଦେଇ ମନ୍ତ୍ରୀ କହିଛନ୍ତି ଯେ ସରକାର ଚାହୁଁଛନ୍ତି ଅଧିକରୁ ଅଧିକ ଚାଳକଙ୍କ ପରିବାର ଏହାର ଲାଭ ପାଆନ୍ତୁ। ତେବେ ଏ ସମ୍ପର୍କରେ ସମସ୍ତ ଦିଗକୁ ତର୍ଜମା କରିବାର ଆବଶ୍ୟକତା ରହିଛି। ଏଥିସକାଶେ ଖୁବ୍‌ଶୀଘ୍ର ସବ୍‌କମିଟି ଗଠନ କରାଯିବ। କେନ୍ଦ୍ର ସରକାରଙ୍କ ନିୟମ, ଶ୍ରମ ବିଭାଗର ବ୍ୟବସ୍ଥା ଓ ଅନ୍ୟାନ୍ୟ ବିଷୟକୁ ଅନୁଧ୍ୟାନ କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

### ଅନଲାଇନରେ ହେବ ସଦସ୍ୟତା ପଞ୍ଜୀକରଣ ଓ ଅନୁକମ୍ପା ସହାୟତା ଆବେଦନ

ସେହିଭଳି ଅଟୋ ଚାଳକମାନେ ମଧ୍ୟ କିଭଳି ସରକାରୀ ସହାୟତାର ଲାଭ ପାଇବେ, ତାହା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେଥିପାଇଁ ଶ୍ରମ ବିଭାଗ ପୋର୍ଟାଲରେ ପଞ୍ଜୀକରଣ କରାଯାଇପାରିବ ବୋଲି ଶ୍ରମ ଆୟୁକ୍ତ ଅବଗତ କରାଇଥିଲେ। ତେବେ ଏ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଟୋ ସଙ୍ଘ ନେତାମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ମଧ୍ୟ ପରାମର୍ଶ ଦେଇଛନ୍ତି ।

ବୈଠକରେ ମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ସରକାର ଚାଳକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। କଲ୍ୟାଣ ବୋର୍ଡ ଜରିଆରେ ଚାଳକଙ୍କ ଉନ୍ନତି ପାଇଁ କିଭଳି ଅଧିକ ପଦକ୍ଷେପ ନିଆଯାଇପାରିବ, ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ବୈଠକରେ ଡ୍ରାଇଭର ସଂଘର ପ୍ରତିନିଧି ତଥା ବୋର୍ଡ ସଦସ୍ୟ ପ୍ରଶାନ୍ତ ମେଣ୍ଡୁଲି, ଆଦିତ୍ୟ ବେହେରା ଏବଂ ଦୀପକ ପଟ୍ଟନାୟକଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ଧନଞ୍ଜୟ ସେନାପତି ବିବରଣୀ ଉପସ୍ଥାପନ କରିଥିବା ବେଳେ ମୁଖ୍ୟ ବିତ୍ତ ଅଧିକାରୀ ପ୍ରଭାତ ଜେନା ଧନ୍ୟବାଦ ଦେଇଥିଲେ।

# ନୂଆ ରୂପ ପାଇବ ଲିଙ୍ଗରାଜ ଷ୍ଟେସନ




**ଭୁବନେଶ୍ୱର,୧୦।୪ (ସଂଚାର ବ୍ୟୁରୋ):** ନୂଆ ରୂପ ପାଇବାକୁ ଯାଉଛି ଭୁବନେଶ୍ୱରର ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ରେଳ ଷ୍ଟେସନ। ଏହି ପ୍ରସ୍ତାବିତ ଲିଙ୍ଗରାଜ ଟେମ୍ପଲ ରୋଡ୍

**୧୯.୫୩ କୋଟି ଟଙ୍କାର ବ୍ୟୟ ଅଟକଳ**

ରେଳ ଷ୍ଟେସନର ଉନ୍ନତିକରଣ ଏବଂ ନବୀକରଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ପୂର୍ବତଟ ରେଳବାଇର ଡିଆରଏମ୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ନିଜେ ଅପରାଜିତା ଷ୍ଟେସନ ପରିସରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଟିକିନିଖି ବୁଝିଥିଲେ । ଏହି ଉନ୍ନତିକରଣ ପ୍ରକଳ୍ପ ଲାଗି ମୋଟ୍ ୧୯.୫୩ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ପ୍ରସ୍ତାବିତ ପ୍ରକଳ୍ପରେ ୭୬୫ ବର୍ଗ ମିଟରର ଗ୍ରାଉଣ୍ଡ ପ୍ଲସ୍ ୨ର ଏକ ନୂତନ ଷ୍ଟେସନ ବିଲ୍ଡିଂ ନିର୍ମାଣ କରାଯାଉଛି। ବର୍ତ୍ତମାନ ଷ୍ଟେସନର ସାମ୍ନା ପଟକୁ ମୁହଁକରି ଥିବା ୧୧ଶହ ବର୍ଗ ମିଟରର ବିଲ୍ଡିଂର ନବୀକରଣ ଓ ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି । ଅନ୍ୟପଟେ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ପରେ କାର୍ଯ୍ୟର ଅଗ୍ରଗତି ଏବଂ ମାନକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ । ଏହି ରେଳ ନବୀକରଣ କାମ ପାଇଁ ଭୀମଟାଙ୍ଗିର ଅଂଚଳବାସୀ ଅନେକ ବାର ଭୁବନେଶ୍ୱର ସାଂସଦଙ୍କୁ ସାକ୍ଷାତ କରି ଅନୁରୋଧ କରି ଦାବି ଜଣାଇଥିଲେ । ଏହି କ୍ରମରେ ଭୁବନେଶ୍ୱର ସାଂସଦ ଏହି ଉନ୍ନତିକରଣ କାମ ନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଥିଲେ । ନିଜେ ରେଳ ମନ୍ତ୍ରୀଙ୍କୁ ସାକ୍ଷାତ ମଧ୍ୟ କରି ୨୦ କୋଟି ଟଙ୍କା ମଞ୍ଜୁର କରାଇଥିଲେ। ବର୍ତ୍ତମାନ ରେଳ ଉନ୍ନତିକରଣ କାମ ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଛନ୍ତି ଭୁବନେଶ୍ୱର ସାଂସଦ । ଆଗାମୀ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ଏହି ରେଳ ଉନ୍ନତିକରଣ କାମ ଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ବ୍ୟାଙ୍କ କର୍ମଚାରୀ ନିଯୁକ୍ତିରେ ଜାଲିଆତି, ଜଣେ ନିଲମ୍ବିତ

**ବରଗଡ଼,୧୦।୪ (ସଂଚାର ବ୍ୟୁରୋ):** ବରଗଡ଼ସ୍ଥିତ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର (ଏସ୍‌ଡ଼ିସିସି) ବ୍ୟାଙ୍କ କର୍ମଚାରୀ ନିଯୁକ୍ତିରେ ଏକ ବଡ଼ଧରଣର ଜାଲିଆତି ଅଭିଯୋଗ ହୋଇଛି। ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏହି ପ୍ରସଙ୍ଗ ବିଧାନସଭାରେ ଉପସ୍ଥାପନ କରିବା ପରେ ଏହାର ଖୋଳତାଡ଼ ଆରମ୍ଭ ହୋଇଛି। ନକଲି ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ଉକ୍ତ ବ୍ୟାଙ୍କରେ ଅନେକ କର୍ମଚାରୀ ଚାକିରି ହାତେଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ସେଭଳି ଜାଲିଆତିରେ ସମ୍ପୃକ୍ତ ଏକାଧିକ କର୍ମଚାରୀଙ୍କ ପଦୋନ୍ନତି ମଧ୍ୟ ହୋଇସାରିଛି। ଏହି ଘଟଣାରେ ଇତିମଧ୍ୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ (ସପୋର୍ଟିଂ ଷ୍ଟାଫ୍) କାମାକ୍ଷା ପ୍ରସାଦ ମହାନନ୍ଦଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଅନ୍ୟ କର୍ମଚାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ଚାଲିଛି। ଯାଞ୍ଚ ପ୍ରକ୍ରିୟା ସରିବା ପରେ ଆହୁରି କର୍ମଚାରୀ ଚାକିରିରୁ ବିଦା ହେବେ ବୋଲି ଅନୁମାନ କରାଯାଉଛି।

## ଭୁବନେଶ୍ୱରରେ ହେବ ୧୦,୦୦୦ ମେଗା କନଭେନସନ୍ ସେଣ୍ଟର



**ଭୁବନେଶ୍ୱର,୧୦।୪ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରକୁ ଖୁବଶୀଘ୍ର ୧୦,୦୦୦ ଆସନ ବିଶିଷ୍ଟ ମେଗା କନଭେନସନ ସେଣ୍ଟର ମିଳିବ। ଓଡ଼ିଶା ସେତୁ ନିର୍ମାଣ ନିଗମ ଏହାକୁ ମୁଖ୍ୟାଳୟ ନିକଟରେ ନିର୍ମାଣ କରିବ। ଭୁବନେଶ୍ୱର ସହରକୁ ବିଶ୍ୱ ବ୍ୟବସାୟ ଏବଂ ପର୍ଯ୍ୟଟନର ଏକ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସର ଅଂଶ ଭାବରେ ୧୦,୦୦୦ ଲୋକଙ୍କ ବସିବା କ୍ଷମତା ବିଶିଷ୍ଟ ଏହାର ସର୍ବବୃହତ କନଭେନସନ ସେଣ୍ଟରର ନିର୍ମାଣ ଆରମ୍ଭ କରିବାକୁ ଯାଉଛି। ଦି ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ସରକାର ଏକ ସରକାରୀ-ଘରୋଇ ସହଭାଗୀତା ଅଧୀନରେ ଚନ୍ଦ୍ରଶେଖରପୁରରେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିବି) ସହିତ ଯୋଗାଯୋଗ କରିଛନ୍ତି, ଯେଉଁଥିରେ ଅନ୍ତର୍ଜାତୀୟ ସମ୍ମିଳନୀ, ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋନ କରିବାର ଯୋଜନା ରହିଛି। ବର୍ତ୍ତମାନ ପର୍ଯ୍ୟାୟରେ, କର୍ତ୍ତୃପକ୍ଷମାନେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ଏବଂ କାର୍ଯ୍ୟାନ୍ୱୟନ ତଦାରଖ କରିବା ପାଇଁ ଜଣେ ପରାମର୍ଶଦାତାଙ୍କୁ ନିଯୁକ୍ତ କରିବା ପାଇଁ ଏକ ପ୍ରସ୍ତାବ ପାଇଁ ଅନୁରୋଧ ଜାରି କରିଛନ୍ତି। ଏହି କନଭେନସନ ସେଣ୍ଟର ପୂର୍ବ ତଟ ରେଳପଥ ମୁଖ୍ୟାଳୟ, ରେଳ ସଦନ ନିକଟରେ ୧୮ ଏକର ଜମିରେ ବିସ୍ତାରିତ ହେବ, ଯାହା ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଦେଇ ସୁଗମ ସଂଯୋଗୀକରଣ ସୁନିଶ୍ଚିତ କରିବ। ଏହି ସ୍ଥାନରେ ବର୍ତ୍ତମାନ ଓମ୍‌ଫେଡ ପ୍ଲାଣ୍ଟ ରହିଛି, ଯାହାକୁ ମେଗା ପ୍ରୋଜେକ୍ଟ ପାଇଁ ରାସ୍ତା ତିଆରି କରିବା ପାଇଁ ଭାଙ୍ଗି ଦିଆଯିବ ବୋଲି ରିପୋର୍ଟରୁ ଜଣାପଡିଛି।

# ହ୍ୱାଟ୍ସଆପ୍ ଚାଟିଂ ଖୋଲିବ କନଷ୍ଟେବଲ ଯଶୋଦାଙ୍କ ମୃତ୍ୟୁ ରହସ୍ୟ

**ବାଲେଶ୍ୱର,୧୦।୪(ସଂଚାର ବ୍ୟୁରୋ):** ମୃତ ମହିଳା କନଷ୍ଟେବଲ ଯଶୋଦା ଦାସଙ୍କ ମୃତ୍ୟୁର ରହସ୍ୟ ଖୋଲିବ ତାଙ୍କ ହ୍ୱାଟ୍ସଆପ୍ ଚାଟିଂ। ଏହି ରହସ୍ୟମୟ ମୃତ୍ୟୁକୁ ଭେଦ କରିବାରେ ପୋଲିସକୁ ତାଙ୍କ ମୋବାଇଲ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

ରିପୋର୍ଟ ଅନୁଯାୟୀ, ମୃତ କନଷ୍ଟେବଳ ମାର୍ଚ୍ଚ ୭ ତାରିଖରେ ବାଲେଶ୍ୱରରେ ତାଙ୍କ ପୋଲିସ ବାରାକରେ ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ହ୍ୱାଟ୍ସଆପ୍‌ରେ ଏକ ଭାବପ୍ରବଣ ଷ୍ଟାଟସ୍ ଶେୟାର କରିଥିବାରୁ ପୋଲିସ ରହସ୍ୟମୟ ମାମଲାରେ କିଛି ସୁରାକ ପାଇବା ପାଇଁ ତାଙ୍କ ଫୋନ୍ ଏବଂ ହ୍ୱାଟ୍ସଆପ୍ ଚାଟିଂକୁ ଅତି ନିକଟରୁ ଯାଞ୍ଚ କରୁଛି।

ଅନ୍ୟପକ୍ଷରେ, ଯଶୋଦାଙ୍କ ଭାଇ ହରିପଦ ଦାସ ଖୁଣ୍ଟା ଥାନାରେ ତାଙ୍କ ସହକର୍ମୀ ବଳରାମ ଦାସଙ୍କ ସହ ସମ୍ପର୍କ ଖରାପ ଥିବା ଅଭିଯୋଗ କରି ଏକ ମାମଲା ରୁଜୁ କରିଛନ୍ତି। ତାଙ୍କ ଅଭିଯୋଗରେ ହରିପଦ ଦାବି କରିଛନ୍ତି ଯେ ବଳରାମ ଯଶୋଦାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ତାଙ୍କ ଟଙ୍କା ଲୁଟ କରିବା ପରେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ।

ହରିପଦଙ୍କ ଅଭିଯୋଗ ଆଧାରରେ, ପୋଲିସ ବଳରାମଙ୍କୁ ମାରାଥନ ଜେରା କରିଥିଲା ଏବଂ ତାଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଥିବା ଅନୁମାନ କରାଯାଉଛି। ତଥାପି, ଯଶୋଦାଙ୍କ ଜବତ ମୋବାଇଲ୍ ଫୋନ୍ ହିଁ ତାଙ୍କ ମୃତ୍ୟୁ ପଛର ପ୍ରକୃତ ରହସ୍ୟ ଉନ୍ମୋଚନ କରିବ ବୋଲି ଆଶା କରାଯାଉଛି।

ଏହି ସମୟରେ, ସାମ୍ବାଦିକଙ୍କ ସହ ଆଲୋଚନା କରି, ବାଲେଶ୍ୱର ପୋଲିସ ଅଧିକ୍ଷକ (ଏସପି) ରାଜ ପ୍ରସାଦ କହିଛନ୍ତି, "ଆମେ ସମସ୍ତ ଦିଗକୁ ଗୁରୁତ୍ୱର ସହ ତଦନ୍ତ କରୁଛୁ। ତାଙ୍କ ଚିକିତ୍ସା ଇତିହାସ ହେଉ କି ବ୍ୟକ୍ତିଗତ ସମସ୍ୟା କିମ୍ବା ବୃତ୍ତିଗତ ମାମଲା, ଆମେ ସବୁକିଛି ଗମ୍ଭୀରତାର ସହ ନେଉଛୁ ଏବଂ ତଦନ୍ତ ସମାପ୍ତ ହେବା ପରେ ତାଙ୍କ ମୃତ୍ୟୁର ସଠିକ୍ କାରଣ ଜଣାପଡିବ।"



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଆଜି ସୁନା ଦର କମୁଛି ତ, କାଲି ବଢୁଛି। ସୁନା ଦରରେ ରହୁନି ସ୍ଥିରତା। ପ୍ରତ୍ୟେକ ଦିନ ଦେଖିବାକୁ ମିଳୁଛି ସୁନାର ନୂଆ ଦର। ଉଭୟ ୨୨ ଓ ୨୪ କ୍ୟାରେଟ ସୁନା ଦରରେ ପ୍ରତି ଦିନ ଭିନ୍ନତା ଦେଖିବାକୁ ମିଳୁଛି। ତେବେ ସୁନା କିମ୍ବା ରୂପା କିଣିବା ପୂର୍ବରୁ ଜାଣି ରଖନ୍ତୁ କେଉଁଠି କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୩ ହଜାର ୩୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୫ ହଜାର ୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୩ ହଜାର ୩୮୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୫, ୬୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୦, ୪୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୫ ,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୩, ୫୩୦ ଟଙ୍କା ଓ ୨୨ କ୍ୟାରେଟ୍ ୮୫,୭୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୩, ୩୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୫,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୩, ୩୮୦ ଓ ୮୫ ,୬୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୦୪,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଯଦି ଆପଣ ଗାଡ଼ିରେ ତେଲ ପକାଇବାକୁ ଯାଉଛନ୍ତି, ତେବେ ଟାଙ୍କି ଭରିବା ପୂର୍ବରୁ ଜାଣନ୍ତୁ ଆଜିର ନୂଆ ଦର। କାରଣ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ .୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ଏସ୍‌ବିଆଇ ଏଟିଏମ୍ ନିୟମରେ ପରିବର୍ତ୍ତନ

# ଟ୍ରାଞ୍ଜାକ୍ସନ ଚାର୍ଜ ଓ ବ୍ୟବହାର ସୀମା ବୃଦ୍ଧି

**ନୂଆଦିଲ୍ଲୀ, ୧୦।୪:** ଦେଶର ସବୁଠୁ ବଡ଼ ବ୍ୟାଙ୍କ୍ ଏସବିଆଇ ଆଣିଛି ବଡ଼ ଖବର। ଆପଣଙ୍କର ଯଦି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ଆକାଉଣ୍ଟ ଅଛି, ଆଉ ଆପଣ ଏସବିଆଇ ର ଏଟିଏମ କାର୍ଡ ବ୍ୟବହାର କରୁଛନ୍ତି। ତେବେ ଆପଣଙ୍କ ପାଇଁ ଏହି ଖବର ବେଶ ଗୁରୁତ୍ୱପୂର୍ଣ୍ଣ। କାହିଁକି ନା ଏଟିଏମ କାର୍ଡ ବ୍ୟବହାର ନିୟମରେ ବଡ଼ ପରିବର୍ତ୍ତନ କରିଛି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ।

ଆପଣମାନଙ୍କୁ କହିରଖୁଛୁ ଯେ ଏସବିଆଇ ଏଟିଏମ ରୁ ଟଙ୍କା ୱିଡ୍ରାଲ୍ ଲିମିଟରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ଦେଶର ସାର୍ବଜନୀନ ସେକ୍ଟରର ବ୍ୟାଙ୍କ୍ ଏହି ପରିବର୍ତ୍ତନ ଏଟିଏମ ଚାର୍ଜ ଷ୍ଟ୍ରକ୍ଚରକୁ ସହଜ କରିବା ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷରେ ଏହି ପରିବର୍ତ୍ତନ କରାଯାଇଛି। ଯେଉଁଥିରେ ଏସବିଆଇ ଏବଂ ଅନ୍ୟାନ୍ୟ ବ୍ୟାଙ୍କ୍ ଏଟିଏମ ରେ ଫାଇନାନସିଆଲ ଏବଂ ନନ୍-ଫାଇନାନସିଆଲ୍ ଟ୍ରାଞ୍ଜାକ୍ସନକୁ ପ୍ରଭାବିତ କରିବ। ଏଥି ସହ ଏହି ନିୟମ ୧ ଫେବୃଆରୀ ୨୦୨୫ ରେ କାର୍ଯ୍ୟକାରୀ ହୋଇଥିଲା। ପୂର୍ବରୁ ଏସବିଆଇ ରୁ ଏକ୍ସଟ୍ରା ଟ୍ରାଞ୍ଜାକ୍ସନ ପାଇଁ ୨୧ ଟଙ୍କା ସହିତ ଜିଏସଟି ଚାର୍ଜ କରୁଥିଲା। କିନ୍ତୁ ନିୟମ ପରିବର୍ତ୍ତନ କରିବା ପରେ, ଯଦି ଆପଣ ଅନ୍ୟ ବ୍ୟାଙ୍କର ଏଟିଏମ ରୁ ସର୍ବାଧିକ ଟ୍ରାଞ୍ଜାକ୍ସନ ଲିମିଟ୍ ଅତିକ୍ରମ କରନ୍ତି,



ତେବେ ଆପଣଙ୍କୁ ଅଧିକ ଚାର୍ଜ ଦେବାକୁ ପଡିବ। ଏସବିଆଇ ର ନୂଆ ନିୟମ ଅନୁସାରେ, ସେଭିଂ ଆକାଉଣ୍ଟରେ ଆଭରେଜ୍ ମନ୍ଥଲି ବାଲାନ୍ସ ଅନୁସାରେ ଏଟିଏମ ଫ୍ରି ଟ୍ରାଞ୍ଜାକ୍ସନ ମିଳିବ। ମେଟ୍ରୋ ହେଉ କିମ୍ବା ଅନ୍ୟ ସହର, ସବୁ ଆକାଉଣ୍ଟଧାରୀଙ୍କୁ ଏସବିଆଇ ଏଟିଏମରୁ ମାଗଣା ୧୦ ଥର ଟ୍ରାଞ୍ଜାକ୍ସନ ମିଳିବ। ସେହିପରି ଅନ୍ୟ ଏଟିଏମ ରୁ ଏସବିଆଇ ର ଗ୍ରାହକମାନେ ମାଗଣାରେ ୫ ଥର ଟ୍ରାଞ୍ଜାକ୍ସନ କରିପାରିବେ। ଯଦି ଏହି ଲିମିଟ୍ କ୍ରସ୍ ହୁଏ, ତେବେ ଏଥିପାଇଁ ଗ୍ରାହକଙ୍କୁ ପୂର୍ବ ଅପେକ୍ଷା ଅଧିକ ଟଙ୍କା ଦେବାକୁ ପଡିବ।

ଏଥି ସହ ଯଦି ସେଭିଙ୍ଗ ଆକାଉଣ୍ଟ ହୋଲଡର ଆଭରେଜ୍ ମନ୍ଥଲି ବାଲାନ୍ସ ୨୫,୦୦୦ ଏବଂ ୫୦,୦୦୦ ଟଙ୍କା ମଧ୍ୟରେ ରଖନ୍ତି, ତେବେ ତାଙ୍କୁ ଅନ୍ୟ ବ୍ୟାଙ୍କର ଏଟିଏମ ରୁ ୫ଟି ଫ୍ରି ଟ୍ରାଞ୍ଜାକ୍ସନ୍ ଲିମିଟର ସୁବିଧା ମିଳିବ। ଯଦି କେହି ୧୦,୦୦,୦୦ ଟଙ୍କା ପର୍ଯ୍ୟନ୍ତ ରଖନ୍ତି, ତେବେ ତାଙ୍କୁ ଏସବିଆଇ ଏବଂ ଅନ୍ୟ ବ୍ୟାଙ୍କ ଏଟିଏମ ରୁ ଅନଲିମିଟେଡ୍ ଫ୍ରି ଟ୍ରାଞ୍ଜାକ୍ସନର ସୁବିଧା ମିଳିବ। ଫ୍ରି ଏଟିଏମ ଟ୍ରାଞ୍ଜାକ୍ସନରେ ମନ୍ଥଲି ଲିମିଟ୍ ଅତିକ୍ରମ କରିବା ପରେ, ଏସବିଆଇ ଯେକୌଣସି ସ୍ଥାନରେ ହେଉନା କାହିଁକି, ଏଟିଏମ ରେ ପ୍ରତି ଟ୍ରାଞ୍ଜାକ୍ସନ ପାଇଁ ୧୫ ଟଙ୍କା + GST ର ଶୁଳ୍କ ଲଗାଇବ। ଏଥି ସହ ଅନ୍ୟ ବ୍ୟାଙ୍କର ଏଟିଏମ ରେ ଟ୍ରାଞ୍ଜାକ୍ସନ ପାଇଁ ଏହି ଶୁଳ୍କ ୨୧ ଟଙ୍କା + GST ପ୍ରତି ଟ୍ରାଞ୍ଜାକ୍ସନ୍ ରହିଛି। ଯାହା ମେଟ୍ରୋ ସହର ସମେତ୍ ଦେଶର ଅନ୍ୟାନ୍ୟ ସ୍ଥାନରେ ମଧ ଲାଗୁ ହେବ।

ଏସବିଆଇ ବାଲାନ୍ସ ଇନକ୍ୱାରୀ, ମିନି ଷ୍ଟେଟମେଣ୍ଟ ଭଳି ସେବା ପାଇଁ କୌଣସି ଚାର୍ଜ କରିନଥାଏ। ହେଲେ ଯଦି ଆପଣ ଏହି ସବୁ ସେବା ଅନ୍ୟ ଏଟିଏମରୁ ଉଠାଉଛନ୍ତି, ତେବେ ଆପଣଙ୍କୁ ପ୍ରତି ଟ୍ରାଞ୍ଜାକ୍ସନ ପିଛା ୧୦ ଟଙ୍କା ସହିତ ଜିଏସଟି ଦେବାକୁ ପଡିବ। ଏହାସହ ଟଙ୍କା ନଥିବାରୁ ଯଦି ଆପଣଙ୍କର ଟ୍ରାଞ୍ଜାକ୍ସନ ଫେଲ୍ ହେଉଛି, ତେବେ ଏଥିପାଇଁ ଜରିମାନା ବାବଦରେ ୨୦ ଟଙ୍କା ଚାର୍ଜ କରିବ ଏସବିଆଇ। ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଏହି ନୂଆ ନିୟମ ଆସନ୍ତା ମେ ମାସ ୧ ତାରିଖରୁ ଲାଗୁ ହେବାକୁ ଯାଉଛି। ଯାହାକି ଏସବିଆଇ ର ପ୍ରତ୍ୟେକ ୟୁଜର୍ସ ଜାଣି ରଖିବା ଉଚିତ୍।

## ଖୁବ୍‌ଶୀଘ୍ର ବଜାରକୁ ଆସିବ ଓମ୍‌ଫେଡ୍ ଚକୋଲେଟ୍, ପାଣି ବୋତଲ

**ଭୁବନେଶ୍ୱର,୧୦।୪:** ଓଡ଼ିଶା ଷ୍ଟେଟ୍ କୋଅପରେଟିଭ୍ ମିଲ୍କ ପ୍ରଡ୍ୟୁସର୍ସ ଫେଡେରେଶନ (ଓମ୍‌ଫେଡ୍) ପ୍ରସ୍ତୁତ ଚକୋଲେଟ ଖୁବ୍‌ଶୀଘ୍ର ବଜାର ପ୍ରବେଶ କରିବ। ଏନେଇ ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି। ନ୍ୟାଶନାଲ ଡେଏରି ଡେଭଲପ୍‌ମେଣ୍ଟ ବୋର୍ଡ ପକ୍ଷରୁ ଏହାର ପ୍ରୋଜେକ୍ଟ ଡିଜାଇନ କରାଯାଇଛି। କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ପାଇଁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯାଇଛି। ଓମଫେଡ୍ ପାଣି ବୋତଲ ମଧ ବିକ୍ରି କରିବାକୁ ଯୋଜନା ରହିଛି। ଆସନ୍ତା ୪ ମାସ ଭିତରେ ଓମଫେଡ୍ ବଜାରରେ ପାଣି ବିକ୍ରି ଆରମ୍ଭ କରିପାରେ। ସେହିପରି ବୁଧବାର ଅରିଲୋସ୍ଥିତ ଓମଫେଡ୍ ପ୍ଲାଣ୍ଟ ପରିଦର୍ଶନରେ ଯାଇଥିବା ଗଣମାଧମର ୩୦ରୁ ଅଧିକ ପ୍ରତିନିଧିଙ୍କ ସହ ପ୍ଲାଣ୍ଟ ମ୍ୟାନେଜର କାର୍ତ୍ତିକ ପାଲ୍ ଓମଫେଡର ଦୁଗ୍ଧ ପ୍ରକ୍ରିୟାକରଣ, ଉପତ୍ାଦ ଓ ଉପତ୍ାଦନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଏବେ ଓମଫେଡ ଦୈନିକ ୫ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସେଥିରେ ଦେଶୀ ବା ବିଞ୍ଝାରପୁରୀ ଗାଈ କ୍ଷୀର ହେଉଛି ୨୫୦୦ ଲିଟର। ବର୍ତ୍ତମାନ ଓମଫେଡ୍ ପକ୍ଷରୁ ବିଭିନ୍ନ ପ୍ରକାରର କ୍ଷୀର, ଘିଅ, ଦହି, ଲସି, ଖୁଆ, ପେଢ଼ା, ଲହୁଣୀ, ପନିର, ମିଠା ଦହି, ମିଲ୍‌କ ପାଉଡର ଆଦି ଉପତ୍ାଦ ପ୍ରସ୍ତୁତ କରାଯାଉଛି। ଅତ୍ୟାଧୁନିକ ଯନ୍ତ୍ରାଂଶ ଓ ପ୍ରଣାଳୀରେ ଏହି ସବୁ ଉପତ୍ାଦ ପ୍ରସ୍ତୁତ କରାଯାଉଥିବାବେଳେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କର୍ମନିଯୁକ୍ତି ସମ୍ଭବ ହୋଇପାରିଛି। ଏହାବ୍ୟତୀତ ବର୍ଷକ ଭିତରେ ଓମ୍‌ଫେଡ ୧୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନେଇ ଯୋଜନା ପ୍ରସ୍ତୁତ କରିଛି। ଘିଅ ଉତ୍ପାଦନ ବୃଦ୍ଧି ପାଇଁ ଆଗାମୀ ଦିନରେ ଓମଫେଡ ଯୋଜନା ରଖିଛି। ମାସକୁ ଓମଫେଡ ୧୨୦ ଟନ୍ ଘିଅ ଉତ୍ପାଦନ କରୁଛି। ରାଜ୍ୟର ପ୍ରମୁଖ ମନ୍ଦିରରେ ଏହି ଘିଅ ବ୍ୟବହାର କରାଯାଉଥିବାବେଳେ ଦିଲ୍ଲୀ ହଜଖାସ୍ ଜଗନ୍ନାଥ ମନ୍ଦିର ସହ ଆଖପାଖର ଜଗନ୍ନାଥ ମନ୍ଦିରକୁ ମଧ ଓମଫେଡ୍ ଘିଅ ଯୋଗାଇ ଦିଆଯାଉଛି।

### ଆମେରିକାର ଚୀନ୍ ଉପରେ ୧୨୫% ଶୁଳ୍କ

## ୯୦ ଦିନ ସ୍ଥଗିତ, ସର୍ବନିମ୍ନ ଟିକସ ୧୦% ରହିବ

**ନୂଆଦିଲ୍ଲୀ, ୧୦।୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ୯୦ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ସେ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଇଥିଲେ। ବୁଧବାରଠାରୁ ତାହା ଲାଗୁ ହେବାର ଥିଲା। ବିଶ୍ୱର ୭୫ରୁ ଅଧିକ ଦେଶ ଆମେରିକା ସହ ବାଣିଜ୍ୟ ଆଲୋଚନା କରିବାକୁ ଆଗ୍ରହ ଦେଖାଇଥିବାରୁ ପାଲଟା ଶୁଳ୍କକୁ କିଛି ଦିନ ପାଇଁ ଟାଳି ଦିଆଯାଇଛି। ତେବେ ଏହି ସମୟ ଭିତରେ ସର୍ବନିମ୍ନ ଶୁଳ୍କ ୧୦ ପ୍ରତିଶତ ରହିବ। ତାହା ତତ୍କାଳ ଲାଗୁ କରାଯାଇଥିବା ଟ୍ରମ୍ପ କହିଛନ୍ତି। ତେବେ ଚୀନ୍ ଉପରେ ଆମେରିକା ଶୁଳ୍କକୁ ୧୨୫ ପ୍ରତିଶତକୁ ବୃଦ୍ଧି କରିଛି। ବିଶ୍ୱ ବଜାର ପ୍ରତି ଚୀନ୍ ସମ୍ମାନ ଦେଖାଉ ନ ଥିବା ଦର୍ଶାଇ ଆମେରିକା ଏହା ବିରୋଧରେ ଶୁଳ୍କ ଆହୁରି ବଢ଼ାଇ ଚୀନ୍ ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରିଛି। ନିଜ ସୋସିଆଲ୍ ମିଡିଆ 'ଟ୍ରୁଥ୍' ଜରିଆରେ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି।



ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟ୍‌କିନ୍ ଜଣାଇଛନ୍ତି ଯେ ବିଶ୍ୱ ବାଣିଜ୍ୟରେ ସୁଧାର ଆଣିବା ଲାଗି ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ସାରା ବିଶ୍ୱ କାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି। କିନ୍ତୁ ଚୀନ୍ ବିପରୀତ ପଥ ଚୟନ କରିଛି। କିଛି ଦିନ ପରେ ଚୀନ୍ ବୁଝିଯିବ ଯେ ଆମେରିକା କିମ୍ବା ଅନ୍ୟ ଦେଶକୁ କ୍ଷତି ପହଞ୍ଚାଇବା ଗ୍ରହଣୀୟ ହେବନାହିଁ। ବୁଧବାର ଚୀନ୍ ଉପରେ ଆମେରିକା ଏହାର ଶୁଳ୍କକୁ ୧୦୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ପରେ ଆମେରିକା ଉପରେ ଚୀନ୍ ଶୁଳ୍କକୁ ୮୪ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇଥିଲା। ଶେଷରେ ଚୀନ୍ ଉପରେ ଆମେରିକାର ଶୁଳ୍କ ୧୨୫ ପ୍ରତିଶତକୁ ବୃଦ୍ଧି କରାଯାଇଥିବାରୁ ଆଗାମୀ ଦିନରେ ଚୀନ୍‌ର ଆଭିମୁଖ୍ୟ କ'ଣ ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟ ଏକ ଘଟଣାକ୍ରମରେ ଫାର୍ମସ୍ୟୁଟିକାଲ୍ ଉପରେ ଶୁଳ୍କ ଲଗାଇବାକୁ ଆମେରିକା ଯୋଜନା କରୁଥିବା ଟ୍ରମ୍ପ ଘୋଷଣା କରିଛନ୍ତି। ଏହି ଶୁଳ୍କ ଭାରତକୁ ଗୁରୁତର ଭାବେ ପ୍ରଭାବିତ କରିବା ଆଶଙ୍କା ରହିଛି। ଭାରତୀୟ ଫାର୍ମା ଶିଳ୍ପ ଆମେରିକୀୟ ବଜାର ଉପରେ ଅତ୍ୟଧିକ ନିର୍ଭରଶୀଳ ରହିଛି। ୨୦୨୩-୨୪ରେ ଭାରତର ଫାର୍ମା ରପ୍ତାନି ୨୭୯୦ କୋଟି ଡଲାର ଥିଲା। ତାହାର ୩୧ ପ୍ରତିଶତ ରପ୍ତାନି କେବଳ ଆମେରିକାକୁ କରାଯାଇଥିଲା।

## ଚୀନ ଭଳି ଖରାପ ଦେଶ ପାଇଁ ବିଶ୍ୱ ବାଣିଜ୍ୟରେ ଅସନ୍ତୁଳନ ଦେଖାଦେଉଛି

**ନୂଆଦିଲ୍ଲୀ, ୧୦।୪:** ଚୀନକୁ ଛାଡ଼ି ବିଭିନ୍ନ ଦେଶ ଉପରେ ୯୦ ଦିନ ପାଇଁ ପାଲଟା ଶୁଳ୍କ ସ୍ଥଗିତ ଘୋଷଣା କରିବା ପରେ ଚୀନ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ଆମେରିକା। ଚୀନ ଭଳି ଖରାପ ଲୋକଙ୍କ ପାଇଁ ବିଶ୍ୱ ବାଣିଜ୍ୟ ପ୍ରଭାବିତ ହେଉଛି ବୋଲି ଆମେରିକା ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ କହିଛନ୍ତି। ଏଭଳି ଦେଶ ବିଶ୍ୱ ବାଣିଜ୍ୟରେ ଅସନ୍ତୁଳନ ସୃଷ୍ଟି କରୁଛନ୍ତି ବୋଲି ସେ କହିଛନ୍ତି। ଗତକାଲି(୯ ଏପ୍ରିଲ) ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ୯୦ ଦିନ ପାଇଁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ। ତେବେ ଏଥିରେ ଚୀନକୁ ବାଦ୍ ଦିଆଯାଇଥିଲା। ଓଲଟି ଚୀନ ଉପରେ ଶୁଳ୍କକୁ ବଢ଼ାଇ ୧୨୫ ପ୍ରତିଶତ କରିଦେଇଥିଲେ। ବିଭିନ୍ନ ଦେଶ ଆମେରିକା ସହିତ ଶୁଳ୍କ ନେଇ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରିଥିବା ମୁଁ ଶୁଳ୍କ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି ବୋଲି ଟ୍ରମ୍ପ କହିଥିଲେ। ଆଉ ଆଜି ଆମେରିକା ଅର୍ଥମନ୍ତ୍ରୀ ଚୀନକୁ ସମାଲୋଚନା କରିଛନ୍ତି। ଚୀନର ପଡ଼ୋଶୀ ଦେଶ ଜାପାନ, ଦକ୍ଷିଣ କୋରିଆ ଏବଂ ଭାରତ ସହିତ ବାଣିଜ୍ୟ ବାଇଁ ଆଲୋଚନା ଚାଲିଛି ବୋଲି ବେସେଣ୍ଟ ସୂଚନା ଦେଇଛନ୍ତି। ଶୁଳ୍କ ବଢ଼ାଇ ବାଣିଜ୍ୟ ଯୁଦ୍ଧ ନିଜେ ଆରମ୍ଭ କରିଥିବା ବେସେଣ୍ଟ କହିଛନ୍ତି " ଏହା କୌଣସି ବାଣିଜ୍ୟ ଯୁଦ୍ଧ ନୁହେଁ, ଖରାପ ଲୋକଙ୍କ ପାଇଁ ଆମର ଏହି ଆଭିମୁଖ୍ୟ ଥିଲା। ହେଲେ ମୁଁ ଦେଖୁଛି ଚୀନର ପଡ଼ୋଶୀ ଜାପାନ ଦକ୍ଷିଣ କୋରିଆ ଓ ଭାରତ ଆଲୋଚନା ପାଇଁ ଆଗରେ ରହିଛନ୍ତି। ଆଜି ଭିଏତନାମ ଆଲୋଚନା ପାଇଁ ଇଚ୍ଛା ପ୍ରକାଶ କରିଛି।" ଆମେରିକାକୁ ଚ୍ୟାଲେଞ୍ଜ୍ ଦେଇ ଚୀନ ମଧ ଏପ୍ରିଲ ୧୦ ତାରିଖରୁ ଆମେରିକାର ସାମଗ୍ରୀ ଉପରେ ଏହାର ଶୁଳ୍କ ୩୪% ରୁ ୮୪%କୁ ବୃଦ୍ଧି କରିଦେଇଥିଲା। ଯାହାର ଆମେରିକାକୁ କଣ୍ଟା ଭଳି ଫୋଡ଼ି ହୋଇଛି। ସେଥିପାଇଁ ଆମେରିକା ସବୁ ଦୋଷ ଏବେ ଚୀନ ଉପରେ ଲଦୁଛି।



ଭାରତ ଆଲୋଚନା ପାଇଁ ରାଜି: ଆମେରିକା

ବସେଣ୍ଟ କହିଛନ୍ତି ଯେ ଆମେରିକା ଶୁଳ୍କ ଘୋଷଣା କରିବା ପରେ ୭୫ରୁ ଅଧିକ ଦେଶ ଆଲୋଚନା ପାଇଁ ରାଜି ହୋଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ବ୍ୟକ୍ତିଗତ ଭାବରେ ବାଣିଜ୍ୟ ଆଲୋଚନାରେ ସାମିଲ ହେବାକୁ ଚାହୁଁଛନ୍ତି। ତେଣୁ ଆମେ ୯୦-ଦିନିଆ ଯୋଜନାକୁ କାର୍ଯ୍ୟକାରୀ କରୁଛୁ। ତେଣୁ ବିଶ୍ୱର ପ୍ରତ୍ୟେକ ଦେଶ ଯେଉଁମାନେ ଆଲୋଚନା କରିବାକୁ ଚାହାଁନ୍ତି, ଆମେ ଆପଣଙ୍କ କଥା ଶୁଣିବାକୁ ଇଚ୍ଛୁକ। ଆମେ ସେମାନଙ୍କ ପାଇଁ ୧୦% ମୂଳ ଶୁଳ୍କ ଲାଗୁ କରିବାକୁ ଯାଉଛୁ।"

## ବାଂଲାଦେଶକୁ ଝଟ୍‌କା ଦେଲା ଭାରତ

**ନୂଆଦିଲ୍ଲୀ, ୧୦।୪:** ଉତ୍ତର ପୂର୍ବ ଭାରତରେ ଚୀନ୍‌ର ଉପସ୍ଥିତି ବଢ଼ାଇବା ସପକ୍ଷରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ୍ ଯୁକ୍ତି ବାଢ଼ିବା ପରେ ବାଂଲାଦେଶ ସହ ହୋଇଥିବା ଟ୍ରାନ୍ସ ସିପ୍‌ମେଣ୍ଟ ରାଜିନାମାକୁ ଭାରତ ରଦ୍ଦ କରିଛି। ଫଳରେ କୌଣସି ତୃତୀୟ ପକ୍ଷ ରାଷ୍ଟ୍ରକୁ ରପ୍ତାନି ପାଇଁ ଜିନିଷକୁ ବନ୍ଦର ଓ ବିମାନବନ୍ଦର ପର୍ଯ୍ୟନ୍ତ ନେବା ଲାଗି ଭାରତୀୟ ଭୂପୃଷ୍ଠ ସୀମା ଶୁଳ୍କ ଷ୍ଟେସନକୁ ବାଂଲାଦେଶ ବ୍ୟବହାର କରିପାରିବ ନାହିଁ। ୨୦୨୦ ଜୁନ୍‌ରେ ଭାରତ ଓ ବାଂଲାଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହାକୁ ବ୍ୟବହାର କରି ବାଂଲାଦେଶ ସୁବିଧାରେ ଏହାର ଜିନିଷ ଭୂଟାନ, ନେପାଳ ଓ ମିଆଁମାର ପଠାଇପାରୁଥିଲା। ସେହି ରାଜିନାମାକୁ ତତ୍କାଳ ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



# ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ୍ ୨୦୨୫ ଶେଷ ସୁଦ୍ଧା ପ୍ରସ୍ତୁତ ହୋଇଯିବ: ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ, ୧୦।୪:** ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ୍ ୨୦୨୫ ଶେଷ ସୁଦ୍ଧା ପ୍ରସ୍ତୁତ ହୋଇଯିବ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ମନି କଣ୍ଟ୍ରୋଲ ପ୍ରତିକ୍ରିୟା ଦେଇ ଏହି ସୂଚନା ଦେଇଛନ୍ତି। ଚିପ୍ ଉତ୍ପାଦନ ପାଇଁ ଆବଶ୍ୟକ ୫ଟି ୟୁନିଟ୍ କାର୍ଯ୍ୟ ଜାରି ରହିଛି ଏବଂ ପ୍ରକଳ୍ପ ନିର୍ଦ୍ଧାରିତ ସମୟସୀମା ମଧରେ ଶେଷ ହେବ ବୋଲି ଆଶା ଥିବା ମନ୍ତ୍ରୀ କହିଛନ୍ତି। ଭାରତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଇଣ୍ଡିଆ ସେମିକନ ପ୍ରୋଗ୍ରାମ ମାଧମରେ ସେମିକଣ୍ଡକ୍ଟର ତିଆରି କାମ ଜାରି ରହିଛି। ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ତାଇୱାନ-ଭିତ୍ତିକ PSMC ସହଯୋଗରେ ଏହା ବିକଶିତ କରାଯାଉଛି। ଗୁଜରାଟରେ ହେବାକୁ ଥିବା ଧୋଲେରା ଫେବ୍ରିକେସନ୍ ପ୍ଲାଣ୍ଟରେ ଏହି ସେମିକଣ୍ଡକ୍ଟରର ଉତ୍ପାଦନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ତେବେ ଏହି ଘୋଷଣା ପରେ ଭାରତର ଚିପ୍ ଆତ୍ମନିର୍ଭରଶୀଳତା ଯାତ୍ରାରେ ଦିଗରେ ଏକ ମାଇଲଖୁଣ୍ଟ ସ୍ଥାପନ ହୋଇଛି। ଯେଉଁ ଦିଗରେ ପୂର୍ବରୁ ଅନ୍ୟ ବିକଶିତ ରାଷ୍ଟ୍ରଗୁଡ଼ିକ




ଆଧିପତ୍ୟ ବିସ୍ତାର କରିଥିଲେ। ସେଠାରେ ଭାରତ ଏବେ ତା ପାଦ ଥାପିବାକୁ ଯାଉଛି। ଧୋଲେରା ଫ୍ୟାବ୍ କାର୍ଯ୍ୟକ୍ଷମ ହେବା ପରେ, ଭାରତର ସେମିକଣ୍ଡକ୍ଟର ଉତ୍ପାଦନ ଇକୋସିଷ୍ଟମର ମୂଳଦୁଆ ଭାବରେ କାର୍ଯ୍ୟ କରିବ। ଏହାକୁ ନିର୍ମାଣ କରିବା ପାଇଁ ଡିସେମ୍ବର ୨୦୨୧ରେ ୭୬,୦୦୦ କୋଟି ବଜେଟ୍ ଆବଣ୍ଟନ କରାଯାଇଥିଲା। ଚିପ୍ ସେପ୍ଟେମ୍ବର କିମ୍ବା ଅକ୍ଟୋବର ୨୦୨୫ ସୁଦ୍ଧା ଉନ୍ମୋଚନ ହେବାର ଆଶା କରାଯାଉଛି ବୋଲି ବୈଷ୍ଣବ କହିଛନ୍ତି।

ହାର୍ଡୱେୟାର କ୍ଷେତ୍ରରେ ସଫଳତା ସହିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଭାରତର ବ୍ୟାପକ ପ୍ରୟାସକୁ ମଧ ମନ୍ତ୍ରୀ ଦେଶବାସୀଙ୍କ ଆଗରେ ରଖିଥିଲେ। ଭାରତ ଏଆଇ ଦୌଡ଼ରେ ପଛରେ ନାହିଁ ଏବଂ ଏହା ଏଆଇ ଶକ୍ତିକୁ ଉପଯୋଗ କରିବାରେ ଭାରତ ଶ୍ରେଷ୍ଠ କିଛି ଦେଶ ମଧରେ ରହିବ ବୋଲି ମନ୍ତ୍ରୀ କହିଛନ୍ତି। ନିକଟରେ ମନ୍ତ୍ରୀ ସୂଚନା ଦେଇଥିଲେ ଯେ ଭାରତ ସକ୍ରିୟ ଭାବରେ ନିଜର ବୃହତ୍ ଭାଷା ମଡେଲ/ ଓନ ଲାର୍ଜ ଲାଙ୍ଗୁଏଜ ମଡେଲ (ଏଲଏଲଏମ) ଉପରେ କାର୍ଯ୍ୟ କରୁଛି, ଯାହା ଦେଶର ବିବିଧ ଭାଷାଗତ ଏବଂ ସାଂସ୍କୃତିକ ଦୃଶ୍ୟପଟକୁ ବିଶେଷ ଭାବରେ ପୂରଣ କରିବ। ଆଗାମୀ ୧୦ ମାସ ମଧରେ ଏଆଇ ମଡେଲ ପ୍ରସ୍ତୁତ ହେବାର ଆଶା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ନିକଟରେ ଓଡ଼ିଶାରେ ହୋଇଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ବୈଷ୍ଣବ କହିଥିଲେ "ଗତ ଦେଢ଼ ବର୍ଷ ଧରି, ଆମ ଟିମ୍ ଷ୍ଟାର୍ଟଅପ୍, ଗବେଷକ, ପ୍ରଫେସର ଇତ୍ୟାଦିଙ୍କ ସହିତ ପରାମର୍ଶ କରି କାର୍ଯ୍ୟ ଜାରି ରଖିଛି। ଆଜି, ଆମେ ଆମର ନିଜସ୍ୱ ଫାଉଣ୍ଡେସନାଲ ମଡେଲ ବିକଶିତ କରିବା ପାଇଁ ପ୍ରସ୍ତାବ ଆହ୍ୱାନ କରୁଛୁ। ଏହି ମଡେଲ ଭାରତୀୟ ଢାଞ୍ଚା, ଭାଷା ଏବଂ ସଂସ୍କୃତୀ ପ୍ରତି ଯତ୍ନଶୀଳ, ପକ୍ଷପାତ ମୁକ୍ତ ରହିବ।"

## ଜିନ୍ଦଲ ଓ କୃଷକ ସଂଗଠନ ମଧ୍ୟରେ ଚୁକ୍ତି

● ପାରିପାର୍ଶ୍ୱିକ ଅଞ୍ଚଳର ଚାଷୀଙ୍କୁ ମିଳିବ ଅତ୍ୟାଧୁନିକ କୃଷି ଉପକରଣ



**ଯୋଡ଼ା,୧୦।୪(ସଂଚାର ବ୍ୟୁରୋ):** ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ପାରିପାର୍ଶ୍ୱିକ ଅଞ୍ଚଳରେ ରହୁଥିବା ଅତି କ୍ଷୁଦ୍ର ଚାଷୀଙ୍କ ବିକାଶ ପାଇଁ ଜିନ୍ଦଲ ଏଜୁକେଶନ ଏଣ୍ଡ ୱେଲଫେୟାର ସୋସାଇଟି (ଜେଇଡବ୍ଲୁଏସ) ପକ୍ଷରୁ ଦେଓଝର ପଞ୍ଚାୟତ ଶିଆଳିଯୋଡ଼ା ଗ୍ରାମର 'ଜୟ ମା' ବୁରୁ କୃଷକ କ୍ଲବ' ସହ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଜେଇଡବ୍ଲୁଏସର ସମ୍ପାଦକ ଶ୍ରୀ ଭର୍ଜିଲ ଲାକ୍ରା ଓ କୃଷକ କ୍ଲବର ସଭାପତି ଶ୍ରୀ ପାଣ୍ଡିଆ ମୁର୍ଣ୍ଡା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ଅନୁସାରେ ଅତି କ୍ଷୁଦ୍ର ଚାଷୀମାନଙ୍କୁ ଅତ୍ୟାଧୁନିକ କୃଷି ପଦ୍ଧତି ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରାଯିବ। ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଯଥା; ଟ୍ରାକ୍ଟର, ଟ୍ରଲି, ରୋଟାଭେଟର ଓ ମଲ୍ଟି କ୍ରପ ଥ୍ରେସର ଚାଷୀମାନଙ୍କୁ ଯୋଗାଇ ଦିଆଯିବ। ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ ଜେଇଡବ୍ଲୁଏସ ପକ୍ଷରୁ ଏହିସବୁ ଉପକରଣ ଯୋଗାଇ ଦିଆଯିବ। ଏହି ଚୁକ୍ତି ଦ୍ୱାରା ଉତ୍ପାଦନ ବୃଦ୍ଧି ହେବା ସହ ଚାଷୀମାନେ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ଏହା ସହିତ ଚାଷୀମାନଙ୍କ ଉପରୁ ଶ୍ରମ ବୋଝ ମଧ୍ୟ ହ୍ରାସ ପାଇବ ଓ ସେମାନଙ୍କ ବିକାଶ ହେବ ବୋଲି ଉଭୟ ପକ୍ଷ ଆଶାବାଦୀ ଅଛନ୍ତି।

## ସ୍ୱାସ୍ଥ୍ୟସେବାର ବ୍ୟବସ୍ଥାଗତ ସୁଧାର ନେଇ ଦାବି ୧୫ରେ ଗଣଧାରଣା

**ନୀଳଗିରି,୧୦।୪(ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାକାର ପ୍ରାୟ ୮୦ପ୍ରତିଶତ ଅଧିବାସୀ ଜଙ୍ଗଲ ପାହାଡ ଘେରା ଅଞ୍ଚଳରେ ବସବାସ କରନ୍ତି। ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ଜରୁରୀ ହୋଇଥିବା ବେଳେ ଦରିଦ୍ର, ଅଜ୍ଞ ଜନଜାତି ଶ୍ରେଣୀର ରୋଗୀମାନେ ନିକଟସ୍ଥ ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭରକରୁଥିଲେ ହେଁ ସଠିକ୍ ସ୍ୱାସ୍ଥ୍ୟସେବା ନପାଇବା ଫଳରେ ଅର୍ଥାଭାବ ଯୋଗୁଁ ଅକାଳରେ ମୃତ୍ୟୁବରଣ କରି ସେମାନଙ୍କର ଜୀବନ ହରାଉଛନ୍ତି। ଏନେଇ ବାରମ୍ବାର ସରକାରଙ୍କ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଅଧିକାରୀଙ୍କ ସମ୍ବେଦନହୀନ ଓ ଅସୂୟା ମନୋଭାବ ପାଇଁ ସମସ୍ୟାର ସମାଧାନ ହୋଇପାରିନାହିଁ। ତେଣୁ ଜନଜାତି ଓ ସାଧାରଣଜନତାଙ୍କ ସ୍ୱାସ୍ଥ୍ୟସୁରକ୍ଷା ନେଇ ଜିଲ୍ଲା ଜନଜାତି ସୁରକ୍ଷାମଞ୍ଚ ବାଲେଶ୍ୱର ତରଫରୁ ଆସନ୍ତା ୧୫ତାରିଖ ସକାଳ ୧୦ଟା ସମୟଠାରୁ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ପ୍ରତିବାଦସଭା ଓ ଗଣଧାରଣା ଦିଆଯିବ ବୋଲି ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ନେଇ ମଞ୍ଚର ଜିଲ୍ଲାସଂଯୋଜକ ସୁକୁମାର ନାୟକ ଏକ ପ୍ରେସବିବୃତିରେ ଜଣାଇଛନ୍ତି।

## ଜଳଖିଆ ଠେଲାରେ ଲାଗିଲା ନିଆଁ




**ସୁବର୍ଣ୍ଣପୁର,୧୦।୪ (ସଂଚାର ବ୍ୟୁରୋ):** ଆଜି ସୋନପୁର ବସଷ୍ଟାଣ୍ଡ ନିକଟସ୍ଥ ବିଜୁ ପଟ୍ଟନାୟକ ଛକ ଠାରେ ଥିବା ପଦ୍ମ ଲୋଚନ ସାହୁଙ୍କ ଜଳଖିଆ ଠେଲା ଦୋକନରେ ସନ୍ଧ୍ୟା ୫ଟା ବେଳେ ନିଆଁ ଲାଗି ଯାଇଥିଲା। ଦୋକାନୀ ବରା ଛାଣିବା ବେଳେ ଗ୍ୟାସ୍ ପାଇପ ଫାଟି ହଠାତ୍ ନିଆଁ ଲାଗି ଯିବାରୁ ଠେଲା ସମେତ ତଳେ ଥିବା ଗ୍ୟାସ ସିଲିଣ୍ଡରରେ ବି ଲାଗି ଯାଇଥିଲା। ଅଗ୍ନିଶମ ବାହିନୀକୁ ସ୍ଥାନୀୟ ଲୋକେ ଖବର ଦେବା ପରେ ୧୦୦ ମିଟର ଦୂର ରେ ଥାଇ ମଧ୍ୟ ୧୦/୧୫ ମିନିଟ୍ ଯାଏ ଅଗ୍ନିଶମ ବିଭାଗ ଓ ୩୦ ମିଟର ଦୂରରେ ଥିବା ଜଣେ ପୋଲିସ ମଧ୍ୟ ଘଟଣାସ୍ଥଳକୁ ପହଂଚି ନ ଥିବାରୁ ଲୋକେ ଦୃଢ଼ ନିନ୍ଦା ଓ ସମାଲୋଚନା କରୁଥିବା ଦେଖାଯାଇଛି। ଲୋକଙ୍କ ଉପସ୍ଥିତ ବୁଦ୍ଧି ବଳରେ ଗ୍ୟାସ ଟାଙ୍କି କୁ ଉଦ୍ଧାର କରି ନିଆଁକୁ ଆୟତ୍ତ କରିଥିଲା ବେଳେ ଏକ ବଡ ଦୁର୍ଘଟଣାରୁ ସାଧାରଣ ଲୋକ ରକ୍ଷା ପାଇଥିଲେ। ବ୍ୟବସାୟୀ ଙ୍କ ଠେଲା ଟି ସମ୍ପୂର୍ଣ୍ଣ ଜଳି ପୋଡ଼ି ଅନେକ କ୍ଷତି ସେ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇ ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷତି ପୂରଣ ଦାବୀ କରଯାଇଛି ।

## ଶାଶୁଶ୍ୱଶୁରଙ୍କୁ ମାଡ଼ ମାରି ୫ ବର୍ଷର ପୁଅଙ୍କୁ ଅପହରଣ ଅଭିଯୋଗ

**ଦିଗପହଣ୍ଡି,୧୦।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି - ଚିକିଟି ରାସ୍ତାର ଦଳିତ ସାହିରେ ଶାଶୁ,ଶ୍ୱଶୁର ଓ ସ୍ତ୍ରୀଙ୍କୁ ମାଡ଼ ମାରି ୫ ବର୍ଷର ପୁଅଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ସ୍ତ୍ରୀ ଶିବାନୀ ସେଠୀ ରାଣୀ ସାହିରେ ରହୁଥିବା ସ୍ୱାମୀ ପନିଳ ସେଠୀଙ୍କ ବିରୋଧରେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ଥାନାରେ ମାମଲା ନଂ.୧୩୪/୨୫ ଅନୁଯାୟୀ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଗତ ପ୍ରାୟ ୬ ବର୍ଷ ପୂର୍ବେ ଶିବାନୀ-ପନିଳ ଉଭୟଙ୍କୁ ଭଲପାଇ ବିବାହ କରିଥିଲେ। ବିବାହର କିଛିଦିନ ହସ ଖୁସିରେ କଟିବା ପରେ ସ୍ୱାମୀ ତାଙ୍କୁ ଯୌତୁକ ପାଇଁ ସଦାସର୍ବଦା ମାଡ଼ ମାରୁଥିଲେ।

### ବର୍ଷ ବର୍ଷ ଧରି ଜଳ ଯନ୍ତ୍ରଣା ଭୋଗୁଛି ଗାଁ

# ମୁହଁ ଫେରାଉଛନ୍ତି କନିଆଁ ପକ୍ଷ

**ପାପଡ଼ାହାଣ୍ଡି,୧୦।୪(ସଂଚାର ବ୍ୟୁରୋ):** ଖରା ଆରମ୍ଭରୁ ଲୋକଙ୍କୁ ଘାରୁଛି ପାଣି ଚିନ୍ତା। କେଉଁଠି ନଳକୂପ ଥାଇ ପାଣି ଆସୁନି ତ କେଉଁଠି ଘରକୁ ଘର ପାଇପ୍ ବିଛାଯାଇଛି କିନ୍ତୁ ପାଣି ନାହିଁ। ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକରେ ଏଭଳି ଏକ ଗାଁ ଅଛି, ଯେଉଁଠି ବର୍ଷ ତମାମ୍ ଲାଗି ରହିଛି ପାଣି ସମସ୍ୟା। ପାଣି ପାଇଁ ହୋଇପାରୁନି ପୁଅ ବାହାଘର। ଗାଁକୁ ଝିଅ ଦେବାକୁ ଡରୁଛନ୍ତି ଲୋକେ। ଏ କଥାଟି ଶୁଣିବାକୁ ଅଡୁଆ ଲାଗୁଥିଲେ ମଧ୍ୟ ଏମିତି ଏକ ଅଭିଯୋଗ ଆସିଛି ପାପଡାହାଣ୍ଡି ବ୍ଲକର ବଡ଼ବାଲି ଗାଁରୁ। ଜଳସଙ୍କଟ ଯୋଗୁଁ ଅବିବାହିତ ଅଛନ୍ତି ଗାଁର ଅଧିକାଂଶ ଯୁବକ। ଗାଁରେ ଅନ୍ୟ ସବୁ ସୁବିଧା ଥିଲେ ବି ବର୍ଷ ତମାମ୍ ପାନୀୟ ଜଳଯନ୍ତ୍ରଣା ଭୋଗୁଛନ୍ତି ୨୧୮ ଆଦିବାସୀ ଓ ଦଳିତ ପରିବାର। ପାଣି ପାଇଁ ଯିବାକୁ ପଡୁଛି ବହୁଦୂର। ତେଣୁ ଏଠାରେ ଝିଅ ବାହା ଦେବାକୁ ଡରୁଛନ୍ତି ବାପାମାଆ। ବାରମ୍ବାର ବାହାଘର ଲାଗୁଛି, ଆଉ ଭାଙ୍ଗି ଯାଉଛି ବୋଲି ଅଭିଯୋଗ ହୋଇଛି। ଶହେ ବର୍ଷର ବଡ଼ବାଲି ଗାଁର ଶୋଷ ମେଣ୍ଟାଉଛି, ଝରଣା ପାଣି। କାରଣ ଗାଁରେ ଥିବା ନଳକୂପରେ କେଉଁଠି ଶିକୁଳି ଝୁଲୁଛି ତ ଆଉ କେଉଁଠି ଅଚଳ। କେବଳ ଏତିକି ନୁହେଁ ଚକିତ



କଲା ପରି କଥା ହେଉଛି, ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ବି ରହିଛି। ଘରକୁ ଘର ବିଛାଯାଇଛି ପାଇପ୍। ତଥାପି, ପାଣି ବୁନ୍ଦାଏ ମିଳୁନାହିଁ। ତେଣୁ ଗାଁ ଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ପାହାଡ଼ି ଝରଣାରୁ ପାଣି ସଂଗ୍ରହ କରିଥାନ୍ତି ଗ୍ରାମବାସୀ। ଦୀର୍ଘ ଦିନର ସମସ୍ୟା, ହେଲେ ଶୁଣିବାକୁ କେହି ନାହିଁ। ନେତା ମନ୍ତ୍ରୀଙ୍କ ଠୁ ନେଇ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଥିଲେ ବି ଫଳ ଶୂନ। ଅସହ୍ୟ ହୋଇ ଏବେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ଗାଁ ଲୋକେ। ଅନ୍ୟପଟେ ଏବେଠୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା ସହ ମେ' ୧୫ ସୁଦ୍ଧା ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି ପାପଡାହାଣ୍ଡି ବିଡ଼ିଓ। ପୂର୍ବରୁ ମଧ୍ୟ ସରକାରୀ ବାବୁଙ୍କ ପ୍ରତିଶ୍ରୁତି ମିଳିଛି, କିନ୍ତୁ ସମାଧାନ ହୋଇନି। ଏବେ ପୁଣି ପ୍ରତିଶ୍ରୁତି। ଏତେ ପରେ ବି କେବେ ଜଳ ଯନ୍ତ୍ରଣାରୁ ମୁକୁଳିବେ ଗ୍ରାମବାସୀ ତାକୁ ହିଁ ଅପେକ୍ଷା।

## ଲୋକ ମାନଙ୍କ କାମରେ ଆସୁନି ବ୍ୟାସ ସରୋବର ପ୍ରକଳ୍ପ



**ଯାଜପୁର ରୋଡ଼,୧୦।୪(ସଂଚାର ବ୍ୟୁରୋ):** ବ୍ୟାସନଗର ସହରର ବ୍ୟାସ ସରୋବର'କୁ ପର୍ଯ୍ୟଟନୀ ସ୍ଥଳରେ ପରିଣତ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଏହି ପ୍ରକଳ୍ପ ଲାଗି ବ୍ୟୟ ବରାଦ କରିଛନ୍ତି। କିନ୍ତୁ ଦୁଃଖ ଓ ପରୀତାପର ବିଷୟ'ଯେ ଏହି ଜନସାଧାରଣ ଏହାକୁ ଉପଭୋଗ କରିବା ପାଇଁ ବଂଚିତ ହେଉଛନ୍ତି। ଗତ କିଛିଦିନ ତଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆସି ଏହି ପକଳ୍ପକୁ ଉଦଘାଟନ କରି ଯାଇଥିଲେ ମଧ୍ୟ ବର୍ତମାନ ପର୍ଯ୍ୟନ୍ତ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଲୋକମାନେ ଏଠାକୁ ବୁଲିବାକୁ ଗଲେ ସିକୁରିଟି ମାନେ ତାଙ୍କୁ ଖାଲି ମନ୍ଦିର ବ୍ୟତୀତ ଅନ୍ୟ କେଉଁ ଜାଗାକୁ ବୁଲି ଯିବା ପାଇଁ ଅନୁମତି ଦେଉ ନଥିବା ଦେଖିବାକୁ ମିଳୁଛି । ରକ୍ଷଣାବେକ୍ଷଣ ଅଭାବରୁ ନୂତନ ଭାବରେ ନିର୍ମିତ୍ ହୋଇଥିବା ପକଳ୍ପ ଏବେ ଜଙ୍ଗଲ ରେପରିଣତ ହେବାକୁ ବସିଲାଣି । ସନ୍ଧ୍ୟା ହେଲେ ଏଠି ମଦୁଆ ଓ ଅସାମାଜିକ ବ୍ୟକ୍ତିଙ୍କ ଆଡା ସ୍ଥଳୀ ପାଲଟିଥିବା ଦେଖିବାକୁ ମିଳୁଛି । ନାଁ ଏଠି ଅଛି ପୋଲିସର ଫାଣ୍ଡି, ନା ପେଟ୍ରୋଲିଙ୍ଗ ନାଁ ଅଛି ସୁରକ୍ଷା ବ୍ୟବସ୍ଥା।ପୌର ପ୍ରଶାସନର ଏଥିପ୍ରତି ନିଘା ନଥିବା ଦେଖିବାକୁ ମିଳୁଛି।ଏଠାକୁ ବୁଲିବାକୁ ଆସୁଥିବା ଲୋକମାନଙ୍କ ଠାରୁ ଜୋରଜବରଦସ୍ତ କିଛି ସ୍ଥାନୀୟ ଅସାମାଜିକ ବ୍ୟକ୍ତି ଦାଦା ବଟି ଆଦାୟ କରିବା ସହିତ ମୋବାଇଲ ଛଡାଇ ନେଉଥିବା ଚର୍ଚ୍ଚା ଚାଲିଛି। ଏଠି ସାଧାରଣରେ ପ୍ରଶ୍ନ ଉଠୁଛିଯେ କୋଟି କୋଟି ଟଙ୍କାରେ ନିର୍ମିତ୍ ହୋଇଥିବା ପକଳ୍ପ ଏବେ ଶ୍ରୀହୀନ ହେବାକୁ ବସିଲାଣି। ଛୋଟ ପିଲାଙ୍କ ଖେଳିବା ପାଇଁ ନିର୍ମିତ୍ ହୋଇଥିବା ଯନ୍ତ୍ରପାତି ଗୁଡିକରେ କଳଙ୍କି ଲାଗିବାକୁ ଯାଉଅଛି । ତେବେ ଦେଖିବାର ବାକିରହିଲା କେବେ ଦୃଷ୍ଟି ପଡୁଛି ଜିଲ୍ଲା ପ୍ରଶାସନର ଏହି ପର୍ଯ୍ୟଟନ ସ୍ଥଳୀ ଉପରେ କେବେ ସରୁଛି ଏହି ପକଳ୍ପ, କେବେ ଲୋକମାନେ ଉପଭୋଗ କରିବେ ଏହି ପକଳ୍ପକୁ, ତାହା ଦେଖିବାର ବାକି ରହିଲା ବୋଲି କଥା ଉଠୁଛି। ଏହି ପ୍ରକଳ୍ପର କାର୍ଯ୍ୟର ଅବଧି ସରିଯାଇଥିଲେ ମଧ୍ୟ ଠିକାଦାରର ଏଭଳି ଖାମଖିଆଲି ମନୋଭାବ ଯୋଗୁଁ ଅଧାପନ୍ତରିଆ ଭାବେ ପଡିରହିଥିବା ଏହି ପକଳ୍ପ ପାଇଁ ପ୍ରଶାସନ କଣ ପଦକ୍ଷପ ନେଉଛି ତାହା ସାଧାରଣରେ ଆଲୋଚନା ହେଉଛି।

## ସଂଗଠନର ସାଧୁ ଉଦ୍ୟମ ପକ୍ଷୀଙ୍କୁ ଯୋଗାଉଛନ୍ତି ଜଳ



**ନୀଳଗିରି,୧୦।୪ (ସଂଚାର ବ୍ୟୁରୋ):** ପ୍ରକୃତି ପକ୍ଷୀ ଆଉ ମଣିଷ ମଧ୍ୟରେ ରହିଛି ନିବିଡ଼ ସମ୍ପର୍କ। ସେଇ ପ୍ରକୃତି ପ୍ରେମରେ ନୀଳଗିରିର କିଛି ପ୍ରକୃତି ପ୍ରେମି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାହକୁ ଆଖିଆଗରେ ରଖି ସଂରକ୍ଷଣ ଜଙ୍ଗଲରେ ପକ୍ଷୀ ମାନଙ୍କ ପାଇଁ ଜଳ ପାତ୍ର ର ବ୍ୟବସ୍ଥା କରିଛନ୍ତି। ସୂଚନା ଖରାଦିନେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଜଳୀୟ ବାଷ୍ପ ହ୍ରାସ ଯୋଗୁଁ ସାରା ମାନବ ସମାଜ ହାହାକାର ହୋଇଉଠେ। କେବଳ ମଣିଷ ନୁହେଁ ନିରୀହ ପଶୁପକ୍ଷୀମାନେ ମଧ୍ୟ କଲବଲ ହୋଇଉଠନ୍ତି। ତେବେ ଏଭଳି ନିରୀହ ପକ୍ଷୀଙ୍କ ଜୀବନ ବଞ୍ଚାଇବା ପାଇଁ ଅଣ୍ଟା ଭିଡ଼ିଛି ନୀଳଗିରି ବ୍ଲକ ଅଧିନ ଗୋପୀନାଥପୁର ଅଞ୍ଚଳର ମହାବୀର ଫାଉଣ୍ଡେସନ ସଂଗଠନ ପକ୍ଷରୁ ପକ୍ଷୀ ମାନଙ୍କୁ ଜଳ ପାତ୍ରରେ ଜଳ ଦାନ କରିବା ସହିତ ତୃଷାର୍ତ୍ତ ପକ୍ଷୀମାନଙ୍କୁ ଜଳ ଦାନ ପାଇଁ ସଜନାଗଡ଼ ପଞ୍ଚାୟତ ତିନିକୋଷିଆ ସଂରକ୍ଷିତ ଜଙ୍ଗଲର ୫୦ରୁଅଧିକ ସ୍ଥାନରେ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ଏହି ଜଳପାତ୍ର ରେ ଜଳ ଭର୍ତି କରାଯାଉଛି। ଏହି ଉଦ୍ୟମ ବଳରେ ନିରୀହ ପକ୍ଷୀମାନ ଜୀବନ ବଞ୍ଚିବା ସହ ବନାଞ୍ଚଳ ବାସୀଙ୍କ ମଧ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସଚେତନତା, ଦାୟିତ୍ୱ ବୋଧ ଓ ପ୍ରକୃତିକୁ ଅଧିକ ଭଲ ପାଇବା ସମ୍ବନ୍ଧୀୟ ବାର୍ତ୍ତା ସୃଷ୍ଟି କରିବ ବୋଲି ଉକ୍ତ ଫାଉଣ୍ଡେସନ ପ୍ରତିଷ୍ଠାତା ବିଦ୍ୟାଧର ବାରିକ ତାଙ୍କ ମତରେ କହିଛନ୍ତି। ଏହି ସବୁ କାର୍ଯ୍ୟକ୍ରମରେ ଶ୍ରୀ ବାରିକଙ୍କ ସମେତ ଅଭିଜିତ୍ ବେହେରା, ଅକ୍ଷେଶ କୁମାର ରଣା, ଦିଗମ୍ବର ବେହେରା, ପ୍ରଦୀପ କୁମାର ମଲିକ, ବ୍ରହ୍ମଜିତ୍ ବେହେରା, ଚନ୍ଦନ ଜେନା ପ୍ରମୁଖ ରହିଛନ୍ତି। ପରିବେଶର ଜାଗ୍ରତ ପ୍ରହରୀ ସାଜିଛି ମହାବୀର ଫାଉଣ୍ଡେସନ। ମହାବୀର ଫାଉଣ୍ଡେସନର ନିସ୍ୱାର୍ଥ ପର ସେବା ସମାଜ ପାଇଁ ଜାରି ରହିଛି ଆଉ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଦ୍ୟାଧର ବାରିକ୍ କହିଛନ୍ତି।

## ଅନ୍ଧାରରେ ଗଞ୍ଜାମ ସହର

**ଗଞ୍ଜାମ,୧୦।୪ (ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷ ହେବ ବିଭିନ୍ନ ସମସ୍ୟାରେ ଜର୍ଜରିତ ଗଞ୍ଜାମ ସହର । ବିଭିନ୍ନ ସମସ୍ୟାଠାରୁ ବଳିଯାଇଛି ସହରର ଆଲୋକିକରଣ । ଅଧିକାଂଶ ବିଦ୍ୟୁତ ଖୁଣ୍ଟରେ ଲାଇଟ ନାହିଁ । ବିଶେଷ କରି ବଡ଼ବଜାର ଜନସେବା କେନ୍ଦ୍ରଠାରୁ ଜୟଶ୍ରୀ ଛକ, ଏବଂ ବିଞ୍ଝଣା ପଲି ଛକ ଥାନା ପଯ୍ୟନ୍ତ ଲାଇଟ ଜଳୁନାହିଁ । ଏପଟେ କର୍ତ୍ତି ସାହି ରାସ୍ତାରେ ମଧ ଅଧିକାଂଶ ଲାଇଟ ଜଳୁନି । ଉକ୍ତ ରାସ୍ତା ଦେଇ ଶହ ଶହ ଛାତ୍ରୀଛାତ୍ର ସାରେ ଟ୍ୟୁସନରୁ ଫେରୁଛନ୍ତି । ବିଜୁଳି ସମସ୍ୟା ଏବେ ଏାଂ ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇ ମୁଣ୍ଡ ଟେକିଛି।

## ମାଲବାହୀ ଟ୍ରକ ଓ ଟ୍ରଲର ଧକ୍କା, ଜଣେ ଆହତ



**ବେତନଟୀ,୧୦।୪ (ସଂଚାର ବ୍ୟୁରୋ):** ବେତନଟୀ ୧୮ନମ୍ବର ଜାତୀୟ ରାଜପଥ ସତସଙ୍ଗବିହାର ସମ୍ମୁଖରେ ଏକ ମାଲବାହି ଟ୍ରକ ଓ ଟ୍ରଲର ମଧ୍ୟରେ ଧକ୍କା ହେବା ଫଳରେ ଟ୍ରକର ହେଲ୍ପର ଆହତ ହୋଇଥିବା ବେଳେ ଟ୍ରଲରଟି ଫେରାର ହୋଇଯାଇଥିବା ସୂଚନା ମିଳିଛି। ଘଟଣା ଅନୁସାରେ ବୁଧବାର ମଧ୍ୟରାତ୍ରିରେ ଏକ ମାଲବାହି ଟ୍ରକ (ଡବ୍ଲୁ ବି ୩୩ ଏଫ ୩୭୧୯) ଟି ଏକ ଟ୍ରଲର ( ଆର ଜେ ୦୨ ଜି ବି ୫୮୧୭) ପଛେ ପଛେ ଯାଉଥିବା ବେଳେ କୌଣସି କାରଣବଶତଃ ସତସଙ୍ଗବିହାର ସମ୍ମୁଖରେ ମାଲବାହି ଟ୍ରକଟି ଟ୍ରଲରଟିକୁ ଧକ୍କା ଦେଇଥିଲା ଫଳରେ ଟ୍ରକର ସାମ୍ନାଟି ପୁରାପୁରି ଭାଙ୍ଗିଚୁରମାର ହୋଇଯାଇଥିଲା। ଏଥିରେ ଟ୍ରକ ସାମ୍ନାରେ ବସିଥିଲା ହେଲ୍ପର ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଧକ୍କା ପରେ ସାମ୍ନାରେ ଥିବା ଟ୍ରଲରଟି ସେହି ସ୍ଥାନରୁ ଫେରାର ହୋଇଯାଇଛି। ସକାଳୁ ଖବର ପାଇ ବେତନଟୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ମାଲବାହି ଟ୍ରକକୁ ଜବତ କରିଛି। ଏସମ୍ପର୍କରେ ଦୁର୍ଘଟଣାଗ୍ରସ୍ତ ମାଲବାହି ଟ୍ରକର ଡ୍ରାଇଭରକୁ ପଚାରିବାରୁ ରାତି ୧ଟା ବେଳେ ଦୁର୍ଘଟଣା ଘଟିଥିଲା ସେଠାରୁ ଟ୍ରଲରଟି ଖସି ପଳାଇଥିଲା।

## ରେଙ୍ଗାଲି କେନାଲ କର୍ମଚାରୀଙ୍କୁ ଆକ୍ରମଣ



**କଳିଙ୍ଗନଗର,୧୦।୪ (ସଂଚାର ବ୍ୟୁରୋ):** କଳିଙ୍ଗନଗର ରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗୁଡୁଛି, ଦାଦାଗିରି ବଢ଼ି ଚାଲିଛି ଏହି କ୍ରମରେ ଗତ ଆଠ ତାରିଖ ରେଙ୍ଗାଲି ବାମ ପାର୍ଶ୍ୱ କେନାଲ କାମ ଧମକାଇ ଦାଦାଗିରି କରି ସ୍ଥାନୀୟ ନଡ଼ିଆଭଙ୍ଗା ପଞ୍ଚାୟତର ଯୁବକ ମାନେ କାମ ବନ୍ଦ କରିଥିବା ଆଇରନ ଟ୍ରାଙ୍ଗଲ କମ୍ପାନୀ ଥାନାରେ ଅଭିଯୋଗ କରିଥିଲେ, ପୁନର୍ବାର ଗତକାଲି ବିଳମ୍ବିତ ରାତିରେ କାମ ଚାଲୁଥିବା ସମୟରେ ସେହି ଯୁବକ ମାନେ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଗାଳିଗୁଲଜ କରି କାମ ବନ୍ଦ କରାଇବା ସହିତ ଚାରି ଜଣ କର୍ମଚାରୀଙ୍କୁ ମାଡ଼ ମାରି ଆହତ କରିଦେଇଛନ୍ତି, ଗୁରୁତର ଆହତ ଚାରିଜଣ ହେଲେ ସୁପରଭାଇଜର ଆଶିଷ କୁମାର, କରନୀ ପ୍ରତାପ ସିଂ, ଡ୍ରାଇଭର ଆଦର୍ଶ ସିଂ, ଅପରେଟର ଲକ୍ଷପତ ସିଂ, ଏହି କର୍ମଚାରୀଙ୍କ ମୁଣ୍ଡ, ଗୋଡ଼, ହାତରେ ଆଘାତ ହୋଇଛି ଓ ସେମାନଙ୍କ ମୋବାଇଲ ଭାଙ୍ଗି ଯାଇଛି, ଆକ୍ରମଣ ପରେ ଆହତ ମାନଙ୍କୁ ଦାନଗଦୀ ମେଡିକାଲରେ ଚିକିତ୍ସା କରାଯାଇଛି, ଏହା ସହ ସକାଳୁ ଦେଖିଲା ବେଳକୁ କାର୍ଯ୍ୟସ୍ଥଳୀରୁ ଦୁଇଟି ଗାଡି ବ୍ୟାଟେରୀ ଓ ଗୋଟେ ମୋଟର ପମ୍ପ ମେସିନ ଆକ୍ରମଣକାରୀ ମାନେ ଲୁଟି ନେଇ ଯାଇଛନ୍ତି, ତିନି ଦିନ ହେଲା ବାରମ୍ବାର ପ୍ରୋଜେକ୍ଟ କାମ ଏହି ଯୁବକ ମାନେ ଦାଦାଗିରି ଦେଖାଇ ମାରାଧର କରି ବନ୍ଦ କରୁଥିବାରୁ ଆଜି ପ୍ରୋଜେକ୍ଟ ମ୍ୟାନେଜର ରତ୍ନାକର ବାରିକ ଲିଖିତ ଭାବେ ଅଭିଯୋଗ କଳିଙ୍ଗନଗର ଥାନାରେ ଦେବା ସହ ଯାଜପୁର ଜିଲ୍ଲାପାଳ, ଏସ. ପି., ମୁଖ୍ୟ ଯନ୍ତ୍ରୀ ରେଙ୍ଗାଲି ପ୍ରକଳ୍ପ, ସୁପରିଟେଣ୍ଡ ଇଞ୍ଜିନିୟର ରେଙ୍ଗାଲି ପ୍ରକଳ୍ପ ଓ ଅତିରିକ୍ତ ଏସ. ପି. କଳିଙ୍ଗନଗରଙ୍କୁ ଏ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ କିପରି ସରକାରୀ କାମ ସୁରୁଖୁରୁରେ ଚାଲିପାରିବ ତାର ସମାଧାନ କରିବା ପାଇଁ ନିବେଦନ କରିଛନ୍ତି, ସୂଚନା ଥାଉକି ଗତ ଆଠ ତାରିଖ ପୋଲିସ ଏହି ଯୁବକ ମାନଙ୍କ ନାଁ ରେ ହୋଇଥିବା ଅଭିଯୋଗ ରେ କେସ ନମ୍ବର ୧୦୯ /୨୫ ରେ ମାମଲା ରୁଜୁ କରି ତଦନ୍ତ ଚାଲୁରଖିଥିବା ବେଳେ ସେମାନେ କାହା ଛତ୍ରଛାୟା ତଳେ ରହି ପୁଣି ରାତିରେ ଆକ୍ରମଣ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି।

## ବନଦୁର୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟା ବିସ୍ଥାପିତଙ୍କୁ ମିଳୁ ମୌଳିକ ଅଧିକାର



**ବଲାଙ୍ଗିର,୧୦।୪ (ସଂଚାର ବ୍ୟୁରୋ):** ସୁକତେଲ ଡେମ୍ ପାଦ ଦେଶରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନଦୁର୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସଞ୍ଜୟ ଗଡ଼ତ୍ୟା ସଭାପତିତ୍ୱ ରେ ଓ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ପରିବେଶବିଦ୍ ପ୍ରଫୁଲ୍ଲ ସାମନ୍ତରାୟ ଯୋଗ ଦେଇ ଏ ଅଞ୍ଚଳର ଅତିତରେ ପ୍ରାକୃତିକ ପରିବେଶ ନଦୀ, ନାଳ, ବଣ, ଜଙ୍ଗଲ ଏବଂ କୃଷିଜାତ ପଦାର୍ଥ ରେ ସମୃଦ୍ଧ ଥିଲା ଏ ଅଞ୍ଚଳ। ତେଣୁ ଏ ଅଞ୍ଚଳର ଲୋକ ଏ ଭିଟାମାଟି ଛାଡି ଅନ୍ୟତ୍ର ଯିବାକୁ ପସନ୍ଦ କରୁନଥିଲେ। ସେଥି ପାଇଁ ସେମାନେ ଦିର୍ଘ ବର୍ଷ ଧରି ଆନ୍ଦୋଳନ କରୁଥିଲେ। ବର୍ତ୍ତମାନ ସମୟ ଆସିଛି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକମାନଙ୍କୁ ସମବେଦନା ନ ଜଣାଇ ତାଙ୍କର ମୌଳିକ ଅଧିକାର ସମ୍ବିଧାନର ଆଇନ ଅନୁଯାୟୀ ସରକାର ଦେବାକୁ ବାଧ୍ୟ କିନ୍ତୁ ଆଜି ବିସ୍ଥାପିତ ବଂଚିତ ହୋଇଛନ୍ତି। ସମ୍ମାନିତ ଅତିଥି ଚାଷୀ ନେତା ସରୋଜ କୁମାର ମହାନ୍ତି ଙ୍କ ବକ୍ତବ୍ୟରେ ଡେମ୍ ର ପାଣି ଚାଷୀଙ୍କ ପାଇଁ ହେଉ ନଚେତ ନଦୀକୁ ମରିବାକୁ ଦିଆ ନ ଯାଉ। ଚାଷୀ ତଥା ଲୋକେ ଏ ପ୍ରକଳ୍ପର ପାଣି ବ୍ୟବହାର ଉପଯୋଗୀ ହେଲେ ସ୍ୱାଗତ ଯୋଗ୍ୟ। ଅନ୍ୟତମ ସମ୍ମାନିତ ଅତିଥି ତ୍ରିଲୋଚନ ପୁଞ୍ଜି ଲୋୟର ସୁକତେଲ ପ୍ରକଳ୍ପର ସରକାରୀ ମଂଜୁରୀ ଠୁ ଆଜି ପର୍ଯ୍ୟନ୍ତ ଘଟିଯାଇଥିବା ଅନେକ ବିଷୟବସ୍ତୁ ଉପରେ ତଥ୍ୟ ଉପସ୍ଥାପନ କରିଥିବା ସଙ୍ଗେ ସଙ୍ଗେ ମାଁ ବନଦୁର୍ଗା ଦେବୀଙ୍କ ପ୍ରତିଷ୍ଠା ଦିନର କଥା ତାଙ୍କ ପାଖରେ ଥିବା ୨୯ ଖଣ୍ଡ ଗାଁ ର ଲୋକଙ୍କ ସମର୍ଥନ କଥା ଜଣାଇଥିଲେ। ଜିଲ୍ଲା ଓକିଲ ସଂଘ ସଭାପତି ବାସୁଦେବ ରଥ ସବୁବେଳେ ସବୁ ସମୟରେ ନ୍ୟାୟିକ ବ୍ୟବସ୍ଥାରେ ବିସ୍ଥାପିତଙ୍କୁ ସମର୍ଥନ ଓ ସେବା ଯୋଗାଇ ଦେବୁ ବୋଲି ଘୋଷଣା କରିଥିଲେ। ସମାଜସେବୀ ତଥା ବିସ୍ଥାପିତ ସତ୍ୟ ବନଛୋର କିଭଳି ଭାବେ ଏ ପ୍ରକଳ୍ପରେ ଲମ୍ବା ସମୟ ଧରି ମାନସିକ, ଶାରିରୀକ ଅଶାନ୍ତିରେ ଦିନ କାଟିବା ଏବଂ ବିସ୍ଥାପିତ ପରେ ଭୋଗୁଥିବା ସମସ୍ୟା ଉପରେ ତଥ୍ୟ ରଖିଥିଲେ। ଏହି ମଂଚରେ ସଂଗ୍ରାମ ପରିଷଦର ସଭାପତି ଘୁନୁ ସାହୁ ଏବଂ ଆବାହକ ଉଦୟ ସିଂ ଠାକୁର ଙ୍କୁ ସଂଗ୍ରାମୀ ସମ୍ମାନ ପ୍ରଦାନ କରାଯାଇଥିଲା। ବିକାଶ ରଂଜନ ରଥ ସଭା ସଂଯୋଜନା କରିଥିବା ବେଳେ ସଂପାଦକ ଜୟକୃଷ୍ଣ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖଣି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ବଣାଇ



**ସୁନ୍ଦରଗଡ଼,୧୦।୪ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ତେଲେନଡିହି ଓ ରତନସରା ଅଞ୍ଚଳରୁ ହଜାର ହଜାର ଟନ୍ କୋଇଲା ଲୁଟ୍ ଖବର ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ବଣାଇରୁ ଆସିଛି ଖଣି ମାଫିଆଙ୍କ ଆଉ ଏକ କାରନାମା । ପ୍ରଶାସନର ଆଖି ଆଗରେ ଲୁଟି ନେଇଛନ୍ତି ଶହ ଶହ କୋଟି ଟଙ୍କାର ପଥର । ଅନାଇଲେ ଆଖି ପାଉନି । ବଡ଼ ମେସିନ୍ ଲଗାଇ ପାହାଡ଼ ଖୋଳି ନେଇଛନ୍ତି ମାଫିଆ । ବଣାଇ ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ରୁକୁଡ଼ା ଡ୍ୟାମ ନିକଟ ମୂଷାପୋଷ ଗାଁର ଜଙ୍ଗଲ ଭିତରେ ବର୍ଷ ବର୍ଷ ଧରି ବ୍ଲାଷ୍ଟିଂ କରି ପାହାଡ଼ ଫଟାଇ ପ୍ରାୟ ୨୦୦ ଫୁଟ୍ ଗଭୀର ପର୍ଯ୍ୟନ୍ତ ପଥର ଲୁଟିଛନ୍ତି ମାଫିଆ। ସୂଚନା ଅନୁସାରେ ୨୦୨୧ରେ ଜାତୀୟ ରାଜପଥ ନିର୍ମାଣ ପାଇଁ ତତ୍କାଳୀନ ଜିଲ୍ଲାପାଳ ଗାୟତ୍ରୀ ପ୍ରୋଜେକ୍ଟ ଲିମିଟେଡ କମ୍ପାନୀକୁ ମୂଷାପୋଷରୁ ପଥର ଉତ୍ତୋଳନ କରିବାକୁ ଅନୁମତି ଦେଇଥିଲେ । ଖାତା ଓ ପ୍ଲଟନ ୩କୁ ତହସିଲଦାରଙ୍କ ଦ୍ୱାରା ୩ ମାସ ପାଇଁ ଟେଣ୍ଡର ଦିଆଯାଇଥିଲା । ପରେ ୨୦୨୩ ପର୍ଯ୍ୟନ୍ତ ଅଳ୍ପ କ୍ଷମତା ଓ ଏରିଆ ଖନନ ପାଇଁ ଅନୁମତି ଦିଆଯାଇଥିଲା । ୨୦୨୩ପରେ ଏହି ପଥର ଖଣିକୁ ଆଉ କାହାକୁ ନିଲାମ ଦିଆଯାଇନି। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ପଥର ଖଣି ଉପରେ ପଡିଥିଲା ଖଣି ମାଫିଆଙ୍କ ନଜର । ସେବେଠାରୁ ଆଜି ପର୍ଯ୍ୟନ୍ତ ପାହାଡ ଫଟାଇ, ପ୍ରୋକଲିନ ମେସିନ୍, ଡ୍ରିଲିଂ ମେସିନ ଲଗାଇ ପଥର ତାଡି ଶହ ଶହ ହାଇୱା ଜରିଆରେ ଲୁଟି ଚାଲିଛନ୍ତି କୋଟି କୋଟି ଟଙ୍କାର ପଥର । ଡ୍ୟାମ କି ଜନବସତି ନିକଟରେ ବ୍ଲାଷ୍ଟିଂ କରାଯିବାର ନିୟମ ନାହିଁ। କିନ୍ତୁ ଜନବସତିଠାରୁ ମାତ୍ର ଅଳ୍ପ ଦୂରରେ ବ୍ଲାଷ୍ଟିଂ କରାଯାଉଥିବା ସ୍ଥାନୀୟ ଲୋକଙ୍କ ଘର ପ୍ରଭାବିତ ହୋଇଛି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୁନ୍ଦରଗଡ଼ କୋଇଡାରୁ ଆସୁଥିବା ଦୃଶ୍ୟରୁ ସ୍ପଷ୍ଟ ହୋଇଛି ମାଫିଆମାନେ ପଥର ଲୁଟି ମାଲାମାଲ ହେଉଛନ୍ତି । ସ୍ଥାନୀୟ ଲୋକେ ହନ୍ତସନ୍ତ ହେଉଛନ୍ତି । ଅନ୍ୟପଟେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ।

### ପ୍ରକୃତି କୋଳରେ ବଞ୍ଚୁଛନ୍ତି ଅଧିବାସୀ

## ସୂର୍ଯ୍ୟଗଡ଼ ଦେଖୁଛି ବିକାଶର ସୂର୍ଯ୍ୟ

**କଳାହାଣ୍ଡି,୧୦।୪ (ସଂଚାର ବ୍ୟୁରୋ):** କଳାହାଣ୍ଡିରେ ଏମିତି ଏକ ଗାଁ ଅଛି, ଯେଉଁଠି ବିଳମ୍ବରେ ସୂର୍ଯ୍ୟୋଦୟ ଓ ଶୀଘ୍ର ସୂର୍ଯ୍ୟାସ୍ତ ହୁଏ। ଗାଁର ନାଁ ସୂର୍ଯ୍ୟଗଡ଼। ଯେଉଁଠି ସୂର୍ଯ୍ୟଙ୍କ ପ୍ରକୋପ ଖୁବ କମ। ଜହ୍ନ ଆଲୁଅ ଅଧିକ ସମୟ ଧରି ରହେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସୂର୍ଯ୍ୟଙ୍କ ଭଳି ଏଠାରେ ବିକାଶ ମଧ୍ୟ ପ୍ରାକୃତିକ ବିଭବରେ ଭରପୁର କଳାହାଣ୍ଡିର ଥୁଆମୂଳ ରାମପୁର ବ୍ଲକର ଶେଷ ଗାଁ ସୂର୍ଯ୍ୟଗଡ଼। ଏକଦା ସୂର୍ଯ୍ୟଗଡ଼ର ନାଁ ଶୁଣିଲେ ଅଧିକାରୀଙ୍କ ଦେହ ଶୀତେଇ ଉଠୁଥିଲା। କାରଣ ବ୍ଲକ ମହକୁମାରୁ ପ୍ରାୟ ୨୫ କିମି ଯିବାପରେ କୌଣସି ମତେ ଭିତରପଦର ଗାଁ ଯାଏଁ ପହଞ୍ଚି ହେଉଥିଲା। ତାପରେ ୩ଟି ପାହାଡ଼ ଚଢ଼ିଲେ ଯାଇ ସୂର୍ଯ୍ୟଗଡ଼ ମୁହଁ ଦେଖୁଥିଲେ ଲୋକେ। ଏବେ ରାସ୍ତା ହେଲାଣି। ରାସ୍ତାର ଅବସ୍ଥା ଅବଶ୍ୟ ଶୋଚନୀୟ। ଗାଁ ପୂର୍ବରେ ବଫଲାଏ ମାଳି ପାହାଡ଼ ବିରାଟ ପ୍ରାଚୀର ଭଳି ଛିଡ଼ା ହୋଇଛି। ପଶ୍ଚିମରେ ଅଁଳା ମାଳି, ଉତ୍ତରରେ ବାଗ ମାଳି ଓ ଦକ୍ଷିଣରେ କୁଲାପାର ପାହାଡ଼ ଅବସ୍ଥିତ। ଗାଁର ଚାରିପଟେ ୪ଟି ପାହାଡ଼ ଥିବାରୁ ପାହାଡ଼ ଖୋଲର ଗାଁ ଭାବେ ମଧ୍ୟ ସୂର୍ଯ୍ୟଗଡ଼ର ପରିଚୟ ରହିଛି। ସୁଉଚ୍ଚ ପାହାଡ଼ ଥିବାରୁ ଏହି ଗାଁରେ ସକାଳ ପ୍ରାୟ ୮ ଟାରେ ସୂର୍ଯ୍ୟୋଦୟ ଓ ଅପରାହ୍ନ ପ୍ରାୟ ୪ ଟା ୩୦ରେ ସୂର୍ଯ୍ୟାସ୍ତ ହେବା ଲକ୍ଷ୍ୟ କରାଯାଏ। ଶୀତଦିନେ ଆହୁରି ବିଳମ୍ବରେ ସୂର୍ଯ୍ୟୋଦୟ ଓ ଟିକିଏ ଶୀଘ୍ର ସୂର୍ଯ୍ୟାସ୍ତ ହେବା ଗାଁ ଲୋକେ କୁହନ୍ତି। ପୁରୁଷାନୁକ୍ରମେ ଗାଁ ଲୋକେ ଡଙ୍ଗର, ଟିକ୍ରା ଚାଷ କରି ଜୀବିକା ନିର୍ବାହ କରୁଥିବା କହନ୍ତି ଗାଁର ମହାଦେବ ନାଏକ। ଆଧୁନିକତାର ଛାପରେ କେବଳ ଜୀବନ ଜୀବିକା ନୁହେଁ, ସଂସ୍କୃତି ମଧ୍ୟ ଲୋପ ପାଇବାକୁ ବସିଲାଣି ବୋଲି ଗାଁର କୈଳାସ ନାଏକ ମତ ଦିଅନ୍ତି। ଆଗରୁ ଦିନବେଳା ସୂର୍ଯ୍ୟର ଆଲୋକ ଓ ସୂର୍ଯ୍ୟାସ୍ତ ପରେ ଜହ୍ନ ଆଲୁଅ ସ୍ଥାୟୀ ଓ ନିର୍ଭରଯୋଗ୍ୟ ଆଲୋକ ବ୍ୟବସ୍ଥା ଥିଲା। ଘର ଭିତରେ ଅଳ୍ପ ସମୟ ଡିବିରି ଜାଳିଲେ ଘରକାମ ଶେଷ ହୋଇଥିଲା। ଏବେ ବିଜୁଳି ଆସିଲା, କିଛି ସୋଲାର ଲାଇଟ ଗାଁରେ ଲାଗିଲା। ମାସ ମାସ ଧରି ଖରାପ ହେଲେ ବି କେହି ମରାମତି ପାଇଁ ଆସନ୍ତି ନାହିଁ। ସେହିପରି ରୋଗ ହେଲେ ଖଟରେ ବୋହି ଅଡ୍ରି ଗାଁ ଯାଏଁ ନେଇ ସେଠାରୁ କୌଣସି ମତେ ରାମପୁର ଡାକ୍ତରଖାନାକୁ ନେଉଥିଲୁ। କିନ୍ତୁ ପରେ ଅଡ୍ରିରେ ଡାକ୍ତର ରହିବା ପରେ ସେଠି ଦେଖାଇଲୁ ବୋଲି ଲୋକେ କୁହନ୍ତି। ଗାଁରେ ୩ଟି ପଡ଼ାରେ ପ୍ରାୟ ୧୮୦ ପରିବାରର ପ୍ରାୟ ୭୫୦ରୁ ଅଧିକ ଜନସଂଖ୍ୟା। ପାହାଡ଼ ଖୋଲ ଭିତରେ ପ୍ରକୃତି କୋଳରେ ବସବାସ କରୁଥିବା ଏଠାକାର ଲୋକେ ଜୀବନ ଜୀବିକା ପାଇଁ ପ୍ରକୃତି ଉପରେ ନିର୍ଭର କରନ୍ତି। ବଫଲାଏ ମାଳି ପାହାଡ଼ରୁ ବାହାରିଥିବା କାଳିଆଗାଡ଼ ନଦୀ ଓ ଧୋବାଗଡ଼ ଝରଣା ପାଣି ହିଁ ସେମାନଙ୍କ ଭରସା।








# ଜଳବାୟୁ ପରିବର୍ତ୍ତନ ଚିନ୍ତାରେ ଭାରତୀୟ ଯୁବପିଢ଼ି

ଅଧିକ ବ୍ୟାପକ ଓ ବ୍ୟାବହାରିକ ଜଳବାୟୁ ଶିକ୍ଷାର ଆବଶ୍ୟକତା ଉପରେ ଅର୍ଦ୍ଧାଧିକ ଛାତ୍ର ଗୁରୁତ୍ୱାରୋପ କରିଛନ୍ତି। ତେବେ ଏଭଳି ଆହ୍ୱାନ ସତ୍ତ୍ୱେ ପୁନର୍ବ୍ୟବହାରକ୍ଷମ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଅଧିକାଂଶ ଯୁବକ ଆଶା ରଖିଛନ୍ତି। ସେହିପରି ଉତ୍ସାହଜନକ ଭାବେ ବହୁ ସଂଖ୍ୟାରେ ଯୁବକଯୁବତୀ ସବୁଜ କ୍ୟାରିଅର ଉପରେ ନଜର ରଖିଥିବା ଜଣାଯାଇଛି। ୫୦ ପ୍ରତିଶତ ଉତ୍ତରଦାତାଙ୍କର ଏଭଳି ଚାକିରି କରିବା ସମ୍ଭାବନା ଅଧିକ,

ଏକ ସର୍ବେକ୍ଷଣ ଅନୁଯାୟୀ ଭାରତରେ ସ୍କୁଲ ଓ କଲେଜ ଯାଉଥିବା ବିଦ୍ୟାର୍ଥୀ ପରିବେଶକୁ ନେଇ ଅତ୍ୟନ୍ତ ଉଦ୍‌ବେଗଗ୍ରସ୍ତ। ୯୪ ପ୍ରତିଶତ ଛାତ୍ରଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ସିଧାସଳଖ ପ୍ରଭାବ ପଡ଼ିଛି ବୋଲି ଏଥିରେ ପ୍ରକାଶ ପାଇଛି। ତାପମାତ୍ରା ବୃଦ୍ଧି ଓ ଚରମ ପାଣିପାଗ ଘଟଣା ଯୋଗୁଁ ସେମାନଙ୍କ ଦୈନନ୍ଦିନ ଜୀବନ, ଶିକ୍ଷା ଓ ମାନସିକ ସ୍ୱାସ୍ଥ୍ୟ ବ୍ୟାହତ ହୋଇଛି ବୋଲି ସେମାନେ କହିଛନ୍ତି। ଅନେକଙ୍କ ପାଇଁ ଏହି ଆହ୍ୱାନ ଭବିଷ୍ୟତର ଆଶଙ୍କା ହୋଇ ନାହିଁ, ବରଂ ତାହାକୁ ବର୍ତ୍ତମାନର ବାସ୍ତବତା ବୋଲି ସେମାନେ ଅନୁଭବ କରୁଛନ୍ତି। ଏକଦା ଶୀତଳ ଅନୁଭୂତ ହେଉଥିବା ସ୍ଥାନରେ ଏବେ ଅସହ୍ୟ ଗରମ ହେଉଛି, ଫଳରେ ଫ୍ୟାନ୍ କି କୁଲର୍ କି ଏସି ବିନା ଚଳିବା କଷ୍ଟକର। ଦିଲ୍ଲୀ ସ୍ଥିତ ସେଣ୍ଟର୍ ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଏରନ୍‌ମେଣ୍ଟ୍‌ର ପର୍ଯ୍ୟାବରଣ ଶିକ୍ଷା ବିଭାଗ ଦ୍ୱାରା ୧୪ରୁ ୨୫ ବର୍ଷ ବୟସର ୧,୯୩୧ ଜଣ ସାମିଲ ହୋଇଥିବା ଏହି ସର୍ବେକ୍ଷଣରୁ ଏଭଳି ନିର୍ଯାସ ମିଳିଛି। ସେମାନଙ୍କ ଅଞ୍ଚଳରେ ୫ରୁ ୭ ବର୍ଷ ହେଲା ଜଳବାୟୁ ପରିବର୍ତ୍ତନର ପ୍ରଭାବ ସେମାନେ ଅନୁଭବ କରୁଛନ୍ତି ବୋଲି ୮୮ ପ୍ରତିଶତ ଅଂଶଗ୍ରହଣକାରୀ କହିଛନ୍ତି। ଖରାପ ଜଳବାୟୁ ଯୋଗୁଁ ସେମାନଙ୍କ ମାନସିକ ଚାପ ବା ଉତ୍କଣ୍ଠା ବଢ଼ିଛି ବୋଲି ସର୍ବେକ୍ଷଣର ଅର୍ଦ୍ଧେକ ଅଂଶଗ୍ରହଣକାରୀ କହିଛନ୍ତି। ତେବେ ଏହି ଆହ୍ୱାନର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ସେମାନଙ୍କୁ ପ୍ରେରଣା ମିଳିଥାଏ ବୋଲି ୨୨ ପ୍ରତିଶତଙ୍କର ମତ। ସେହିପରି ଭବିଷ୍ୟତର ଆହ୍ୱାନ ପାଇଁ ନିଜକୁ ପ୍ରସ୍ତୁତ କରିବା ପାଇଁ ଶକ୍ତି ଓ ବର୍ଜ୍ୟ ପରିଚାଳନା ପରି ବ୍ୟକ୍ତିଗତ ପଦକ୍ଷେପ କିଛି ଯାହା ପରିବେଶ ପାଇଁ ସହାୟକ ହୋଇପାରିବ ବୋଲି ଜଣାଯାଇଛି।

## ଜଳବାୟୁ ଆହ୍ୱାନର ମୁକାବିଲାରେ କ୍ୟାରିଅର୍ କରୁଛନ୍ତି ଭାରତୀୟ ଛାତ୍ର

ମେଘ ଅମଳ ବା କ୍ଲାଉଡ୍‌ସିଡିଂକୁ ଆୟତ୍ତ କରିବା, ସହରାଞ୍ଚଳ ବାୟୁ ପ୍ରଦୂଷଣ ହ୍ରାସ କରିବାଠାରୁ ଆରମ୍ଭ କରି ବନାଗ୍ନିକୁ ଶୀଘ୍ର ଲିଭାଇବା ଓ ପ୍ରଶାନ୍ତ ମହାସାଗରୀୟ ଆବର୍ଜନାକୁ ସଫାକରିବା ପାଇଁ ଉପାୟ ବାହାର କରିବା ଯାଏ, ଭାରତୀୟମାନେ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ 'ଜିଓଇଞ୍ଜିନିଅରିଂ' ପାଠ୍ୟକ୍ରମରେ ନାମ ଲେଖାଇବାରେ ଲାଗିଛନ୍ତି। ସେଗୁଡ଼ିକରେ ବିଶେଷ କରି ଜଳବାୟୁ ପରିବର୍ତ୍ତନ ଓ ପରିବେଶ ଜନିତ ଆହ୍ୱାନକୁ ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସୌର ଜିଓଇଞ୍ଜିନିଅରିଂ, କାର୍ବନ୍ କାପ୍‌ଚରିଂ ଓ ସାମୁଦ୍ରିକ ପ୍ରଦୂଷଣ ପରିଚାଳନା ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମଗୁଡ଼ିକ ଏବେ ବିବିଧ ଭାରତୀୟ ଗୋଷ୍ଠୀକୁ ଆକର୍ଷିତ କରୁଛି। ବିଭିନ୍ନ ଏକାଡେମିକ୍ ହବ୍‌ରୁ ଶୀର୍ଷ ସଫଳତା ଲାଭ କରୁଥିବା ଷ୍ଟେମ୍ (ବିଜ୍ଞାନ, ଜ୍ଞାନକୌଶଳ, ଯାନ୍ତ୍ରିକ ଓ ଗଣିତ) ସ୍ନାତକଧାରୀମାନେ ଜିଓଇଞ୍ଜିନିଅରିଂ ପ୍ରତି ବେଶୀ ଆକର୍ଷିତ ହେଉଥିବା ଦେଖାଯାଇଛି। କେରଳ, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ରାଜ୍ୟରୁ ବହୁ ଛାତ୍ରଛାତ୍ରୀ ଏଥିପାଇଁ ଅଷ୍ଟ୍ରେଲିଆ ଯାଉଛନ୍ତି। ଲୋକପ୍ରିୟ ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ 'ଏନ୍‌ଭାଏରନ୍‌ମେଣ୍ଟାଲ ଆଣ୍ଡ୍ ଜିଓଟେକ୍ନିକାଲ ଇଞ୍ଜିନିଅରିଂ' ଓ 'ଡିଜାଷ୍ଟର୍ ମିଟିଗେସନ୍' ଆଦି ରହିଛି। ବିଦ୍ୟାର୍ଥୀମାନେ ଜଳବାୟୁ ଯାନ୍ତ୍ରିକ ଜ୍ଞାନ, ମେଘ ଅମଳ,ପ୍ଲାଷ୍ଟିକ ପ୍ରଦୂଷଣ ପରିଚାଳନା, ମହାସାଗର ପରିମଳ ଓ ସଂରକ୍ଷଣ ପାଇଁ ଉନ୍ନତ କୌଶଳ, ବିପର୍ଯ୍ୟୟ ପରିଚାଳନା, ବନାଗ୍ନି ନିୟନ୍ତ୍ରଣ ଓ ମରୁଡ଼ି ପରିଚାଳନା ପରି ବିବିଧ ପରିବର୍ତ୍ତନଶୀଳ କ୍ଷେତ୍ର ଉପରେ ଧ୍ୟାନ ଦେଉଛନ୍ତି। ବିଶେଷ କରି କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଜଳବାୟୁ ବିଶ୍ଳେଷଣ ଏବଂ ସ୍ଥାୟୀ ସହରୀ ଯୋଜନା ପରି ଅଗ୍ରଣୀ କ୍ଷେତ୍ରଗୁଡ଼ିକ ଅଧିକ ଧ୍ୟାନ ଆକର୍ଷଣ କରୁଛି। ବିଦେଶରେ ପାଠ୍ୟକ୍ରମ ସାରି ଅନେକ ଛାତ୍ର ଅନ୍ତର୍ଜାତୀୟ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖିଥିବା ବେଳେ କେତେକ ବିଶ୍ୱସ୍ତରୀୟ ଅଭିଜ୍ଞତା ହାସଲ କରି ଭାରତକୁ ଫେରିବାକୁ ପସନ୍ଦ କରୁଛନ୍ତି। କାରଣ ଭାରତର ସବୁଜ ପରିବର୍ତ୍ତନରେ ସହଯୋଗ କରିବାକୁ ସଂପୃକ୍ତ ବିଦ୍ୟାର୍ଥୀମାନଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଏହାଦ୍ୱାରା ପ୍ରଦୂଷଣ ନିୟନ୍ତ୍ରଣ, ବର୍ଜ୍ୟବସ୍ତୁ ପରିଚାଳନା ଓ ଅକ୍ଷୟ ଶକ୍ତିରେ ସୁଯୋଗ ବିସ୍ତାର ହୋଇ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଉଥିବା ଜଣାଯାଇଛି।



# ଅହେତୁକ ତାପମାତ୍ରା ବୃଦ୍ଧି ନେଇ ଦ୍ୱନ୍ଦ୍ୱରେ ବୈଜ୍ଞାନିକ

ଦଶନ୍ଧି ଦଶନ୍ଧି ଧରି ବିଶ୍ୱ ତାପମାତ୍ରାରେ ନିରନ୍ତର ବୃଦ୍ଧି ଘଟିଚାଲିଛି। ତେବେ ଏଥିରେ ଅତର୍କିତ ଅସାଧାରଣ ବୃଦ୍ଧି ବୈଜ୍ଞାନିକମାନଙ୍କୁ ଚିନ୍ତାରେ ପକାଇଛି। କାହିଁକି ଏଭଳି ଘଟୁଛି ବୋଲି ଗବେଷକମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ବିଗତ ଦୁଇବର୍ଷ ହେଲା ବିଶ୍ୱ ତାପମାତ୍ରାରେ ରେକର୍ଡ ବୃଦ୍ଧି ଘଟିଛି, ଯାହା ଉପଲବ୍ଧ ଥିବା ପାଣିପାଗ ପରିବର୍ତ୍ତନ ଜନିତ ବର୍ଷେ କି ଦୁଇ ବର୍ଷ ଲାଗିଯିବ ବୋଲି କୁହାଯାଉଛି। ଅନ୍ୟ ବର୍ଷମାନଙ୍କ ତୁଳନାରେ, ବିଶେଷ କରି ୨୦୨୩ ମସିହାର ତାପମାତ୍ରା ବୃଦ୍ଧି ସମସ୍ତ ସୀମାକୁ ଅତିକ୍ରମ କରିଯାଇଛି ଏବଂ ୨୦୨୪ରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଯାଇଛି। ଉଲ୍ଲେଖନୀୟ, କଳକାରଖାନା ଓ ଗାଡ଼ିମୋଟରରେ ଜୀବାଶ୍ମ ତୈଳର ଦହନ ଯୋଗୁଁ ସାଧାରଣତଃ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପର ନିର୍ଗମନ ଫଳରେ ତାହା ଭୂପୃଷ୍ଠ ଉପରେ ଏକ ଚାଦର ସଦୃଶ ଘୋଡ଼ାଇ ରହୁଛି। ୨୦୨୩ ମସିହାରେ ଏହି ନିର୍ଗମନ ରେକର୍ଡ ସ୍ତରରେ ପହଞ୍ଚିଥିଲେ ହେଁ ଶ୍ରେଷ୍ଠ ବୈଜ୍ଞାନିକ ଅନୁମାନକୁ ବିଗାଡ଼ିଦେଇଛି। ବୈଜ୍ଞାନିକମାନେ ସହମତ ଯେ, ଦୀର୍ଘକାଳୀନ ବିଶ୍ୱ ଉତ୍ତପ୍ତୀକରଣ ପାଇଁ ଜୀବାଶ୍ମ ତୈଳର ଦହନ ହିଁ ମୁଖ୍ୟ କାରଣ। ତଦନୁସାରେ ବର୍ଷକୁ ବର୍ଷ ବିଶ୍ୱ ତାପମାତ୍ରା ସ୍ୱାଭାବିକ ଭାବେ କେଉଁ ହାରରେ ବୃଦ୍ଧି ପାଇବ, ତାହା ଅନୁମାନ କରାଯାଇଥାଏ। ମାତ୍ର ସମ୍ପ୍ରତି ଦେଖାଦେଇଥିବା ତାପମାତ୍ରାର ଅକଳ୍ପନୀୟ ବୃଦ୍ଧିର କାରଣ ଜଣା ପଡ଼ିନାହିଁ, ଯାହା ବୈଜ୍ଞାନିକ ସମୂହକୁ ବିବ୍ରତ କରିଛି। ଯଦିଓ ମେଘମାଳାର ଢାଞ୍ଚାରେ ପରିବର୍ତ୍ତନ, ବାୟୁମଣ୍ଡଳ ପ୍ରଦୂଷଣ ଓ ଅଙ୍ଗାରକାମ୍ଳକୁ ଶୋଷିବାରେ ପୃଥିବୀର ଦକ୍ଷତା ଆଦିକୁ ଏହି ଅହେତୁକ ତାପମାତ୍ରା ବୃଦ୍ଧିର ସମ୍ଭାବ୍ୟ କାରକ ଭାବେ ବିଚାର କରାଯାଉଛି, ତେବେ ଏ ବାବଦରେ ନିଶ୍ଚିତ ହେବା ପାଇଁ ବିଶେଷଜ୍ଞମାନଙ୍କୁ ଆହୁରି ହାରାହାରି ସମୁଦ୍ର ପତନ ଓ ବାୟୁମଣ୍ଡଳ ତାପମାତ୍ରା ଏକ ନିର୍ଦ୍ଦିଷ୍ଟ ହାରରେ ବୃଦ୍ଧି ପାଇଥିଲା, ଯାହା ଦଶନ୍ଧି ଦଶନ୍ଧିର ଉତ୍ତପ୍ତୀକରଣ ଢାଞ୍ଚାକୁ ଅନୁକରଣ କରିବା କଥା। ମାତ୍ର ୨୦୨୩ ଜୁନ୍ ଓ ୨୦୨୪ ସେପ୍ଟେମ୍ବର ମଧ୍ୟରେ ଏହି ଧାରାରେ ଅହେତୁକ ଅକଳ୍ପନୀୟ ପରିବର୍ତ୍ତନ ଦେଖାଯାଇଥିଲା।

ତେବେ ମୁଖ୍ୟତଃ ଅଙ୍ଗାରକାମ୍ଳ ବାଷ୍ପକୁ ଶୋଷି ନେଉଥିବା ଜଙ୍ଗଲର ସବୁଜିମା ଓ ସମୁଦ୍ରର ଦୁର୍ବଳତା ଯୋଗୁଁ ଏପରି ଉତ୍ତପ୍ତୀକରଣ ଘଟିଥିବା ଅନୁମାନ କରାଯାଉଥିଲେ ହେଁ ବୈଜ୍ଞାନିକମାନେ ଠୋସ୍ କାରଣ ଖୋଜିବାରେ ଲାଗିଛନ୍ତି।

**ବିଶ୍ୱ ଉତ୍ତପ୍ତୀକରଣ ପାଇଁ ଜୀବାଶ୍ମ ତୈଳର ଦହନ ମୁଖ୍ୟ କାରଣ। ତାହାର ପରିମାଣ ଭିତ୍ତିରେ ତାପମାତ୍ରା ବୃଦ୍ଧି ହାର ଆକଳନ କରାଯାଇଥାଏ। ତେବେ ୨୦୨୩ ଓ ୨୦୨୪ର ତାପମାତ୍ରା ବୃଦ୍ଧି ଧାରାରେ ଅପ୍ରତ୍ୟାଶିତ ପରିବର୍ତ୍ତନ ଦେଖାଯାଇଛି**





# କୋଇଲାରୁ ବିଜୁଳି ଉତ୍ପାଦନ ବନ୍ଦ କଲା ଫିନ୍‌ଲାଣ୍ଡ

ଅଙ୍ଗାରକାମ୍ଳ ନିର୍ଗମନ ଜନିତ ପରିବେଶ ପ୍ରଦୂଷଣରେ ହ୍ରାସ ଆଣିବା ପାଇଁ ଫିନ୍‌ଲାଣ୍ଡ ତାହାର ଶେଷ କୋଇଲାଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରକୁ ସବୁଦିନ ପାଇଁ ବନ୍ଦ କରିଦେଇଛି। ୟୁରୋପର ଏହି ଅଷ୍ଟମ ବୃହତ୍ତମ ଦେଶର ଏଭଳି ସମୟୋଚିତ ପଦକ୍ଷେପ ଅନ୍ୟ ବିକଶିତ ଓ ବିକାଶଶୀଳ ଦେଶମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି, ଯାହା ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ସକାରାତ୍ମକ ଯୋଗଦାନ କରିବ। ସୂଚନା ଥାଉ କି, ୨୦୨୯ ମସିହା ବେଳକୁ କୋଇଲାକୁ ଦେଶରେ ସଂପୂର୍ଣ୍ଣ ନିଷିଦ୍ଧ କରିବା ଲାଗି ଫିନ୍‌ଲାଣ୍ଡ୍ ସରକାର ୨୦୧୯ ମସିହାରେ ଏକ ଆଇନ ପ୍ରଣୟନ କରିଥିଲେ। ଏହି ଲକ୍ଷ୍ୟ ପୂରଣ ପାଇଁ ଦେଶ ନବୀକରଣଯୋଗ୍ୟ ଶକ୍ତିର ପ୍ରସାର ବୃଦ୍ଧି କରିଥିଲା, ଫଳସ୍ୱରୂପ କୋଇଲାଚାଳିତ ବିଦ୍ୟୁତ୍ ଉତ୍ପାଦନ ଆଶାତୀତ ଭାବେ ଶୀଘ୍ର ସମାପ୍ତ ହୋଇ ଆସିଥିଲା। ଶେଷରେ ଗତ ମଙ୍ଗଳବାର ଶକ୍ତି ଉତ୍ପାଦନ କମ୍ପାନି 'ହେଲେନ୍' ଦ୍ୱାରା ପରିଚାଳିତ ସାଲମିସାରି ସ୍ଥିତ ଦେଶର ଶେଷ ତାପଜ ବିଦ୍ୟୁତ୍ କେନ୍ଦ୍ର ଶେଷ ଥର ପାଇଁ ଧୂଆଁ ଛାଡ଼ିଥିଲା। ରାଜଧାନୀ ହେଲସିଙ୍କିରେ ଅବସ୍ଥିତ ଏହି ବିଦ୍ୟୁତ୍ କେନ୍ଦ୍ର ଦେଶର ରାଜଧାନୀ ପାଇଁ ବାର୍ଷିକ ୩୦୦ ମେଗାୱାଟ ତାପଶକ୍ତି ଓ ୧୭୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରୁଥିଲା। ଏଥି ସହିତ ଏହା ବିଷାକ୍ତ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ କରୁଥିଲା, ଯାହା ଘାତକ ଜଳବାୟୁ ପରିବର୍ତ୍ତନରେ ସହାୟକ ହେଉଥିଲା। ଉକ୍ତ ତାପଜ ବିଦ୍ୟୁତ୍ କେନ୍ଦ୍ର ବନ୍ଦ ହେବା ଫଳରେ ହେଲେନ୍‌ର ବାର୍ଷିକ ଅଙ୍ଗାରକାମ୍ଳ ନିର୍ଗମନ ୨୦୨୪ ସ୍ତର ତୁଳନାରେ ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇବ ଏବଂ ହେଲସିଙ୍କିର ମୋଟ ନିର୍ଗମନ ୩୦ ପ୍ରତିଶତ କମିବ ବୋଲି ଆକଳନ କରାଯାଇଛି। ଏଣିକି କମ୍ପାନି ପବନ, ପରମାଣୁ, ଜଳବିଦ୍ୟୁତ୍ ଓ ସୌରଶକ୍ତି ବ୍ୟବହାର କରି ଶକ୍ତି ଚାହିଦା ପୂରଣ କରିବ।

# ଶାଗୁଣାଙ୍କ ସୁରକ୍ଷା ପାଇଁ 'ନିମେସୁଲିଡ୍' ନିଷିଦ୍ଧ



ଏକଦା ଦେଶର ସବୁଠୁ ଲୋକପ୍ରିୟ ଯନ୍ତ୍ରଣା ନିବାରକ ଔଷଧ ଭାବରେ 'ନିମେସୁଲିଡ୍'ର ନାଆଁ ରହିଥିଲା। ମାନବ ବ୍ୟବହାର ପାଇଁ ଏହା ୨୦୧୧ରୁ ନିଷିଦ୍ଧ ହୋଇସାରିଥିଲେ ହେଁ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଏହାର ବହୁଳ ବ୍ୟବହାର ଜାରି ରହିଥିଲା। ମାତ୍ର ବୈଜ୍ଞାନିକ ଅଧ୍ୟୟନରୁ ତାହାର ବିଷାକ୍ତ ପ୍ରଭାବ ଶାଗୁଣାର ଜୀବନ ଉପରେ ପଡୁଥିବା କଥା ଜଣାପଡ଼ିବାରୁ ଉକ୍ତ ଔଷଧକୁ ସରକାର ସଂପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିଛନ୍ତି। ନିମେସୁଲିଡ୍ ଏକ ନନ୍-ଷ୍ଟିରଏଡାଲ୍ ତଥା ଆଣ୍ଟି-ଇନ୍‌ଫ୍ଲାମାଟୋରି (ଏନ୍‌ସେଡ୍) ଔଷଧ। ବହୁ ପରୀକ୍ଷାନିରୀକ୍ଷା ପରେ ଜଣାପଡ଼ିଥିଲା ଯେ ଏହାର କୁପ୍ରଭାବ ଶାଗୁଣା ଉପରେ ତ ପଡୁଛି, ତେଣେ ମନୁଷ୍ୟ ଶରୀର ପାଇଁ ମଧ୍ୟ ତାହା ଉପକାରୀ ନୁହେଁ। ଭାରତରେ କିଛି ମୃତ ଶାଗୁଣାଙ୍କ ପାକସ୍ଥଳୀରେ ନିମେସୁଲିଡ୍ ଥିବାର ସଂକେତ ମିଳିଥିଲା। ମୃତ ଜୀବର ଶରୀର ଅବଶେଷକୁ ଖାଇ ପରିବେଶ ସଫା ରଖିବାରେ ଶାଗୁଣାର ଭୂମିକା କାହାକୁ ଅଛପା ନୁହେଁ। କୌଣସି ଜୀବଠାରେ ପ୍ରୟୋଗ ହୋଇଥିବା ନିମେସୁଲିଡ୍ ଏପରି ଶାଗୁଣା ଶରୀରକୁ ଆସିଥିବା ଅନୁମାନ କରାଯାଇଥିଲା। ପରେ ଭାରତୀୟ ପଶୁସମ୍ପଦ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପରୀକ୍ଷାମୂଳକ ଭାବେ ଜିପ୍‌ସି ଜାତିର ଶାଗୁଣାଠାରେ ନିମ୍ନମାତ୍ରାର ନିମେସୁଲିଡ୍ ପ୍ରୟୋଗ କରି ଫଳାଫଳ ଲକ୍ଷ୍ୟ କରାଯାଇଥିଲା। ଏହାଦ୍ୱାରା ଶାଗୁଣାର କିଡ୍‌ନି ବିଷାକ୍ତ ହୋଇଯିବା ସହ ତାହାର ପ୍ରଜନନ କ୍ଷମତା ମଧ୍ୟ ହ୍ରାସ ହେଉଥିବା ଜଣାପଡ଼ିଥିଲା। ଏହାକୁ ଉପଲବ୍ଧି କରି ଦେଶର ଔଷଧ ନିୟାମକ ସଂସ୍ଥା କେନ୍ଦ୍ରୀୟ ଭେଷଜ ମାନକ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ) ଏକ ସରକାରୀ ବିଜ୍ଞପ୍ତିରେ ନିମେସୁଲିଡ୍ ପରି ଉପାଦାନ ରହିଥିବା କୌଣସି ପ୍ରକାର ଉତ୍ପାଦର ବ୍ୟବହାର, ପ୍ରସ୍ତୁତି, ବିକ୍ରୟ ଓ ଆବଣ୍ଟନକୁ ନିଷିଦ୍ଧ ଘୋଷଣା କରିଛନ୍ତି। ବଦଳରେ ଅନ୍ୟାନ୍ୟ ବିକଳ୍ପ ଔଷଧ ସେବନ କରିବା ପାଇଁ ପରାମର୍ଶ କରାଯାଇଛି। ଏହା ପୂର୍ବରୁ 'ଡାଇକ୍ଲୋଫେନାକ୍' ଔଷଧ ଶାଗୁଣାଙ୍କ ମୃତ୍ୟୁର କାରଣ ବୋଲି ଜଣାପଡ଼ିବା ପରେ ଭାରତ ସମେତ ପାକିସ୍ତାନ ଓ ନେପାଳରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ତାହାର ବ୍ୟବହାରକୁ ୨୦୦୬ରେ ନିଷିଦ୍ଧ ଘୋଷଣା କରାଯାଇଥିଲା। ସେଥି ଯୋଗୁଁ ଶାଗୁଣାଙ୍କ ମୃତ୍ୟୁହାର କମିବା ସହ ନେପାଳରେ ଶାଗୁଣା ବଂଶର ପୁନରାବିର୍ଭାବ ହେଉଥିବା ଲକ୍ଷ୍ୟ କରାଯାଇଛି।



# 'କେକ୍ ନ କାଟି ଗଛ ଲଗାଅ'

**ପରିବେଶ ଯୋଦ୍ଧା**



କିଛି ଦଶନ୍ଧି ପୂର୍ବରୁ ଯେତେବେଳେ କୁହାଯାଉଥିଲା ଯେ ପାଣି ପ୍ୟାକେଟ୍ ହୋଇ ବିକ୍ରି ହେବ; ସେତେବେଳର ଲୋକ ଆଶ୍ଚର୍ଯ୍ୟ ହେଉଥିଲେ। ସବୁଆଡ଼େ ତ ପାଣି। ପ୍ରକୃତି ମାଗଣାରେ ଦେଇଥିବା ପାଣିକୁ ବିକ୍ରି ପୁଣି କିଏ କରିବ ଓ କାହିଁକି କିଏ କିଣିବ! କିନ୍ତୁ ପାଣି କିଣି ପିଇବା ଆଜିକା ସମୟରେ ଏକ ସାଧାରଣ କଥା ହୋଇଯାଇଛି। ସେହିଭଳି ଦିନ ଆସିବ ଆମେ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ ବି କିଣିବା। ଏବେ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଆଗକୁ ଏହା ହିଁ ଘଟିବାକୁ ଯାଉଛି। କାରଣ ଯେଉଁଭଳି ଭାବେ ଗଛ କଟାହେଉଛି ଓ ଜଙ୍ଗଲ ସଫା କରାଯାଉଛି, ଦିନ ଆସିବ ପୃଥିବୀରେ ଅମ୍ଳଜାନର ଅଭାବ ଦେଖାଯିବ। ଏଭଳି ଚିନ୍ତା କରି ୨୦୧୫ ମସିହାରୁ ଗଛ ଲଗାଇବା, ସେ ନେଇ ସମସ୍ତଙ୍କୁ ସଚେତନ କରିବା କାମରେ ନିଜକୁ ନିୟୋଜିତ କରିଛନ୍ତି ପୁରୀ କଣାସ ଫାୟାର ଷ୍ଟେସନର ଡ୍ରାଇଭର୍ ହାବିଲଦାର ମହେଶ୍ୱର ପରିଡ଼ା।

ସେ ନିଜ ଆଖପାଖ, ଜାତୀୟ ରାଜପଥ କଡ଼ରେ ଗଛ ଲଗାଇବା ସହ ସମସ୍ତଙ୍କ ଜନ୍ମଦିନ, ବିବାହ ଓ ବିବାହ ବାର୍ଷିକୀରେ ଚାରାଟିଏ ଉପହାର ସ୍ୱରୂପ ଦେଇଥା'ନ୍ତି। ଏଥିସହ ସେହି ବ୍ୟକ୍ତି ଜଣଙ୍କ ଉକ୍ତ ଚାରାକୁ ରୋପଣ କରି କିଭଳି ନିୟମିତ ପାଣି ଦେବା ସହ ତା' ଚାରିପଟେ ତାରଜାଲି ଦେଇ ଗାଈଗୋରୁଙ୍କ କବଳରୁ ରକ୍ଷା କରିବେ ସେ ଦିଗରେ ପ୍ରୋତ୍ସାହିତ ମଧ୍ୟ କରିଥା'ନ୍ତି। ସେ କହନ୍ତି, ସମସ୍ତେ ନିଜର କିମ୍ବା ନିଜ ପ୍ରିୟଜନଙ୍କ ଜନ୍ମଦିନରେ ୪୦୦ରୁ ୫୦୦ ଟଙ୍କିଆ କେକ୍ ଆଣି କାଟନ୍ତି। ମାତ୍ର ୩୦୦ ଟଙ୍କାରେ ୫ଟି ଗଛ ପାଇଁ ତାରଜାଲି ହେବା ସହ ମାଗଣାରେ ଜଙ୍ଗଲ ଓ ପରିବେଶ ବିଭାଗରୁ ଚାରା ମିଳିଯାଏ। ଯଦି ନିଜ ବିଶେଷ ଦିନରେ ଗଛଟିଏ ଲଗାଇବା, ଏହା ବଡ଼ ହେଲେ ଆମକୁ ଫୁଲ, ଫଳ, ଅମ୍ଳଜାନ ସହ ଛାଇ ମଧ୍ୟ ଦେବ। ଏଣୁ ସମସ୍ତେ ନିଜର ବିଶେଷ ଦିନରେ ଗଛଟିଏ ଲଗାଇଲେ, ଆମ ପରିବେଶ ବେଶ୍ ଲାଭବାନ ହୋଇପାରିବ। ଜଗତସିଂହପୁର, ରଣପୁର, ମହାକାଳପଡ଼ା, ମୟୂରଭଞ୍ଜ ଆଦି ଅଞ୍ଚଳକୁ ସେ ଚାକିରିରେ ବଦଳି ହୋଇଯିବା ସହ ବିଭିନ୍ନ ଅଞ୍ଚଳରେ ଗଛ ଲଗାଇଛନ୍ତି।

ସେ କହିଛନ୍ତି, ଆବାସିକ ସ୍ଥାନ ଓ ଫାୟାର ଷ୍ଟେସନ ଚାରିକଡ଼େ ସେ ଆମ୍ବ, ପଣସ, ଲିଚୁ ଓ ପିଜୁଳି ଭଳି ଫଳନ୍ତି ଗଛ ହିଁ ଲଗାଇଥା'ନ୍ତି। ଫଳରେ ଲୋକମାନେ ଲୋଭରେ ଫଳନ୍ତି ଗଛର ଯତ୍ନ ନେଇଥା'ନ୍ତି। ଏଥିସହ ଜାତୀୟ ରାଜପଥ କଡ଼ରେ ସେ ବର, ଓସ୍ତ, କରଞ୍ଜ ଆଦି ଗଛ ଲଗାଇଥା'ନ୍ତି। ଗତ ୯ ବର୍ଷରେ ସେ ୫ ହଜାରରୁ ଅଧିକ ଗଛ ଲଗାଇଥିବା ବେଳେ ଛୋଟ ପିଲା ଓ ସ୍ଥାନୀୟ ଲୋକଙ୍କୁ ଗଛ ନ କାଟିବା ସମ୍ପର୍କରେ ବୁଝାଇଥା'ନ୍ତି। ଏଥିସହ ସେ ଫେସ୍‌ବୁକ୍ ଓ ହ୍ୱାଟ୍‌ସଆପ୍‌ରେ 'ଏମ୍‌ଏମ୍‌ଏସ୍ ଗ୍ରିନ୍ ଫ୍ୟାମିଲି' ଗ୍ରୁପ୍ ଖୋଲି ପିଲାଙ୍କୁ ଗଛ ଲଗାଇବାକୁ ପ୍ରୋତ୍ସାହିତ କରୁଛନ୍ତି।

**ଯେଉଁଭଳି ଗଛ କଟାହେଉଛି, ଦିନ ଆସିବ ପୃଥିବୀରେ ଅମ୍ଳଜାନର ଅଭାବ ଦେଖାଯିବ। ଏଭଳି ଚିନ୍ତା କରି ୨୦୧୫ରୁ ଗଛ ଲଗାଇବା, ସେ ନେଇ ସମସ୍ତଙ୍କୁ ସଚେତନ କରିବାରେ ନିଜକୁ ନିୟୋଜିତ କରିଛନ୍ତି କଣାସ ଫାୟାର ଷ୍ଟେସନର ଡ୍ରାଇଭର୍ ହାବିଲଦାର ମହେଶ୍ୱର ପରିଡ଼ା**

## ଜନ ଶୁଣାଣି ପାଇଁ ସୂଚନା ଜାରି ସାକ୍ଷାତ ନିମନ୍ତେ ସ୍ଲଟ ବୁକ

● ବ୍ଲକସ୍ତରୀୟ ଜନଶୁଣାଣୀ ନିମନ୍ତେ ୧୦୦ ଟି ସ୍ଲଟ ଉପଲବ୍ଧ ରହିବ

**ସୁବର୍ଣ୍ଣପୁର,୧୦।୪(ସଂଚାର ବ୍ୟୁରୋ):** ଗ୍ରାମ୍ୟ ପ୍ରଶାସନକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ସୋମବାର ଦିନ ଅନୁଷ୍ଠିତ ହେଉଥିବା ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ସକାଳ ୭ ଘଟିକାରୁ ସକାଳ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମସ୍ତ ଅଭିଯୋଗକାରୀ ଜିଲ୍ଲାର ବିଭିନ୍ନ ବ୍ଲକ ସ୍ତରରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଜନଶୁଣାଣୀ ଶିବିରରେ ସାକ୍ଷାତକାର ପାଇଁ ପ୍ରତ୍ୟେକ ଜନଶୁଣାଣୀ ସୋମବାରର ପୂର୍ବ ଶୁକ୍ରବାର ଦିନ ୧୧ ଘଟିକାରୁ ଶନିବାର ରାତି ୧୧.୫୯ ଘଟିକା ପର୍ଯ୍ୟନ୍ତ ଅନଲାଇନ ଜରିଆରେ http://janasunani.odisha.gov.in ୱେବ ସାଇଟରେ ସ୍ଲଟ ବୁକ୍ କରିବେ, ଜିଲ୍ଲାର ବ୍ଲକ ସ୍ତରୀୟ ଶୁଣାଣୀ ନିମନ୍ତେ କେବଳ ୧୦୦ ଟି ସ୍ଲଟ ଉପଲବ୍ଧ ରହିଛି ଏଣୁ ଅଭିଯୋଗ ନିମନ୍ତେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜର ଅଭିଯୋଗ ପାଇଁ ସ୍ଲଟ ବୁକ କରାଇ ନେଇ ସ୍ୱୀକୃତି ସ୍ଲିପ ସହିତ ନିର୍ଦ୍ଧାରିତ ତାରିଖ ଏବଂ ସମୟ ଅନୁଯାୟୀ ଅଭିଯୋଗ ପ୍ରକୋଷ୍ଠରେ ପ୍ରବେଶ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

## ବାଲିଯାତ୍ରାରେ ଯୁବକଙ୍କୁ ସଂଗବଦ୍ଧ ଆକ୍ରମଣ



**ବୋରିଗୁମ୍ମା,୧୦।୪(ସଂଚାର ବ୍ୟୁରୋ):** ବାଲିଯାତ୍ରା ବେଳେ ଜଣେ ଯୁବକଙ୍କୁ ସଙ୍ଗବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ। ସୂଚନା ଅନୁଯାୟୀ ବୋରିଗୁମ୍ମା ବ୍ଲକ ପୋଲସରା ଗାଁରେ ପ୍ରତି ୧୫ ବର୍ଷରେ ଥରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥାଏ।ସେହିପରି ଗତ ରାତିରେ ବାଲିଯାତ୍ରା ବେଳେ ଗାଁ ଲୋକଙ୍କ ମନୋରଞ୍ଜନ ପାଇଁ ନାଟକ ପରିବେଷଣ କରାଯାଇଥିଲା। ଆଖପାଖ ଗାଁ ର ଶହ ଶହ ଲୋକେ ଏହି ବାଲିଯାତ୍ରା ରେ ସାମିଲ ହୋଇଥିଲେ। ପଢ଼ୋଶୀ ଗାଁ ଆଗିଲି ଗାଁର କିଛି ଯୁବକ ମଦ୍ୟପାନ କରି ବାଲିଯାତ୍ରା ଦେଖିବାକୁ ଆସିଥିଲେ।ସେହି ସମୟରେ କୌଣସି କଥା କଟାକଟି କୁ ନେଇ ପୋଖାରୀଗୁଡା ଗାଁ ର ଅର୍ଜୁନ ମାଝୀ ଙ୍କୁ ଗୋଡ଼ାଇ ଗୋଡ଼ାଇ ସଙ୍ଗବଦ୍ଧ ଭାବେ ଆକ୍ରମଣ କରିଥିଲେ। ଅର୍ଜୁନ ଙ୍କୁ ମୁଣ୍ଡରେ ଏବଂ ଛାତିରେ ଗଭୀର ଆଘାତ ଲାଗିଥିବା ପରେ ବୋରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ। ଗାଁ ଲୋକେ ପୋଲିସ କୁ ଦୁର୍ବୃତ୍ତ ମାନେ ବ୍ୟବହାର କରିଥିବା ଖଣ୍ଡା ହସ୍ତାନ୍ତର କରିଛନ୍ତି। ଆଜି ଚାରିଖଣ୍ଡି ଗାଁ ର ପୁରୁଷ ମହିଳା ଏକତ୍ରିତ ହୋଇ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ ଆଗାମୀ ଦିନରେ ଥାନା ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି।

## ଲକ୍ଷ୍ମୀନାରାୟଣ ପୂଜା ଓ ମହାଯଜ୍ଞ ଉଦଯାପିତ

**ନୀଳଗିରି,୧୦।୪(ସଂଚାର ବ୍ୟୁରୋ):** ନୀଳଗିରି ଏନ୍ଏସି ଅନ୍ତର୍ଗତ ୯ନମ୍ବର ୱାର୍ଡ ସିମୁଳିଆ ଅଞ୍ଚଳରେ ୬୮ତମ ଲକ୍ଷ୍ମୀ ନାରାୟଣ ପୂଜା ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ସାତଦିନ ବ୍ୟାପି ଆୟୋଜିତ ଏହି ପୂଜା ଓ ମହାଯଜ୍ଞ କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୯୫୭ମସିହାରୁ ଏହି ପୂଜା ଆରମ୍ଭ ହୋଇଥିଲା ବେଳେ ବିଶେଷକରି ମରୁଡ଼ି ସମୟରେ ଗ୍ରାମର ପୂର୍ବଜମାନେ ଏହି ପୂଜା ସହ ଯଜ୍ଞ ଆରମ୍ଭ କରିବାରୁ ପ୍ରବଳ ବର୍ଷା ହୋଇଥିଲା ବୋଲି ବିଶ୍ୱାସ ରହିଛି। ସେବେଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମର ସମସ୍ତ ଅଧିବାସୀ ଏହି ପୂଜାରେ ସହଯୋଗ କରି ଆସୁଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଲକ୍ଷ୍ମୀ, ନାରାୟଣ ଓ ସରସ୍ୱତୀଙ୍କ ମୃଣ୍ମୟ ମୂର୍ତ୍ତୀ ନିର୍ମାଣ କରାଯାଇ ସାତଦିନ ଧରି ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ବେଳେ ପ୍ରତି ପରିବାର ସାତଦିନ ଧରି ଘରେ ଆମିଷ ନିଷେଧ କରିଥିଲେ। ଗ୍ରାମର ରବିନ୍ଦ୍ର ମହଲ, ସୁଦର୍ଶନ ଦଳାଇ, କମଳାକାନ୍ତ ବେହେରା, ଭଗବାନ ମହଲ, ସୁଦର୍ଶନ ମହାନ୍ତି, ଦୀପକ ଗୋଛାୟତ, ଗୌରହରି ମହଲ, ବ୍ରହ୍ମାନନ୍ଦ ମହଲ, ହେମନ୍ତ ବେହେରା, କରୁଣାକର ବେହେରା, ଚରିନ୍ଦ୍ର ମହଲ, ରାମଚନ୍ଦ୍ର ମହଲ, ପ୍ରଫୁଲ୍ଲ ଦଳାଇ, ଶିବ ନାରାୟଣ ଷଡ଼ଙ୍ଗୀ, ରାଜେନ୍ଦ୍ର ମହଲ ପ୍ରମୁଖ ସହଯୋଗ କରିଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଗାଁରେ ଚାଲିଥିବା ଆତଙ୍କରାଜ,ବନ୍ଧାହେଲା

**ନୂଆପଡ଼ା,୧୦।୪(ସଂଚାର ବ୍ୟୁରୋ):** ନୂଆପଡ଼ା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଗୋବରା ଗାଁର ଜଣେ ଯୁବକଙ୍କର ଉଦ୍ଧତାକାଣ୍ଡ ଯୋଗୁ ଗ୍ରାମବାସୀ ତାଟିକବାଟ ବନ୍ଦ କରି ରହୁଥିଲେ। ଏ ନେଇ ପୋଲିସରେ ଅଭିଯୋଗ ପରେ ମଧ୍ୟ ସୁଫଳ ନ ପାଇବାରୁ ଗ୍ରାମର ଶତାଧିକ ମହିଳାପୁରୁଷ ଆଦିବାସୀ ନେତା ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ଗୁରୁବାର ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଜିଲାପାଳ ମଧୁସୂଦନ ଦାସ ଧାରଣାକାରୀଙ୍କୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। ଗାଁ ଲୋକେ ଆତଙ୍କ ଖେଳାଉଥିବା ରାଜେନ୍ଦ୍ର ରାଉତ(୩୮)ଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ଜିଦ ଧରି ବସିଥିଲେ। ପରେ ଜିଲାପାଳ ନୂଆପଡ଼ା ଥାନା ଅଧିକାରୀ ଗଙ୍ଗାଧର ମେମେରଙ୍କୁ ଘଟଣାସ୍ଥଳକୁ ଡକାଇ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନୂଆପଡ଼ା ଥାନା ପୋଲିସ ଟିମ୍ ଗୋବରା ଗାଁକୁ ଯାଇ ରାଜେନ୍ଦ୍ରଙ୍କୁ ଗିରଫ କରି ଆଣିବା ପରେ ଅପରାହ୍ନ ୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରାଜେନ୍ଦ୍ର ଅଧିକାଂଶ ସମୟରେ ନିଶା ସେବନ କରି ରାସ୍ତାଘାଟ ବା ଘରକୁ ପଶି ବିନା କାରଣରେ ଲୋକଙ୍କୁ ମାଡ଼ ମାରିବା ସହ ମହିଳାମାନଙ୍କୁ

# ଖରାରେ ସନ୍ତୁଳି ହେଉଛନ୍ତି ରୋଗୀ




**ଖପ୍ରାଖୋଲ,୧୦।୪(ସଂଚାର ବ୍ୟୁରୋ):** ସରକାର ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କ ରେ ରୋଗୀ ମାନେ ଯେପରି ସୁବିଧାରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି ହେଲେ ଦୁଃଖର କଥା ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରୋଗୀ ଅସୁବିଧା ଭୋଗୁ ଥିବା ଦେଖା ଦେଉଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଏହିଥିବା ରକ୍ତ ପରୀକ୍ଷା କେନ୍ଦ୍ରରେ ରୋଗୀ ମାନେ ରକ୍ତ ପରୀକ୍ଷା କରାଇବାକୁ ଗଲେ ଖରାରେ ଅପେକ୍ଷା କରିବାକୁ ପଡୁଛି କାରଣ କେନ୍ଦ୍ର ସମ୍ମୁଖ ରେ ଛାଉଣୀ ନାହିଁ। ରୋଗୀ ମାନଙ୍କ ଅବସ୍ଥା କ'ଣ ହେଉଥିବ ସହଜେ ଅନୁମେୟ।

ରୋଗୀକୁ ସାଙ୍ଗରେ ନେଇଥିବା ଲୋକ ରୋଗୀଣା ହୋଇଯିବା କଥାକୁ ଏଡାଇ ଦିଆଯାଇନପାରେ।

ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଅଶ୍ୱତ ବୃକ୍ଷ ପାଖରେ ଏକ ଫ୍ରିଜର ଅଛି ହେଲେ ସେଥିରେ ପାଣି ବାହାରୁନାହିଁ। ଖରାରେ ଲୋକେ ପାଣି ପିଇବା ପାଇଁ ହେଲେ କେଉଁ ପ୍ରକାର ଅସୁବିଧା ର ସମ୍ମୁଖୀନ ହେଉଥିବେ ତମଧ୍ୟ ସହଜେ ଅନୁମେୟ।

ପ୍ରକାଶ ଥାଉକି ଏହି ସ୍ୱାସ୍ଥ୍ୟ କେନ୍ଦ୍ର କୁ ପ୍ରତିଦିନ ସହ ସହ ସଂଖ୍ୟା ରେ ରୋଗୀ ମାନେ ଆସିଥାନ୍ତି। ସେସବୁ ଦୃଷ୍ଟିକୋଣରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଖପ୍ରାଖୋଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆସୁଥିବା ରୋଗୀ ମାନଙ୍କ ପାଇଁ ସୁବିଧା ଯୋଗାଇ ଦେବାକୁ ଦାବି ହେଉଛି।

# ପିକଅପ ଗାଡ଼ି ନେଲା ମହିଳାଙ୍କ ଜୀବନ

## କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ



**ଫୁଲବାଣୀ,୧୦।୪(ସଂଚାର ବ୍ୟୁରୋ):** ରାସ୍ତା କଡରେ ଛିଡା ହୋଇଥିବା ଜଣେ ମହିଳାଙ୍କୁ ଦ୍ରୁତ ଗତିରେ ଆସୁଥିବା ଏକ ପିକଅପ ଭ୍ୟାନ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ମହିଳା ଙ୍କ ମୃତ୍ୟୁ ହୋଇଛି । ମୃତ ମହିଳା ଜଣକ କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅଧୀନରେ ଥିବା ଲାହାବାଡି ଗାଁ ର ବେଣୁଧର ଦିଗାଳ ଙ୍କ ସ୍ତ୍ରୀ ସତ୍ୟଭାମା ଦିଗାଳ ବୋଲି ଜଣାପଡ଼ିଛି ଓ ସୂଚନା ଅନୁସାରେ ମୃତ ମହିଳା ଜଣକ ନିଜ ଗାଁ ଲାହାବାଡ଼ି ରାସ୍ତା କଡରେ ଛିଡା ହୋଇଥିବା ବେଳେ ଟିକାବାଲି ପଟୁ ଛତିଶଗଡ଼ ନମ୍ବର ଥିବା ଏକ ପିକଅପ ଗାଡି ଦ୍ରୁତ ଗତିରେ ଆସି ପଛପଟୁ ପଡ଼େଇବା ସହ ପ୍ରାୟ ଦୁଇଶହ ମିଟର ଘୋଷାଡ଼ି ନେଇଥିଲା। ଫଳରେ ଘଟନସ୍ଥଳରେ ହିଁ ମହିଳା ଙ୍କ ମୃତ୍ୟୁ ହୋଉଥିବା ବେଳେ ଗାଡିର ଡ୍ରାଇଭର । ଅନ୍ୟଜଣେ ବ୍ୟକ୍ତି ଦୁର୍ଘଟଣା ସ୍ଥଳରେ ଗାଡ଼ିଟିକୁ ଛାଡି ଫେରର ହୋଇଯାଇଥିଲେ । ପରେ ଲାହାବାଡି ଗାଁ ର ଶତାଧିକ ଲୋକ ଫୁଲବାଣୀ ବ୍ରହ୍ମପୁର ମୁଖ୍ୟ ରାସ୍ତା ଲାହାବାଡ଼ି ଛକରେ ରାସ୍ତା ରୋକ କରିଛନ୍ତି । ଏହାସହ ମୃତ ମହିଳା ଙ୍କ ପରିବାର କୁ କୋଡିଏ ଲକ୍ଷ୍ୟ ଟଙ୍କା ସହ ତାଙ୍କର ସାତ ବର୍ଷର ଏକ ପୁଅ ଓ ଚାରିମାସର ଏକ ପୁଅ କୁ ଥଇଥାନ କରିବା ପାଇଁ ଦାବି କରିଛନ୍ତି । ଘଟନସ୍ଥଳରେ ଫୁଲବାଣୀ ସଦର ଏସ୍‌ଡ଼ିପିଓ ଶୁଭ୍ରଜିତ ବିଶ୍ୱାଳ ଙ୍କ ସହ ସଦର ଥାନା ଅଧିକାରୀ ପହଂଚି ଦୁର୍ଘଟଣା ଘଟାଇଥିବା ଗାଡି କୁ ଜବତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା ରଖିଛନ୍ତି ଓ ଅନ୍ୟପଟେ ରାସ୍ତାରୋକ ଯୋଗୁଁ ପ୍ରାୟ ତିନିଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁଁ ସହସହ ଗାଡି ମଟର ରାସ୍ତାରେ ଅଟକି ରହିଥିବା ବେଳେ ଯାତାୟାତ ରେ ବାଧା ସୃଷ୍ଟି ହୋଇଛି ।

# ଓଡ଼ିଆ ପକ୍ଷ 'ଲୋକକଳା ପାଇଁ ଦିନଟିଏ' ପାଳତ

**ସୁନ୍ଦରଗଡ଼,୧୦।୪(ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ-୨୦୨୫ ପାଳନ ଅବସରରେ ଦଶମ ଦିବସରେ ଗୁରୁବାର 'ଲୋକକଳା ପାଇଁ ଦିନଟିଏ' ଭାବରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବଡ଼ଗାଁ ବ୍ଲକସ୍ଥିତ ଏକମା ଗ୍ରାମ ପଞ୍ଚାୟତ କଳାଗ୍ରାମରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହା ଛଡ଼ା ସମସ୍ତ ବ୍ଲକରେ ମଧ୍ୟ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନ ରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଲୋକକଳା ଗୁଡ଼ିକର ସଂରକ୍ଷଣ, ପ୍ରଚାର ପ୍ରସାର ଉପରେ ଅତିଥି ମାନେ ନିଜ ବକ୍ତବ୍ୟ ରଖିଥିଲେ। ସେହିଭଳି କଳାକାର ମାନଙ୍କ ବିକାଶ ଦିଗରେ ବିଶେଷ ଧ୍ୟାନ ଦିଆଯିବା ନେଇ ଆଲୋଚନା କରାଯାଇଥିଲା। ଓଡ଼ିଶାର ଲୋକକଳା ଏବଂ ଲୋକସଂସ୍କୃତିକୁ ବଜାୟ ରଖିବା ପାଇଁ ଆଜିର ଦିନଟିକୁ ଲୋକକଳା ପାଇଁ ଦିନଟିଏ ଭାବରେ ପାଳନ କରାଯାଉଛି। ସମସ୍ତେ ଏକତ୍ରିତ ହୋଇ ଆମ ପରମ୍ପରା, ଆମ ସଂସ୍କୃତି ଓ ଆମ ଲୋକକଳା ପାଇଁ ଏହି ଦିନଟିକୁ ଉତ୍ସର୍ଗ କରିବା ଆବଶ୍ୟକ। ଏହି ଅବସରରେ କଳାକାରମାନେ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ, ଗୀତ ଗାଇ ବିଭିନ୍ନ ଲୋକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ବରିଷ୍ଠ ଲୋକ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଚୋରି ଅଭିଯୋଗରେ ଆନ୍ତଃରାଜ୍ୟ ଚୋର ଗିରଫ, ଟ୍ରକ ଉଦ୍ଧାର



**ଯୋଡା,୧୦।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବିଲେଇପଦା ଫାଣ୍ଡି ଅଧୀନସ୍ତ ବିଲେଇପଦା ଏକ ପେଟ୍ରୋଲ ପମ୍ପ ନିକଟରୁ ଏକ ସିଜି-୦୪ଏମଜି-୫୬୩୧ ଟ୍ରକ ଚୋରି ହୋଇଯାଇଥିଲା। ଟ୍ରକର ମାଲିକ ସନ୍ତୋଷ ବାରିକ ଏସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବହୁ ଖୋଜା ଖୋଜି ପରେ ମଧ୍ୟ ଟ୍ରକଟି ମିଳିନଥିଲା। ପରବର୍ତ୍ତୀ ସମୟରେ ଝାଡଖଣ୍ଡ ରାଜ୍ୟ ରାମଗଡ଼ ଟୋଲଗେଟ ନିକଟରେ ଏହି ଟ୍ରକଟି ଥିବା ଖବର ମିଳିବା ପରେ ପୋଲିସ ଟ୍ରକଟିକୁ ଠାବ କରି ଜବତ କରିବାରେ ସକ୍ଷମ ହୋଇଥିଲା। ଏହି ଟ୍ରକଟିକୁ ଚୋରି କରି ନେଇ ଯାଉଥିବା ଅଭିଯୋଗରେ ପଞ୍ଜାବ ରାଜ୍ୟ ଅମୃତସରର ହରବିନ୍ଦର ସିଂ (୪୭)ଙ୍କୁ ପୋଲିସ ଗିରଫ କରିଥିଲା। ସୂଚନା ଯୋଗ୍ୟ ଯେ, ଏହି ଟ୍ରକ ଚୋରି କରିଥିବା ହରବିନ୍ଦର ସିଂ ମାନି ନେଇଛି ଯେ ଟ୍ରକଟିକୁ ସେ ଚୋରି କରି ନେଇଥିଲା। ଏବଂ ରୀତିମତ ଭାବେ ଏହି ଅଞ୍ଚଳରୁ ଚୋରା ଟ୍ରକ କାରବାର ଏକ ଆନ୍ତରାଜ୍ୟ ଗ୍ୟାଙ୍ଗ ଦ୍ୱାରା କରାଯାଉଛି ବୋଲି ସେ ପୋଲିସକୁ ସୂଚନା ଦେଇଥିଲେ। ତେଣେ ସୁନ୍ଦରଗଡ଼ ଜିଲ୍ଲା କୋଇଡା, ବଣେଇ ସହ କେନ୍ଦୁଝର ଜିଲ୍ଲାର ଗୁଆଲୀ, ରୁଗୁଡି, ଭଦ୍ରାସାହି, ବଡବିଲ, ଯୋଡା, ବିଲେଇପଦା, ନାରଦପୁର, ଚମ୍ପୁଆ ପ୍ରଭୃତି ଅଞ୍ଚଳରେ ଟ୍ରକ ଚୋରି ହେବା ଘଟଣା ଘଟୁଛି। ଏହାକୁ ଆଧାର କରି ପୋଲିସ ହରବିନ୍ଦର ସିଂଙ୍କୁ ପଚରାଉଚୁରା ପରେ କେସ ନଂ ୮୪/୨୫ ରୁଜୁ ରି କୋର୍ଟ ଚାଲାଣ କରି ଅଧିକ ତଦନ୍ତ କରୁଛି।

## ଓଡ଼ିଆ ପକ୍ଷରେ: କଲେଜ ତରଫରୁ ରକ୍ତଦାନ ଶିବିର




**କୋରାପୁଟ,୧୦।୪(ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ ପାଳନ ଅବସରରେ ବିଜ୍ଞାନ ଇଣ୍ଟର୍ନେସନାଲ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଗୁରୁବାର ଅଡିଟୋରିଅମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ସଂପାଦକ ସୁବ୍ରତ କୁମାର ମିଶ୍ର ଓ ଡ଼ାଃ ବିନାୟକ ମିଶ୍ର ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ରିବନ କାଟି ଆନୁଷ୍ଠାନିକ ଭାବେ ଉଦଘାଟିତ କରିଥଲେ ଓ ନୂତନ ରକ୍ତଦାତାଙ୍କୁ ଉତ୍ସାହିତ କରିଥଲେ।

# ବିର୍ଲା ଟାୟାର୍ସ ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ ଦାବି

## ୨୫ରେ ଟିୟୁଏସିସି ପକ୍ଷରୁ ଆଇନ୍ ଅମାନ୍ୟ ଆନ୍ଦୋଳନର ଆହ୍ୱାନ




**ବାଲେଶ୍ୱର,୧୦।୪(ସଂଚାର ବ୍ୟୁରୋ):** ଆସନ୍ତା ୨୫ ତାରିଖ ଶୁକ୍ରବାର ଦିନ ଟିୟୁଏସିସି ପକ୍ଷରୁ ସହସ୍ରାଧିକ ଶ୍ରମଜିବୀ ଓ ଗଣତନ୍ତ୍ରପ୍ରେମୀ ଜନସାଧାରଣ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଆଇନଅମାନ୍ୟ ଆନ୍ଦୋଳନ କରିବେ ବୋଲି ଗୁରୁବାର ଦିନ ପୂର୍ବାହ୍ନରେ ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପ ସଭାଗୃହରେ ଅନୁଷ୍ଠିତ ଗଣ କନ୍‌ଭେନ୍‌ସନ୍‌ରେ ନିଷ୍ପତ୍ତି ନିଆଯାଇଛି। ଦୀର୍ଘବର୍ଷ ଧରି ବିର୍ଲା ଟାୟାର୍ସ କାରଖାନାରେ କାର୍ଯ୍ୟକରିଆସୁଥିବା ସମସ୍ତ ବର୍ଗର ଶ୍ରମିକମାନଙ୍କୁ ସେମାନଙ୍କର ଆଇନଗତ ପ୍ରାପ୍ୟ ଓ ପୁନଃ ନିଯୁକ୍ତି ଦେବାରେ ଜିଲ୍ଲାପାଳଙ୍କ ଅପାରଗତାକୁ ଏହି କନ୍‌ଭେନ୍‌ସନ୍‌ରେ ମୁଖ୍ୟତଃ ଦାୟୀ କରାଯାଇଛି। ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗଣ କନ୍‌ଭେନ୍‌ସନ୍‌ର ଭିତ୍ତିପତ୍ରକୁ ପୂର୍ବତନ ଶ୍ରମମନ୍ତ୍ରୀ ତଥା ବରିଷ୍ଠ ଶ୍ରମିକ ନେତା ପ୍ରଫୁଲ୍ଲ ସାମଲ ଉନ୍ମୋଚନ କରି, ଶ୍ରମିକମାନେ ନିଜର ଆଇନଗତ ଅଧିକାର ପାଇବାପାଇଁ ସଂଗଠିତ ଭାବେ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିବ ବୋଲି ମତ ଦେଇଥିଲେ। ପ୍ରଚଳିତ ଶ୍ରମ ଆଇନଗୁଡ଼ିକ ପ୍ରଣୟନ ପାଇଁ ଅତୀତରେ ଅନେକ ଶ୍ରମିକ ନେତା କାରାବରଣ କରିବା ସହ ନିଜର ଜୀବନ ଦାନ କରିଥିଲେ। ତେଣୁ ଆଇନକୁ ମାନୁନଥିବା ସରକାର, ପ୍ରଶାସନ ଓ ମାଲିକମାନଙ୍କ ବିରୁଦ୍ଧରେ ଆଇନଅମାନ୍ୟ ଭଳି ଚରମ ଆନ୍ଦୋଳନକୁ ଓହ୍ଲାଇବା ଉଚିତ ବୋଲି ଶ୍ରୀ ସାମଲ ମତ ଦେଇଥିଲେ।

## ବିଜୁ ଶ୍ରାଦ୍ଧ ଦିବସ ପାଇଁ ପ୍ରସ୍ତୁତି ବୈଠକ

**ନୀଳଗିରି,୧୦।୪(ସଂଚାର ବ୍ୟୁରୋ):** ନୀଳଗିରି ବିଜୁ ଜନତାଦଳ ପକ୍ଷରୁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟାଳୟ ପରିସରରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଆସନ୍ତା ଅପ୍ରେଲ ୧୭ ତାରିଖରେ କିପରି ଜିଲ୍ଲାସ୍ତରରେ ଏହାକୁ ସୁଚାରୁରୂପେ ପାଳନ କରାଯିବା ସହ ନୀଳଗିରିରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ ସହ ତିଳତର୍ପଣ ହେବ ସେ ନେଇ ନିଷ୍ପତି କରାଯାଇଥିଲା।ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ରାଧାଗୋବିନ୍ଦ ଖଟୁଆ, ରବୀନ୍ଦ୍ର ପରିଡା, ଅଚ୍ୟୁତ ପ୍ରଧାନ, ବୁଦ୍ଧଦେବ ସରକାର, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ରାଜୀବ ଦାସବାବୁ, ବିନୋଦ ମହାନ୍ତି, ଶଶଧର ମହାପାତ୍ର, ଶଶଧର ବିଶ୍ୱାଳ, ଭାଗବତ ଖିଲାର, ଶ୍ରୀକାନ୍ତ ପରିଡା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଦୀପକ ରଞ୍ଜନ ଦାସ, ରମାକାନ୍ତ ନାୟକ, ରମାକାନ୍ତ ମଲ୍ଲିକ, ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ୧୧କୃତୀ ଭାର ଉତ୍ତୋଳନଙ୍କୁ ସମ୍ବର୍ଦ୍ଧନା

**ଯାଜପୁର ରୋଡ଼,୧୦।୪(ସଂଚାର ବ୍ୟୁରୋ):** ଭାରତୀୟ ପାୱାର ଲିଫ୍ଟିଙ୍ଗ୍ ଓ ରାଜ୍ୟ ପାୱାର ଲିଫ୍ଟିଙ୍ଗ୍ ମିଳିତ ସହଯୋଗରେ ସମ୍ବଲପୁର ଠାରେ ଏକ ଭାର ଉତ୍ତୋଳନ ପ୍ରତିଯୋଗିତା ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାର ୧୧ ଜଣ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇ ସୁନା, ରୁପା ଓ ବ୍ରୋଞ୍ଜ ପଦକ ପାଇଥିବା ଜଣାପଡ଼ିଛି। ସେମାନଙ୍କୁ ଆଜି ପାୱାର ଲିଫ୍ଟିଙ୍ଗ୍ କ୍ରିଡ଼ା କ୍ଷେତ୍ରର ଯାଜପୁର ଟିମ ତରଫରୁ ବ୍ୟାସନଗର ପୌରାଅଞ୍ଚଳ ସହର ସ୍ଥିତ ରାଜିବ ଗାନ୍ଧୀ ଇଣ୍ଡୋର ଷ୍ଟାଡ଼ିଅମ ଠାରେ ଭବ୍ୟ ସମ୍ବର୍ଦ୍ଧନା ଦେବା ସହ ଶୁଭେଚ୍ଛା ଜଣାଯାଇଛି। ଅମାରୋଜି ନରେଶ, ଅମାରୋଜି ଧନୁଶ, ମନୀଷା ବେରା, ଦେବୀଦତ୍ ପ୍ରିୟଦର୍ଶିନୀ, ଚିନ୍ମୟ ରଣା ପ୍ରମୁଖ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଧନଞ୍ଜୟ, କିଷାନ ବାବୁ ସୋମ୍ୟ ନନ୍ଦୁ, ପ୍ରିୟଙ୍କା ନାୟକ ପ୍ରମୁଖ ରୋପ୍ୟ ପଦକ ସହ ଅଫଜାଲ ଖାନ ଓ ଏସ ହରିଶ ସୁନ୍ଦର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆଗକୁ ଆହୁରି କିପରି ଏହି କ୍ରୀଡା କ୍ଷେତ୍ରରେ ଅଗ୍ରସର କରାଯାଇପାରିବ ସେ ବିଷୟରେ ପାୱାର ଲିଫ୍ଟିଙ୍ଗ୍ ସଦସ୍ୟ ମାନେ ପରସ୍ପର ମଧ୍ୟରେ ଆଲୋଚନା କରାଯାଇଥିଲା।

# ହୋମିଓପାଥିକ ପ୍ରାକ୍ଟିସନର୍ସ ଆସୋସିଏସନର ସମ୍ମିଳନୀ




**ବାଲିପାଟଣ,୧୦।୪(ସଂଚାର ବ୍ୟୁରୋ):** ଗୁରୁବାର ମଧ୍ୟାହ୍ନରେ ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପ ସମ୍ମିଳନୀ କକ୍ଷରେ ସଂଘର ସଭାପତି ଡ. ନେତ୍ରାନନ୍ଦ ଭୋଇଙ୍କ ସଭାପତିତ୍ୱରେ ୧୦ ତମ ବାର୍ଷିକ ସମ୍ମିଳନୀ ଓ ସର୍ବ ପୁରାତନ ହୋମିଓପାଥି ଚିକିତ୍ସାର ଜନକ ଡାକ୍ତର ହ୍ୟାନିମାନଙ୍କ ୨୭୧ ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀ ଡଃ ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଡ଼ଃ ଅଭିନ ଚନ୍ଦ୍ର ହୋମିଓପାଥିକ କଲେଜ ଓ ଚିକିତ୍ସାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡଃ ସୁଧାଂଶୁ ଶେଖର ସିଂ ଓ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହୋମିଓପାଥିକ ଜନକ ହ୍ୟାନିମାନଙ୍କ ବିଷୟରେ ଅତିଥି ମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ତେବେ ଏହି କାର୍ଯ୍ୟକ୍ରମର ମୂଖ୍ୟ ଆଭିମୁଖ୍ୟ ହେଲା ଓଡ଼ିଶାର ଗ୍ରାମାଞ୍ଚଳରେ କାର୍ଯ୍ୟରତ ହୋମିଓପାଥିକ ପ୍ରାକ୍ଟିସନରମାନଙ୍କୁ ୧୯୫୬ ହୋମିଓପାଥିକ ଆକ୍ଟ ଧାରା ୨୧(୪) ଅନୁଯାୟୀ ପୂର୍ବ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କରାଯାଇ ଲିଷ୍ଟେଡେ ମାନ୍ୟତା ପ୍ରଦାନ କରାଯାଇ ନିରବଚ୍ଛିନ୍ନ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିଲେ କିନ୍ତୁ ୧୯୯୪ ମସିହାରେ ଏହି ଆକ୍ଟ ସଂଶୋଧନ କରାଯାଇ ଲିଷ୍ଟେଡେ ମାନ୍ୟତା କରାଯାଉନାହିଁ। ଏହି ପ୍ରକ୍ରୀୟା ଅନ୍ୟ ରାଜ୍ୟରେ ପ୍ରଚଳିତ ଥିବାବେଳେ ଆମ ରାଜ୍ୟରେ ଯାହା ୨୦୧୪ ମସିହାରେ ହୋମିଓପାଥିକ ବୋର୍ଡ ଖବର କାଗଜ ବିଜ୍ଞପ୍ତି ମାଧ୍ୟମରେ ନିଷେଧ ଘୋଷଣା କରାଯାଇଛି। ଫଳରେ ସେବା କର୍ଯ୍ୟରେ ନିୟୋଜିତ ଚିକିତ୍ସକମାନେ ସେମାନଙ୍କର ଜୀବିକା ହରାଇବା ହେତୁ ପରିବାର ପ୍ରତିପୋଷଣ କରିବା କଷ୍ଟ ସାଧ୍ୟ ହୋଇପଡ଼ିଛି। ଏ ଦିଗରେ ପୂର୍ବ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସଂଘର ନ୍ୟାର୍ଯ୍ୟଦାବି ପ୍ରତି ବୈମାତୃକ ମନଭାବ ଯୋଗୁଁ ହୋମିପାଥିକ୍ ଚିକିତ୍ସା ଉପରୁ ସାଧାରଣ ଲୋକଙ୍କ ଭରସା ଶୂନ୍ୟ ହୋଇପଡ଼ିବା ଦେଖିବାକୁ ମିଳିଛି।

# ଓଡ଼ିଆ ପକ୍ଷ ପାଳନର 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ପାଳିତ

**ଜଗତସିଂହପୁର,୧୦।୪(ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଉପଲକ୍ଷେ ଆଜି ଜିଲ୍ଲାର ସମସ୍ତ ବ୍ଲକ୍ ରେ'ଲୋକକଳା ପାଇଁ ଦିନଟିଏ' ଉତ୍ସବ ମହା ଆଡମ୍ବର ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରଚାର କରିବା ସହିତ ଆଗାମୀ ପିଢ଼ିଙ୍କୁ ଏହା ସହିତ ଯୋଡ଼ିବାର ଲକ୍ଷ୍ୟ ନେଇ ଆୟୋଜିତ ହୋଇଥିଲା। ଏହି ଅବସରରେ ବ୍ଲକ୍ କାର୍ଯ୍ୟାଳୟ ମାନଙ୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ବି କେ ଏସ ଏସ ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ କହିଥିଲେ କି ଆମ ଲୋକକଳା ହେଉଛି ଆମର ପରିଚୟ ଓ ଗର୍ବର ପ୍ରତୀକ। ଏହାକୁ ଜୀବନ୍ତ ରଖିବା ପାଇଁ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ। ଆଜିର ଏହି ଉତ୍ସବ ଯୁବକମାନଙ୍କୁ ଏହି କଳା ସହିତ ସଂଯୋଗ କରାଇବାର ଏକ ସୁନ୍ଦର ପ୍ରୟାସ। ଉତ୍ସବ ଗୁଡ଼ିକରେ ବ୍ଲକ୍ ର ବିଶିଷ୍ଟ ଲୋକକଳାକାର ମାନଙ୍କୁ ଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ପିଢ଼ିଙ୍କୁ ଲୋକକଳା ପ୍ରତି ଆଗ୍ରହୀ କରାଇବା ଓ ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା।



# ଅନ୍ୱେଷଣ ଥିଏଟର ଗ୍ରୁପର ବାର୍ଷିକ ଉତ୍ସବ ପାଳିତ




**ଯାଜପୁର,୧୦।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ୬ଷ୍ଠ ବାର୍ଷିକ ଉତ୍ସବ ଚଳିତ ମାସ ୯ ତାରିଖ ବୁଧବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଜପୁର ଠାରେ ଦିବସ ବ୍ୟାପି ମହାସମାରୋହରେ ପାଳିତ ହୋଇଯାଇଛି। ସକାଳୁ ଅନୁଷ୍ଠାନର ସମସ୍ତ ସଦସ୍ୟ ସଦସ୍ୟା ମାନେ ମା'ବିରଜାଙ୍କ ମନ୍ଦିର ନିକଟରେ ଏକତ୍ରିତ ହୋଇ ମା'ବିରଜାଙ୍କୁ ପୂଜାର୍ଚ୍ଚନା କରାଯାଇ ମା'ଙ୍କ ପାଖରୁ ଏକ ମସାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ପହଞ୍ଚି ବରପୁତ୍ର ମାନଙ୍କୁ ମାଲ୍ୟାର୍ପଣ କରାଯାଇଥିଲା। ସକାଳ ୮.୩୦ ମିନିଟ୍ ସମୟରେ ବରିଷ୍ଠ ଶିକ୍ଷାବିତ୍ ଦାମୋଦର ବେହେରା ଅନୁଷ୍ଠାନ କୋର କମିଟିର ସଦସ୍ୟା ଲକ୍ଷ୍ମୀପ୍ରିୟା ରାଉତରାୟ, କୋର କମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ଶାନ୍ତିଲତା ରଣାଙ୍କ ସଂଯୋଜନାରେ ଓଡ଼ିଶାରୁ ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଶିଷ୍ଟ କବି ଓ କବୟତ୍ରୀମାନଙ୍କ ଦ୍ୱାରା କବିତା ପାଠୋତ୍ସବ କରାଯାଇଥିଲା। ଦିବା ୧୧ ଘଟିକା ସମୟରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଓ ହୁଣ୍ଡିରୁ ଲବ୍ଧ ଅର୍ଥ ପ୍ରଦାନ ଓ ସମ୍ବର୍ଦ୍ଧନା ସଭା ଆରମ୍ଭ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବରେ ଯାଜପୁରର ଅତିରିକ୍ତ ଆୟୁକ୍ତ, ଭୂ-ଲେଖ ଓ ବନ୍ଦୋବସ୍ତ ଅକ୍ଷୟ କୁମାର ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ବକ୍ତାଭାବ ବରିଷ୍ଠ ଶିକ୍ଷାବିତ ଓ ସମାଜସେବୀ ଶଶଧର ପଣ୍ଡା, ପ୍ରଣମ୍ୟ ଅତିଥିଭାବେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ ଓ ସାରସ୍ୱତ ଅତିଥିଭାବେ କମଳାକାନ୍ତ ଫାଉଣ୍ଡେସନର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦାନ କରି ଅନ୍ୱେଷଣ ଯାଜପୁର ଭିତରେ ସିମିତି ନ ରହି ସାରା ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରି ଆମ ଯାଜପୁରର ନାଁ ରଖିଥିବାରୁ ଅନୁଷ୍ଠାନକୁ ଭୂୟିସୀ ପ୍ରଶଂସା କରିବା ସହିତ ଅନୁଷ୍ଠାନ ପକ୍ଷରୁ ଆରମ୍ଭ କରାଯାଇଥିବା ଅସହାୟ କର୍କଟ ପିଡ଼ିତ ଓ ପିଡ଼ିତାଙ୍କ ଉଦ୍ଦେଶ୍ୟରେ ହୁଣ୍ଡିଦାନ କାର୍ଯ୍ୟକ୍ରମ କରୁଥିବାରୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ମାନଙ୍କ ଏଭଳି ସାଧୁ ଉଦ୍ୟମକୁ ଧନ୍ୟବାଦ ଜଣାଇଥିଲେ।